



# ଉତ୍କଳ ପ୍ରସଙ୍ଗ

ସାଧାରଣତନ୍ତ୍ର ଦିବସ ବିଶେଷାଙ୍କ ୧୯୮୫



## ଅନ୍ତିମ ଶୟନ

# The eternal sleep



# ଉତ୍କଳ ପ୍ରସଙ୍ଗ

ମାର୍ଗଶିର-ପୌଷ ୧୯୦୬ ଶକାବ୍ଦ ୪୧ ଭାଗ ୫ମ ଓ ୬ଷ୍ଠ ସଂଖ୍ୟା ଡିସେମ୍ବର-ଜାନୁଆରି ୧୯୮୫

ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ, ଶ୍ରୀ ଫଣୀଭୂଷଣ ଦାସ

ସମ୍ପାଦକ, ଶ୍ରୀ [illegible]

ସହ ସମ୍ପାଦକ [illegible]

ସହଯୋଗୀ ସମ୍ପାଦକ; ଶ୍ରୀ ବିଷ୍ଣୁମୋହନ ମହାପାତ୍ର

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ପ୍ରଚ୍ଛଦ ଶିଳ୍ପୀ

ଶ୍ରୀ ଅଜିତ୍ ମୁଖାର୍ଜୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର
ବାର୍ଷିକ ଦେୟ ୧୦.୦୦
ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ସନ୍ନିବେଶ କରାଯାଏ । ସେଗୁଡ଼ିକ ବିଷୟଟିର ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ଅନୁରୂପରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ମୋର ପ୍ରତିରକ୍ତବିନ୍ଦୁ ଏ ଦେଶକୁ ମଜବୁତ୍ କରିବ | ଇନ୍ଦିରା ଗାନ୍ଧୀ | ୧ |
| ଯୁବ ସମାଜ ପ୍ରତି ଇନ୍ଦିରା ଗାନ୍ଧୀ | ଅନୁବାଦ ପଣ୍ଡିତ ଉପେନ୍ଦ୍ରନାଥ ହୋତା । | ୭ |
| ଇନ୍ଦିରା ଗାନ୍ଧୀ-ଏକ ଶ୍ରଦ୍ଧାଞ୍ଜଳି | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧୩ |
| ଏକତାର ଅମର ଶହୀଦ | ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ | ୧୫ |
| ଶବଶଯ୍ୟା ନୁହେଁ ଶିବଶକ୍ତି | ଶ୍ରୀ ନରହରି ଉପାଧ୍ୟାୟ | ୧୯ |
| ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି | ଶ୍ରୀ ରଣଧୀର ଦାସ | ୨୩ |
| ତୁମରି ରକତ-ତଇଲେ ଆଳତୀ | ଶ୍ରୀ ରାଜକିଶୋର ରାୟ | ୨୫ |
| ଇନ୍ଦିରା ଗାନ୍ଧୀ ଓ ଅନ୍ୟ ଏକ ଭାରତ | ଡକ୍ଟର ପ୍ରସନ୍ନ ପାଟଶାଣୀ | ୨୭ |
| ଭବିଷ୍ୟତ ଯୋଜନାର ରୂପରେଖ | ଡକ୍ଟର ବୈଦ୍ୟନାଥ ମିଶ୍ର | ୩୧ |
| ସେ ମରିନି, ସେ ମରି ପାରିବନି | ସାମନ୍ତ ଚନ୍ଦ୍ରଶେଖର ମହାପାତ୍ର | ୩୪ |
| ଶହୀଦ ସ୍ମରଣେ | ଶ୍ରୀ ଚନ୍ଦ୍ରଶେଖର ନାୟକ | ୩୫ |
| ଇନ୍ଦିରା ଗାନ୍ଧୀ | ଶ୍ରୀ କୃଷ୍ଣ ସିଂହ | ୪୦ |
| ପିଲଙ୍କ ପାଇଁ ଅଣଆନୁଷ୍ଠାନିକ ଶିକ୍ଷା | ଶ୍ରୀ ସୁନିଲ ବିହାରୀ ମହାନ୍ତି | ୪୧ |
| ନୀଳଗିରିର ଐତିହ୍ୟ | ଶ୍ରୀ ଶାନ୍ତନୁ କୁମାର ପଟ୍ଟନାୟକ | ୪୩ |
| ଶ୍ରଦ୍ଧାଞ୍ଜଳି | ବିଜୟିନୀ ଦାସ | ୪୬ |
| ବନ୍ଦେ ମାତରଂର ଶେଷଶିଖା ସ୍ୱର୍ଣ୍ଣମଣି | ଶ୍ରୀ ଯୁଗଳ କିଶୋର ନାୟକ | ୪୭ |
| ବନ୍ଦେ ତାଂ ମରଣ ବିଜୟିନୀମ୍ | ଶ୍ରୀ ହରେକୃଷ୍ଣ ଧୂପାଳଶର୍ମା | ୫୩ |
| ଶ୍ରୀମତୀ ଗାନ୍ଧୀଙ୍କ ବିୟୋଗରେ | | ୫୬ |

# ମୋ ଦୃଷ୍ଟିରେ ....

ଉତ୍କଳ ପ୍ରସଙ୍ଗର ଡିସେମ୍ବର-ଜାନୁଆରୀ ସଂଖ୍ୟାଟି ଆମର ପ୍ରିୟ ପ୍ରଧାନମନ୍ତ୍ରୀ ପରଲୋକଗତା ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ।

ଶ୍ରୀମତୀ ଗାନ୍ଧୀ ବିଶ୍ୱର ଜଣେ ବିଶିଷ୍ଟ ରାଜନୀତିଜ୍ଞ ତଥା ଶାନ୍ତି, ମୈତ୍ରୀ ଓ ପ୍ରଗତିର ଅଗ୍ରଦୂତ ଥିଲେ । ସେ ଆମ ଦେଶର ସମ୍ମାନ ପାଇଁ, ଗଣତାନ୍ତ୍ରିକ ଜୀବନ, ଧର୍ମନିରପେକ୍ଷତା ଓ ସମାଜବାଦର ପ୍ରତିଷ୍ଠା ପାଇଁ ନିଜର ଜୀବନକୁ ସମର୍ପିତ କରିଥିଲେ । ଭାରତର ଅର୍ଥନୈତିକ ଅଭିବୃଦ୍ଧି, ଦରିଦ୍ର ଓ ଦଳିତ ଜାତିର ବିକାଶ ଦିଗରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଯୋଗୁଁ ସେ ଚିରସ୍ମରଣୀୟ ହୋଇ ରହିବେ । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସେ ଅବିରତ ସଂଗ୍ରାମ କରିଥିଲେ ଏବଂ ଏହା ଫଳରେ ବିଶ୍ୱର ସହସ୍ରାଧିକ ରାଷ୍ଟ୍ର ତାଙ୍କୁ ନେତ୍ରୀ ଭାବରେ ସ୍ୱୀକାର କରିଥିଲେ । ଓଡ଼ିଶା ପାଇଁ ଶ୍ରୀମତୀ ଗାନ୍ଧୀଙ୍କର ଅତୁଳ ସ୍ନେହ ଓ ଶ୍ରଦ୍ଧା ଥିଲା । ଆପଦବିପଦ ସମୟରେ ସେ ଓଡ଼ିଶାବାସୀଙ୍କ ସୁଖଦୁଃଖରେ ସମଭାଗୀ ହୋଇଥିଲେ ।

ଏହି ସଂଖ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ 'ଇନ୍ଦିରା ଗାନ୍ଧୀ—ଏକ ଶ୍ରଦ୍ଧାଞ୍ଜଳି' ପ୍ରବନ୍ଧରେ ଶ୍ରୀମତୀ ଗାନ୍ଧୀଙ୍କର ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଦୃଷ୍ଟିକୋଣରୁ ଏକ ଅନୁଶୀଳନାତ୍ମକ ଭାବଧାରା ଉପସ୍ଥାପିତ କରିଛନ୍ତି ।

ଏହା ବ୍ୟତୀତ ଡକ୍ଟର ବୈଦ୍ୟନାଥ ମିଶ୍ର, ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ, ଶ୍ରୀ ରାଜକିଶୋର ରାୟ, ଡକ୍ଟର ପ୍ରସନ୍ନ ପାଟଶାଣୀ ଓ ଶ୍ରୀ ଚନ୍ଦ୍ରଶେଖର ନାୟକଙ୍କ ଲେଖାଗୁଡ଼ିକ ପାଠକମାନଙ୍କ ନିମନ୍ତେ ବିଶେଷ ଉପାଦେୟ ହେବ ବୋଲି ଆମର ଆଶା ।



# ମୋର ପ୍ରତି ରକ୍ତ ବିନ୍ଦୁ ଏ ଦେଶକୁ ମଜବୁତ କରିବ

## ପ୍ରିୟ ଭାଇ ଓ ଭଉଣୀମାନେ,

ଆପଣମାନେ ଆଜି ଯେଉଁଭଳି ଉତ୍ସାହ ସହକାରେ ମୋତେ ସ୍ୱାଗତ ଜଣାଉଛନ୍ତି, ସେଥିପାଇଁ ମୁଁ ଆପଣଙ୍କ ନିକଟରେ କୃତଜ୍ଞ ଓ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି । ବହୁବର୍ଷ ପୂର୍ବେ ଆମ ଦେଶର ବିଖ୍ୟାତ ନାରୀନେତ୍ରୀ ସରୋଜିନୀ ନାଇଡୁ କହିଥିଲେ, ଓଡିଶା ଗୋଟିଏ ଛୋଟ ପ୍ରଦେଶ, କିନ୍ତୁ ଏହାର ହୃଦୟ ଅତି ମହାନ୍ । ତାଙ୍କର ଏହି ଉକ୍ତି ଯଥାର୍ଥରେ ସତ୍ୟ । ଏହା ଗୋଟିଏ ପ୍ରଦେଶ, ଇତିହାସରେ ବହୁ ପ୍ରାଚୀନ କାଳରୁ ଯାହାର ପ୍ରସିଦ୍ଧି ରହିଆସିଛି । ବହୁବର୍ଷ ପୂର୍ବେ ଏହି ଓଡିଶାରେ ଏକ ଭୟଙ୍କର ଯୁଦ୍ଧ ହୋଇଥିଲା । ସେହି ଯୁଦ୍ଧରେ ଓଡିଶାବାସୀ ତାଙ୍କର ବୀରତ୍ୱ ପ୍ରଦର୍ଶନ କରିଥିଲେ ଓ ଓଡିଶାର ଶହ ଶହ ଲୋକ ପ୍ରାଣବଳି ଦେଇଥିଲେ । ଏହି ଯୁଦ୍ଧରେ ଓଡିଶାର ପରାଜୟ ଘଟିଥିଲା ସତ୍ୟ, କିନ୍ତୁ ବିଜେତାଙ୍କ ହୃଦୟରେ ବିରାଟ ପରିବର୍ତ୍ତନ ଦେଖା ଦେଇଥିଲା । ଏଥିରେ ସମ୍ରାଟ ଅଶୋକ ଜୟଯୁକ୍ତ ହୋଇଥିଲେ, କିନ୍ତୁ ଶହ ଶହ ଲୋକଙ୍କର ପ୍ରାଣବଳି ତାଙ୍କ ହୃଦୟରେ ଗଭୀର ଆଲୋଡନ ସୃଷ୍ଟି କରିଥିଲା । ସେ ଏଠାରେ ସ୍ୱୀକାର କରିଲେ ଯେ, ଶହ ଶହ ଲୋକଙ୍କୁ ହତ୍ୟା କରିବା ଓ ସେମାନଙ୍କୁ ଦୁଃଖକଷ୍ଟ ଦେବାଦ୍ୱାରା କୌଣସି ଜୟ ହୁଏ ନାହିଁ, ବରଂ ସେମାନଙ୍କ ହୃଦୟକୁ ଜୟ କରିବାହିଁ ପ୍ରକୃତ ଜୟ । ଏଥିଲାଗି ସେ କେବଳ ଓଡିଶାରେ ନୁହେଁ, ସମସ୍ତ ଭାରତରେ ଅହିଂସା ଓ ମୈତ୍ରୀର ଏକ ନୂତନ ନୀତି ପ୍ରଚଳନ କରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ସମଗ୍ର ଭାରତବର୍ଷର ନୀତି ହୋଇ ଆସିଅଛି । ଏହି ନୀତି ଅହିଂସା, ମୈତ୍ରୀ ଓ ଉଦାରତା ଉପରେ ହିଁ ଆଧାରିତ ।

## ଭାରତବାସୀ ଏକ

ଆମେ ହୁଏତ ଭୁଲ କରିପାରୁ, ଆମମାନଙ୍କ କାର୍ଯ୍ୟରେ ଅନେକ ତ୍ରୁଟି ଦେଖାଯାଇପାରେ, କିନ୍ତୁ ଆମରି ଚେଷ୍ଟା, ଆମରି ପ୍ରୟାସ ଫଳରେ ଆମେ ଭାରତକୁ ଶାନ୍ତି, ଅହିଂସା ଓ ମୈତ୍ରୀ ପଥରେ ଆଗେଇ ନେଇ ପାରିବା । ଭାରତର ଦୀର୍ଘ ଇତିହାସର ପୃଷ୍ଠା ଓଲଟାଇଲେ ଦେଖିବା ଯେ, ଭାରତ କେବେ-ହେଲେ ଅନ୍ୟ ଦେଶକୁ ଆକ୍ରମଣ କରିନାହିଁ ବରଂ ଏହାକୁ ଅନ୍ୟମାନେ ଆକ୍ରମଣ କରିଛନ୍ତି । ବିଦେଶରୁ ବହୁଲୋକ ଏହି ଦେଶକୁ ଆସିଛନ୍ତି । ଏହି ଦେଶରେ ବସବାସ କରି ସେମାନେ ଉତ୍ତମ ଭାରତୀୟ ହୋଇଛନ୍ତି । ପରବର୍ତ୍ତୀ କାଳରେ ଏହି ଦେଶ ବହିଃଶତ୍ରୁ ଆକ୍ରମଣର ସମ୍ମୁଖୀନ ହୋଇଥିବା ବେଳେ ତଥା ସ୍ୱାଧୀନତା ଆନ୍ଦୋଳନ ସମୟରେ ଏବଂ ସ୍ୱାଧୀନତା ପରବର୍ତ୍ତୀ କାଳରେ ଭାରତ ବହିଃଆକ୍ରମଣର ସମ୍ମୁଖୀନ ହୋଇଥିବା ବେଳେ ଏହିସବୁ ଅଣ-ଭାରତୀୟ ଯେଉଁମାନେ ଭାରତୀୟ ହୋଇଯାଇଛନ୍ତି, ସେମାନେ ସମସ୍ତେ ଏକଜୁଟ ହୋଇ ଲଢିଛନ୍ତି । ଏହି ଭାବନାକୁ ଆଜି ଲୋକମାନଙ୍କ ଭିତରେ ପୁନର୍ଜାଗ୍ରତ କରିବାହିଁ ଆମର ପରମ କର୍ତ୍ତବ୍ୟ ଓ ଆଜି ଦେଶରେ ଏହାର ବିଶେଷ ଆବଶ୍ୟକତା ରହିଛି । ମୁଁ ତ ଓଡିଆ ପୁରାପୁରୀ ବୁଝି ପାରୁନାହିଁ । କିନ୍ତୁ ମୁଖ୍ୟମନ୍ତ୍ରୀ ତାଙ୍କର ଭାଷଣରେ ଯାହା କହିଗଲେ, ସେଥିରୁ ମୁଁ କିଛି କିଛି ବୁଝିପାରୁଛି । ମୁଖ୍ୟମନ୍ତ୍ରୀ କହିଛନ୍ତି– ଇନ୍ଦିରା ଗାନ୍ଧୀଙ୍କର ହାତମୁଠା ଟାଣକର । ଏହାର ତାତ୍ପର୍ଯ୍ୟ କ'ଣ ଆପଣମାନେ ବୁଝି ପାରୁଛନ୍ତି ତ ? ଇନ୍ଦିରା ଗାନ୍ଧୀଙ୍କର ନୀତି କଣ, ଇନ୍ଦିରା ଗାନ୍ଧୀଙ୍କର ଉଦ୍ଦେଶ୍ୟ କ'ଣ, ଇନ୍ଦିରା ଗାନ୍ଧୀଙ୍କର ହାତ ମଜବୁତ କରିବାର ଅର୍ଥ ହେଉଛି ଭାରତର କୋଟି କୋଟି ଲୋକଙ୍କର ହାତ ମଜବୁତ କରିବା । ଭାରତରେ ବାସ କରୁଥିବା ସ୍ତ୍ରୀ, ପୁରୁଷ, ପ୍ରୌଢ଼ ଓ ଯୁବକ–ଆଦିବାସୀ ହୁଅନ୍ତୁ ହରିଜନ ହୁଅନ୍ତୁ, ବା ଅନୁନ୍ନତ ଜାତି ହୁଅନ୍ତୁ, ଯେ କେହି ଲୋକ ଯେଉଁଠି ଥାଆନ୍ତୁ ନା କାହିଁକି–ନିଜର ହାତମୁଠା ଟାଣ କରିବାର ସାହସ ସମସ୍ତଙ୍କର ଆସିବା ଦରକାର । ତାଙ୍କ ଭିତରେ ସେହି ଶକ୍ତି ଆସିବା ଦରକାର, ଯାହାଦ୍ୱାରା ସେମାନେ ପରିଶ୍ରମ କରି ଦେଶକୁ ଉନ୍ନତ କରିପାରିବେ । ପରିଶ୍ରମ କେବଳ ହାତର ନୁହେଁ, ମନର ମଧ୍ୟ । ନୂଆ ନୂଆ ବିଷୟ ଭାବିବେ, ଯାହାଦ୍ୱାରା ଏହି ବିଜ୍ଞାନ ଯୁଗରେ ଭାରତ ମଧ୍ୟ ନିଜକୁ ଆଗେଇ ନେଇପାରିବ ।

## ଆଗାମୀ ଯୁଗ ଆମର ଲକ୍ଷ୍ୟ

ଆଜି ମଧ୍ୟ ଆମେ ବଡ଼ ବଡ଼ କାମ କରିପାରିଛେ । ଅନ୍ୟ ଦେଶରେ ଯେଉଁସବୁ ବଡ଼ ବଡ଼ କାମ ହୋଇଛି, ସେ କାମ-

ଗୁଡିକ ମଧ୍ୟ ଏଠାରେ ମୁଁ କରାଉଛି । ନୂଆକାମ ଏଠାରେ ବହୁତ କମ ହୋଇଛି । ଆଉ ସେଗୁଡିକ ଏଠାରେ କରାଯାଇ-ପାରିବା ମଧ୍ୟ ସମ୍ଭବ, ଯଦି ଏଠିକାର ଯୁବସମାଜ ଏହାକୁ ଜାତୀୟ ଦୃଷ୍ଟିକୋଣରୁ ବିଚାର କରନ୍ତି ଓ ତାଙ୍କ ମନ ଭିତରେ ରାଷ୍ଟ୍ରଭାବନା ଉଦ୍ରେକ ହୋଇପାରେ । ଏତ ନିଜପାଇଁ ନୁହେଁ, ସମଗ୍ର ଦେଶପାଇଁ । ଆଗାମୀ ଯୁଗପାଇଁ ଯୁବସମାଜର ଚିନ୍ତା ହେଉ, ସେଥିଲାଗି ଯୁବସମାଜ କାମକରୁ । ଆମର ଗ୍ରାମଆଡ଼େ ବଡ଼ ବଡ଼ ବୃକ୍ଷ ଦେଖା ଯାଉଛି । ଏଗୁଡିକ ବଡ଼ ହେବା ପାଇଁ ଶହ ଶହ ବର୍ଷ ଲାଗିଥିବ । ଯଦି ସେ ସମୟରେ ଲୋକେ ଭାବି ଥାଆନ୍ତେ ଯେ, ଏହି ବୃକ୍ଷଗୁଡିକ ଲଗାଇବାରେ ଲାଭ କ'ଣ, ତାର ଛାୟାରୁ ଆମକୁ ବା କ'ଣ ମିଳିବ, ତେବେ ଆଜି ଏତେ ସୁନ୍ଦର ବୃକ୍ଷରାଜି ଓଡିଶାରେ ବା ଭାରତର ଅନ୍ୟ ଭାଗରେ ଦେଖା ଯାଆନ୍ତାନାହିଁ । କିନ୍ତୁ ସେମାନେ ଲଗାଇଲେ କାରଣ ତାଙ୍କୁ ଜଣାଥିଲା ଯେ, ଆମେ ତ ଅଳ୍ପ ଦିନ ଜୀବିତ ରହିବା, ହେଲେ ଭାରତ ଶହ ଶହ ବର୍ଷ ଧରି ବଞ୍ଚିବ । ସେଥିପାଇଁ ଯେଉଁ କାମ ଆମେ ଆଜି କରିବା, ତାହା ଏଭଳି ହେବା ଉଚିତ ଯେ, ଯାହା ହଜାର ହଜାର ବର୍ଷ ଧରି ଭାରତକୁ ଦୃଢ଼ କରିପାରିବ । ଏହାହିଁ ଆଜି ଆମର ଧ୍ୟେୟ ହେଉ । ଯେତେବେଳେ ଆମେ ଲୋକମାନଙ୍କୁ ସତର୍କ କରାଇ ଦେଉଛୁ ଯେ, ବାହାରୁ ବିପଦ ଅଛି, ଏହାର ଅର୍ଥ ନୁହେଁ ଯେ ଆମେ ଡରି ଯାଉଛୁ ବା ଡରାଇବାକୁ ଚାହୁଁଛୁ । ଏହାର ତାତ୍ପର୍ଯ୍ୟ ସମଗ୍ର ଭାରତବାସୀ ବୁଝିବା ଦରକାର । ଡରିବାପାଇଁ ନୁହେଁ, ସାହସ ହରାଇବା ପାଇଁ ନୁହେଁ, ବରଂ ଅଧିକ ସାହାସର ସହିତ ତାହାର ମୁକାବିଲା କରିବା ପାଇଁ ଆମେ ଏହା କହୁଛୁ । ଆମେରିକାର ଜଣେ ପ୍ରେସିଡେଣ୍ଟ କହିଥିଲେ, "ତୁମେ ପଚାରନାହିଁ—ତୁମକୁ ଦେଶ କ'ଣ ଦେଉଛି ବରଂ ପଚାର ଯେ ଦେଶପାଇଁ ତୁମେ କ'ଣ କରୁଛ" । ଏହି ପ୍ରଶ୍ନ ଆଜି ମୁଁ ଭାରତର ଜନସାଧାରଣଙ୍କୁ ପଚାରୁଛି ।

## ଭାରତ ପାଇଁ ବିଜ୍ଞାନର ଅବଦାନ

ଆମ ଦେଶରେ ଏବେ ମଧ୍ୟ ଅତ୍ୟଧିକ ଦାରିଦ୍ର୍ୟ ଥିବା ବିଷୟ ମୁଁ ଜାଣେ । ମୋତେ ଜଣା ଅଛି ଯେ ପାନୀୟ ଜଳର ଅଭାବ ଅଛି । ମହାମାରୀ ହୁଏ, ଓଡିଶାରେ ସାମୁଦ୍ରିକ ବାତ୍ୟା ହୁଏ, ବହୁ ଘର ନଷ୍ଟ ହୁଏ, ବାଣିଜ୍ୟ କାରବାର ନଷ୍ଟହୁଏ, ଧନ ଜୀବନ ନଷ୍ଟହୁଏ, କିନ୍ତୁ କ୍ରମଶଃ ଆମେ ଏ ସବୁର ପ୍ରତିକାର କରି ପାରୁଛୁ । ଆମେ ଆକାଶକୁ ଯେଉଁ ଉପଗ୍ରହ ପଠାଉଛେ, ତାହା କ'ଣ ପାଇଁ ? ନାମ ବା ଯଶ ପାଇଁ ଆମେ ଏହା ପଠାଉନାହୁଁ ବରଂ ଏହି ଉପଗ୍ରହରୁ ମିଳୁଥିବା ସୂଚନା ଦ୍ୱାରା ଆମେ ନିଜର ଚାଷୀ ଭାଇମାନଙ୍କୁ ସାହାଯ୍ୟ କରିପାରିବା । ଝଡ଼ ବା ବର୍ଷା ଆସିବା ଆଗରୁ ଆମେ ଯଦି ତାର ସୂଚନା ପାଇ ପାରିବା, ତାହାହେଲେ ଆମେ ଏହି ବିପଦରୁ ରକ୍ଷା ପାଇପାରିବା ଓ ଆମେ ଏହି ଉପଗ୍ରହ ଜରିଆରେ ପ୍ରସାରିତ ବାର୍ତ୍ତା ଓ ଶିକ୍ଷା ସମ୍ବନ୍ଧୀୟ ବିଷୟବସ୍ତୁ ଦୂର ଦୂର ଗାଁଗହଳିରେ ପହଞ୍ଚାଇ ପାରିବା । ଯେଉଁ ଠାରେ କି ସ୍କୁଲନାହିଁ, ଉତ୍ତମ ଅଧ୍ୟାପକ ନାହାନ୍ତି ବା ବହି ମିଳେନାହିଁ । ଏହା ହିଁ ହେଉଛି ଆମର ଲକ୍ଷ୍ୟ, ଦୂରଦର୍ଶନ ପ୍ରଚଳନ କରିବାର ଉଦ୍ଦେଶ୍ୟ । ବିଜ୍ଞାନ ଦିଗରେ ଯାହା କିଛି କାର୍ଯ୍ୟ ଚାଲିଛି, ମୁଁ ଯଦି ବୈଜ୍ଞାନିକ ଭାଇମାନଙ୍କ ସହିତ ମିଶେ ତାହାହେଲେ ମୁଁ ସେମାନଙ୍କୁ କହେ, ଆପଣମାନେ ଏ ଭଳି କାମ କରନ୍ତୁ ଯାହାଦ୍ୱାରା ଦେଶର କଲ୍ୟାଣ ସାଧିତ ହୋଇ ପାରିବ ।

କିନ୍ତୁ ଆମ ଭିତରେ ଯଦି ବିଜ୍ଞାନ ସମ୍ମତ ଚିନ୍ତାଧାରା ବୃଦ୍ଧି ନ ହୁଏ, ଆମେ ଯଦି ଅନ୍ଧବିଶ୍ୱାସରେ ଅଟକି ରହୁ, ଅର୍ଥିକ ଝଗଡ଼ାରେ ଲାଗିରହୁ, ଆମେ ସାମ୍ପ୍ରଦାୟିକତା ବିରୁଦ୍ଧରେ ଲଢ଼େଇ ନ କରୁ, ଓ ଜାତି, ପ୍ରାଦେଶିକତା, ଓ ଭାଷା ନାଁରେ ଝଗଡ଼ା କରୁ, ତାହା-ହେଲେ ଭାରତର ଏକତା ରହି ପାରିବନାହିଁ । ଏକତା ନ ରହିଲେ ସ୍ୱାଧୀନତା କିପରି ସୁରକ୍ଷିତ ହେବ ? ତେଣୁ ଥରେ ସ୍ୱାଧୀନତା ମିଳିଲେ ତାହା ଯେ ଚିରକାଳ ପାଇଁ ରହିବ ତାହା ନୁହେଁ । ଆମ ସମସ୍ତଙ୍କୁ ତା'ପାଇଁ ପ୍ରତିଦିନ ଦୌଡିବାକୁ ହେବ, ପ୍ରତିଦିନ ତା'ପାଇଁ ଚିନ୍ତାକରିବାକୁ ହେବ ଓ ସେହି ସ୍ୱାଧୀନତାକୁ ନିଜର ଗରିବ ଜନସାଧାରଣଙ୍କ ପାଇଁ ବିଶେଷ ଭାବେ ଅନୁନ୍ନତ ଲୋକଙ୍କ ପାଇଁ କିପରି କାର୍ଯ୍ୟରେ ପରିଣତ କରିବାକୁ ହେବ, ତା ବିଶେଷ ରୂପେ ଚିନ୍ତା କରିବାକୁ ପଡିବ ।

## ସ୍ୱାଧୀନତାର ଅର୍ଥ

ସ୍ୱାଧୀନତାର ଅର୍ଥ କ'ଣ ଭୋକରେ ରହିବା, ପିନ୍ଧିବାକୁ ବସ୍ତ୍ର ନ ପାଇବା ଓ କାମଧନ୍ଦା ନ ପାଇବା ? ସ୍ୱାଧୀନତା ଆମର ଦୃଢ଼ ହେବ ଯେତେବେଳେ ଆମେ ମହାନ୍ ନେତାମାନଙ୍କର ସ୍ୱପ୍ନକୁ ସାର୍ଥକ କରି ପାରିବା । କଂଗ୍ରେସ ସ୍ୱାଧୀନତା ଆଣିଲା । ମହାତ୍ମା ଗାନ୍ଧିଙ୍କ ଭଳି ବହୁ ମହାନ୍ ନେତା ଆମ ସହିତ ଥିଲେ । ପ୍ରତ୍ୟେକ ଧର୍ମର ନେତା ଥିଲେ ; ସେଥିରେ ହିନ୍ଦୁ ଥିଲେ, ମୁସଲମାନ, ଶିଖ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ, ପାର୍ଶୀ ଥିଲେ । କୌଣସି ଧର୍ମ ଏ ଭଳି ନାହିଁ, ଯେଉଁଥିରୁ ଲୋକମାନେ ଆସି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ନ ଥିଲେ କିମ୍ବା ଦେଶ ପାଇଁ ସେବା ଓ ତ୍ୟାଗ କରି ନ ଥିଲେ । ତାହାହେଲେ କ'ଣ ସେମାନେ ସ୍ୱପ୍ନ ଦେଖୁଥିଲେ ଯେ କେବଳ ଆମକୁ ସରକାର ମିଳିବ ? ତାଙ୍କ ଭିତରୁ ଅନେକ ଲୋକ ଥିଲେ ଯାହାଙ୍କ ପାଖରେ ସବୁ କିଛି ଥିଲା । କୌଣସି ଜିନିଷର ଅଭାବ ନଥିଲା । ସେମାନେ ସବୁ କିଛି ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ଥିଲେ କାରଣ ପରାଧୀନତା ଯୋଗୁଁ ଦେଶ ଅପମାନିତ ବୋଧ କରୁଥିଲା । ପରାଧୀନତା ହିଁ ଦେଶର ଦୁଃଖ, ଦାରିଦ୍ର୍ୟର ହେତୁ ଥିଲା । ତାର ମୂଳୋତ୍ପାଟନ କଲେ ଯାଇ ଆମେ ପ୍ରକୃତରେ ସ୍ୱାଧୀନ ହେବା । ତେବେ ଦେଶକୁ ସ୍ୱାଧୀନତା ମିଳିବା ପରେ ଏହି କାର୍ଯ୍ୟ ଆମର ସମାପ୍ତ ହୋଇ ନଥିଲା, ପ୍ରକୃତରେ ଏହି କାମର କେବଳ ଆରମ୍ଭମାତ୍ର ହେଲା । ଆମେ ଗଣତନ୍ତ୍ର ପାଇଲୁ ସତ କିନ୍ତୁ ଯେ ପର୍ଯ୍ୟନ୍ତ ଆର୍ଥିକ ବୈଷମ୍ୟ ରହିଛି, ଲୋକମାନଙ୍କୁ ଉପଯୁକ୍ତ କାମଧନ୍ଦା ନ ମିଳିଛି, ସେ ପର୍ଯ୍ୟନ୍ତ ସ୍ୱାଧୀନତାର ପୂର୍ଣ୍ଣତା ଆସିନାହିଁ । ଯଦି ସମାଜରେ ଉଚ୍ଚ ନୀଚ, ଧନୀ ଗରିବ ଭେଦଭାବ ବଢ଼େ, ତାହାହେଲେ ବ୍ୟଗ୍ରତା ବଢିବ, ଝଗଡ଼ା ବଢିଯିବ, ଶାନ୍ତି ଓ ଭ୍ରାତୃତ୍ୱ ରହି ପାରିବ ନାହିଁ । ସେ ଭଳି ସମାଜରେ ସ୍ୱାଧୀନତା ଦୃଢ଼ୀଭୂତ ହୋଇ ପାରିବ, ଦେଶରେ ପ୍ରଗତି ଓ ବିକାଶରେ ଅଗ୍ରଗତି ହୋଇ ପାରିବ, ସେଥିପାଇଁ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡିବ ।

## ଭାରତର ଚିତ୍ର ବଦଳୁଛି

ସ୍ୱାଧୀନତା ପରେ ଆପଣ ଭାରତର ଯେଉଁ ସ୍ଥାନକୁ ଯିବେ ଦେଖିବେ ଯେ, ଭାରତର ଚିତ୍ର କିପରି ବଦଳୁଛି । ଆମେ

ଆଗେଇବା ସଙ୍ଗେ ସଙ୍ଗେ ସମସ୍ୟାଗୁଡ଼ିକ ବଢ଼ି ଚାଲିଛି । ଦାରିଦ୍ର୍ୟ ଓ ଆର୍ଥିକ ବୈଷମ୍ୟ ଭଳି ପୁରୁଣା ସମସ୍ୟାତ ରହିଛି । ଅଧିକନ୍ତୁ ବହୁ ନୂତନ ସମସ୍ୟା ଦେଶର ପ୍ରଗତି ଓ ବିକାଶ ମଧ୍ୟରୁ ଜନ୍ମ ନେଉଛନ୍ତି । ଅନେକ ଦେଶ ବହୁତ ଧନୀ, ତଥାପି ସେମାନେ ମଧ୍ୟ ନିଜର ବେକାରୀ ସମସ୍ୟାକୁ ଦୂର କରି ପାରି ନାହାନ୍ତି । ସେଠାରେ ମଧ୍ୟ ବର୍ଷକୁ ବର୍ଷ ଦରବୃଦ୍ଧି ଘଟୁଛି, ତାକୁ ସେମାନେ ଦୂର କରି ପାରି ନାହାନ୍ତି । ଆମ ପାଇଁ ଏ ସବୁ ପ୍ରଶ୍ନ ନୂଆ ନୁହେଁ । ଏହା ଆମ ପାଇଁ ପୁରୁଣା ଓ ଆଗରୁ ଆମେ ତାର ପ୍ରତିକାର କରିବା ପାଇଁ ଚେଷ୍ଟା କରି ଆସୁଛୁ । ବେକାରୀ ସମସ୍ୟା କିଭଳି ଦୂର ହେବ, ଦରବୃଦ୍ଧି କିପରି ଦୂର ହୋଇ ପାରିବ, ଏହାର ଏକମାତ୍ର ସମାଧାନ ହେଉଛି, ଯେତେବେଳେ ଦେଶରେ ଉତ୍ପାଦନ ବଢ଼ି ପାରିବ ଓ କର୍ମ ସଂସ୍ଥାନର ବ୍ୟାପକ ସୁଯୋଗ ମିଳି ପାରିବ । ଆମେ ଯାହା ଉପଲବ୍ଧି କରୁଥାଉଁ, ତାହା ସମସ୍ତଙ୍କ ନିକଟରେ ପହଞ୍ଚାଇବା । ଶିକ୍ଷା ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମେତ ବିଭିନ୍ନ କ୍ଷେତ୍ରରେ ଯେଉଁ-ମାନଙ୍କ ପ୍ରତି ଶହ ଶହ ବର୍ଷ ଧରି ଅନ୍ୟାୟ କରାଯାଉଛି, ସାମାଜିକ ଓ ଆର୍ଥିକ ଅନ୍ୟାୟ କରାଯାଉଛି, ତାହା ଦୂର କରିବା ଆମର ଲକ୍ଷ ଓ ଆମେ ସେଥିପାଇଁ କାର୍ଯ୍ୟ କରୁଛୁ । ଆଗରୁ ମଧ୍ୟ ଆମେ ସେହି ମାର୍ଗରେ ଚାଲୁଥିଲୁ ଓ ଆଜି ମଧ୍ୟ ଚାଲିଛୁ ଏବଂ ସର୍ବଦା ଚାଲୁଥିବୁ ।

## ବିରୋଧୀ ଦଳଙ୍କୁ ପ୍ରଶ୍ନ

ଆମ ପାଖରେ ସବୁ ଥାଉ ବା ନ ଥାଉ, ଆପଣ ଦେଖିଛନ୍ତି ତିନିବର୍ଷ ଧରି ଅନ୍ୟ କେତେକ ପ୍ରଦେଶରେ ଅନ୍ୟ ଦଳର ସରକାର ଗଠିତ ହୋଇଛି । ଏଥିଲାଗି କଂଗ୍ରେସ କୌଣସି ଆନ୍ଦୋଳନ କରି ନାହିଁ । ସେମାନଙ୍କ ବିରୋଧରେ କୌଣସି ଗାଳି ଗୁଲଜ କରିନାହିଁ । କାହାରି ଉପରେ ଟେକା ଫିଙ୍ଗି ନାହିଁ । କୌଣସି ହିଂସାକାଣ୍ଡ କରିନାହିଁ । ଯାହା ଘଟିଲା, ଆମେ ତାକୁ ମାନିନେଲୁ । କିନ୍ତୁ ଆମର କାର୍ଯ୍ୟକ୍ରମ ନେଇ ଆମେ ଆଗେଇ ଚାଲିଛୁ । ତିନି ବର୍ଷ ଧରି ଏଠାରେ ଓଡ଼ିଶାରେ, ଉତ୍ତର ଭାରତର ଅନ୍ୟାନ୍ୟ ପ୍ରଦେଶରେ ଓ କେନ୍ଦ୍ରରେ ମଧ୍ୟ କଂଗ୍ରେସ ବିରୋଧୀ ଅନ୍ୟ ଗୋଟିଏ ଦଳର ସରକାର ଗଠିତ ହେଲା । ମୋର ଭାଇ, ଭଉଣୀ ଓ ଯୁବକମାନଙ୍କୁ ମୁଁ ପଚାରୁଛି, ସେମାନେ ଏହି ତିନି ବର୍ଷ ଭିତରେ ଆପଣମାନଙ୍କ ଲାଗି କି କାର୍ଯ୍ୟ କରିଛନ୍ତି ? ତିନି ବର୍ଷରେ କେତେ ରୋଜଗାରୀ ବଢ଼ାଇଛନ୍ତି ? ଚାଷୀମାନଙ୍କ ଲାଗି ଓ କୃଷିର ଉନ୍ନତି ଦିଗରେ କି କାର୍ଯ୍ୟକ୍ରମ କରିଛନ୍ତି ? ଦେଶର କୃଷି ଉତ୍ପାଦନ ବୃଦ୍ଧି ଦିଗରେ କି ସାହାଯ୍ୟ କରିଛନ୍ତି ? ଓଡ଼ିଶାରେ କିମ୍ବା ଅନ୍ୟାନ୍ୟ ଅନୁନ୍ନତ ପ୍ରଦେଶରେ କେତେ ଉଦ୍ୟୋଗ ଆରମ୍ଭ କରାଯାଇଛି ? ଆଗେ ବିରୋଧୀ ଦଳମାନେ କହୁଥିଲେ, ଇନ୍ଦିରାଜୀ ଚାଷୀମାନଙ୍କ କଥା ଭାବୁ ନାହାନ୍ତି, କେବଳ ଉଦ୍ୟୋଗର ଚିନ୍ତା ତାଙ୍କୁ ଘାରିଛି । ଚାଷୀମାନେ ଉପଲବ୍ଧି କଲେଣି ଯେ ଏ ତିନିବର୍ଷ ଭିତରେ ସେମାନଙ୍କୁ କିଛି ମିଳି ପାରିଲା ନାହିଁ ଓ ଏଥି-ଲାଗି ଚାଷୀମାନଙ୍କୁ ଆନ୍ଦୋଳନ କରିବାକୁ ପଡ଼ିଲା । ବିଗତ ତ୍ରିଶବର୍ଷ ଭିତରେ ଯେତେ କାମ ଚାଷୀମାନଙ୍କ ପାଇଁ କରାଯାଇଛି, ତାହା ଭାରତର ଇତିହାସରେ କେବେ ହୋଇ ନ ଥିଲା । ଆଜି ଦେଖି-ବାକୁ ମିଳେ, ଯିଏ ଦୁନିଆରେ ସବୁଠାରୁ ଅଧିକ ଶକ୍ତିଶାଳୀ ସେ ବିନା ଉଦ୍ୟୋଗରେ ନିଜ ଉତ୍ପାଦନ ବଢ଼ାଇ ପାରୁ ନାହିଁ । ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗର ଆବଶ୍ୟକତା ଚାଷୀମାନଙ୍କ ପାଇଁ ମଧ୍ୟ ରହିଛି । ସେଥିପାଇଁ ଏହିସବୁ ଉଦ୍ୟୋଗ ପ୍ରତିଷ୍ଠା କରାଯାଉଛି କିନ୍ତୁ ଉଦ୍ୟୋଗ ଏଭଳି ଚଳି ପାରିବ ନାହିଁ । ଯଦି ଉଦ୍ୟୋଗ ଦ୍ୱାରା ଗାଁର ଲୋକମାନଙ୍କର ଉନ୍ନତି ହୋଇ ନ ପାରିବ ଓ ଗାଁର ଉତ୍ପାଦନ ବଢ଼ି ନ ପାରିବ ତେବେ ସେଭଳି ଉଦ୍ୟୋଗ ମଧ୍ୟ ବଢ଼ି ପାରିବ ନାହିଁ । ତେଣୁ ପରସ୍ପର ନିର୍ଭର-ଶୀଳ ହୋଇ ମିଳିମିଶି ଚଳିବା ଦରକାର । ସମାଜରେ ଭାଇ-ଚାରା ଆଣିବାକୁ ହେବ । ସମାଜରେ ଶାନ୍ତି ଓ ସ୍ଥିରତା ରହିଲେ ଏ ସବୁ କାମ ହୋଇ ପାରିବ । । ହିଂସାତ୍ମକ କନ୍ ଆନ୍ଦୋଳନ ଘୃଣାଭାବ ଜନ୍ମାଏ । ଏଭଳି ଆନ୍ଦୋଳନ ସଫଳ ହୋଇ ପାରିବ ନାହିଁ । ଯେଉଁମାନେ ଗଣ୍ଡଗୋଳ କରୁଛନ୍ତି ସେମାନଙ୍କୁ ଆମେ ବିରୋଧ କରୁଛୁ । ସେମାନେ ପ୍ରତ୍ୟେକ କିଛି ନ ଦେଖି ଆନ୍ଦୋଳନକୁ ପ୍ରୋତ୍ସାହିତ କରୁଛନ୍ତି । ଶେଷରେ ତାର ପ୍ରଭାବ ସାଧାରଣ ଜନତାଙ୍କ ଉପରେ ପଡ଼ୁଛି । ଏହାଦ୍ୱାରା କେତେ ଦୁଃଖ, କେତେ କଷ୍ଟ, କ୍ଲେଶ ସୃଷ୍ଟି ହେଉଛି । ଦୃଷ୍ଟିକୋଣ ଏହା-ଦ୍ୱାରା ଦିନକୁ ଦିନ ସଙ୍କୁଚିତ ହେଉଛି । ଏପରି କେତେଗୁଡ଼ିଏ ଆନ୍ଦୋଳନ ଦେଶରେ ସୃଷ୍ଟି ହେଉଛି ଯାହାକି ଦେଶର ଏକତାରେ ବାଧା ସୃଷ୍ଟି କରୁଛି । ଯେଉଁମାନେ ଏ ପ୍ରକାର ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନେ କେଉଁଠାର ଲୋକ । ସେମାନେ କ'ଣ ଦେଶ ଭିତରର ନୁହଁନ୍ତି ?

## ଆନ୍ଦୋଳନର ସ୍ୱରୂପ

ଯେଉଁଠାରେ ଆନ୍ଦୋଳନ ହୋଇଛି ସେଠାରେ କେତେକ ସମାଜ ବିରୋଧୀ, କେତେକ ଦେଶ ବିରୋଧୀ ଲୋକ ପଶି ଯାଇ-ଛନ୍ତି । ଏ ଆନ୍ଦୋଳନକୁ ମତାଇ ସେମାନେ ବଡ଼ ଭୁଲ କରିଛନ୍ତି । ପଞ୍ଜାବରେ ଯାହା ହେଲା, ତାହା ଆପଣମାନଙ୍କୁ ଜଣା । ଆସାମ ଓ କାଶ୍ମୀରରେ ଯାହା ହେଲା, ତାହା ଆପଣମାନେ ଜାଣନ୍ତି । ଏହା କ'ଣ କୌଣସି ବ୍ୟକ୍ତିର ପ୍ରଶ୍ନ, କୌଣସି ଜାତିର ପ୍ରଶ୍ନ ବା କୌଣସି ଧର୍ମର ପ୍ରଶ୍ନ ନା କୌଣସି ଦଳର ପ୍ରଶ୍ନ ଥିଲା । ପ୍ରଶ୍ନ ଥିଲା ଯେ ଯାହା ହେଉଛି, ତାହା ଦେଶ ପାଇଁ ଲାଭଦାୟକ ନା ଦେଶ ପାଇଁ ସମସ୍ୟା ଓ ବିପଦ ସୃଷ୍ଟି କରୁଛି ? ପଞ୍ଜାବରେ ଯାହା ହେଲା ତାହା ଦ୍ୱାରା ଅନେକ ଲୋକଙ୍କ ମନରେ ଦୁଃଖ ହେଲା ଓ ମୁଁ ଯାହା କରିବାର ଥିଲା ତାହା କଲି । କିନ୍ତୁ ଯେହେତୁ ଅନ୍ୟମାନଙ୍କର ଦୁଃଖ ହେଲା ଓ ସେମାନଙ୍କୁ ମୁଁ ନିଜର ପୁଅ ବୋଲି ମନେ କରେ, ସେଥିପାଇଁ ମୋତେ ମଧ୍ୟ ଦୁଃଖ ଲାଗିଲା । କିନ୍ତୁ କୌଣସି ଦେଶ, କୌଣସି ସରକାର ମଧ୍ୟ ଏପରି କାମ ବରଦାସ୍ତ କରି ପାରିବ ନାହିଁ । ଯେଉଁଠାରେ ଥାଆନ୍ତୁ ନା କାହିଁକି, ଭାରତର ନାଗରିକ ପ୍ରଥମେ ନିଜକୁ ଭାରତୀୟ ବୋଲି ଭାବିବା ଉଚିତ । ରାଷ୍ଟ୍ରପ୍ରେମ ଓ ଜାତୀୟତାର ଭାବନା ଆସିବା ଉଚିତ । କୌଣସି ଧର୍ମ ହେଉ, କୌଣସି ଜାତି ହେଉ, ତା'ଭିତରେ ରହି ସେମାନେ କ'ଣ ମନଇଚ୍ଛା ଯାହା ତାହା କରିବା ଉଚିତ । ? ଏହା ବରଦାସ୍ତ କଲେ କ'ଣ ନିର୍ବାଚନରେ ଭୋଟ ମିଳିଯିବ ? ଅବିଶ୍ୱାସିତ ଭାବରେ ଯେ କୌଣସି ଆନ୍ଦୋଳନକୁ ଜୋରଦାର କରିବା ଦ୍ୱାରା ଦେଶରେ ବିପଦ ବଢ଼ିବ, ଏହା ସମଗ୍ର ଓଡ଼ିଶା ତଥା ଭାରତବାସୀ ହୃଦୟଙ୍ଗମ କରିବା ଉଚିତ । ଆମର ନୀତି ହେଉଛି, ଦେଶ ଦେଶ ଭିତରେ ମୈତ୍ରୀ ସ୍ଥାପନ କରିବା । କିନ୍ତୁ ଏହାର ଅର୍ଥ ଭାରତର ମର୍ଯ୍ୟାଦାକୁ ବଳିଦେବା ନୁହେଁ । ଆମ ଉପରେ ଅନେକ ଥର ଆକ୍ରମଣ ହୋଇ ସାରିଛି । ତେଣୁ ଯେ କୌଣସି ଆକ୍ରମଣର ପ୍ରତିରୋଧ କରିବା ପାଇଁ ଆମକୁ ପ୍ରସ୍ତୁତ

ରହିବାକୁ ପଡ଼ିବ ଏବଂ ଏଥି ସଙ୍ଗେ ସଙ୍ଗେ ଆମେ ଯେ କାହାକୁ ଆକ୍ରମଣ କରିବାକୁ ଚାହୁଁନାହୁଁ, ସେ ବିଷୟରେ ଆମ ଦେଶର ଓ ଦେଶ ବାହାରର ଲୋକମାନଙ୍କ ମନରେ ଆମେ ବିଶ୍ୱାସ ଜନ୍ମାଇବା ଉଚିତ । ଆମେ କେବେ ହତ୍ୟା କରିବୁ ନାହିଁ ବରଂ ନିଜର ସମସ୍ତ ଶକ୍ତି ଦେଶ ଓ ଦଶର ଉନ୍ନତି ପାଇଁ ବିନିଯୋଗ କରିବୁ ପଡ଼ୋଶୀଙ୍କ ସଙ୍ଗେ ଶାନ୍ତି, ମୈତ୍ରୀ ସ୍ଥାପନ କରି ବସବାସ କରିବୁ ।

## ଭାରତ ନୂଆ ମାର୍ଗ

ବର୍ତ୍ତମାନ ଚାରିଆଡ଼େ ଯେଉଁ ସଙ୍କଟ ଦେଖା ଦେଇଛି, ସେ କେବଳ ଭାରତର ସଙ୍କଟ ନୁହେଁ, ଏହା ସମଗ୍ର ବିଶ୍ୱର । ଆପଣମାନେ ଦେଖୁଛନ୍ତି ଚାରିଆଡ଼େ ଯୁଦ୍ଧ ଲାଗି ରହିଛି । ତାହାଦ୍ୱାରା କି କି ପରିସ୍ଥିତି ଘଟୁଛି ତାହା ଆପଣମାନେ ଜାଣି ପାରୁଥିବେ । ବର୍ତ୍ତମାନ ଶ୍ରୀଲଙ୍କାରେ ତାମିଲ ଗଣ୍ଡଗୋଳ ହେତୁ ପ୍ରାୟ ୪୦ ହଜାରରୁ ଅଧିକ ଶରଣାର୍ଥୀ ଆସି ତାମିଲନାଡୁରେ ବସବାସ କରିଛନ୍ତି । ସେଠାରେ ଯେଉଁ ପ୍ରକାରର ଦଙ୍ଗାହଙ୍ଗାମା ଘଟିଲା ତାକୁ ମୁଁ କି କଷ୍ଟରେ ସମ୍ଭାଳିଲି, ତା' ମୁଁ ଜାଣେ । ନିର୍ବାଚନର ବିଗତ ୪ ବର୍ଷ ଭିତରେ ବିରୋଧୀ ଦଳମାନେ ଆମର ଏ ଦକ୍ଷତାକୁ ଦିନେ ହେଲେ ସ୍ୱୀକାର କରି ନାହାନ୍ତି, ବରଂ ଜଣେ ବିରୋଧୀ ଦଳର ନେତା ଆମେ ଶାସନ ଗାଦି ହାତକୁ ନେବାର ପରଦିନ କହିଲେ ଯେ, ଗଣତନ୍ତ୍ରର ଅର୍ଥ କିଛି ନାହିଁ । ଏବେ ଆମକୁ ଠିକ ମାର୍ଗରେ ରହି ଲଢ଼ିବାକୁ ପଡ଼ିବ । ସେମାନେ କିପରି ସରକାରକୁ ଦୁର୍ବଳ କରିବେ, କିପରି ସରକାରଙ୍କର କାର୍ଯ୍ୟକ୍ରମ ଉପରେ ବାଧା ସୃଷ୍ଟି କରିବେ, ଏ ପ୍ରକାର ଉଦ୍ୟମ ଦେଶ ଭିତରେ ଓ ଦେଶ ବାହାରେ ସେମାନେ ସର୍ବଦା ଚଳାଉଛନ୍ତି । ଏ ପ୍ରକାର ପ୍ରତିବନ୍ଧକ ସତ୍ତ୍ୱେ ଭାରତ ପ୍ରତ୍ୟେକ ଦିଗରେ ଅଗ୍ରଗତି କରି ଚାଲିଛି । ଉତ୍ପାଦନ କୃଷି ଉଦ୍ୟୋଗ, ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ଦେଶ ଏତେ ପ୍ରଗତି କରିଛି ଯେ ଏହାକୁ ଅନ୍ୟ ଦେଶମାନେ ମଧ୍ୟ ସ୍ୱୀକାର କରିଛନ୍ତି । ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ହେଉ ବା ବିରାଟ ଆନ୍ତର୍ଜାତିକ ଆର୍ଥିକ ସଂସ୍ଥା ହେଉ, ସମସ୍ତେ ଏହା ସ୍ୱୀକାର କରିଛନ୍ତି ଯେ ବହୁତ କଠିନ ସମସ୍ୟା ଥାଇ ମଧ୍ୟ ଭାରତ ଏକ ନୂତନ ମାର୍ଗ ପ୍ରଦର୍ଶନ କରିଛି । କାହାଠାରୁ ସାହାଯ୍ୟ ନ ନେଇ, କୌଣସି ସଙ୍କଟରେ ବିଚଳିତ ନ ହୋଇ ଭାରତ ଆଜି ସବୁଠାରୁ ମହାନ୍ ହୋଇ ପାରିଛି । ଏହାଦ୍ୱାରା ଯେଉଁ ଶକ୍ତି ଆମ ଭିତରେ ଉଦ୍ଭାବିତ ହେଲା, ତାହାରି ଉଦାହରଣ ବଳରେ ଆପଣମାନେ ଦେଖି ପାରିବେ ଯେ ଏଭଳି କୌଣସି ବର୍ଷ ନାହିଁ ଯେଉଁଥିରେ କି କୌଣସି ନା କୌଣସି ବଡ଼ କାମ ହୋଇ ନାହିଁ ଯାହାଦ୍ୱାରା ଭାରତର ପ୍ରତିଷ୍ଠା ସମଗ୍ର ବିଶ୍ୱରେ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଭାରତର ଯୁବ ସମାଜ ତଥା ବୁଦ୍ଧିଜୀବୀମାନଙ୍କୁ ଏକ ନୂତନ ଆଭିମୁଖ୍ୟ ଯୋଗାଉଛି । ଭାରତର ଏ ପ୍ରକାର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ଓ ସମଗ୍ର ବିଶ୍ୱରେ ଏହାର ନାମକୁ ଉନ୍ନତ କରିବା ପାଇଁ ଆମକୁ ଏ ମାର୍ଗରେ ଗତି କରିବାକୁ ହେବ ।

## ସ୍ୱାର୍ଥ ପାଇଁ ନୀତି ପରିବର୍ତ୍ତନ

ବିରୋଧୀ ଦଳମାନେ ଏକତାର କଥା କହୁଛନ୍ତି କିନ୍ତୁ ମୁଁ ଯେତେବେଳେ ଏକତାର କଥା କହେ, ସେତେବେଳେ ଭାରତର ଏକତାର କଥାହିଁ କହେ । ଏହା କାହାକୁ ହଟାଇବା ପାଇଁ ନୁହେଁ, ବରଂ ସମଗ୍ର ଭାରତର ଶକ୍ତିକୁ ବର୍ଦ୍ଧିତ କରିବା ନିମନ୍ତେ ଜାତି, ଧର୍ମ, ଭାଷା, ବର୍ଣ୍ଣ ନିର୍ବିଶେଷରେ ଭାରତବାସୀଙ୍କୁ ଏକ ଭାରତୀୟ ଭାବରେ ଏକଜୁଟ ହେବା ପାଇଁ କହେ । ଏହାଦ୍ୱାରା ଭାରତର ଐକ୍ୟ ଓ ଅଖଣ୍ଡତା ବୃଦ୍ଧି ପାଇବ ଏବଂ ଦୃଢ଼ୀଭୂତ ହେବ କିନ୍ତୁ ସେମାନେ ଯେତେବେଳେ ଏକତାର କଥା କହୁଛନ୍ତି, ତାଙ୍କ କହିବାର ତାତ୍ପର୍ଯ୍ୟ କଣ ସେମାନଙ୍କର ଏଇ ଏକତା ଦେଶର କୌଣସି କାର୍ଯ୍ୟକ୍ରମପାଇଁ ନୁହେଁ, ନୀତିପାଇଁ ନୁହେଁ, କେବଳ ନିଜ ସ୍ୱାର୍ଥ ପାଇଁ ଓ କୌଣସି ପ୍ରକାରେ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ । କାହାକୁ ଅଧିକାର ମିଳିଲେ ତାହା ମୋତେ ଖରାପ ଲାଗେ ନାହିଁ, ଯଦି ସେ କାମ କରିବାକୁ ପ୍ରସ୍ତୁତ ଥାନ୍ତି କିନ୍ତୁ ସେମାନଙ୍କର କୌଣସି କାମର କଥା ନାହିଁ, କେବଳ ନିଜେ ନିଜେ ଏକ ସୂତ୍ର ବାହାର କରି ନିଜର ସ୍ୱାର୍ଥ ହାସଲ କରିବା ସେମାନଙ୍କର ଲକ୍ଷ୍ୟ । କିଏ ଜଣେ କହିଲେ ଯେ ଇନ୍ଦିରା ଗାନ୍ଧି ଦିନରେ ଦୁଇଥର ଲୁଗା ବଦଳାନ୍ତି । ଏହା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଆପଣମାନେ ମୋତେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦେଖୁଛନ୍ତି । ମୋତେ କେତେବେଳେ ଫୁରସତ ମିଳିଲା ଲୁଗା ବଦଳାଇବା ପାଇଁ ? କିନ୍ତୁ ମୋର ପ୍ରଶ୍ନ ହେଉଛି ଯେ ଲୁଗା ବଦଳୁ ବା ନ ବଦଳୁ, ସେମାନେ ଯେପରି ପ୍ରତି ମୁହୂର୍ତ୍ତରେ ତାଙ୍କର ନୀତି ବଦଳାଉଛନ୍ତି, ତା'ଅପେକ୍ଷା ବରଂ ଲୁଗା ବଦଳାଇବା ଭଲ । ତାଙ୍କୁ ଏଥିରେ ଟିକିଏ ସଙ୍କୋଚବୋଧ ହେଉନାହିଁ । ଜନସାଧାରଣଙ୍କ ଆଗରେ ମୁଁ କେତେଗୁଡ଼ିଏ କାର୍ଯ୍ୟକ୍ରମ ରଖିଥିଲି ଓ ନିର୍ବାଚନ ନିମନ୍ତେ ନିଜର ଚିହ୍ନ ରଖିଥିଲି । କିନ୍ତୁ ସେମାନେ କିଛି ନ ବୁଝି ମନଇଚ୍ଛା ନିଜର ସ୍ୱାର୍ଥ ପାଇଁ ସବୁକିଛି ବଦଳାଇବା ପାଇଁ ପ୍ରସ୍ତୁତ । ଏପରିକି ନିଜର ନିର୍ବାଚନ ଚିହ୍ନ ବଦଳାଇବା ପାଇଁ ପ୍ରସ୍ତୁତ । ନିଜର ନାମ ବଦଳାଇବା ପାଇଁ ପ୍ରସ୍ତୁତ, ନିଜର ଝଣ୍ଡା ବଦଳାଇବା ପାଇଁ ମଧ୍ୟ ପ୍ରସ୍ତୁତ । ତା ହେଲେ ଏଥିରୁ ଆପଣମାନେ ବୁଝନ୍ତୁ ଯେ ସେମାନେ ଦେଶର ଏକତା ବଜାୟ ରଖି ପାରିବେ କି ନାହିଁ । ସେମାନେ ଏବେ ମଧ୍ୟ ଦେଖି ପାରୁ ନାହାନ୍ତି ଯେ ଦେଶରେ କିମ୍ବା ଦେଶର ଚାରିଆଡ଼େ କି କି ସଂକଟ ରହିଛି । ସଙ୍କଟଗୁଡ଼ିକୁ ଦେଖିବା କାହିଁ ପାଇଁ ଦରକାର ? ଏଇଥି ପାଇଁ ନୁହେଁ ଯେ ଆମେ ସଙ୍କଟକୁ ଡରୁଛୁ ବା ତା'ଉପରେ ନଇଁ ଚୁପି ହୋଇ ଯାଉଛୁ ବରଂ ଭାରତ ଭଳି ଦେଶରେ ସଙ୍କଟର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଆମେ ସେଥିପ୍ରତି ନଜର ରଖିଛୁ । ସଙ୍କଟ ଦେଶ ଭିତରେ ଥାଏ, ସମାଜ ଭିତରେ ଥାଏ ଏବଂ ବାହାରେ ମଧ୍ୟ ଥାଏ ।

## ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ

ଭାରତ କେବଳ ନିଜ ପାଇଁ ସ୍ୱର ଉତ୍ତୋଳନ କରେ ନାହିଁ, ଏଠି ମଧ୍ୟ ଆମେ ଯେଉଁ ସ୍ୱର ଉତ୍ତୋଳନ କରୁଛୁ ତାହା କେବଳ କଂଗ୍ରେସ ଦଳ ପାଇଁ ଉଠାଉନାହୁଁ । ବରଂ ଭାରତର ଜନସାଧାରଣଙ୍କ ପାଇଁ ଉଠାଉଛୁ । ଭାରତର ଗରିବ, ମହିଳା, ବୁଦ୍ଧିଜୀବୀ, ବିଶେଷକରି ଭାରତର ଯୁବ ସଂପ୍ରଦାୟ ପାଇଁ ସ୍ୱର ଉତ୍ତୋଳନ କରୁଛୁ କାରଣ ଭବିଷ୍ୟତ ସେହିମାନଙ୍କର ଜନସାଧାରଣ ସେହି ମାର୍ଗ ଅନୁସରଣ କଲେ, ରଚନାତ୍ମକ ମାର୍ଗରେ ଆତ୍ମ ନିୟୋଗ କଲେ, ଭଙ୍ଗାରୁଜାରେ ନ ମାତିଲେ ନିଜ ପାଇଁ, ନିଜ ପ୍ରଦେଶ ପାଇଁ ତଥା ଦେଶପାଇଁ ସୁନ୍ଦର ଭବିଷ୍ୟତ ଗଢ଼ିପାରିବେ । ଆମର ଏହି ସ୍ୱର-ଉତ୍ତୋଳନ କେବଳ ଭାରତ ପାଇଁ ନୁହେଁ, ଅଧିକନ୍ତୁ ବିଶ୍ୱର ସମସ୍ତ

ଗରିବ ଦେଶ ପାଇଁ ଏହା ଉଦ୍ଦିଷ୍ଟ । ଏହି-ସ୍ୱର ଉତ୍ତୋଳନ ଦ୍ୱାରା ଭାରତ କେବେ କେବେ ନିନ୍ଦିତ ହୁଏ, ବିଦେଶୀ ସାହାଯ୍ୟ ହରାଏ ତଥାପି ମଧ୍ୟ ଯେଉଁଠି ଅନ୍ୟାୟ ହୁଏ ତା' ବିରୁଦ୍ଧରେ ଭାରତ ହିଁ ପ୍ରଥମେ ସ୍ୱର ଉତ୍ତୋଳନ କରେ । କାରଣ ଆମେ ଜାଣୁ ଯେ ଗୋଟିଏ ସ୍ଥାନରେ ଅନ୍ୟାୟ ହେଲେ ଓ ଲୋକମାନେ ନିଷ୍ପେଷିତ ହେଲେ ତା'ର ପ୍ରଭାବ ସମଗ୍ର ବିଶ୍ୱରେ ପଡ଼ିବ । ମୋର ବାପା କହୁଥିଲେ ଯେ ସ୍ୱାଧୀନତାକୁ କେହି ଦବାଇ ପାରିବ ନାହିଁ । ସେହିଭଳି ପ୍ରକୃତିକୁ କେହି ପ୍ରତିହତ କରି ପାରିବେ ନାହିଁ, ବିକାଶକୁ କେହି ବ୍ୟାହତ କରି ପାରିବେ ନାହିଁ । ଆଜିର ଦୁନିଆରେ ବିଜ୍ଞାନର ଅଗ୍ରଗତି ଯୋଗୁଁ ଯେଉଁ ଦେଶଗୁଡ଼ିକ ଧନୀ ହୋଇ ପାରିଛନ୍ତି ସେମାନେ ଦ୍ରୁତ ଗତିରେ ଧନ ଜମା କରୁଛନ୍ତି ଓ ଧନର ଉପଭୋଗ ମଧ୍ୟ କରୁଛନ୍ତି । ସେମାନେ ଉନ୍ନତ ହେଉଛନ୍ତି । ଆଜି ସେମାନଙ୍କ ପାଖରେ ଅନେକ ଶକ୍ତି ଠୁଳ ହୋଇଛି । ଆଉ ମଧ୍ୟ ନିଜ ପ୍ରଭାବରେ ଅନ୍ୟ ଦେଶଗୁଡ଼ିକୁ ପ୍ରଭାବିତ କରିବା ପାଇଁ ସେମାନଙ୍କର ଅଭିଳାଷ ରହିଛି । ଆଗକାଳ ଭଳି ସେମାନେ ସେନା ପଠାଇ ନିଜର ଅଧିକାର ସାବ୍ୟସ୍ତ କରୁ ନାହାନ୍ତି । ନିଜର ଚିନ୍ତାଧାରା କିପରି ଅନ୍ୟ ଉପରେ ଲଦି ଦିଆଯିବ ଓ ତାହାଦ୍ୱାରା ଜନତାର ମନୋବଳ କିପରି ଭାଙ୍ଗି ଦିଆଯିବ ସେଥିପ୍ରତି ସେମାନେ କାର୍ଯ୍ୟରତ । ଆମେ ଯେତେ ଭଲ କାମ କଲେ ମଧ୍ୟ ସେମାନେ ଦେଖାଇବାକୁ ଚାହାନ୍ତି ଯେ କିଛି ହୋଇନାହିଁ ! ମୋତେ ବି ସେମାନେ ସମାଲୋଚନା କରିବେ, କାରଣ ଦେଶରେ ଅଳ୍ପଦିନ ଜରୁରୀ ପରିସ୍ଥିତି ଜାରି ହୋଇଥିଲା । ଆଜି ସବୁଆଡ଼େ ମୋର ନିନ୍ଦା ହେଉଛି ଯେ-ଏ ହେଉଛନ୍ତି ଅଥରିଟାରିଆନ ବା ଏକଛତ୍ରବାଦୀ । ସେହି ଦେଶମାନେ ସାମରିକ ଡିକଟେଟର ବା ପ୍ରକୃତ ଏକଛତ୍ରବାଦୀମାନଙ୍କୁ ଟଙ୍କା ଓ ଅସ୍ତ୍ରଶସ୍ତ୍ର ଦ୍ୱାରା ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରୁଛନ୍ତି । ସେମାନଙ୍କୁ ଜଣାପଡୁ ନାହିଁ ଯେ ସେମାନେ ନିଜେ ହେଉଛନ୍ତି ଡିକ୍‌ଟେଟର । ତାହାହେଲେ ଏଥିରୁ ଆମକୁ ଜଣାଯିବ ଯେ ସେମାନେ ପ୍ରକୃତରେ କ'ଣ ଚାହାନ୍ତି । ଭାରତ ଉନ୍ନତି କରୁ ବୋଲି ସେମାନେ କାହିଁକି ଚାହାନ୍ତି ନାହିଁ ।

## ଦେଶ ପାଇଁ ମୋର ପ୍ରତି ରକ୍ତବିନ୍ଦୁ

ଆମ ବିଷୟରେ ବାହାରର କେହି ଚିନ୍ତା କରିବାର ନାହିଁ । ଆଉ ଏହାର ନିଜ ବିଷୟରେ ଆମକୁ ଚିନ୍ତା କରିବାକୁ ହେବ । ଆଉ ଏହାର ଦାୟିତ୍ୱ ଖାଲି ମୋର ନୁହେଁ । ମୁଁ ଆଜି ଏଠାରେ ଥାଇପାରେ, କାଲି ନ ରହିପାରେ, କିନ୍ତୁ ଏହା ପ୍ରତ୍ୟେକ ଭାରତୀୟ ନାଗରିକର ଦାୟିତ୍ୱ । ମୁଁ ଆଗରୁ ମଧ୍ୟ ଏକଥା କହିଛି । ମୋ ଉପରେ ବାରମ୍ବାର ଆକ୍ରମଣ କରାଯାଉଛି । ପିସ୍ତଲ ଦ୍ୱାରା ହୋଇଛି, ଲାଠି ଦ୍ୱାରା ହୋଇଛି । ଏହି ଭୁବନେଶ୍ୱରରେ ଇଟା ଦ୍ୱାରା ମଧ୍ୟ ହୋଇଛି । ଆଉ ପ୍ରତ୍ୟେକ ପ୍ରକାରର ଆକ୍ରମଣ ମଧ୍ୟ ହୋଇସାରିଛି । ଜୀବିତ ରହିବା ନ ରହିବା ବିଷୟରେ ମୁଁ ଚିନ୍ତା କରୁନାହିଁ । ଦୀର୍ଘ ଆୟୁ ମୁଁ ଭୋଗ କରିବି । ମୋ ପକ୍ଷରେ ଗୌରବର ବିଷୟ ଯେ ମୋର ଜୀବନ ଜନ ସେବାରେ ନିୟୋଜିତ ହୋଇଛି । ଏତିକି କେବଳ ମୋର ଗୌରବ । ମୋର ଶ୍ୱାସ ପ୍ରଶ୍ୱାସ ଚାଲିଥିବା ପର୍ଯ୍ୟନ୍ତ ମୋର ଜୀବନ ଜନ-ସେବାରେ ନିୟୋଜିତ ଥାଉ । ମୋର ଜୀବନ ଚାଲି ଯାଇପାରେ କିନ୍ତୁ ମୋର ପ୍ରତି ରକ୍ତ ବିନ୍ଦୁ ଭାରତକୁ ଦୃଢ଼ୀଭୂତ କରିବ । ସ୍ୱଚ୍ଛଳ ବା ମହିଳା ଯେ ହୁଅନ୍ତୁ ନା କାହିଁକି ସେମାନେ ଆଜି ଏହି ବିଷୟରେ ଚିନ୍ତା କରି ଏ ଭାରର ଦାୟିତ୍ୱ ବହନ କରିବେ ବୋଲି ମୁଁ ଆଶା କରେ । କାହାକୁ ନେତା ମାନି ଚଳିବା ନ ଚଳିବା ବଡ଼ କଥା ନୁହେଁ । ନେତାମାନେ ତିଆରି ହୁଅନ୍ତି ଓ ଚାଲି ମଧ୍ୟ ଯାଆନ୍ତି । ସ୍ୱାଧୀନତା ସଂଗ୍ରାମ ଚାଲିଥିବା ସମୟରେ ଅନେକଥର ନେତାମାନେ ଜେଲରେ ଅଟକ ରହୁଥିଲେ, ତଥାପି ସ୍ୱାଧୀନତା ସଂଗ୍ରାମ ଅଟକି ଯାଇ ନ ଥିଲା । କାରଣ ପ୍ରତ୍ୟେକ ପ୍ରଦେଶରେ, ପ୍ରତ୍ୟେକ ଜିଲ୍ଲାରେ ନେତା ସୃଷ୍ଟି ହେଉଥିଲେ । ଓଡ଼ିଶାର ଲୋକେ ଆଦିବାସୀ, ଉଚ୍ଚ ଜାତି ଓ ଯେକୌଣସି ଜାତିର ହୁଅନ୍ତୁ ପଛକେ ସେମାନେ ଭାବିବା ଉଚିତ ଯେ ଏହା ଆମର ଦେଶ । ଏହାକୁ ଶକ୍ତିଶାଳୀ କରିବା ଆମର କର୍ତ୍ତବ୍ୟ ଓ ଆମକୁ ଏହାର ଅଖଣ୍ଡତାକୁ ମଜବୁତ ରଖିବାକୁ ହେବ । ଏହା ହେଉଛି ଆମର ଦାୟିତ୍ୱ । ଇନ୍ଦିରା ଗାନ୍ଧୀ, କଂଗ୍ରେସ ବା ଅନ୍ୟ କୌଣସି ନେତାଙ୍କର ଏ ଦାୟିତ୍ୱ ନୁହେଁ । ଏହା ଆମ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ । ଏହିଭଳି ଚିନ୍ତାଧାରା ଏ ଦେଶରେ ସୃଷ୍ଟି ହେଉ—ଏହା ମୋର ଇଚ୍ଛା ।

## ଭାରତର ଆତ୍ମିକ ଶକ୍ତି

ଆତ୍ମନିର୍ଭରଶୀଳ ହେବା ବିଷୟରେ କହିବାବେଳେ ଆର୍ଥିକ ଆତ୍ମନିର୍ଭରଶୀଳତା ବିଷୟ ମନକୁ ଆସୁଛି, କିନ୍ତୁ ମନର ଆତ୍ମନିର୍ଭରଶୀଳତା ମଧ୍ୟ ଦରକାର, ଯାହା ଫଳରେ ଆମେ ଭାବିବା ଯେ ଆମ ଭିତରେ କାମ କରିବାର ସେହି ଶକ୍ତି ରହିଛି । ମୋ ଜାଣିବାରେ ଭାରତର ଜନସାଧାରଣଙ୍କର ସେହି ଶକ୍ତି ଅଛି । ଭାରତର ଜନସାଧାରଣ କେବେହେଲେ ଭୁଲ ବାଟରେ ଯିବେ ନାହିଁ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ । ସେମାନେ ବିଶ୍ୱ ସମ୍ମୁଖରେ ତ୍ୟାଗ ଓ ସେବାର ପରାକାଷ୍ଠା ଦେଖାଇଛନ୍ତି । ପୃଥିବୀ ପୃଷ୍ଠରେ ବହୁ ସଂସ୍କୃତି ଓ ସଭ୍ୟତା ବିଲୀନ ହୋଇଯାଇଛି କିନ୍ତୁ ଇତିହାସ ଭାଷାରେ ଏବେ ମଧ୍ୟ ଆମର ନାମ ଓ ଚିହ୍ନ ବିଦ୍ୟମାନ । ଆମର ପୁରାତନ ସଭ୍ୟତା ଓ ସଂସ୍କୃତି ଏବେ ମଧ୍ୟ ତିଷ୍ଠି ରହିଛି । ଏହାର କାରଣ ହେଲା ଆମର ସେପରି କିଛି ଅନ୍ତର୍ନିହିତ ଶକ୍ତି ରହିଛି । ପ୍ରତ୍ୟେକ ବ୍ୟକ୍ତି ଭିତରେ ସେହି ଶକ୍ତି ରହିଛି । ସେହି ଶକ୍ତିକୁ ଜାଗ୍ରତ କରାଇଲେ ତାହା ଆତ୍ମପ୍ରକାଶ କରିବ । ତାକୁ ଦବାଇ ଦିଆଗଲେ ନିରାଶ ହେବାକୁ ପଡ଼ିବ ଓ କେବଳ ଖରାପ ବିକୃତି ଦେଖାଯିବ । ଯାହା ଖରାପ ତା' ବିରୁଦ୍ଧରେ ସଂଗ୍ରାମ ଆବଶ୍ୟକ । ଏଥିପାଇଁ ସାହସ ଓ ମନୋବଳ ଦରକାର । ତା' ନହେଲେ ଖରାପ ଟି ଦୂରୀଭୂତ ହେବନାହିଁ, ଅଧିକନ୍ତୁ ଭଲକାମ ମଧ୍ୟ ହୋଇ ପାରିବ ନାହିଁ ।


## ଓଡ଼ିଶା ପାଇଁ ଶୁଭ କାମନା

ଓଡ଼ିଶା ପାଇଁ ନୀତି ନିରୂପଣ କରାଯାଇପାରେ, କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରେ, ସାହାଯ୍ୟ ମଧ୍ୟ ଯୋଗାଇ ଦିଆଯାଇ-ପାରେ, କିନ୍ତୁ କାମକୁ ଆଗେଇନେବା, ଓଡ଼ିଶାର ଉନ୍ନତି କରିବା ଏହି ଦାୟିତ୍ୱ ଆପଣମାନଙ୍କର । ପ୍ରତ୍ୟେକ ନିଜ ମନକୁ ପଚାରିବା କଥା ଯେ ସେ କେଉଁଭଳି ଭାବରେ ଏହି କାମ କରି ପାରିବେ । କଳା ଓ ଅନ୍ୟାନ୍ୟ କ୍ଷେତ୍ରରେ ସମୃଦ୍ଧ ଏହି ସୁନ୍ଦର ପ୍ରଦେଶର ଅର୍ଥନୈତିକ ଅଗ୍ରଗତି ଘଟି ପାରିବ, ଏହା ମୋର ପୂର୍ଣ୍ଣ ବିଶ୍ୱାସ । ଏହାଦ୍ୱାରା ନିଜର ସଂସ୍କୃତି, କଳା ଓ

ପରଂପରା କୌଣସି ପ୍ରକାରରେ ବାଧାପ୍ରାପ୍ତ ହେବନାହିଁ । ସେଗୁଡ଼ିକର ମଧ୍ୟ ଅଗ୍ରଗତି ଘଟିବ । ଆପଣମାନେ ଶାନ୍ତିପୂର୍ଣ୍ଣ ଭାବରେ ମୋର ବକ୍ତବ୍ୟ ଶୁଣିଲେ । ମୁଁ ପୁନର୍ବାର ସୂଚାଇ ଦେବାକୁ ଚାହେ ଯେ ଦେଶର ଏକତା ଓ ଅଖଣ୍ଡତା ପ୍ରତି ସର୍ବ ପ୍ରଥମେ ଲକ୍ଷ୍ୟ ରଖାଯିବା ଉଚିତ ଓ ତା' ପରେ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ସମାଧାନର କଥା । ମୁଁ ଆପଣମାନଙ୍କୁ ପୁନର୍ବାର ଧନ୍ୟବାଦ ଜଣାଉଛି ଓ ଭବିଷ୍ୟତ ପାଇଁ ଶୁଭ କାମନା କରୁଛି ।

ଜୟହିନ୍ଦ, ଭାରତମାତାକୀ ଜୟ

(୧୯୮୪ ଅକଟୋବର ୩୦ ତାରିଖ ଦିନ ଭୁବନେଶ୍ୱର ପ୍ୟାରେଡ ପଡ଼ିଆରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପ୍ରଦତ୍ତ ଭାଷଣ



ଆମର ପ୍ରିୟ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ନିର୍ଦ୍ଦେଶକ ଶ୍ରୀ ଦେବ କୁମାର ଘଉଡଙ୍କ ଅକାଳ ବିୟୋଗରେ କଟକସ୍ଥ ସରକାରୀ ମୁଦ୍ରଣାଳୟର କର୍ମଚାରୀମାନଙ୍କ ଦ୍ୱାରା ଆୟୋଜିତ ଶୋକସଭା ।

# ଯୁବ ସମାଜ ପ୍ରତି ଇନ୍ଦିରା ଗାନ୍ଧୀ

ଶ୍ରୀ ରାମକୃଷ୍ଣ ମିଶନ ଦିଲ୍ଲୀଠାରେ ତା୧୯-୯-୮୨ ରିଖରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ମାନ୍ୟବର ସ୍ୱାମୀ ରଙ୍ଗନାଥାନନ୍ଦଜୀ, ବିଶିଷ୍ଟ ଅତିଥି ବର୍ଗ ଓ ଯୁବ ବନ୍ଧୁମାନଙ୍କୁ ସମ୍ବୋଧନ କରି କହିଥିଲେ—"ଆଜି ମୋତେ ଏହି ଧର୍ମ ସଭାରେ ଆପଣମାନଙ୍କ ସମ୍ମୁଖରେ ଯାହାକିଛି କହିବାପାଇଁ ଅନୁରୋଧ କରାଯାଇଛି, ଆପଣମାନେ ସେ ସମସ୍ତ ବିଷୟରେ ପ୍ରବୀଣ ।" ସ୍ୱାମୀ ରଙ୍ଗନାଥାନନ୍ଦଜୀ "ବର୍ତ୍ତମାନ ଶ୍ରୀ ରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦଙ୍କ ଉପଦେଶ ଓ ମହାନତା ସମ୍ବନ୍ଧରେ ଆପଣମାନଙ୍କୁ ପ୍ରାଚୀନ ଭାରତରେ ବୁଝାଇ କହିଲେ । ସେ ଆହୁରି କହିଲେ ଯେ କେବଳ ଭାରତ ବାସୀଙ୍କ ଉପରେ ନୁହେ ବରଂ ବିଶ୍ୱର ଅନ୍ୟ ସମସ୍ତ ଦେଶବାସୀଙ୍କ ଉପରେ ତାଙ୍କ ଉପଦେଶର ପ୍ରଭାବ ପଡ଼ିଅଛି । ସେ ବର୍ଲିନର ଗୋଟିଏ ଯୁବ ସ୍ଥାନ ସମ୍ପର୍କରେ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କଲେ । କିନ୍ତୁ ସମଗ୍ର ବିଶ୍ୱର ବଡ଼ ବଡ଼ ସମ୍ମିଳନୀରେ ବହୁଲୋକ ଉତ୍ସାହର ସହିତ ଯୋଗଦାନ କରିବାର ବିଶେଷ ଅନୁଭୂତି ମଧ୍ୟ ତାଙ୍କର ଅଛି ।

ଆଜକୁ ପ୍ରାୟ ଏକଶହ ବର୍ଷ ତଳେ ଦେହତ୍ୟାଗ କରିଥିବା ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ଜଗତର ଯୁବ ମାନସରେ ଚେତନାର ସଞ୍ଚାର କରାଇଥିଲେ । ସେ ସେମାନଙ୍କୁ ଭାରତୀୟ ଜନସାଧାରଣଙ୍କର ପବିତ୍ରମୟ ଜୀବନଯାପନ ପ୍ରଣାଳୀର ମହତ୍ ବୁଝାଇ ସେବା ଓ ତ୍ୟାଗ ସମ୍ବନ୍ଧରେ ଉଦବୁଦ୍ଧ କରିଥିଲେ ସର୍ବୋପରି ସେ ଭାରତର ମହାନତା ସଂପର୍କରେ ପାଶ୍ଚାତ୍ୟ ଲୋକଙ୍କୁ ପରିଚିତ କରାଇଥିବାରୁ ଆମ୍ଭେମାନେ ଆଜି ଗର୍ବିତ ।

ମୁଁ ବାରମ୍ବାର କହି ଆସୁଛି ଯେ, ମଣିଷ ହିସାବରେ ଆମେ ଯାହାକିଛି କରିବା ଉଚିତ, ତାହା ଆମେ ଯଥାର୍ଥ ଭାବେ କରିପାରୁ ନାହୁଁ,—ଯାହା କିଛି କରୁ ସେଥିରେ ଦୋଷତ୍ରୁଟି ପରିଲକ୍ଷିତ ହୁଏ । ଆମେ ତାହାକୁ ପୁଣି ସର୍ବାଙ୍ଗ ସୁନ୍ଦର କରିବା ପାଇଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରୁ । ଅତଏବ ଆମ୍ଭମାନଙ୍କ ମଧ୍ୟରୁ କେତେକ ପୂର୍ଣ୍ଣତଃ ପ୍ରାପ୍ତି ପାଇଁ ଚେଷ୍ଟା କରନ୍ତି, କିନ୍ତୁ ବହୁ ପଛରେ ପଡ଼ି ଯାଆନ୍ତି । ଏହା ଅତି ମହତ୍ୱପୂର୍ଣ୍ଣ କଥା ଯେ ଭାରତରେ ଆମ୍ଭମାନଙ୍କର ଆଦର୍ଶ ଏ ପର୍ଯ୍ୟନ୍ତ ପୂର୍ବଭଳି ରହିଛି ଏବଂ ଏହି ଆଦର୍ଶ , ଏହି ଜ୍ଞାନାଲୋକ ଆମକୁ ଅତି ପ୍ରାଚୀନ କାଳରୁ ମିଳି ଆସୁଛି, ଯାହାକି ସ୍ୱାମୀ ବିବେକାନନ୍ଦଙ୍କ ଭଳି ମନିଷୀ ତଥା ମହାତ୍ମାଗଣଙ୍କ ଦ୍ୱାରା ଉଜ୍ଜ୍ୱଳତର ହୋଇପାରିଛି । ମହାତ୍ମା ଗାନ୍ଧୀ ଏବଂ ସାଧୁ ସନ୍ଥମାନଙ୍କ ଦ୍ୱାରା ଏହା ପୁନରୁଜ୍ଜୀବିତ ହୋଇ ସମଗ୍ର ବିଶ୍ୱରେ ପ୍ରସାରିତ ହେବାଦ୍ୱାରା ତାହା ଆଲୋକ ବିକିରଣ କରୁଛି । ଭାରତର ଭବିଷ୍ୟତ ଉଜ୍ଜ୍ୱଳ, କିନ୍ତୁ ଏହାର ଦାୟିତ୍ୱ କେବଳ ସରକାରଙ୍କ ଉପରେ ନ୍ୟସ୍ତ ନୁହେଁ, ବରଂ ଆମର ଆଦରଣୀୟ ସମ୍ମାନିତ, ପ୍ରତିଭାସମ୍ପନ୍ନ ବ୍ୟକ୍ତି ତଥା ଆଧ୍ୟାତ୍ମିକବାଦୀ ସାଧୁ ସନ୍ଥଙ୍କ ଉପରେ ନ୍ୟସ୍ତ ଅଛି । ଆହୁରି ମଧ୍ୟ ଏହା ଭାରତର ତରୁଣ ତରୁଣୀଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର କରେ । ସେମାନେ ଆମ ଭବିଷ୍ୟତର କର୍ଣ୍ଣଧାର । ଆପଣମାନେ ସେମାନଙ୍କ ମାନସିକ ଚିନ୍ତାଧାରାକୁ ଜାଗ୍ରତ କରାଇ ଶାଶ୍ୱତ ସତ୍ୟପ୍ରତି ସେମାନଙ୍କ ଦୃଷ୍ଟି ଆକର୍ଷଣ କରାଇ ଦେବାକୁ ମୁଁ ଆପଣମାନଙ୍କର ଏପରି ଏକ ଯୁବସଂଗଠନର ପ୍ରୟାସକୁ ସ୍ୱାଗତ କରୁଛି ।

ସମୟ ସମୟରେ ମୁଁ ଧର୍ମପରାୟଣା କି ନୁହେଁ, ତାହା ମୋତେ ପଚରା ଯାଉଥାଏ ଓ ଏପରି ପ୍ରଶ୍ନର ଉତ୍ତର ଦେବା ମୋ ପକ୍ଷେ ଅତି କଠିନ ହୋଇପଡ଼େ । ମୋର ଉତ୍ତର କେବଳ ଏହି କଥା ଉପରେ ନିର୍ଭର କରେ ଯେ – "ଧର୍ମ କହିଲେ ଆପଣମାନେ କ'ଣ ବୁଝନ୍ତି ।" ଯଦି ଆପଣମାନେ କେବଳ କର୍ମକାଣ୍ଡ ଓ କେତେକ ମହାପୁରୁଷଙ୍କ ବାଣୀକୁ ବାରମ୍ବାର ଆବୃତ୍ତି କରିବାକୁ ଧର୍ମ ବୋଲି ବୁଝୁଥାଆନ୍ତି, ତେବେ ଏହି ଦୃଷ୍ଟିକୋଣରୁ ମୁଁ ଆଦୌ ଧର୍ମ ପରାୟଣା ନୁହେଁ । କିନ୍ତୁ ମୁଁ ବୁଝିଛି, ପ୍ରକୃତ ଧର୍ମ ହେଉଛି ସତ୍ୟର ଅନ୍ୱେଷଣ । ଯାହା ପ୍ରକୃତ ସତ୍ୟ ତାହା ଆମ୍ଭମାନଙ୍କ ଅନ୍ତରାତ୍ମା ରୂପେ ଚିରାଚରମାନ କରି ଅଛନ୍ତି । ତେଣୁ ଆନ୍ତରିକତାର ସହିତ ବିଶ୍ୱାସ କରି ଯେଉଁ କାର୍ଯ୍ୟ କରିବା ଶ୍ରେୟସ୍କର ତାହା ଗ୍ରହଣକରି ଉତ୍ତମ ରୂପେ ସମ୍ପାଦନ କରିବା ଉଚିତ ।

ସ୍ୱାମୀ ବିବେକାନନ୍ଦ ଶିକ୍ଷା ସମ୍ବନ୍ଧରେ କହନ୍ତି, ଶିକ୍ଷାର ଅର୍ଥ ଏହା ନୁହେଁ ଯେ, ଯେଉଁ ବ୍ୟକ୍ତି ଯେତେ ଅଧିକ ବିଦ୍ୟା ଅଧ୍ୟୟନ କରିଛି, ସେ ସେତେ ଶିକ୍ଷିତ । ମନୁଷ୍ୟ କ'ଣ ଓ ଭବିଷ୍ୟତରେ ସେ କ'ଣ ହେବ, ଏହି ଆତ୍ମଜ୍ଞାନ ଲାଭ କରିବା ହିଁ ପ୍ରକୃତ ଶିକ୍ଷା ଲାଭ କରିବା ।

ଭାରତ ଭୂମିରେ ଜନ୍ମଗ୍ରହଣ କରିଥିବା ମହାନ୍ ଆତ୍ମା ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କର ଶିକ୍ଷାଗତ ଯୋଗ୍ୟତା ଆଦୌ ନ ଥିଲା, ମାତ୍ର ସେ ଥିଲେ ଜଣେ ଉତ୍ତମ ଶିକ୍ଷିତ, ଜ୍ଞାନୀ । କାରଣ ସେ ଥିଲେ ଗଭୀର ଅନ୍ତରଦୃଷ୍ଟି ସମ୍ପନ୍ନ ଓ ଅବିନଶ୍ୱର ସତ୍ୟ ଦ୍ରଷ୍ଟା । ସେ ସତ୍ୟର ସନ୍ଧାନ ପାଇବା ପରେ, ତାଙ୍କୁ ଦର୍ଶନ କରିବା ପାଇଁ ଯେଉଁଭକ୍ତ ଆସୁଥିଲେ, ସେ ସେହି ସତ୍ୟାଲୋକର ସ୍ପଷ୍ଟ ଆଭାସ ପାଇ ପାରୁଥିଲେ । ଆପଣମାନେ ଏହି ସମ୍ମିଳନୀରେ ପୂର୍ବରୁ ଶୁଣିଥିବେ ଯେ, ପ୍ରଥମେ ଯେତେବେଳେ ସ୍ୱାମୀ ବିବେକାନନ୍ଦ ତାଙ୍କୁ ସାକ୍ଷାତ କରିବାକୁ ଯାଉଥିଲେ, ସେତେବେଳେ ସ୍ୱାମୀ ବିବେକାନନ୍ଦ ତାଙ୍କୁ ଉପହାସ କରିଥିଲେ । କାରଣ ପ୍ରଥମେ ତାଙ୍କଠାରୁ ସ୍ୱାମୀଜୀଙ୍କର ବିଶ୍ୱାସ ଜନ୍ମି ନଥିଲା । ସେ ତାଙ୍କୁ କେବଳ ଭଲଭାବେ ଜାଣିବା ପାଇଁ ଯେ ତାଙ୍କ ପାଖରେ ରହିଥିଲେ ତାହା ନୁହେଁ, ବରଂ ସେ ପରେ ତାଙ୍କ ବାଣୀ ପ୍ରଚାର ମଧ୍ୟ କରିଥିଲେ । ସେ କେବଳ ଯେ ରାମକୃଷ୍ଣ ପରମହଂସଙ୍କର ଉପଦେଶ ପାଳନ କରୁଥିଲେ ତାହା ନୁହେ ବରଂ ସେଗୁଡ଼ିକୁ ସେ ଅତି ଆଗ୍ରହରେ ଆଦରି ନେଉଥିଲେ । ସେ ନିଜର ମନପ୍ରାଣ, ନିଜର-ହୃଦୟ ଓ ନିଜର ସମସ୍ତ ଶକ୍ତି ସବୁକିଛି ସେଥିରେ ବିନିଯୋଗ କରିଥିଲେ । ତାଙ୍କଠାରେ ଥିବା ଅଲୌକିକ ଶକ୍ତି ସମ୍ବନ୍ଧରେ ତ ଆପଣମାନେ ପୂର୍ବରୁ ଶୁଣିଛନ୍ତି ।

ଆତ୍ମାବଲୋକନ — ଆମେ ପୂର୍ବପୁରୁଷଙ୍କଠାରୁ ଏତିକି ଆଶାକରୁ ଓ ଆମମାନଙ୍କର ଦର୍ଶନଶାସ୍ତ୍ର ଆମମାନଙ୍କୁ ଏହି ତଥ୍ୟ ପ୍ରଦାନ କରେ ଯେ, ଆମେ ଆଖି ବନ୍ଦ କରିବା କାନ ବନ୍ଦ କରି କୌଣସି ବସ୍ତୁକୁ ବିଶ୍ୱାସ ନ କରି କେବଳ ସତ୍ୟକୁ ହିଁ ବିଶ୍ୱାସ ଓ ଅନୁସନ୍ଧାନ କରିଥାଉଁ ।

ଆମେମାନେ କେହି ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥାଉଁ । ଆମ ପ୍ରତ୍ୟେକଙ୍କ ମଧ୍ୟରେ ଗୁଣ ଦୋଷର ପାର୍ଥକ୍ୟ ରହିଛି । କେହି ଦୃଢ଼ତାର ସହିତ କହି ପାରିବା ନାହିଁ ଯେ, ଆମେମାନେ ସମ୍ପୂର୍ଣ୍ଣ ରୂପେ ଦୋଷଶୂନ୍ୟ । ବରଂ ଏଥିପ୍ରତି ଧ୍ୟାନ ଦେବାକୁ ହେବ ଯେ ଏହାଦ୍ୱାରା ଆମେମାନେ କିପରି ଲାଭବାନ ହୋଇ ପାରୁଥାଉଁ । ସ୍ୱାମୀ ବିବେକାନନ୍ଦ ଶକ୍ତି ସମ୍ବନ୍ଧରେ କହିଛନ୍ତି ଯେ, ଯଦିଓ ଶକ୍ତି ଏକ, ଏହି ଶକ୍ତିର ସଦୁପଯୋଗ କରାଗଲେ ମାନବଜାତି ତଥା ବିଶ୍ୱର କଲ୍ୟାଣ ସାଧନ କରାଯାଇ ପାରେ, ଏହି ଶକ୍ତି ବଳରେ ସବୁକିଛି ନଷ୍ଟ ଭ୍ରଷ୍ଟ କରାଯାଇ ପାରେ ଓ ଏହି ଶକ୍ତି ବଳରେ ହିଁ ଧ୍ୱଂସ ସମ୍ଭବ ହୁଏ । ମୋ ବିଶ୍ୱାସରେ ଏହିକଥା ଆମମାନଙ୍କର ଅନ୍ତର୍ନିହିତ ସମସ୍ତ ପ୍ରକାର ଶକ୍ତି ଉଦ୍ଦେଶ୍ୟରେ ସେ ଏହି କଥା କହିଥିଲେ । ଆମେମାନେ ଶକ୍ତିକୁ ଯେପରି ବିନିଯୋଗ କରିବା, ତାହା ସେପରି କାମଦେବ । ଶକ୍ତିକୁ ଆମେ ଭଲ କହି ପାରିବା ନାହିଁ କିମ୍ବା ମନ୍ଦ ବି କହି ପାରିବା ନାହିଁ । ଶକ୍ତି ହିଁ ଶକ୍ତି । ଆମମାନଙ୍କର ଉପଯୋଗ ଉପରେ ହିଁ ତାହା ନିର୍ଭର କରେ । ବିଶ୍ୱର ପରିବର୍ତ୍ତନ ଆଣିବା ପାଇଁ ଓ ମାନବିକତାରେ ପରିବର୍ତ୍ତନ ଆଣିବା ପାଇଁ ବିଜ୍ଞାନର ଅଦ୍ଭୁତ ଶକ୍ତି ଅଛି । ତା ସଙ୍ଗେ ସଙ୍ଗେ ମଧ୍ୟ ଏହା ବିନାଶ ସାଧନର ହେତୁ । ଆଜି ଦୁର୍ଭାଗ୍ୟ ବଶତଃ ପ୍ରତି କ୍ଷେତ୍ରରେ ଶକ୍ତିଶାଳୀ ମାନବଗଣ ଅବଶ୍ୟ ଏହାର ସଦୁପଯୋଗ କରୁଛନ୍ତି, ହେଲେ ବି ଦୁରୁପଯୋଗ କରିବା ପାଇଁ ମଧ୍ୟ ଅବିରାମ ଚେଷ୍ଟା ଚଳାଉଛନ୍ତି ।

ଯୁବକମାନେ ପ୍ରତି ପଦକ୍ଷେପରେ ଚିନ୍ତା କରିବା ଉଚିତଯେ, ସେମାନେ କେଉଁ ବାଟରେ ଯାଉଛନ୍ତି । ସେମାନଙ୍କୁ ଠିକ୍ ବାଟରେ ଯିବାକୁ ହେବ କି ବିପଥଗାମୀ ହେବେ ? କେବେ କେବେ ସରଳମାର୍ଗ ଶ୍ରେଷ୍ଠମାର୍ଗ ହୋଇ ନ ଥାଏ ଏହି ପରିସ୍ଥିତିରେ ଆପଣମାନଙ୍କୁ ସଂଗ୍ରାମପାଇଁ ପ୍ରସ୍ତୁତ ହବାକୁ ପଡ଼ିବ ଏବଂ ମୁଁ ଭାବୁଛି ଏଥିପାଇଁ ସ୍ୱାମୀ ବିବେକାନନ୍ଦ ସଂଗ୍ରାମ ଉପରେ ଏତେ ଗୁରୁତ୍ୱ ଦେଇଥିଲେ । ସଂଗ୍ରାମ କରି ଆପଣମାନେ ନିଜ ନିଜକୁ ସୁଦୃଢ଼ କରିପାରିବେ । ଆପଣମାନଙ୍କୁ ଯେ କେବଳ ମନ୍ଦ ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ିବ ତାହା ନୁହେଁ । ବରଂ ସଂଗ୍ରାମର ଅର୍ଥ ଏପରି ବୁଝିବାକୁ ହେବ ଯେଉଁ ପ୍ରୟାସ ଦ୍ୱାରା ଆପଣମାନେ ଶକ୍ତି ସଞ୍ଚୟ କରି ପାରିବେ ଆପଣମାନେ ଯଦି ନିଜ ନିଜର ମାଂସପେଶୀଗୁଡ଼ିକର ପରିଚାଳନା ନ କରନ୍ତି ତେବେ, ସେଗୁଡ଼ିକ ଶୀଘ୍ର ନିଷ୍କ୍ରିୟ ହୋଇ ପଡ଼ିବ । ଯଦି ଆପଣମାନେ ଅସୁସ୍ଥ ନ ହୋଇ ମଧ୍ୟ ଶଯ୍ୟାରେ ସର୍ବଦା ଶୋଇ ରହିବାକୁ ଚାହାନ୍ତି, ଦେଖିବେ ମାସକ ପରେ ଆପଣମାନଙ୍କର ଚଲାବୁଲା କରିବା ବି କଷ୍ଟକର ହୋଇ ପଡ଼ିବ । ଆପଣମାନେ ଯେତେବେଳେ ନିଜ ନିଜର ମାଂସପେଶୀଗୁଡ଼ିକୁ ପରିଚାଳନା କରିବେ, ଦେଖିବେ ତାହା ଶରୀରର ମାଂସପେଶୀ ହେଉ ବା ମସ୍ତିଷ୍କର ସ୍ନାୟୁ ହେଉ ଆପଣମାନଙ୍କର ଶରୀର ପୁଷ୍ଟ ଏବଂ ମସ୍ତିଷ୍କର ଶକ୍ତି ମଧ୍ୟ ବିକଶିତ ହୋଇ ଉଠିବ । ଶକ୍ତିରୁ ଅଧିକ ଶକ୍ତି ଉତ୍ପନ୍ନ ହୁଏ ଏବଂ ଏହିପରି ଭାବରେ ସମାଜର ଅଗ୍ରଗତି ହୁଏ ।

ସ୍ୱାମୀଜୀ ଅନ୍ଧ ବିଶ୍ୱାସ ସମ୍ବନ୍ଧରେ ମଧ୍ୟ କେତେକ କଥା କହିଛନ୍ତି । ମୁଁ ସେହିମାନଙ୍କ ମଧ୍ୟରୁ ଜଣେ, ଯେଉଁମାନେ କି ଅନ୍ଧ ବିଶ୍ୱାସ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି ଏବଂ ମୁଁ ବର୍ତ୍ତମାନ ମଧ୍ୟ ଅନ୍ଧ ବିଶ୍ୱାସକୁ ତୀବ୍ର ବିରୋଧ କରୁଛି । କିନ୍ତୁ ମୁଁ ଏହା ଆବିଷ୍କାର କରିଛି ଯେ, ଅନେକ ବାସ୍ତବ କଥା ଅଛି ଯାହାକୁ କି ଅନ୍ଧ ବିଶ୍ୱାସ କୁହାଯାଉଛି । ତାହା ଅବଶ୍ୟ କେତେକ ଉପଯୁକ୍ତ କାରଣରୁ ସୃଷ୍ଟ ହୋଇଥିଲା । ସେହି କାରଣଗୁଡ଼ିକ ବର୍ତ୍ତମାନ ବୋଧହୁଏ ଅନ୍ତର୍ହିତ ହୋଇ ଯାଉଛି । ତେଣୁ ସେହି ପରମ୍ପରାକୁ ଅନୁସରଣ କରିବା ମୂର୍ଖତା । ଉଦାହରଣ ସ୍ୱରୂପ, କୌଣସି ସିଢ଼ି ତଳେ ଗଳିବାକୁ ଅଶୁଭ ବୋଲିବିଶ୍ୱାସ କରାଯାଏ । ଏହାର କାରଣ ଏହା ହୋଇପାରେ ଯେ, ଯେତେବେଳେ କୌଣସି ସିଢ଼ି ଆମ ଯିବା ରାସ୍ତାରେ ଡେରା ହୋଇଥାଏ ଓ କେହି ତା ଉପରେ ଠିଆ ହୋଇ କାନ୍ଥ ରଙ୍ଗ କରୁଥାଏ, ତେବେ ଆମେ ସିଢ଼ି ତଳଦେଇ ଯେତେବେଳେ ଯିବା ସେତେବେଳେ ଏହା ସ୍ୱାଭାବିକ କଥା ଯେ ଆମ ଉପରେ କିଛି ରଙ୍ଗ ପଡ଼ିଯାଏ । ପାଶ୍ଚାତ୍ୟ ଦେଶରେ ସେହିପରି ଘର ଭିତରେ ଛତା ଖୋଲିବା ଅଶୁଭ ବୋଲି ପାଶ୍ଚାତ୍ୟବାସୀ ବିଶ୍ୱାସ କରନ୍ତି । ଏହି ଅନ୍ଧ ବିଶ୍ୱାସ ଭିକ୍ଟୋରିଆ ଯୁଗରେ ଯେତେବେଳେ ଆରମ୍ଭ ହେଲା, ସେତେବେଳେ ଘର ମଧ୍ୟରେ ଅନେକ ଜିନିଷ ଭର୍ତ୍ତିହୋଇ ରହୁଥିଲା ଏବଂ ସେହି କୋଠରୀ ମଧ୍ୟରେ ଚଳପ୍ରଚଳ କରିବାକୁ ଉଚ୍ଚ ଯାଗା ମଧ୍ୟ ନ ଥିଲା । ତେଣୁ କେହି ଯଦି ସେତେବେଳେ କୋଠରୀ ମଧ୍ୟରେ ଛତା ଖୋଲୁ ଥାଆନ୍ତେ, ତେବେ କୋଠରୀ ମଧ୍ୟରେ ଥିବା ଜିନିଷରେ ବାଜି ତାହା ଦୁମଦାମ ହୋଇ ତଳେ ପଡ଼ି ଭାଙ୍ଗି ଯାଉଥାଆନ୍ତା । ଏହିପରି ଭାବରେ ଅଧିକାଂଶ ଅନ୍ଧ ବିଶ୍ୱାସ ପଛରେ କୌଣସି ନା କୌଣସି କାରଣ

ରହିଛି କିନ୍ତୁ ପରେ ସେହି କାରଣଗୁଡ଼ିକ ଅନ୍ତର୍ହିତ ହୋଇଯାଇଛି ।

ଏପରି ବହୁତ କଥା ଅଛି, ଯାହାକୁ କି ଅନ୍ଧ ବିଶ୍ୱାସ ବୋଲି କୁହାଯାଏ, କିନ୍ତୁ ତାହା ପ୍ରକୃତ କଥା ନୁହେଁ । ପୂର୍ବକାଳରେ ପୁରୁଣା ଲୋକଙ୍କ ଜଡ଼ିବୁଟି ବା ଟୁଣ୍ଡୁଟୁଣିକା ଚିକିତ୍ସା କଥା ବିଚାର କରାଯାଉ । ଆଜି ପାଶ୍ଚାତ୍ୟ ଦେଶର ଭେଷଜ ବିଜ୍ଞାନୀମାନେ ସେହି ଜଡ଼ିବୁଟିରୁ ଅତି ଶକ୍ତିଶାଳୀ ଏବଂ ପ୍ରଭାବକାରୀ ଔଷଧ ପ୍ରସ୍ତୁତ କରିଅଛନ୍ତି । ତେଣୁ ପ୍ରତ୍ୟେକ ପରିସ୍ଥିତିରେ କେଉଁଟା ଠିକ୍ ବା କେଉଁଟା ଭୁଲ ତାହା ଜାଣିବା କଷ୍ଟକର । ଆମ୍ଭମାନଙ୍କୁ ଦୈନନ୍ଦିନ ଜୀବନରେ ଏ ସମ୍ବନ୍ଧରେ ଗବେଷଣା କରିବାକୁ ପଡ଼ିବ ।

ଭାରତୀୟ ପରମ୍ପରା — ଅବଶ୍ୟ ଭାରତୀୟ ଐତିହ୍ୟ ଶାଶ୍ୱତ ସତ୍ୟ ଉପରେ ଆଧାରିତ ନ ହୋଇଥିଲେ ଆମ୍ଭେମାନେ ସୌଭାଗ୍ୟଶାଳୀ ହୋଇ ପାରି ନ ଥାଆନ୍ତେ । ଆମ ଏହି ଭାରତବର୍ଷର ଏକ ଜାଜ୍ଜ୍ୱଲ୍ୟମାନ ଅତୁଟ ପରମ୍ପରା ରହି ଆସିଛି ଓ ଆମ୍ଭମାନଙ୍କ ସମ୍ମୁଖରେ ଶାଶ୍ୱତ ସତ୍ୟାଲୋକ ଉଦ୍ଭାସିତ ହେଉଅଛି । ଏଥିପାଇଁ ସ୍ୱାମୀଜୀ ହିନ୍ଦୁ ଶବ୍ଦର ଅର୍ଥକୁ ଯଥାର୍ଥରେ ଭାରତୀୟ ଅର୍ଥରେ ପ୍ରତିପାଦିତ କରିଅଛନ୍ତି । ବର୍ତ୍ତମାନର ଭାରତ ଓ ତତ୍କାଳୀନ ଭାରତ ମଧ୍ୟରେ ଅବଶ୍ୟ ଅନେକ ପାର୍ଥକ୍ୟ ପରିଲକ୍ଷିତ ହେଉଅଛି । ସେ ସମୟରେ ଯେଉଁ ପ୍ରଥା ଥିଲା ସେଥିରେ ସମଗ୍ର ମାନବ ସମାଜ ଓତଃପ୍ରୋତ ଭାବରେ ଜଡ଼ିତ ଥିଲା ଏବଂ ଭାରତରେ ପ୍ରଚଳିତ ଥିବା ସବୁ ଧର୍ମର ପ୍ରଭାବ ୟୁରୋପକୁ ପ୍ରଭାବିତ କରିଥିଲା । ମୋର ମନେ ପଡ଼ୁଛି ମୁଁ ୧୯୩୫ ମସିହାରେ ଯେତେବେଳେ ୟୁରୋପ ଯାଇଥିଲି, ସେତେବେଳେ ସେଠାକାର ଲୋକେ ମୁସଲମାନମାନଙ୍କୁ ମଧ୍ୟ ହିନ୍ଦୁ ବୋଲି ମନେ କରୁଥିଲେ । ସେମାନଙ୍କର ହିନ୍ଦୁମାନଙ୍କୁ ପ୍ରଶ୍ନ ଥିଲା – ତୁମେ କେଉଁ ହିନ୍ଦୁ ? ଅର୍ଥାତ୍ ଇସଲାମ ଧର୍ମାବଲମ୍ବୀ, ବେଦାନ୍ତ ଅନୁସରଣକାରୀ ବା ଅନ୍ୟ କେଉଁ ଧର୍ମର ? କାରଣ ସେମାନେ ବୁଝୁଥିଲେ ଯେ, ହିନ୍ଦୁର ଅର୍ଥ ଭାରତୀୟ ।

ସାଧାରଣତଃ ମାନବତା କହିଲେ ସେଥିରୁ ବିଭିନ୍ନ ଅର୍ଥ ପ୍ରକାଶ ପାଏ । ସ୍ୱାମୀ ବିବେକାନନ୍ଦ କହିଥିଲେ – ଶିକ୍ଷାର ଆଭିମୁଖ୍ୟ ହେଉଛି 'ମାନବ ଗଠନ' । ଉଦାହରଣ ସ୍ୱରୂପ, ମନୁଷ୍ୟ ବୋଲି ଆମେ ବର୍ତ୍ତମାନ ଯାହା ବୁଝୁଛୁ ଚିହ୍ନିଥିଲ ଯେତେବେଳେ କି ତାହାକୁ ଆମ୍ଭେମାନେ ସ୍ତ୍ରୀ ଓ ପୁରୁଷ ଉଭୟ ଅର୍ଥରେ ବୁଝୁଥିଲୁ । କିନ୍ତୁ ଆଜି ଆମେ ମାନବ ସମାଜ ଅର୍ଥରେ ଇଂରାଜୀ ଭାଷାରେ ଏହି ଧରି ନେଇଛୁ । ଅବଶ୍ୟ ପରେ ଆଜି ତାହା କେବଳ ଶବ୍ଦ ସଂକୀର୍ଣ୍ଣରୁ ସଂକୀର୍ଣ୍ଣତର ହୋଇ ମାନବ ଜାତିକୁ ବୁଝାଉଛି । ମହିଳାଗଣ ଏହାର ଅନ୍ତର୍ଭୁକ୍ତ କି ନୁହେଁ ତାହା ଜଣା ପଡୁନାହିଁ । ସେହି କାରଣରୁ ଆଜି ସମଗ୍ର ପାଶ୍ଚାତ୍ୟ ଦେଶରେ ଆନ୍ଦୋଳନ ଚାଲିଛି ଓ ଦାବୀ ଉପସ୍ଥାପିତ କରାଯାଇଛି ଯେ ଏହାକୁ ମାନବ ସମାଜ ବୋଲି ନ କହି ଏପରି ଏକ ଶବ୍ଦ ଆବିଷ୍କାର କରାଯାଉ, ଯେଉଁଥିରୁ କି ମହିଳା ଶବ୍ଦ ବାଦ୍ ଯାଇ ନ ଥିବ । ଅବଶ୍ୟ ସ୍ୱାମୀଜୀ ମହିଳାମାନଙ୍କୁ ଏଥିରେ ସଂଶ୍ଲିଷ୍ଟ କରି ନାହାନ୍ତି

ଓ ଭାଷାର ଅର୍ଥକୁ କିପରି ସଙ୍କୁଚିତ କରିବାକୁ ଚେଷ୍ଟା କରୁଛନ୍ତି ମୁଁ ଏ ସଭାରେ ଆପଣମାନଙ୍କୁ ତାହାର ଉଦାହରଣ ଦେବାକୁ ଯାଇ ଏହା କହିଲି ।

ଆଜକୁ ଅନେକ ବର୍ଷ ତଳେ ମୋର ମନେ ହୁଏ ଏହା ୧୯୨୦ ମସିହାର ପରବର୍ତ୍ତୀ ଘଟଣା ହେବ, ଯେତେବେଳେ କି ମୁଁ ଛୋଟ ପିଲା ଥିଲି ଡ଼ଃ ସୟଦ ମହମ୍ମଦ ଯେ କି ଭାରତର ଜଣେ ଅନ୍ୟତମ ଜାତୀୟ ନେତା ଥିଲେ, ସେ ସେତେବେଳେ ଜର୍ମାନର ଏକ ବିଶ୍ୱବିଖ୍ୟାତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥାଆନ୍ତି । ଜଣେ ଜର୍ମାନ ପ୍ରାଧ୍ୟାପକ ତାଙ୍କୁ ଥରେ ସେହି ବିଶ୍ୱବିଦ୍ୟାଳୟ ଛାତ୍ର ମଧ୍ୟରେ ଗୀତା ଉପରେ କେତେକ ପ୍ରଶ୍ନ ପଚାରିଥିଲେ । ଡ଼ଃ ମହମ୍ମଦ ଏଥିରେ ନିର୍ବାକ ହୋଇଯାଇ କହିଥିଲେ,–"ମୁଁ ଜଣେ ମୁସଲମାନ, ତେଣୁ ଗୀତା ପଢ଼ିନାହିଁ ।" ପ୍ରାଧ୍ୟାପକ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ । ସେ କହିଥିଲେ – "ମୁଁ ଜଣେ ଖ୍ରୀଷ୍ଟିୟାନ, ତୁମେ ଜଣେ ମହମଡ଼ୀୟାନ ହୋଇପାର, ଜୀଉ ହୋଇପାର ଅବା ଯାହାକିଛି ହୋଇପାର, ସେଥିରେ ଯାଏ ଆସେ କେତେ ? କିନ୍ତୁ ତୁମ ଦେଶର ଗୀତାଗ୍ରନ୍ଥ ହେଉଛି ଅମୂଲ୍ୟ ରତ୍ନର ଭଣ୍ଡାର । ତୁମେ ତାହା ପାଠ କରି ନାହଁ ? ତେବେ ତୁମେ କିପରି ନିଜକୁ ଜଣେ ଭାରତୀୟ ବୋଲି କହି ପାରୁଛ ? ଗୀତା ଜାଣିବା ତୁମ ପକ୍ଷେ ନିତାନ୍ତ ଆବଶ୍ୟକ । ସେହି ଅମୂଲ୍ୟ ତତ୍ତ୍ୱ ଗୁଡ଼ିକ ଜାତିର ଐତିହ୍ୟ ଓ ପରମ୍ପରା । ତାହା କୌଣସି ଏକ ଧର୍ମର ନୁହେଁ । ଏହି କଥା ପଦକ ଡ଼ଃ ମହମଦ୍‌ଙ୍କ ପାଇଁ ସେତେବେଳେ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲା ଏହା ପୂର୍ବରୁ କେହିହେଲେ ତାଙ୍କୁ ଏ ଭଳି ଦିଗ୍‌ଦର୍ଶନ ଦେଇ ନ ଥିଲେ କିମ୍ବା କେହି ହେଲେ ତାଙ୍କୁ ଏହା କରିବା ପାଇଁ ପ୍ରବର୍ତ୍ତାଇ ନ ଥିଲେ । ଏହି ଘଟଣା ପରେ ଯେପରି ଆଜି ପୃଥିବୀର ସର୍ବତ୍ର ସବୁ ଧର୍ମର ଲୋକେ ଗୀତା ଅଧ୍ୟୟନ କରୁ ଅଛନ୍ତି, ସେ ସେହିପରି ଗୀତା ଅଧ୍ୟୟନ କରିଥିଲେ ।

ଏହା ଅବଶ୍ୟ ସେତେ ଭଲ ଉଦାହରଣ ନ ହୋଇ ପାରେ, ଆପଣମାନେ ବୋଧହୁଏ ଶୁଣିଥିବେ ଯେତେବେଳେ ଆମେରିକାରେ ପ୍ରଥମେ ପରମାଣୁ ବିଭାଜନ (ବିସ୍ଫୋରିତ ହେବା ସମ୍ଭବ ହେଲା) ବିଖ୍ୟାତ ବୈଜ୍ଞାନିକ 'ରବର୍ଟ ଓପନ ହାଇମର' ଯାହାଙ୍କର କି ପରମାଣୁ ବିଭାଜନ ପାଇଁ ଅନେକ ଅବଦାନ ଥିଲା, ସେତେବେଳେ ପରମାଣୁର ଅତି ଉଜ୍ଜ୍ୱଳ ଆଲୋକ ଦେଖିଲେ । ତାହା ବର୍ଣ୍ଣନା କରିବା ପାଇଁ ତାଙ୍କର ଭାଷା ନଥିଲା । ସେ ଗୀତାର ଶ୍ଳୋକରୁ ହିଁ ତାହା ପାଇ ପାରିଥିଲେ ଓ ସେତେବେଳେ ସେ ଏହି ଆଲୋକକୁ ଗୀତାର ଶ୍ଳୋକ ଅନୁସାରେ ସହସ୍ରସୂର୍ଯ୍ୟ ସମପ୍ରଭ ସଂଜ୍ଞା ଦେଇଥିଲେ । ଏହି କାରଣରୁ ଏହା ଏକ ଜାତୀୟ ଐତିହ୍ୟ ଓ ସମ୍ପଦ । ଏହାର ଅର୍ଥ ନୁହେଁ ଯେ ଅନ୍ୟର ଚିନ୍ତାଧାରା ଓ ଅନ୍ୟର ଧର୍ମ ପ୍ରତି ଆମେ ଅବମାନନା କରୁଛୁ କିମ୍ବା ଆମ୍ଭେମାନେ ସେମାନଙ୍କୁ ନିମ୍ନ ବୋଲି ବିଚାର କରି ଅବଜ୍ଞା କରୁଛୁ । ସେ ସମସ୍ତଙ୍କୁ ଆମର ଐତିହ୍ୟ ଓ ପରମ୍ପରା ବୋଲି ଆମେ ବିଚାର କରୁ ଏବଂ ସ୍ୱାମୀଜୀଙ୍କ କହିବା ଅନୁସାରେ ଏକତାରେ ହିଁ ଆମର ଶକ୍ତି ନିହିତ ରହିଛି । ଯଦି ଆମ୍ଭେମାନେ ନିଜ ନିଜ ଭିତରେ କଳହ କରୁ, ତେବେ ଆମେ ବିପକ୍ଷ ଲୋକଙ୍କୁ ଯେ ଦୁର୍ବଳ କରୁଁ

ଯେତେବେଳେ ଆମେ ପରସ୍ପର ସହିତ ପଦ ମିଳାଇ ଆଗେଇ ଯିବା, ସେତେବେଳେ ପ୍ରକୃତ ଶୃଙ୍ଖଳିତ ହେବ, ଯାହାକି ଆମମାନଙ୍କ ପକ୍ଷେ ଏକାନ୍ତ ଆବଶ୍ୟକ ।

ଆତ୍ମସଂସ୍କୃତି—ମୁଁ ନଦୀ ବିଷୟରେ ଅନେକଥର କହିଛି, ନଦୀ କାହାକୁ କହନ୍ତି ? ଜଳ ଯେତେବେଳେ ଦୁଇକୂଳ ମଧ୍ୟରେ ପ୍ରବାହିତ ହୁଏ, ସେତେବେଳେ ଏହା ନଦୀରେ ପରିଣତ ହୁଏ ଏବଂ ଏହାର ଜଳ ଉପକାରରେ ଲଗେ । ଅନ୍ୟଥା ଏହି ଜଳ ଚତୁର୍ଦ୍ଦିଗରେ ପ୍ଲାବିତ ହୋଇଯାଏ ଓ କୌଣସି ଉପକାରରେ ଲଗେ ନାହିଁ । କିନ୍ତୁ ଯେତେବେଳେ ଦୁଇକୂଳ ମଧ୍ୟରେ ନଦୀଟି କୌଣସି ଦିଗରେ ପ୍ରବାହିତ ହୁଏ, ସେତେବେଳେ ଏହାର ଉପଯୋଗିତା ଓ ସୌନ୍ଦର୍ଯ୍ୟ ବୃଦ୍ଧିପାଏ । ନଦୀର ଏହି ଦୁଇକୂଳ ଆପେ ଆପେ ଶୃଙ୍ଖଳିତ ହୋଇଥାଏ । ଶୃଙ୍ଖଳା ବହିର୍ଦ୍ଦେଶରୁ ଆରୋପ କରାଯାଇ ପାରେ । କିନ୍ତୁ ଏହା ପ୍ରକୃତ ଶୃଙ୍ଖଳା ନୁହେଁ । ପ୍ରକୃତ ଶୃଙ୍ଖଳା ହେଉଛି, ଯାହା ଆପଣମାନଙ୍କର ମନ ଓ ଶରୀରକୁ ଅନ୍ତର୍ଦ୍ଦେଶରୁ ଶୃଙ୍ଖଳିତ କରିଥାଏ, ସର୍ବୋତ୍ତମ ଲକ୍ଷ୍ୟପ୍ରାପ୍ତି ଦିଗରେ ପରିଚାଳିତ କରାଇଥାଏ ଏବଂ ଏହି ପୂର୍ଣ୍ଣତା ପ୍ରାପ୍ତିର ପିପାସାକୁ ପ୍ରଶମିତ କରାଇ ନଥାଏ । ମୋ ମତରେ ସ୍ୱାମୀ ବିବେକାନନ୍ଦଙ୍କର ସର୍ବୋତ୍ତମ ଉପଦେଶ ହେଉଛି—'କେତେବେଳେ ହେଲେ କୌଣସି କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ବସିନଯାଇ ଅନନ୍ତ ପୂର୍ଣ୍ଣତା ଦିଗକୁ ଅଗ୍ରସର ହେବା' ।

ଅସନ୍ତୋଷ ଦୁଇ ପ୍ରକାର । ଗୋଟିଏ ହେଉଛି ଆପତ୍ତି ଏବଂ ଅଭିଯୋଗ, ଯଦ୍ୱାରା ଆପଣଙ୍କର ସ୍ୱଭାବ କଳହପ୍ରିୟ ହୋଇଯାଏ । ଏହା ଫଳରେ ଆପଣ ଦୁର୍ବଳ ହୋଇ ଯାଆନ୍ତି ଏବଂ କୌଣସି ମହତ୍‌କର୍ମ କରି ପାରନ୍ତି ନାହିଁ । ଆପଣ ହୁଏତ କହିପାରନ୍ତି, ଏଥିରେ କିଛି ତ୍ରୁଟି ରହିଛି । ମୁଁ ଏହାକୁ କିପରି ଠିକ କରିବି ? ଏଥିରେ ଆପତ୍ତି ରହିଛି । ଆପଣ ଏହାକୁ ସ୍ୱୀକାର କରୁଛନ୍ତି କିନ୍ତୁ କିଛି ଗଠନମୂଳକ କାର୍ଯ୍ୟ କରିବାକୁ ଚାହୁଁଛନ୍ତି, ଧ୍ୱଂସାତ୍ମକ ନୁହେଁ । ଏହାହିଁ ହେଉଛି ସମାଧାନର ସବୁଠାରୁ ସରଳ ରାସ୍ତା । ଅନ୍ୟମାନଙ୍କୁ ସମାଧାନରେ ସାହାଯ୍ୟ କରିବା ପାଇଁ ଫଳପ୍ରଦ ଉପାୟ । ଯଦି ଆପଣ ନିଜେ ଏହାର ସମାଧାନ କରିପାରିବେ, ତାହାହେଲେ ଅତି ଉତ୍ତମ କଥା । ଆପଣ ଏହା ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଜଣେ ଯଦି ମନ ସ୍ଥିର କରି ଦୃଢ଼ ନିଶ୍ଚିତ ହୋଇ କିଛି କରିବାକୁ ଚାହେଁ, ତେବେ ସେ ଅତି ବିରାଟ କାମ କରି ପାରିବ । ସ୍ୱାମୀ ବିବେକାନନ୍ଦ ଆମ ଦର୍ଶନକୁ ଅତି ଉତ୍କୃଷ୍ଟ ଭାବରେ ବ୍ୟାଖ୍ୟା କରିଛନ୍ତି ଏବଂ ସ୍ୱାମୀ ରଙ୍ଗନାଥାନନ୍ଦ ଓ ରାମକୃଷ୍ଣ ମିଶନର ଅନେକ ସନ୍ନ୍ୟାସୀ ଏହିପରି କରିଛନ୍ତି । ସେମାନେ କହୁଛନ୍ତି ଯେ ଆତ୍ମାର ଅସୀମ ଶକ୍ତିକୁ ଜାଣି ଶକ୍ତିଶାଳୀ ହୁଅ । ମଣିଷର ସୁପ୍ତ ଚେତନାକୁ ଜାଗ୍ରତ କରିବାକୁ ପ୍ରୟାସ କରି ସମାଜର କଲ୍ୟାଣ ସାଧନ କର ।

କିନ୍ତୁ ଏହା ସମ୍ଭବ ହେବ କିପରି, ଯଦି ଆମେ ପ୍ରତ୍ୟେକ ଏହାକୁ କାର୍ଯ୍ୟକାରୀ ନ କରିବା ? ଆମ ପ୍ରତ୍ୟେକଙ୍କର ଅନ୍ୟକୁ ଭଲ କାମ କରିବା ପାଇଁ କହିବାର ପ୍ରବୃତ୍ତି ବିଦ୍ୟମାନ ; କିନ୍ତୁ ଆମେ ଯଦି ନଜେ କିଛି ନକରି ଅନ୍ୟକୁ କେବଳ କହିବା, ତେବେ କିଏ ଅବା କାହିଁକି ଶୁଣିବ ? ମୁଁ ବିଦେଶରେ ଭାରତ ସମ୍ବନ୍ଧରେ ସେଠାକାର ଲୋକମାନଙ୍କୁ ବହୁତ କହିଛି, କିନ୍ତୁ ମୁଁ ସର୍ବଦା ସଚେତନ ଯେ ଆମେ ଭାରତୀୟମାନେ ଯଦି ଏହା ପ୍ରମାଣିତ ନ କରି ପାରିବା, ତେବେ ଆମେ କିପରି ସେମାନଙ୍କଠାରୁ ଏହା ଆଶା କରିବା ଯେ ଆମର ଦର୍ଶନ ଅତି ଉନ୍ନତ ? ଆମେ ସେମାନଙ୍କ ମନରେ କିପରି ଆମର ଶ୍ରେଷ୍ଠ ଚିନ୍ତାଧାରାରେ ପ୍ରତ୍ୟୟ ଜନ୍ମାଇ ପାରିବା । ସେମାନେ କହିବେ—"ତୁମେ ଯଦି ଏପରି ଅତି ଉନ୍ନତ ଚିନ୍ତାଧାରାରେ ବିଶ୍ୱାସ କରୁଛ, ତାହାହେଲେ ଆଚରଣରେ ତାହାକୁ କାହିଁକି ମୂର୍ତ୍ତିମନ୍ତ କରୁନାହଁ ?" ଆମେ ଯଦି ତଦନୁସାରେ ପରିଚାଳିତ ହେଉ, ତେବେ ଯାଇ କହିପାରିବା ଯେ ଆମେ ଅନ୍ୟମାନଙ୍କୁ କିଛି ଦେଇ ପାରିବା ।

ମୁଁ ବିଶ୍ୱାସ କରେ ଯେ ଆମର ପୃଥିବୀକୁ ବହୁତ କିଛି ଦେବାର ଅଛି । ତତ୍ ସଙ୍ଗେ ସଙ୍ଗେ ମୁଁ ଏହା ମଧ୍ୟ ବିଶ୍ୱାସ କରେ ଯେ ଆମେ ପୃଥିବୀରୁ ବହୁତ କିଛି ଶିଖିବାର ମଧ୍ୟ ଅଛି । ବୟସ ବା ପଦବୀ ଦୃଷ୍ଟିରୁ କେହି ଛୋଟ ନୁହନ୍ତି । ମୁଁ ଭାବେ ପ୍ରତ୍ୟେକଙ୍କ ଠାରୁ କିଛି ନା କିଛି ଶିଖିବାର ଅଛି । ଏପରି କେହି ନାହାନ୍ତି, ସେ ଯେତେ ବିଜ୍ଞ ହୁଅନ୍ତୁ ନା କାହିଁକି, ଯାହାଙ୍କର ଶିକ୍ଷା କରିବାର କିଛି ନାହିଁ । ଆମର ମନୀଷୀ ଓ ବିଦୁଷୀମାନଙ୍କର ଏହି ମହାନତା ରହି ଆସିଛି ଯେ ସେମାନେ ତାଙ୍କର ଜୀବନକାଳ ମଧ୍ୟରେ ଯେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେ ଯେ କୌଣସି ବୟସ ବା ପଦବୀର ହୁଅନ୍ତୁ ନା କାହିଁକି, ସେମାନଙ୍କଠାରୁ ତାଙ୍କର ନିଜ ଅନୁଭୂତି ଏବଂ ପ୍ରଜ୍ଞାରୁ ସର୍ବଦା ଶିକ୍ଷାଲାଭ କରି ଆସିଛନ୍ତି । ଶିକ୍ଷା ଏପରି ଏକ ବସ୍ତୁ, ଯାହା ପରୀକ୍ଷାରେ ପାଶକଲେ ଶେଷ ହୋଇ ଯାଏ ନାହିଁ । ପରୀକ୍ଷାରେ ପାଶ କରିବା ଭଲ ଏବଂ ମୁଁ ଆପଣମାନଙ୍କର ପରୀକ୍ଷାରେ ସଫଳତା କାମନା କରୁଛି । କିନ୍ତୁ ସମଗ୍ର ଜୀବନଟା ଏକ ପରୀକ୍ଷା । ଏପରି ଦିନ ପ୍ରାୟ ନାହିଁ, ଯେଉଁଦିନ ଆପଣମାନଙ୍କୁ କୌଣସି ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିନାହିଁ । ଆପଣମାନେ ଏଥିରେ ସଫଳକାମ ହୁଅନ୍ତୁ ବା ନ ହୁଅନ୍ତୁ, ସେଥିରେ ଅନ୍ୟ ମାନଙ୍କର କିଛି ଯାଏ ଆସେ ନାହିଁ । ଆପଣ ସଫଳତା ହାସଲ କରନ୍ତୁ ବା ଆପଣଙ୍କ ଶକ୍ତି ଅନୁସାରେ ଯାହା କରଣୀୟ ତାହା କରିଛନ୍ତି ବୋଲି ନିଜ ନିଜ ହୃଦୟର ଅନ୍ତଃକରଣରେ ଉପଲବ୍ଧି କରିପାରିବାହିଁ ଗୁରୁତ୍ୱପୂର୍ଣ୍ଣ । ଏହି ପ୍ରଶ୍ନ ଆପଣମାନେ ପ୍ରତ୍ୟେକେ ନିଜକୁନିଜେ ପଚାରିବା ଉଚିତ । ଆପଣମାନେ ପ୍ରତ୍ୟେକେ ଯଦି ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରିବେ, ଅନ୍ୟକୁ ଦେଖାଇ ହେବାପାଇଁ ନୁହେଁ, କିନ୍ତୁ ନିଜର ତୃପ୍ତିପାଇଁ, ତାହାହେଲେ ଆପଣମାନେ ବିକାଶ ଲାଭ କରିପାରିବେ ।

ମୋର ପିତାମହ, ଯେତେବେଳେ ମୁଁ ଛୋଟ ଝିଅଟିଏ ଥିଲି, ସେ ମୋତେ ଯାହା ଶିକ୍ଷା ଦେଇଥିଲେ, ତାହା ସମୟ ସମୟରେ ମୁଁ ଉଲ୍ଲେଖ କରିଥାଏ । ସେ କହୁଥିଲେ ଏ ଦୁନିଆରେ ଦୁଇ ପ୍ରକାର ଲୋକ ଦେଖା ଯାଆନ୍ତି । ଦଳେ ଲୋକ କାମ କରନ୍ତି ଏବଂ ଅନ୍ୟମାନେ ସେଥିପାଇଁ ବାହାଦୁରୀ ନିଅନ୍ତି । ଆପଣମାନେ ପ୍ରଥମ ଶ୍ରେଣୀର ଲୋକ ହେବା ପାଇଁ ଚେଷ୍ଟା କରନ୍ତୁ । କାରଣ ଏପରି ଲୋକଙ୍କ ସଂଖ୍ୟା ବହୁତ କମ । ମୁଁ ବିଶ୍ୱାସ କରୁଛି ଯେ ଆପଣମାନେ ପ୍ରଥମ ଶ୍ରେଣୀର ଅନ୍ତର୍ଭୁକ୍ତ ହେବାକୁ ଚେଷ୍ଟା କରିବେ । ଏବଂ ଲୋକମାନେ ଆପଣଙ୍କୁ ପ୍ରଶଂସା ବା ନିନ୍ଦା କଲେ ସେଥିପାଇଁ ପରୱା କରିବେ ନାହିଁ । ଆପଣମାନେ ଯଦି ନଶ୍ଚିତ ଯେ, ଯାହା କରୁଛନ୍ତି ଠିକ୍ କରୁଛନ୍ତି ଓ ଠିକ ଦିଗରେ ଯାଉଛନ୍ତି, ତାହାହେଲେ ପଥରେ ଯେତେ ଅସୁବିଧା ଆସୁନା କାହିଁକି ତାହା ଦୂର ହୋଇ ଯିବ । କେବଳ ନିଜ ବେଳକୁ ନୁହେଁ ଅନ୍ୟମାନଙ୍କ ବେଳକୁ ମଧ୍ୟ ।

ଏହା ହେଉଛି ସେହି ଆଲୋକ, ମୁଁ ପୂର୍ବରୁ କହିଛି ଯେ ଆମ ଦେଶର ମୁନିଋଷିମାନଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ତାହା ଆମେ ପାଇଅଛୁ । ଏହାହିଁ ଆମ୍ଭମାନଙ୍କର ସୌଭାଗ୍ୟ । ଏହି ପରଂପରାକୁ ଏହି ସଂସ୍ଥା ଅର୍ଥାତ ଶ୍ରୀରାମକୃଷ୍ଣ ମିଶନ ଜୀବନ୍ତ ରଖିଛନ୍ତି । ଏହି ସଂସ୍ଥା ଆମ ଦେଶରେ ସେବାର ପ୍ରତୀକ ଏହା ହେଉଛି ପ୍ରଥମ ସଂସ୍ଥା, ଯାହା ସନ୍ନ୍ୟାସିନୀମାନଙ୍କ ପାଇଁ ନିଜର ଦ୍ୱାର ଉନ୍ମୁକ୍ତ ରଖିଛି । ଅନ୍ୟଥା, ଯାହା ଆପଣମାନେ ଜାଣନ୍ତି ଆମଦେଶରେ ବହୁତ ଭଲକଥା ଥିବାସତ୍ତ୍ୱେ ମନୁଙ୍କଠାରୁ ଆରମ୍ଭକରି ଅନେକ ଲୋକ ଭାବୁଥିଲେ ନାରୀମାନଙ୍କର ସମାଜରେ କୌଣସି ସ୍ୱାତନ୍ତ୍ର୍ୟ ନାହିଁ । କିନ୍ତୁ ସ୍ୱାମୀ ବିବେକାନନ୍ଦ, ମହାତ୍ମା-ଗାନ୍ଧୀ ଓ ଅନ୍ୟ ମହାପୁରୁଷମାନଙ୍କପରି ନାରୀମାନଙ୍କର ମହତ୍ତ୍ୱକୁ ଉପଲବ୍ଧ କରିଥିଲେ । ଯେତେବେଳ ପର୍ଯ୍ୟନ୍ତ ଦେଶର ମହିଳାମାନଙ୍କୁ, ଯେଉଁମାନେକି ହେଉଛନ୍ତି ସମଗ୍ର ଜନସଂଖ୍ୟାର ଅର୍ଦ୍ଧେକ, କିଛି କରିବା ପାଇଁ ଉତ୍ସାହିତ ନକରା ଯାଉଛି ଏବଂ ସଫଳତାର ଶୀର୍ଷସ୍ଥାନରେ ସେମାନେ ନ ପହଞ୍ଚିଛନ୍ତି, ସେପର୍ଯ୍ୟନ୍ତ କେବଳ ପୁରୁଷ କିମ୍ବା ବାଳକମାନେ ଏହି ଲକ୍ଷ୍ୟସ୍ଥାନରେ ପହଞ୍ଚି ପାରିବେ ନାହିଁ । ଆମେ ରାଷ୍ଟ୍ରୀୟ ପ୍ରଯତ୍ନ କରିବା ଉଚିତ, ଯେଉଁଥିରେ ପୁରୁଷ, ସ୍ତ୍ରୀ ବୟସ ନିର୍ବିଶେଷରେ ସମସ୍ତେ ଯୋଗଦାନ କରିବେ ।

ତେଣୁ ମୁଁ ଆଶା କରୁଛି, ଏହି ସମ୍ମିଳନୀରୁ ଯିବାପରେ ଆପଣମାନେ ଏପରି କର୍ମ କରିବେ, ଯାହା ଆପଣମାନଙ୍କୁ ଆଦର୍ଶ ନାଗରିକରେ ପରିଣତ କରିବାରେ ସାହାଯ୍ୟ କରିବ ଏବଂ ଫଳରେ ଏକ ଉନ୍ନତ ଭାରତ ବର୍ଷ ଏବଂ ଶେଷ ବିଶ୍ୱ ଗଢି ଉଠିବ ଯେଉଁଥିରେକି ଭାରତ ବର୍ଷର ସ୍ଥିତି ମହାନ ହେବ । ଯଦି ବିଶ୍ୱ ଧ୍ୱଂସ ହୋଇଯାଏ, ତେବେ ଆମେ ଯେତେ ଭଲ ହେଉନା କାହିଁକି ଆମର ଅସ୍ତିତ୍ୱ କେଉଁଠି ରହିବ ? ତେଣୁ ଆମେ ନିଜକୁ, ଆମର ଲୋକମାନଙ୍କୁ, ଆମର ଦେଶକୁ ଏକ ଉନ୍ନତ ମାନବ ସମାଜର ଦୃଷ୍ଟିକୋଣରୁ ଦେଖିବା ଉଚିତ ।

ସ୍ୱାମୀ ରଙ୍ଗନାଥାନନ୍ଦ ମୋତେ ଆପଣମାନଙ୍କ ସହିତ ମିଳିତ ହେବାପାଇଁ ସୁଯୋଗ ଦେଇଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି ଏବଂ ଆପଣମାନଙ୍କର ଭବିଷ୍ୟତ ଜୀବନରେ ସମ୍ମୁଖୀନ ହେବାକୁ ଥିବା ସମସ୍ୟା ଗୁଡ଼ିକୁ ବୀରତ୍ୱର ସହିତ ମୁକାବିଲା କରିବା ପାଇଁ ମୁଁ ମୋର ଶୁଭେଚ୍ଛା ଜଣାଉଛି ।

ଅନୁବାଦ—ଶ୍ରୀ ଉପେନ୍ଦ୍ରନାଥ ହୋତା


**Qr. No. IV—3/4 Unit I**

(ଶ୍ରୀ ରାମକୃଷ୍ଣ ମିଶନ ଯୁବ ସମ୍ମିଳନୀ ଦିଲ୍ଲୀରେ ତା୧୧-୯-୮୨ରେ ହିନ୍ଦୀରେ ଦେଇଥିବା ଭାଷଣର ଓଡ଼ିଆ ଅନୁବାଦ)




ଗତ ଲୋକସଭା ନିର୍ବାଚନ ପାଇଁ ଓଡ଼ିଶା ସରକାରୀ ମୁଦ୍ରଣାଳୟରେ ମତଦାନ ପତ୍ର ପ୍ରସ୍ତୁତିକରଣ କାର୍ଯ୍ୟରେ ନିୟୋଜିତ ଅକ୍ଷର ସଂଯୋଜକ ଓ ତତ୍ତ୍ୱାବଧାରକ ବୃନ୍ଦ ।

ଆପଣଙ୍କର ଦୁଇଟି ସନ୍ତାନ ମଧ୍ୟରେ
ତିନି ବର୍ଷର ବ୍ୟବଧାନ ରଖନ୍ତୁ



ନିରୋଧ    କପର ଟି    ଓରାଲ ପିଲ





ଯେ କୌଣସି ଗୋଟିଏ ପଦ୍ଧତି ବାଛି ନିଅନ୍ତୁ

davp 84/225

# ଓଡ଼ିଶାରେ ଶେଷ ଦୁଇଦିନ

## Last two days in ORISSA






ପଥେ ପଥେ ଅଭିନନ୍ଦନ



Greetings galore







ମାଲକାନଗିରିରେ
at Malkan giri






ORDNANCE FAC
FOUNDATION
SHRIMATI I
PRIME MINIS




at
STATE MUSEUM
ରାଜ୍ୟ
ଗ୍ରହାଳୟରେ
ଶ୍ରୀମତୀ ଗାନ୍ଧୀ









ରାଜ୍ୟ ସଂଗ୍ରହାଳୟ
ଜୁବିଲି ବ୍ଲକ
ଉଦ୍‌ଘାଟନ

# ସୂତାକଳ ଉଦ୍‌ଘାଟନ




ମୋର ପ୍ରତି ରକ୍ତ ବିନ୍ଦୁ ......
EVERY DROP
ଶେଷ
ସାଧାରଣ ସଭା
LAST PUBLIC
MEETING
ଆଲବମ୍ ଉପହାର
ORISSA VISIT ALBUM
PRESENTED



# ଇନ୍ଦିରା ଗାନ୍ଧୀ ଏକ ଶ୍ରଦ୍ଧାଞ୍ଜଳି

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

ମାତ୍ର ଦୁଇଦିନତଳେ ଇନ୍ଦିରା ଗାନ୍ଧୀ ଓଡ଼ିଶାରେ ଥିଲେ–ବର୍ତ୍ତମାନ ସେ ଆଉ ନାହାନ୍ତି, ଏହା ବିଶ୍ୱାସକରି ହେଉନାହିଁ । ଭୁବନେଶ୍ୱରରେ ହଜାର ହଜାର ଛୋଟ ଛୋଟ ପିଲା, ମହିଳା, ସାଧାରଣ ଜନତା ତାଙ୍କର ଅତି ନିକଟ ହେବାକୁ ଚେଷ୍ଟା କରିଛନ୍ତି; ଭୁବନେଶ୍ୱର ସାଧାରଣସଭା, ଯାହାକି ତାଙ୍କ ଜୀବନର ଶେଷ ସଭା ଏକ ନାହିଁ ନଥିବା ସଭାଥିଲା । ସମସ୍ତ ପରେଡ଼ ମଇଦାନ ଭର୍ତ୍ତି ଗୁରିକଡ଼ ରାସ୍ତାରେ ହଜାର ହଜାର ଲୋକ ଠିଆହୋଇ ତାଙ୍କୁ ଦେଖିବା ପାଇଁ, ତାଙ୍କ କଥା ଶୁଣିବାପାଇଁ ଅପେକ୍ଷା କରିଥିଲେ । ଖାଲି ଭୁବନେଶ୍ୱର ନୁହେଁ; ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ଯେଉଁ ସବୁ ସଭାରେ ସେ ଯୋଗ ଦେଉଥିଲେ ତାହା ସେହିପରି ଉପରୁ ଉପରୁ ମନଭରୁଥିବା ସଭା ଥିଲା । ବରଂ ସେ ସବୁ ଥିଲା ଆହୁରି ଉଲ୍ଲେଖଯୋଗ୍ୟ । ସଭାରେ ଯେତେ ସଂଖ୍ୟକ ମହିଳା ଉପସ୍ଥିତ ରହୁଥିଲେ, ତାହା ନ ଦେଖିଲେ ବିଶ୍ୱାସ କରିହେବନାହିଁ । ଉମରକୋଟ, ମାଲକାନଗିରି, ବାଲିଗୁଡ଼ା ସଭାମାନଙ୍କରେ ସ୍ତ୍ରୀମାନଙ୍କ ସଂଖ୍ୟାଥିଲା ପୁରୁଷଙ୍କଠାରୁ ବେଶୀ । ହରିବୋଲ, ହୁଳହୁଳି, ଇନ୍ଦିରାଗାନ୍ଧୀଙ୍କ ଜୟଧ୍ୱନି ସେହି ସବୁ ଜନ-ସମୁଦ୍ରର ଉତାଳ ଲହରୀପରି ଭାସି ଆସୁଥିଲା । ଚନ୍ଦ୍ରମା ସାଗରକୁ ଆକର୍ଷଣ କରିବା ସମସ୍ତେ ଜାଣନ୍ତି । ଇନ୍ଦିରାଗାନ୍ଧୀ ଜନଗଣଙ୍କ ହୃଦୟର ଚନ୍ଦ୍ରମା ଥିଲେ । ତାଙ୍କ ପୂର୍ବରୁ କେବଳ ଦୁଇଜଣ ବ୍ୟକ୍ତି ଏହି ସ୍ଥାନ ଅଧିକାର କରିଥିଲେ । ମହାତ୍ମା ଗାନ୍ଧୀ ଓ ପଣ୍ଡିତ ଜବାହାରଲାଲ ନେହେରୁ ।

## ସ୍ମରଣୀୟ ଓଡ଼ିଶା ଗସ୍ତ

ଓଡ଼ିଶାରେ ତାଙ୍କର ଏହି ଦୁଇଦିନ ଗସ୍ତ ସ୍ମରଣୀୟ । ଅତି ନିବିଡ଼ ଭାବରେ ସେ ଓଡ଼ିଶାକୁ ଭଲ ପାଉଥିଲେ । ଓଡ଼ିଶାର କଳା, ସଂସ୍କୃତି ଓ ଗୌରବମୟ ଇତିହାସର ପ୍ରଶଂସାରେ ସେ ମୁଖର ହୋଇଉଠୁଥିଲେ । ମିଉଜିୟମ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ୨୫ ମିନିଟରଥିଲା । ମାତ୍ର ସେ ଘଣ୍ଟାଏ ଅଟକି ଗଲେ । ମିଉଜିୟମର ନୂଆ ହଲରେ ସଂରକ୍ଷିତ ସୁନ୍ଦର ସୁନ୍ଦର ମୂର୍ତ୍ତି–ଅଶୋକଙ୍କ କାଳରୁ ଆରମ୍ଭକରି ମଧ୍ୟଯୁଗ ପର୍ଯ୍ୟନ୍ତ, ସେ ସବୁରେ ଯେପରି ତାଙ୍କର ଆଖି ଲାଖିରହି ଯାଉଥିଲା । ସେଠାରେ ସ୍ଥାପିତ ଜଗନ୍ନାଥଙ୍କ ପ୍ରତିମା ଓ ପାଟରେ ଅଙ୍କିତ ଗୀତଗୋବିନ୍ଦ ପଦାବଳୀ, ତଳେ ରଙ୍ଗ ବେରଙ୍ଗ ମୁଦ୍ରାରେ ଅଙ୍କିତ ବିଭିନ୍ନଚିତ୍ରା ବର୍ତ୍ତମାନ ପ୍ରଚଳିତ ବିଭିନ୍ନ ହସ୍ତଶିଳ୍ପ, ଆଦିବାସୀମାନଙ୍କ ବ୍ୟବହୃତ ଅଳଙ୍କାର ଓ ବିଭିନ୍ନ ଆସବାବପତ୍ର, ସୁନ୍ଦର ଲିପା ପୋଛା ହୋଇଥିବା ସାନ୍ତାଳମାନଙ୍କ ଗୃହର ନମୁନା ସବୁ ଯେପରି ତାଙ୍କର ମୁଗ୍ଧ ଦୃଷ୍ଟିକୁ ଏଡ଼ାଇ ପାରୁନଥିଲା । ରାଜଭବନରେ ଥିବାବେଳେ କେତେକ ସାଧାରଣଥିବା ଓଡ଼ିଶା ଶାଢ଼ୀ ଦେଖିବା ପାଇଁ ମଗାଇଲେ । ଯେଉଁ ବ୍ୟକ୍ତିଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା, ସେ ଏପରି କେତେକ ଶାଢ଼ୀ ଆଣିଲେ, ଯାହା ଭିତରେ କେତେକ ଅନ୍ୟ ରାଜ୍ୟର ଡିଜାଇନଶାଢ଼ୀ ଥିଲା । ତାହା ସେ ପସନ୍ଦ କଲେନାହିଁ । ମୋତେ ପଚାରିଲେ କହିଲେ "କଣ ଓଡ଼ିଶାର ପାରଂପାରିକ ଡିଜାଇନର ଶାଢ଼ୀ ଆଉ ବୁଣାଯାଉନାହିଁ ? ଆଉ ଉତ୍ସାହ ଦିଆଯାଉ ନାହିଁ ? ପୁରୁଣା ପାରଂପାରିକ ଡିଜାଇନ ଲୋପ ପାଇଗଲେ ଆଉ ରହିବ କଣ ?" ମୁଁ ଅପ୍ରସ୍ତୁତ ହୋଇଗଲି ଏବଂ ସେଦିନ କଂଗ୍ରେସ ଭବନ ସଭା ସରିବା ପରେ ପରେ ପୁରୁଣା ପାରଂପାରିକ ଡିଜାଇନର ବହୁ ଶାଢ଼ୀ ତାଙ୍କର ଦେଖିବା ପାଇଁ ଅଣାଗଲା । ସେ ଭାରି ଖୁସିହେଲେ ଓ ସେଥିରୁ ଦୁଇ ତିନୋଟି କିଣିଲେ । ପରଦିନ ନୂଆପାଟଣା ସୂତାକଳ ଉଦ୍‌ଘାଟନ ବେଳେ ମାଣିଆବନ୍ଧୀ ଡିଜାଇନର ବହୁ ଶାଢ଼ୀର ଏକ ଛୋଟ ପ୍ରଦର୍ଶନୀ ମିଲ୍ ଭିତରେ ହୋଇଥିଲା । ତାହାଦେଖି ତାଙ୍କର ଆନନ୍ଦ କହିଲେ ନ ସରେ । ଆଧୁନିକତା ମଧ୍ୟରେ ଆମର ପ୍ରାଚୀନ ପରମ୍ପରା ଯେପରି ହଜି ନ ଯାଏ ସେଥିପାଇଁ ସବୁବେଳେ ତାଙ୍କର ସତର୍କ ଦୃଷ୍ଟି ରହିଥିଲା ।

## ପୂର୍ବଜନ୍ମରେ ଆଦିବାସୀ ଥିଲି

ପୁଣି ଓଡ଼ିଶାରେ ଆଦିବାସୀମାନଙ୍କ କଥା । ଆଦିବାସୀ-ମାନଙ୍କୁ ସେ ଏପରି ସ୍ନେହ କରୁଥିଲେ ତାଙ୍କ ସହିତ ତାଙ୍କର ଯେପରି ଏକ ହୃଦୟର ମିଳନ ଘଟିଥିଲା । ଉମରକୋଟ ସଭାରେ ଡଙ୍ଗରିଆ କନ୍ଧ ଝିଅମାନଙ୍କ ପାଖକୁଯାଇ ତାଙ୍କ କାନ୍ଧରେ ହାତ ପକାଇ ତାଙ୍କ ସୁଖ ଦୁଃଖ ବୁଝିବାକୁ ଲାଗିଲେ । ଗୋଟିଏ ଝିଅର ଗାଲ ଟିପି ତାକୁ ଫୁଲମାଳଟିଏ ପିନ୍ଧାଇଦେଲେ । ୧୯୭୮ ମସିହାରେ କ୍ଷମତାରେ ନଥିବାବେଳେ ଥରେ ଭୁବନେଶ୍ୱର ରାସ୍ତାରେ କେତେକ ଆଦିବାସୀ ଝିଅଙ୍କୁ ଦେଖି ଗାଡ଼ି ଅଟକାଇ ତାଙ୍କୁ ଫୁଲମାଳ ଦେବାପରେ କହି ପକାଇଲେ, ଶାନ୍ତି ନିକେତନରେ ପଢ଼ିବା ଦିନୁ ଏ ଆଦିବାସୀମାନଙ୍କ ସହିତ ମୋର ଏକ ନିକଟ ସଂପର୍କ ସ୍ଥାପିତ ହୋଇଯାଇଛି । ବେଳେ ବେଳେ ମୁଁ ଭାବେ, ପୂର୍ବ ଜନ୍ମରେ ମୁଁ ଏକ ଆଦିବାସୀ ପରିବାରରେ ଜନ୍ମ ହୋଇଥିଲି ।

୧୯୬୬ ମସିହା କଳାହାଣ୍ଡିର ଦୁର୍ଭିକ୍ଷଠାରୁ ଆରମ୍ଭକରି ଯେତେବେଳେ ବଢ଼ି, ମରୁଡ଼ି, ବାତ୍ୟା ହୋଇଛି ସେ ଓଡ଼ିଶା ଆସି ଅତି ମୁକ୍ତ ହସ୍ତରେ କେନ୍ଦ୍ର ସାହାଯ୍ୟ ଦେଇଛନ୍ତି ଏବଂ ଓଡ଼ିଶାର ଦୁଃଖ ଓ ଦାରିଦ୍ର୍ୟ ସବୁବେଳେ ତାଙ୍କୁ ବିଚଳିତ କରିଛି । ଏତେ ବଡ଼ ମହାନ୍, ଗୌରବମୟ ପରଂପରାର ରାଜ୍ୟ, ଇତିହାସର ବିଡ଼ମ୍ବନାରେ ଆଜି ଏତେ ଗରିବ ହୋଇଯାଇଛି, ଶୀଘ୍ର କିପରି ଓଡ଼ିଶା ଉଠିବ, ତାର ଗରିବ ଅବସ୍ଥା ଦୂରହେବ, ତାହାହିଁ ସେ ସବୁବେଳେ କହୁଥିଲେ ।

## ଓଡ଼ିଶାର କାମ

୧୯୭୪ ମସିହାରୁ ଓଡ଼ିଶାକୁ ପ୍ରତିରକ୍ଷା ମାନଚିତ୍ରରେ ପ୍ରତିଷ୍ଠା କରିବା—ଚିଲିକା, କୋରାପୁଟ, ଗୋପାଳପୁର, ସଇଁତଳା, ଚରବାଟିଆ କ୍ଷେତ୍ରରେ ଯଖପୁରା-ବାଂଶପାଣି, କୋରାପୁଟ-ରାୟଗଡ଼ା, ତାଳଚେର-ସମ୍ବଲପୁର ରେଳପଥମାନଙ୍କର ମଞ୍ଜୁରୀ, ନାଲ୍‌କୋ ପ୍ରକଳ୍ପର ପ୍ରସାର, ରେଙ୍ଗାଲି, ଅପର କୋଲାବ, ଇନ୍ଦ୍ରାବତୀ ଆଦି ନଦୀବନ୍ଧ ଯୋଜନାମାନଙ୍କର ନିର୍ମାଣଠାରୁ ଆରମ୍ଭକରି ପ୍ରାକୃତିକ ବିପତ୍ତିବେଳେ ଓଡ଼ିଶାକୁ ମୁକ୍ତହସ୍ତରେ ସାହାଯ୍ୟ, ଗରିବ ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କେଉଁଥିରେ ସେ ଦ୍ୱିଧା ପ୍ରକାଶ କରୁନଥିଲେ ।

ମିଉଜିୟମର ସୁବର୍ଣ୍ଣ ଜୟନ୍ତୀ ସଭାରେ କହିଥିଲେ—ମନ୍ଦିର, ଭାସ୍କର୍ଯ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଏହି ସୁନ୍ଦର ପ୍ରଦେଶକୁ ପ୍ରଧାନମନ୍ତ୍ରୀ ଭାବରେ ନୁହେଁ ଜଣେ ଟୁରିଷ୍ଟ ବା ଭ୍ରମଣକାରୀ ଭାବରେ ଆସିବା ପାଇଁ ତାଙ୍କର ପ୍ରବଳ ଆଗ୍ରହ ଅଛି ।

ଖାଲି ଓଡ଼ିଶା ନୁହେଁ, ଭାରତର ସବୁ ଅନୁନ୍ନତ ଗରିବ ରାଜ୍ୟଙ୍କ ପାଇଁ ତାହାହିଁଥିଲା ତାଙ୍କର ହୃଦୟର ଉଚ୍ଛ୍ୱାସ । ଭାରତର ଉନ୍ନତି, ସମୃଦ୍ଧି, ସ୍ୱାଭିମାନ, ଦୁନିଆରେ ତାର ଗର୍ବ ସମ୍ମାନ ବୃଦ୍ଧି ତାଙ୍କର ଜୀବନକୁ ଅଭିଭୂତ କରିଥିଲା ।

## 'ହଜାରେ ପୁଅଙ୍କୁ ବଳିଯିବ'

୧୯୧୭ ମସିହାରେ ତାଙ୍କର ଜନ୍ମପରେ 'ହେଲେମା ସ୍ୱରୂପ ରାଣୀ ନେହରୁ ମୋତିଲାଲଙ୍କୁ କହିଥିଲେ—କମଳାର ଗୋଟିଏ ଝିଅ ଜନ୍ମ ହେଲା, ପୁଅଟିଏ ହେଲା ନାହିଁ । ମୋତିଲାଲ ଉତ୍ତର ଦେଇଥିଲେ ସେଇ ଝିଅ ହଜାରେ ପୁଅଙ୍କୁ ବଳିଯିବ । ଇନ୍ଦିରାଗାନ୍ଧୀ ତାଙ୍କ ଜୀବନରେ ତାହାହିଁ ଦେଖାଇ ଦେଲେ । ଜୀବନଯୁଦ୍ଧରେ ସେ କେବେହେଲେ ହାର ମାନି ନାହାନ୍ତି । ଯାହା ଠିକ୍ ବୋଲି ସେ ମନେ କରୁଥିଲେ ଅସୀମ ସାହସ ଓ ଦୃଢ଼ତାର ସହିତ ସେ ତାହା କାର୍ଯ୍ୟକାରୀ କରୁଥିଲେ । ପିତା ଜେଲରେ ରହି ଚିଠି ସାହାଯ୍ୟରେ ତାଙ୍କୁ ଯେଉଁ ଶିକ୍ଷା ଦେଉଥିଲେ, ତାହା ପରେ ଏକ ପୁସ୍ତକ ରୂପେ ପୃଥିବୀର ଇତିହାସ ଗ୍ଲିମ୍‌ପସେସ୍ ଅଫ୍ ଦି ୱାର୍ଲଡ୍ ହିଷ୍ଟ୍ରି ନାମରେ ପ୍ରକାଶ ପାଇଥିଲା । ମାତ୍ର ପରେ ଏହି ପତ୍ରାବଳୀର ନାୟିକା ଏହି ବିଶାଳ ଭାରତବର୍ଷର ନେତୃତ୍ୱନେଇ ପୃଥିବୀର ଇତିହାସରେ ଯେଉଁ ଭୂମିକା ଗ୍ରହଣକଲେ ତାହା ଚିର ଦିନ ସ୍ୱର୍ଣ୍ଣାକ୍ଷରରେ ଲେଖାହୋଇ ରହିବ । ଭାରତ କାହାର ଗୋଡ଼ାଣିଆ ହେବନାହିଁ ବୋଲି ଗାନ୍ଧିଜୀ ସବୁବେଳେ କହୁଥିଲେ ଏବଂ ଜବାହାରଲାଲ ନେହରୁ ଆନ୍ତର୍ଜାତିକ କ୍ଷେତ୍ରରେ ସେହି ରାସ୍ତା ଗ୍ରହଣକରି ଭାରତର ସମ୍ମାନକୁ ବଢ଼ାଇ ଦେଇଥିଲେ । ଗୋଟିଏ ନିର୍ଦ୍ଧନଦେଶ କେବଳ ତାର ନୀତି ଓ ନୈତିକତା ବଳରେ ଏପରି ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରେ ତାହା ସେ ଦେଖାଇ ଦେଇଥିଲେ । ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ କ୍ଷେତ୍ରରେ ଭାରତର ଏହି ସମ୍ମାନକୁ ଆହୁରି ଉଚ୍ଚକୋଟୀକୁ ନେଇଗଲେ । ମହାନ୍ ଶକ୍ତିଶାଳୀ ଦୁଇଟି ଗୋଷ୍ଠୀର ବିବାଦ ଓ କଳହର ଊର୍ଦ୍ଧ୍ୱରେ ସେ ବଜ୍ରକଣ୍ଠରେ ଉଠାଇଥିଲେ ପୃଥିବୀର ଶତାଧିକ ରାଷ୍ଟ୍ର ଓ ଶତକୋଟି ଲୋକଙ୍କର ଶାନ୍ତିରେ ଓ ସମ୍ମାନର ସହିତ ରହିବାର ଅଧିକାର ।

ଦେଶର ଐକ୍ୟ ଓ ସଂହତିରକ୍ଷା ପାଇଁ ଯେତେବେଳେ ଯାହା ଆବଶ୍ୟକ, ତାହା ସେ ଦୃଢ଼ତାର ସହିତ କରୁଥିଲେ । ଆସାମଠାରୁ ଅମୃତସର ପର୍ଯ୍ୟନ୍ତ, କାଶ୍ମୀର ଠାରୁ କୁମାରିକା ପର୍ଯ୍ୟନ୍ତ ଦେଶର ଏକତା ରକ୍ଷାଥିଲା ତାଙ୍କର ଅହରହ ଚିନ୍ତା । କୃଷି, ଶିଳ୍ପ, ସାମରିକ ଶକ୍ତି, ସବୁ କ୍ଷେତ୍ରରେ ସେ ଏ ଦେଶକୁ ସ୍ୱାବଲମ୍ବୀ କରାଇ ମହାତ୍ମା ଗାନ୍ଧୀଙ୍କର ନୀତି ଓ ଜବାହାରଲାଲ ନେହରୁଙ୍କ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଇଥିଲେ । ବ୍ୟାଙ୍କ ଜାତୀୟକରଣରୁ ଆରମ୍ଭକରି କୋଡ଼ିଏ ଦଫା କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ଦ୍ୱାରା ସେ ଦେଶର କୋଟି କୋଟି ଗରିବଲୋକଙ୍କ ଆଖିରେ ଏକ ନୂଆ ଝଲକ ଆଣିଥିଲେ ।

ଇନ୍ଦିରା-ଶୂନ୍ୟ ଭାରତବର୍ଷକୁ ମୁଁ ଚିନ୍ତା କରିପାରୁନାହିଁ । ସେହି ମହାନ୍ ଛତ୍ରଛାୟା ଯାହାତଳେ ଏ ଭାରତର କୋଟି କୋଟି ଦରିଦ୍ର ଅସହାୟ ଲୋକ ନିଜକୁ ଆଶ୍ୱସ୍ତ ମନେ କରୁଥିଲେ, ସେହି ବଜ୍ରପରି ଦୃଢ଼ ନିର୍ଭୀକ ନେତୃତ୍ୱ ଯାହା ଆଗରେ ଭାରତର ଶତ୍ରୁମାନେ ଏ ଦେଶକୁ ଲୋଲୁପ ଦୃଷ୍ଟିରେ ଦେଖିବାକୁ ସାହସ କରୁନଥିଲେ, ସେହି ମାତୃତ୍ୱର ସ୍ନେହମୟ ଆହ୍ୱାନ ଯାହା ଏହି ଦେଶର କୋଟି କୋଟି ଯୁବକ ଓ ଯୁଗପ୍ରଗତିକୁ ଏକ ଉଜ୍ଜ୍ୱଳ ଭବିଷ୍ୟତପାଇଁ ଉଦ୍‌ବୁଦ୍ଧ କରୁଥିଲା, ତାହା କ୍ଷଣକ ମଧ୍ୟରେ ଆତତାୟୀର ଗୁଳିବୃଷ୍ଟିରେ ଲୁଟିଗଲା । ମାତ୍ର ମୃତ୍ୟୁର ଦିନକ ପୂର୍ବରୁ ସେ ଭୁବନେଶ୍ୱରରେ ଯାହା କହିଥିଲେ ତାହା ସମସ୍ତ ଜାତି ପାଇଁ ଏକ ପ୍ରେରଣାର ସ୍ରୋତହୋଇ ରହିବ । ମୁଁ ଆଜି ଅଛି, କାଲିକି ରହିବିନାହିଁ । ମାତ୍ର ମୋର ପ୍ରତି ରକ୍ତବିନ୍ଦୁ ଏଦେଶର ଏକତା, ସଂହତି, ଶକ୍ତି ଓ ସ୍ୱାଭିମାନ ପାଇଁ କାମ କରିବ । ତାଙ୍କ ମର ଶରୀରକୁ ଚିତାରେ ଦେବା ପୂର୍ବରୁ ଏହି ଓଡ଼ିଶା ଭୂମିରେ ଜାତିପାଇଁ ତାଙ୍କର ଶେଷ ବାଣୀ ଆମର ଧ୍ୟେୟ ହେଉ । ଆଜି ସେହି ଅମର ସ୍ୱର ସହିତ ଆମେ ସ୍ୱର ମିଶାଇ କହିବା-ଭାରତ ମାତାକୀ ଜୟ । ଇନ୍ଦିରାଗାନ୍ଧୀକି ଜୟ । ଇନ୍ଦିରାଗାନ୍ଧୀ ଅମର ରହେ ।

କୃଷି, ଶିଳ୍ପ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗରିବ ଲୋକଙ୍କ ଥଇଥାନ ଆଦି କାର୍ଯ୍ୟକ୍ରମରେ ଓଡ଼ିଶାର ଦ୍ରୁତ ଅଗ୍ରଗତି ସାଧିତ ହୋଇଛି ଏବଂ ଓଡ଼ିଶା ଆଜି ଭାରତର ଗୋଟିଏ ରାଜ୍ୟକୁ ପଛରେ ପକାଇ ଆଗକୁ ମାଡ଼ିଯାଇଛି ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ଏକତାର ଅମର ଶହୀଦ

**ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ**

ରାଜ ମୁକୁଟ ଯେ ପଦେ ପଦେ କଣ୍ଟକିତ ତଥା ବିପଦ ସଙ୍କୁଳ ଇତିହାସରେ ତହିଁର ଭୂରି ଭୂରି ପ୍ରମାଣ ରହିଛି । ୧୯୦୦ ମସିହାରେ ଇଟାଲୀର ରାଜା ପ୍ରଥମ ଉମବୋର୍ଟଙ୍କଠୁ ଆରମ୍ଭ କରି ସଂପ୍ରତି ଗତ ଅକ୍ଟୋବର ୩୧ ତାରିଖ ଦିନ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପର୍ଯ୍ୟନ୍ତ ପୃଥିବୀର ବିଭିନ୍ନ ଅଞ୍ଚଳର ଚାଳିଶ ଜଣ ରାଷ୍ଟ୍ରନାୟକଙ୍କୁ ୮୫ ବର୍ଷ ଭିତରେ ନିର୍ମମଭାବେ ହତ୍ୟା କରାଯାଇଥିବା କମ ସଂଘାତିକ ବ୍ୟାପାର ନୁହେଁ । ରାଷ୍ଟ୍ରର ନେତା ହତ୍ୟା ତାଲିକାରୁ ଜଣାଯାଏ ଯେ ଏ ଶତାବ୍ଦୀରେ ପ୍ରାୟ ପ୍ରତି ଦୁଇବର୍ଷରେ କୌଣସି ନା କୌଣସି ଜଣେ ରାଷ୍ଟ୍ରନାୟକ ଆତତାୟୀର ଆକ୍ରମଣରେ ଅକାଳରେ ଆକସ୍ମିକ ଭାବେ ଟଳି ପଡୁଛନ୍ତି । ନିୟତିର ଏଇ ଦୀର୍ଘ କ୍ରୁର ତାଲିକାରେ ଆମ ଭାରତ ବର୍ଷ ଦୁଇଥର ସ୍ଥାନ ପାଇ ତାର ଇତିହାସକୁ କଳଙ୍କିତ କରିଛି । ସ୍ୱାଧୀନତା ପ୍ରାପ୍ତିର ମାତ୍ର ୬ମାସ ମଧ୍ୟରେ ୧୯୪୮ ଜାନୁୟାରୀ ୩୦ ସନ୍ଧ୍ୟାରେ ତାଙ୍କ ପ୍ରାର୍ଥନା ସଭାରେ ରାଷ୍ଟ୍ରପିତା ଗାନ୍ଧୀଜୀଙ୍କୁ ଜଣେ ଧର୍ମାନ୍ଧ ଆତତାୟୀର ଗୁଳୀ ଷ୍ଟେଟରେ ପ୍ରାଣବଳୀ ଦେବାକୁ ପଡ଼ିଥିଲା । ତହିଁର ୩୬ ବର୍ଷ ପରେ ଏବେ ନିଜ ବାସଭବନ ପରିସରରେ ସେଇଭଳି ଦୁଇ ଜଣ ମଦାନ୍ଧ ଆତତାୟୀଙ୍କ ଗୁଳିମାଡ଼ରେ ଭାରତର ମହାନ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପ୍ରାଣବାୟୁ ଅଗତ୍ୟା ଉଡ଼ିଗଲା । ଉଭୟ ଗାନ୍ଧିଜୀ ଓ ଇନ୍ଦିରାଜୀ ଯଥାର୍ଥରେ ଜାତୀୟ ଏକତା ତଥା ସଂହତି ଓ ମାନବିକ ମୂଲ୍ୟବୋଧର ସୁରକ୍ଷା ଦୃଷ୍ଟିରୁ ସାଂପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ନିମନ୍ତେ ଉତ୍ସର୍ଗୀକୃତ-ଭାବେ କାର୍ଯ୍ୟ କରୁଥିବା ବେଳେ ଧର୍ମାନ୍ଧ ଆତତାୟୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବାରୁ ବାସ୍ତବରେ ସେମାନେ ଅମରତ୍ୱ ତଥା ଶହୀଦତ୍ୱ ହିଁ ଲାଭ କରିଛନ୍ତି । ଏ ଦୁଇ ନେତା ଜାତିର ଏକତାର ଅମର ଶହୀଦ ରୂପେ ଯୁଗେ ଯୁଗେ ଭାରତ ବାସୀଙ୍କ ସ୍ମରଣୀୟ ଓ ନମସ୍ୟ । କେବଳ ଭାରତ ନାହିଁକି ସମଗ୍ର ବିଶ୍ୱ ତଥା ମାନବ ସମାଜ ପ୍ରତି ସେମାନଙ୍କ ମହନୀୟ ଅବଦାନ ଦୃଷ୍ଟିରୁ ଯେ ସେମାନେ ଇତିହାସରେ କାଳ କାଳକୁ ଅତି ଗୌରବୋଜ୍ଜ୍ୱଳ ଆସନର ଅଧିକାରୀ ହୋଇ ରହିବେ ଏହା କହିବା ବାହୁଲ୍ୟମାତ୍ର ।

ଆପଣା ଦେହରକ୍ଷୀଙ୍କ ଗୁଳି ମାଡ଼ରେ ମୃତ୍ୟୁବରଣ କରିବାରେ ସମଗ୍ର ପୃଥିବୀରେ ଶ୍ରୀମତୀ ଗାନ୍ଧୀ ହେଉଛନ୍ତି ଦ୍ୱିତୀୟ ରାଷ୍ଟ୍ରନାୟକ । ୨୭ ବର୍ଷ ପୂର୍ବେ ୧୯୫୭ରେ ଗୁଆଟେମାଲାର ରାଷ୍ଟ୍ରପତି କାର୍ଲସ କାଷ୍ଟିଲେ ଆରମସ ତାଙ୍କ ଦେହରକ୍ଷୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିଲେ । ଇତିହାସରେ ଅକ୍ଟୋବର ୩୧ ତାରିଖ ଦିନ ଆତତାୟୀଙ୍କ ଦ୍ୱାରା ନିହତ ପ୍ରଧାନମନ୍ତ୍ରୀ ରୂପେ ମଧ୍ୟ ଶ୍ରୀମତୀ ଗାନ୍ଧୀ ହେଉଛନ୍ତି ଦ୍ୱିତୀୟ ।

୭୦ ବର୍ଷ ତଳେ ଏହି ଦିନ ହଙ୍ଗେରୀରେ ପ୍ରଧାନମନ୍ତ୍ରୀ ଫ୍ରାନ୍‌ସିସ ଫର୍ଦିନାଣ୍ଡଙ୍କୁ ହତ୍ୟା କରାଯାଇଥିଲା । କିନ୍ତୁ ଏ ନେତା ଦ୍ୱୟ ଏବଂ ଶ୍ରୀମତୀ ଗାନ୍ଧୀଙ୍କ ମଧ୍ୟରେ ତଫାତ୍ ବହୁତ ବେଶୀ । ଶ୍ରୀମତୀ ଗାନ୍ଧୀ ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ସୁନାମଧନ୍ୟା ପ୍ରଧାନମନ୍ତ୍ରୀ । ତାଙ୍କ ଲୋକପ୍ରିୟତା କାହିଁରେ କଣ-ଅକଳନୀୟ । ବୋଧହୁଏ ସେ ଥିଲେ ପୃଥିବୀର ସର୍ବାଧିକ ଲୋକପ୍ରିୟ ରାଷ୍ଟ୍ରନାୟକ, ଅଗଣିତ ଜନତାର ନୟନ-ପିତୁଳା । ଲୋକଙ୍କୁ ସେ ନିଜ ପ୍ରାଣଠୁ ବଳି ଭଲ ପାଉଥିଲେ । ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରିବା ପାଇଁ ସେ ଥିଲେ ଦୃଢ଼ ସଂକଳ୍ପ । ତା ବଦଳରେ ସେମାନଙ୍କଠୁ ସେ ପାଉଥିଲେ ବିପୁଳ ସ୍ନେହ, ଶ୍ରଦ୍ଧା, ଭକ୍ତି ଯାହାକି ସେମାନଙ୍କ ତଥା ଦେଶର ସର୍ବାଙ୍ଗୀନ ବିକାଶ ସାଧନ ସାଙ୍ଗକୁ ଜାତୀୟ ଐକ୍ୟ ଓ ସଂହତିକୁ ସୁଦୃଢ଼ କରିବାରେ ଏବଂ ପୃଥିବୀ ସମ୍ମୁଖରେ ଭାରତର ମର୍ଯ୍ୟାଦା ବୃଦ୍ଧି କରିବାରେ ପ୍ରୟୋଗ କରୁଥିଲେ । ବସ୍ତୁତଃ ଏହାହିଁ ଥିଲା ତାଙ୍କର ବଳିଷ୍ଠ ଓ ନିର୍ଭୀକ ନେତୃତ୍ୱ ତଥା ଆକର୍ଷଣୀୟ ବ୍ୟକ୍ତିତ୍ୱର ଗୂଢ଼ ରହସ୍ୟ ।

ସାଧାରଣ ଜନତା ତଥା ଦରିଦ୍ରଲୋକଙ୍କ ପ୍ରତି ଶ୍ରୀମତୀ ଗାନ୍ଧୀଙ୍କ ସ୍ନେହ ମମତା ଓ ସମବେଦନା କିପରି ଗଭୀର ଓ ଅକୃତ୍ରିମ ତାହା ପ୍ରଧାନମନ୍ତ୍ରୀ ରୂପେ ତାଙ୍କ ସମ୍ବଲପୁର ଜିଲ୍ଲା ଗସ୍ତ ସମୟରେ ଲେଖକଙ୍କ ଉପସ୍ଥିତିରେ ଘଟିଥିବା କେତେକ ଘଟଣାରୁ ସ୍ପଷ୍ଟ ଜଣାପଡ଼େ । ୧୯୬୬ରେ ସମ୍ବଲପୁର ଜିଲ୍ଲାର ପଦ୍ମପୁର ଅଞ୍ଚଳ ସମେତ ବଲାଙ୍ଗୀର ଜିଲ୍ଲାର ଟଙ୍ଗୋମୁଣ୍ଡା, ଖପ୍ରାଖୋଳ ଓ କଳାହାଣ୍ଡି ଜିଲ୍ଲାର ନୂଆପଡ଼ା, ଖଡ଼ିଆଳ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଥିବା ବେଳେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ପରିସ୍ଥିତି ଦେଖିବାକୁ ଆସିଥିଲେ । ଏହି ଗସ୍ତ ସମୟରେ

ପୂର୍ବରୁ କାହାକୁ କିଛି ସୂଚନା ନ ଦେଇ ଶ୍ରୀମତୀ ଗାନ୍ଧୀ ଆକସ୍ମିକ ଭାବେ ଯେପରି ମନଇଚ୍ଛା କେତେକ ଗାଁକୁ ଯାଇ ଘର ଘର ପଶି ଗରିବ ଲୋକଙ୍କ ଦୁରବସ୍ଥା ସ୍ୱ ଚକ୍ଷୁରେ ଦେଖିଲେ ତାହା ସମସ୍ତଙ୍କୁ ବିସ୍ମିତ କରିଥିଲା । ସର୍ବହରାର କୁଡ଼ିଆ ଘରେ ପ୍ରଧାନମନ୍ତ୍ରୀଙ୍କ ଏତାଦୃଶ ଉପସ୍ଥିତିକୁ "ଶ୍ରୀୟା ଚଣ୍ଡାଳୁଣୀ ଘରେ ଲକ୍ଷ୍ମୀ ଠାକୁରାଣୀ ବିଜେ" ବୋଲି ମନ୍ତବ୍ୟ ଦିଆଯାଇ ସେତେବେଳେ ସମ୍ବାଦପତ୍ରମାନଙ୍କରେ ବହୁଳ ଭାବେ ସମ୍ବାଦ ପ୍ରକାଶ ପାଇଥିଲା । ବିନା କାର୍ଯ୍ୟକ୍ରମ ଓ ନିରାପତ୍ତା ବ୍ୟବସ୍ଥାରେ ଶ୍ରୀମତୀ ଗାନ୍ଧୀଙ୍କ ଏଇଭଳି ଗାଁ ଗାଁ ଓ ଘର ଘର ବୁଲିବାକୁ ଉଚ୍ଚ ନିରାପତ୍ତା କର୍ତ୍ତା ବିରୋଧ କରି ତାଙ୍କୁ ଏଥିରୁ ନିବର୍ତ୍ତାଇବାକୁ ଚେଷ୍ଟା କଲାବେଳେ ସେ ନିଜ ନିଷ୍ପତ୍ତିରେ ଅଟଳ ରହି ଦେଇଥିବା ଉତ୍ତର—"Dont worry, God is there for my security" ଆଜି ମଧ୍ୟ ଲେଖକର ସ୍ପଷ୍ଟ ମନେପଡ଼େ । ପୁଣି ୧୯୭୧ ନିର୍ବାଚନକାଳୀନ ସମ୍ବଲପୁର ଗସ୍ତ ବେଳର ଆଉ ଦୁଇଟି ଘଟଣା । ହୀରାକୁଦ ଉଡ଼ାଜାହାଜ ପଡ଼ିଆରେ ଓହ୍ଲାଇ ବନ୍ଧ ଉପର ଦେଇ ଅଶୋକ ନିବାସ ଅଭିମୁଖେ ଯାଉଥିବା ବେଳେ ଗାନ୍ଧୀ ମିନାରର ପାଦଦେଶରେ ମୁଖ୍ୟ ବନ୍ଧର ଫାଟକ ନିକଟରେ ଶ୍ରୀମତୀ ଗାନ୍ଧୀଙ୍କୁ ଦେଖିବାକୁ ହୋଇଥିବା ପ୍ରବଳ ଭିଡ଼କୁ ସେଠାରେ ଅବସ୍ଥାପିତ ପୋଲିସ ନିୟନ୍ତ୍ରଣ କରିପାରିଲେ ନାହିଁ । ଶ୍ରୀମତୀ ଗାନ୍ଧୀଙ୍କ କାର ଅଟକିଗଲା । ସେ କାରରୁ ଓହ୍ଲାଇ ପଡ଼ି ପୋଲିସକୁ ଲୋକଙ୍କ ସମ୍ମୁଖରୁ ଅପସରି ଯିବାକୁ ପରାମର୍ଶ ଦେଇ ନିଜେ ଏକାକୀ ଲୋକଙ୍କୁ ଶୃଙ୍ଖଳିତ କରି କାରରେ ଆସି ବସିଲେ ଏବଂ କାର ଲକ୍ଷ୍ୟ ପଥରେ ଗ୍ଭଲିଲା । ସେ ଦିନ ସମ୍ବଲପୁର ଉପକଣ୍ଠରେ ଅଇଁଠା ପାଲିଠାରେ ଏକ ବିରାଟ ସାଧାରଣ ସଭାରେ ଭାଷଣ ଦେଇ ଡ଼ାଇକ୍‌ବାଟେ ଉଡ଼ାଜାହାଜ ପଡ଼ିଆକୁ ଫେରିଯାଉ ଥିବାବେଳେ ଜଣେ ବୁଢ଼ୀ ତାଙ୍କୁ (ଶ୍ରୀମତୀ ଗାନ୍ଧୀ) ଦେଖିବାର ଆଗ୍ରହରେ ଧଇଁସଇଁ ହୋଇ ଡ଼ାଇକ୍ ଚଢ଼ି ଆସୁଥିବାର ସେ ଦେଖିଲେ । ବୁଢ଼ୀଟି ବେଶି ଟିକିଏ ଦୂରରେ ଥିବାରୁ କାର ଅଟକାଇ ତାକୁ ଅପେକ୍ଷା କରାନଗଲେ ସେ ତାଙ୍କୁ ଦେଖିନପାରି ନିରାଶରେ ଘରକୁ ବାହୁଡ଼ିବା ସାରହେବ ବୋଲି ଶ୍ରୀମତୀ ଗାନ୍ଧୀ ଉପଲବ୍ଧି କଲେ । ତାଙ୍କ ନିର୍ଦ୍ଦେଶରେ କାର ଅଟକିଲା ବୁଢ଼ୀ ଆସିବା ପର୍ଯ୍ୟନ୍ତ । ବୁଢ଼ୀ ଶ୍ରୀମତୀ ଗାନ୍ଧୀଙ୍କୁ "ମା ଲକ୍ଷ୍ମୀ" ସଂବୋଧନ କରି ସ୍ନେହରେ ତାଙ୍କ ମୁହଁ ହାତ ସାଉଁଳି ଦକାଇଲା । ବୁଢ଼ୀକୁ ଶ୍ରୀମତୀ ଗାନ୍ଧୀ ହସି ହସି ଫୁଲଗୁଚ୍ଛଟିଏ ଧରାଇଦେଲେ । ତାପରେଯାଇ କାର ଗ୍ଭଲିଲା । ସତରେ ଦୁଃଖୀ ରଙ୍କୀ ସାଧାରଣ ଜନତା ପ୍ରତି ଶ୍ରୀମତୀ ଗାନ୍ଧୀଙ୍କ କି ନିଷ୍କପଟ ମମତା । ଆପଣାର ନିରାପତ୍ତା ପ୍ରତି ଭ୍ରୂକ୍ଷେପ ନ କରି ଲୋକଙ୍କ ସହ ମିଶିବାକୁ ସର୍ବଦା ଆଗ୍ରହୀ ଏଇଭଳି ଜଣେ ବିଶେଷ ଜନପ୍ରିୟ ପ୍ରଧାନମନ୍ତ୍ରୀ ଶେଷରେ ନିଜ ଦେହରକ୍ଷୀର ଗୁଳିମାଡ଼ରେ ଢଳି ପଡ଼ିବା ଭାଗ୍ୟର ବିଡ଼ମ୍ବନା ମାତ୍ର ।

ସ୍ୱର୍ଣ୍ଣ ମନ୍ଦିରରେ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଶିଖ୍‌ମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିରାପତ୍ତା ଦାୟିତ୍ୱରୁ ଅପସାରଣ ପାଇଁ ଶ୍ରୀମତୀ ଗାନ୍ଧୀଙ୍କୁ ଦିଆଯାଇଥିବା ପରାମର୍ଶକୁ ସେ ଗ୍ରହଣ କରି ନ ଥିଲେ ବୋଲି ଏବେ କେତେକ ସଂବାଦପତ୍ରରେ ପ୍ରକାଶ ପାଇଛି । ନିର୍ଦ୍ଦିଷ୍ଟ ପ୍ରମାଣ ବିନା କେବଳ ଜାତି ଧର୍ମ ଭିତ୍ତିରେ ଏଭଳି ସ୍ଥାନାନ୍ତରଣ ପ୍ରସ୍ତାବକୁ ସେ ମଞ୍ଜୁର କରି ନ ଥିଲେ । ଏହା ଧର୍ମ ନିରପେକ୍ଷତା ପ୍ରତି ଶ୍ରୀମତୀ ଗାନ୍ଧୀଙ୍କ ଅଗାଧ ବିଶ୍ୱାସ ସାଙ୍ଗକୁ ମଣିଷର ମାନବିକତା ଉପରେ ଆସ୍ଥା ସ୍ଥାପନର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରେ ।

ଶ୍ରୀମତୀ ଗାନ୍ଧୀଙ୍କ ପରି ଅପ୍ରତିଦ୍ୱନ୍ଦ୍ୱୀ ଓ ମାନବବାଦୀ ନେତ୍ରୀଙ୍କ ହତ୍ୟା ଘଟଣାରେ ସମଗ୍ର ବିଶ୍ୱ ଆଜି ତଟସ୍ଥ ଓ ଶୋକାପ୍ଳୁତ । ଭାରତର ଜନଗଣ ମାତୃହରା ଶୋକରେ ମ୍ରିୟମାଣ । ଏ କଳଙ୍କରେ ବିରାଟ ଆଧ୍ୟାତ୍ମିକ ଐତିହ୍ୟ ସମ୍ପନ୍ନ ଭାରତର ପ୍ରତ୍ୟେକ ନାଗରିକଙ୍କ ସ୍ୱାଭିମାନ ଲୁଣ୍ଠିତ ।

ସାଂପ୍ରତିକ ପରିସ୍ଥିତିରେ ଦେଶ ପକ୍ଷରେ ଶ୍ରୀମତୀ ଗାନ୍ଧୀଙ୍କ ଦୃଢ଼ ତଥା ପ୍ରଭାବଶାଳୀ ନେତୃତ୍ୱ ଅପରିହାର୍ଯ୍ୟ ଥିବାବେଳେ ଏ ପାର୍ଥିବ ସଂସାରରୁ ତାଙ୍କ ମର୍ମନ୍ତୁଦ ଅପସାରଣ ବାସ୍ତବରେ ଏକ ବିରାଟ ଜାତୀୟ ବିପତ୍ତି । ଶ୍ରୀମତୀ ଗାନ୍ଧୀଙ୍କ ରାଜନୈତିକ ଜୀବନ ଗୋଲାପ ଫୁଲର ଶଯ୍ୟା ନ ଥିଲା । ଏହା ଥିଲା ବହୁ କଣ୍ଟକିତ । ସେ ବହୁ ଝଡ଼ ଝଞ୍ଜା ଭିତରେ ହିଁ ଗତି କରିଥିଲେ । ଅନେକ କଠୋର ପରୀକ୍ଷାର ସମ୍ମୁଖୀନ ହୋଇଥିଲେ । କିନ୍ତୁ ଅଗ୍ନି ମଧ୍ୟରେ ଶୁଦ୍ଧ ସୁବର୍ଣ୍ଣ ଜାଜ୍ୱଲ୍ୟମାନ ହେବାଭଳି ବିଭିନ୍ନ ସଙ୍କଟ ମଧ୍ୟରେ ଶ୍ରୀମତୀ ଗାନ୍ଧୀଙ୍କ ନେତୃତ୍ୱ ତଥା ବ୍ୟକ୍ତିତ୍ୱ ଅଧିକରୁ ଅଧିକ ଦୀପ୍ତିମନ୍ତ ହୋଇ ଉଠିଥିଲା ଏବଂ ଶେଷରେ ତାଙ୍କ ଅପ୍ରତିଦ୍ୱନ୍ଦ୍ୱୀ ନେତୃତ୍ୱ ସାର୍ବଜନୀନ ସ୍ୱୀକୃତି ଲାଭ କରିଥିଲା । ମହାତ୍ମା ଗାନ୍ଧୀ ଓ ପଣ୍ଡିତ ନେହେରୁଙ୍କ ଜୀବନାଦର୍ଶରେ ପ୍ରଭାବିତ ଶ୍ରୀମତୀ ଗାନ୍ଧୀ ପ୍ରଧାନମନ୍ତ୍ରୀ ରୂପେ ମୋଟାମୋଟିଭାବେ ଉଭୟ ଜାତୀୟ ଓ ଆନ୍ତର୍ଜାତୀୟ ବ୍ୟାପାରରେ ତାଙ୍କ ସ୍ୱର୍ଗତ ପିତାଙ୍କ ପଦାଙ୍କ ଅନୁସରଣ କରିଥିଲେ । ତାଙ୍କ ୧୫ ବର୍ଷର ପ୍ରଧାନମନ୍ତ୍ରୀତ୍ୱ କାଳରେ କୃଷି ଉତ୍ପାଦନ, ଉନ୍ନୟନ, ବିଜ୍ଞାନ କାରୀଗରୀ ଆଦି ବିଭିନ୍ନ କ୍ଷେତ୍ରରେ ଦେଶର ଅଗ୍ରଗତି ଅତୀବ ପ୍ରଶଂସନୀୟ । ସମାଜରୁ ଶୋଷଣ ଓ ଦାରିଦ୍ର୍ୟ ଦୂର କରି ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବାରେ ସେ ଥିଲେ ଦୃଢ଼ ସଂକଳ୍ପ । ଏ ସବୁ କ୍ଷେତ୍ରରେ ଶ୍ରୀମତୀ ଗାନ୍ଧୀଙ୍କ କୃତିତ୍ୱ ଥିଲା ଅନନ୍ୟ ସାଧାରଣ । ତାଙ୍କ ପିତାଙ୍କ ପରି ଦେଶ ଭିତିରେ ଧର୍ମ ନିରପେକ୍ଷତା ଓ ବିଶ୍ୱ ବ୍ୟାପାରରେ ଗୋଷ୍ଠୀ ନିରପେକ୍ଷତା ତାଙ୍କର ଅତି ପ୍ରିୟ ଓ ଦୃଢ଼ ନୀତି । ଜାତି ଧର୍ମ ବର୍ଣ୍ଣଭିତ୍ତିରେ ମଣିଷ ମଣିଷ ମଧ୍ୟରେ ଭେଦାଭେଦର ଭାବନା ତାଙ୍କ ପକ୍ଷରେ ଥିଲା ଅଚିନ୍ତନୀୟ । ବସ୍ତୁତଃ ସେ ଥିଲେ ମାନବିକତାର ପୂଜାରୀ, କୋଟି କୋଟି ନରନାରୀଙ୍କ ହୃଦୟର ସାମ୍ରାଜ୍ଞୀ, ଦେଶ ତଥା ଜାତିର ଆଶା ଆକାଂକ୍ଷା ଏବଂ ଐକ୍ୟ ସଂହତିର ମୂର୍ତ୍ତିମନ୍ତ ପ୍ରତୀକ ।

ଶ୍ରୀମତୀ ଗାନ୍ଧୀଙ୍କ ନେତୃତ୍ୱ ତଥା କୃତିତ୍ୱ ଭାରତ ମଧ୍ୟରେ ସୀମିତ ନ ଥିଲା । ସମଗ୍ର ବିଶ୍ୱରେ ଏହା ଥିଲା ପରିବ୍ୟାପ୍ତ । ପୃଥିବୀ ପୃଷ୍ଠରୁ ଉପନିବେଶବାଦ ତଥା ସାମ୍ରାଜ୍ୟବାଦର ବିଲୋପ ସାଧନ ଏବଂ ବୃହତ୍ ଶକ୍ତି କର୍ତ୍ତୃକ ଗୋଷ୍ଠୀ ବିବାଦ ସମେତ ସମସ୍ତ ପ୍ରକାର ବିଦ୍ୱେଷ ଓ ଉତ୍ତେଜନା ଦୂରପୂର୍ବକ ବିଶ୍ୱଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ଦିଗରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର

ଜଣେ ବଳିଷ୍ଠ ନେତ୍ରୀ ତଥା ଅଧ୍ୟକ୍ଷା ରୂପେ ଶ୍ରୀମତୀ ଗାନ୍ଧୀଙ୍କ ଅଗ୍ରଣୀ ସଂଗ୍ରାମୀ ଭୂମିକା ବିଶେଷ ଉଲ୍ଲେଖନୀୟ । ଏହା ସାଙ୍ଗକୁ ଧନୀ ଦରିଦ୍ର ତଥା ଉନ୍ନତ ଓ ଉନ୍ନତଶୀଳ ରାଷ୍ଟ୍ର ମଧ୍ୟରେ ରହିଥିବା ତାରତମ୍ୟ ହ୍ରାସ ଓ ମାନବିକ ମୂଲ୍ୟବୋଧ ଦୃଷ୍ଟିରୁ ସମ୍ପଦର ସମୁଚିତ ବଣ୍ଟନ ଓ ବିନିଯୋଗ ନିମନ୍ତେ ତାଙ୍କ ଦୃଢ଼ ଆହ୍ୱାନ ସମଗ୍ର ପୃଥିବୀର ଶାନ୍ତିକାମୀ ଓ ଦଳିତ ଜନସମାଜରେ ନୂତନ ଆଶା ସଞ୍ଚାର କରିଥିଲା । ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ୭୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରମୁଖ୍ୟଙ୍କ ସମେତ ୧୦୪ଟି ବୈଦେଶିକ ପ୍ରତିନିଧି ଦଳର ଯୋଗଦାନ ସାଙ୍ଗକୁ ତାଙ୍କ ବିୟୋଗରେ ପ୍ରକାଶିତ ବିଶ୍ୱବ୍ୟାପୀ ସ୍ୱତଃସ୍ଫୂର୍ତ୍ତ ଶୋକୋଚ୍ଛ୍ୱାସରୁ ଆନ୍ତର୍ଜାତିକ କ୍ଷେତ୍ରରେ ଶ୍ରୀମତୀ ଗାନ୍ଧୀଙ୍କ ଆକାଶଚୁମ୍ବୀ ନେତୃତ୍ୱ ତଥା ବ୍ୟକ୍ତିତ୍ୱ ଏବଂ ତାଙ୍କର ପ୍ରଧାନମନ୍ତ୍ରୀତ୍ୱରେ ଭାରତ ହାସଲ କରିଥିବା ଶ୍ଳାଘନୀୟ ମର୍ଯ୍ୟାଦାପୂର୍ଣ୍ଣ ସ୍ଥିତିର ସ୍ପଷ୍ଟ ସୂଚନା ମିଳେ । ବାସ୍ତବରେ ସାଂପ୍ରତିକ ପରିସ୍ଥିତିରେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ଇନ୍ଦିରାଜୀଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଓ ଗଠନମୂଳକ ନେତୃତ୍ୱ ଉପରେ ବିଶେଷ ଆସ୍ଥାବାନ ଥିଲା । କିନ୍ତୁ କ୍ରୂର ନିୟତିର ବିଧାନ ତ ଅନ୍ୟ ପ୍ରକାର । ଜନସାଧାରଣଙ୍କ ଆଶା ଆକାଂକ୍ଷା ଚରିତାର୍ଥ କରିବା ପାଇଁ ଶ୍ରୀମତୀ ଗାନ୍ଧୀ ଆଉ ଆମ ଗହଣରେ ରହିଲେ ନାହିଁ । ଦେଶ ଓ ଜାତିର ଏକତା ତଥା ସଂହତି ଲାଗି ସେ ଶହୀଦ ହେଲେ । ଏ କ୍ଷେତ୍ରରେ 'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ'–ଚିରନ୍ତନ ନୀତିର ବାସ୍ତବତା ସ୍ୱୀକାର କରି ଶ୍ରୀମତୀ ଗାନ୍ଧୀଙ୍କ ମହାପ୍ରୟାଣରେ ଏଣିକି ଅଧିକ ଅନୁଶୋଚନା ଗ୍ରହଣୀୟ ନୁହେଁ । ଶ୍ରୀମତୀ ଗାନ୍ଧୀଙ୍କ ତିରୋଧାନରେ ଇତିହାସରେ ବସ୍ତୁତଃ ଗୋଟିଏ ଗୌରବୋଜ୍ଜ୍ୱଳ ଅଧ୍ୟାୟର ପୂର୍ଣ୍ଣଚ୍ଛେଦ ପଡ଼ିଲା ଓ ଗୋଟିଏ ଯୁଗର ଅବସାନ ଘଟିଲା । ତା ପରେ ଏବେ ନୂତନ ଅଧ୍ୟାୟ ତଥା ଯୁଗର ସୂତ୍ରପାତ ହୋଇଛି । ଏହାର କେନ୍ଦ୍ରବିନ୍ଦୁ ଅନ୍ୟ କେହି ନୁହନ୍ତି । ସ୍ୱଂସ୍ୱର୍ଗୀୟା ଇନ୍ଦିରାଜୀଙ୍କର ପ୍ରାଣପ୍ରିୟ ପୁତ୍ର ଶ୍ରୀ ରାଜୀବ ଗାନ୍ଧୀ । ସଂପ୍ରତି ତାଙ୍କ ସମ୍ମୁଖରେ ଏତେ ଜଟିଳ ଓ ଜରୁରୀ ଜାତୀୟ ସମସ୍ୟା ଯେ ନିଜ ଜନ୍ମଦାତ୍ରୀଙ୍କ ମର୍ମନ୍ତୁଦ ମୃତ୍ୟୁରେ ଏକାନ୍ତରେ ଟିକିଏ ଅଶ୍ରୁ ତର୍ପଣ କରିବା ପାଇଁ ମଧ୍ୟ ତାଙ୍କର ସମୟ ନାହିଁ । ଇନ୍ଦିରାଜୀଙ୍କ ପଦାଙ୍କ ଅନୁସରଣ କରି ସାଂପ୍ରଦାୟିକ ସଦ୍‌ଭାବର ପୁନଃ ପ୍ରତିଷ୍ଠାପୂର୍ବକ ଦେଶକୁ ଲକ୍ଷ୍ୟ ପଥରେ ଆଗେଇ ନେବା ପାଇଁ ସେ ଆପ୍ରାଣ ଉଦ୍ୟମ କରି ଚାଲିଛନ୍ତି । ତେଣେ ବିଭିନ୍ନ ମହଲରେ ଇନ୍ଦିରାଶୂନ୍ୟ ଭାରତ ବର୍ଷର ଭବିଷ୍ୟତ ନେଇ ନାନା ଜଳ୍ପନା କଳ୍ପନା ତଥା, ଆଶା ଆଶଙ୍କାର ଲୁଚକାଳି ଖେଳ ଚାଲିଛି । ଏତାଦୃଶ ପରିସ୍ଥିତିରେ ଦେଶବାସୀ ଶ୍ରୀମତୀ ଗାନ୍ଧୀ ତାଙ୍କ ହତ୍ୟାର ଅଳ୍ପ କେତେଘଣ୍ଟା ପୂର୍ବେ ଭୁବନେଶ୍ୱର ସାଧାରଣ ସଭାରେ ଦେଇଥିବା ଭାଷଣ "ଜାତିର ସେବାରେ ନିୟୋଜିତ ଥିବା ବେଳେ ମୋର ମୃତ୍ୟୁ ହେଲେ ମୁଁ ଗର୍ବ ଅନୁଭବ କରିବି । ମୋର ପ୍ରତି ରକ୍ତବିନ୍ଦୁ ଦେଶର ଶାନ୍ତି, ସଂହତି ଓ ପ୍ରଗତି କ୍ଷେତ୍ରରେ ସହାୟକ ହେବ"ର ମହନୀୟତା ହୃଦୟଙ୍ଗମ କରି ଯେଉଁ ଜାତୀୟ ଏକତା ପାଇଁ ସେ ଶହୀଦ ହେଲେ ତାର ସୁରକ୍ଷା ସାଙ୍ଗକୁ ତାଙ୍କ ଅସଂପୂର୍ଣ୍ଣ କାର୍ଯ୍ୟର ପୂର୍ଣ୍ଣତା ନିମନ୍ତେ ଆନ୍ତରିକ ଉଦ୍ୟମ କରିବା ଏବଂ ଏ ଦିଗରେ ସରକାରଙ୍କ ସହିତ ସହଯୋଗ କରିବା ଏକାନ୍ତ ଆବଶ୍ୟକ । ବାସ୍ତବରେ ତାହାହିଁ ହେବ ଆମର ପ୍ରିୟ ନେତ୍ରୀ ଜାତୀୟ ଏକତାର ଅମର ଶହୀଦ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।



ଓଡ଼ିଶା ସରକାରୀ ମୁଦ୍ରଣାଳୟରେ ଲୋକସଭା ନିର୍ବାଚନ ପାଇଁ ମତଦାନ ପତ୍ର ପ୍ରସ୍ତୁତିକରଣରେ କର୍ମବ୍ୟସ୍ତ ପୃଷ୍ଠା ବିନ୍ୟାସକାରୀ ଓ ତତ୍ତ୍ୱାବଧାରକ ବୃନ୍ଦ ।

## କର ଦାତା ଗଣ
## ଦୟା ପୂର୍ବକ ଧ୍ୟାନ ଦିଅନ୍ତୁ

# ୬-ବର୍ଷୀୟ

## ଜାତୀୟ ସଞ୍ଚୟ ସାର୍ଟିଫିକେଟରେ ବର୍ତ୍ତମାନ ଦୁଇ ଗୁଣା ଲାଭ ମିଳୁଛି

ପ୍ରଭିଡେଣ୍ଟ ଫଣ୍ଡ କଣ୍ଟ୍ରିବ୍ୟୁସନସ୍ ଜୀବନ ବୀମା ପ୍ରିମିୟମ୍ ଏବଂ ଦଶ ବର୍ଷିୟା କ୍ୟୁମୁଲେଟିଭ ଟାଇମ ଡିପୋଜିଟ ଇତ୍ୟାଦ ପରି ବର୍ତ୍ତମାନ ଛଅ ବର୍ଷିୟା ଜାତୀୟ ସଞ୍ଚୟ ସାର୍ଟିଫିକେଟ ଉପରେ (ଉଭୟ ଷଷ୍ଠ ପ୍ରକାଶ ଓ ସପ୍ତମପ୍ରକାଶ ଉପରେ) ଆୟ କର ଧାରା 80-ସି ଅନୁଯାୟୀ କରରେ ରିହାତ ମିଳୁଛି ।

**VI ପ୍ରକାଶ**

- 1000 ଟଙ୍କା ଛଅ ବର୍ଷରେ ହୋଇ ଯାଏ 2015 ଟଙ୍କା ।
- ପରିପକ୍ୱ ହେବା ପରେ ଶତକଡ଼ା 12 ହାରରେ ଷାଣ୍ମାସିକ ଚକ୍ର ବୃଦ୍ଧି ଆକାରରେ ସୁଧ ମିଳେ ।
- ବାର୍ଷିକ ସୁଧ ମିଳୁଥିବାରୁ ଆୟ କରରେ ଫାଇଦା ମିଳେ ।

**VII ପ୍ରକାଶ**

- 1000 ଟଙ୍କା ବିନିଯୋଗରେ ପ୍ରତି ମାସ ପରେ ମିଳେ 60 ଟଙ୍କା ସୁଧ ଏବଂ ମୂଳ ଧନ ଅକ୍ଷୁର୍ଣ୍ଣ ଥାଏ ।
- ଷାଣ୍ମାସିକ ଶତକଡ଼ା 12 ହାରରେ ସୁଧ ମିଳେ ।
- ନିୟମିତ ଆୟର ଏକ ଆଦର୍ଶ ଯୋଜନା ଅଟେ ।

ଉଭୟ ପ୍ରକାଶରେ ଭିନ୍ନ ଭିନ୍ନ ପରିମାଣ ମୂଲ୍ୟର ସାର୍ଟିଫିକେଟ ବିକ୍ରି ହେଉଛି । ଆପଣଙ୍କୁ ଅଧିକ ସୁବିଧା ହେବ ବୋଲି ମନେ ହେଉଥିବା ମୂଲ୍ୟର ସାର୍ଟିଫିକେଟ କିଣନ୍ତୁ ।

**ସାଧାରଣ ବୈଶିଷ୍ଟ୍ୟ**

- ଅର୍ଥ ଲଗାଇବାର କୌଣସି ଊର୍ଦ୍ଧ୍ୱ ସୀମା ନାହିଁ ।
- ଯଦି ଆବଶ୍ୟକ ହୁଏ ତେବେ ତିନି ବର୍ଷ ପରେ ଭଙ୍ଗାଇ ପାରିବେ ।
- ଉତ୍ତରାଧିକାରୀ ମନୋନୟନ ବ୍ୟବସ୍ଥା ରହିଛି ।
- 7,000 ଟଙ୍କା ପର୍ଯ୍ୟନ୍ତ ସୁଧ (ଅନ୍ୟାନ୍ୟ ଉତ୍ସରୁ ସୁଧ ଆକାରରେ ମିଳିଥିବା ଆୟକୁ ମିଶାଇ) ଉପରେ ଆୟ କର ଅଧିନିୟମ 80-ଏଲ ଧାରା ଅନୁଯାୟୀ ଆୟ କରରେ ରିହାତି ମିଳେ ।
- ଅନ୍ୟାନ୍ୟ ଘୋଷିତ ବିନିଯୋଗ ସହିତ ଏଥିରେ ବିନିଯୁକ୍ତ ରାଶି 2,65,000 ଟଙ୍କା ପର୍ଯ୍ୟନ୍ତ ସମ୍ପତ୍ତି କରରୁ ରିହାତି ଦିଆଯାଉଛି ।
- ପ୍ରବାସୀ ଭାରତୀୟମାନଙ୍କ ବିନିଯୋଗ କ୍ଷେତ୍ରରେ ଶତକଡ଼ା ୧ ଭାଗ ଅଧିକ ଅର୍ଥାତ ଶତକଡ଼ା 13 ଭାଗ ବାର୍ଷିକ ସୁଧ ମିଳିବ ଏବଂ ଏହା ଉପରେ କୌଣସି ଆୟ କର ଦେବାକୁ ପଡ଼ିବ ନାହିଁ । କିମ୍ବା କୌଣସି ଲିଭି ନାହିଁ ।

ସମସ୍ତ ପୋଷ୍ଟ ଅଫିସ ମାନଙ୍କରେ ମିଳେ

**ଜାତୀୟ ସଞ୍ଚୟ ସଙ୍ଗଠନ**
ପୋଷ୍ଟ ବକ୍ସ ନମ୍ବର- ୨୬, ନାଗପୁର-୧,

davp 84/134

# ଶବ ଶଯ୍ୟା ନୁହେଁ ଶିବ ଶକ୍ତି

ଶ୍ରୀ ନରହର ଉପାଧ୍ୟାୟ

ନିତିଦିନ ପରି ସେ ଦିନର ନବୋଦିତ ସୂର୍ଯ୍ୟ ଦେଖିଛି ପ୍ରାଣ-ପ୍ରାଚୁର୍ଯ୍ୟ ଭରା ଏକ ଚଳଚଞ୍ଚଳ କର୍ମମୟ ଜୀବନର ଆହ୍ନିକ ପ୍ରାତଃକୃତ୍ୟ; ଆଶା ଆଉ ଆଶଙ୍କା ମଧ୍ୟରେ ମାଳିନ୍ୟ ଭରିଛି ମଧ୍ୟାହ୍ନ ସୂର୍ଯ୍ୟ; ଉତ୍ତବୋଳା ଅସ୍ତଗାମୀ ସୂର୍ଯ୍ୟ ଦେଖିଛି ଆନ-ଆନ ବିଧିର ବିଧାନ । ବାଆ ନାହିଁ କି ବତାସ ନାହିଁ, ପ୍ରକୃତିରେ ବିକୃତି ନାହିଁ, ଉତକଣ୍ଠା ନାହିଁ କି ଉତ୍ତେଜନା ନାହିଁ; ପ୍ରଶାନ୍ତ ପରିବେଶରେ ସର୍ବତ୍ର ଭଦ୍ରଦର୍ଶନ । କିଏ ଜାଣିଥିଲା ଭାରତବର୍ଷ ପାଇଁ ତାହା ଏକ କାଳମୁଖ ପ୍ରଭାତ ? ସହସା ବିନାମେଘେ ବଜ୍ରପାତବତ୍, ପ୍ରଛନ୍ନ କାଳର କରାଳ ଇଙ୍ଗିତରେ, ସେହି ଅଶୁଭ ପ୍ରଭାତର ନିସ୍ତବ୍ଧତା ଭଙ୍ଗକରି ଘନ ଘନ ଗର୍ଜିଉଠିଲା ପ୍ରାଣଘାତୀ ଶକ୍ତିଶାଳୀ ଆଗ୍ନେୟାସ୍ତ୍ରର ଗୁଡୁମ୍ ଗୁଡୁମ୍ ଶବ୍ଦ । ବାସ୍, ସବୁ ସରିଗଲା; ଅଗ୍ନେୟାସ୍ତ୍ରର ... ଆଲୋକ-ଅସ୍ତ୍ରନକ ନିଷ୍ପ୍ରଭ ହୋଇଗଲା ପ୍ରାଚ୍ୟ ଭୂଖଣ୍ଡର ସମୁଜ୍ଜ୍ୱଳ ଆଲୋକ-ବର୍ତ୍ତିକା । ସମ୍ବାଦ ସରବରାହ କେନ୍ଦ୍ର ସୂଚନା ଫଳକରେ ଲେଖା ହୋଇଗଲା—"Prime Minister Indira Gandni no more" ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆଉ ଇହଜଗତରେ ନାହାନ୍ତି ।

ଓଃ, କି ମର୍ମନ୍ତୁଦ ଦାରୁଣ ଦୁଃସମ୍ବାଦ! କେବଳ ଭାରତବର୍ଷ ପାଇଁ ନୁହେଁ, ସାରା ପୃଥିବୀ ପାଇଁ ।

ରକ୍ଷକ ସାଜିଛି ଭକ୍ଷକ; ଏହାହିଁ ଭାଗ୍ୟର ବିଡମ୍ବନା । ଢୋଲ ଭିତରେ ଅଛି ମୂଷା; ଅନ୍ତରାଳରେ କାଳରାଜ୍ଜର ପରିହାସ । ଯେଉଁ ସୁରକ୍ଷିତ ପରିସରରେ ମାଛିମୁଣ୍ଡ ନବଶଙ୍କ, ତା'ର ନିରାପତ୍ତା ରକ୍ଷା ଦାୟିତ୍ୱରେ ନିଯୁକ୍ତ କର୍ମଚାରୀ ଗୋଷ୍ଠୀର କତିପୟ ଦୁର୍ଦ୍ଦାନ୍ତ ବିଶ୍ୱାସଘାତକଙ୍କର ଉଦ୍ଦଣ୍ଡ କାଣ୍ଡର ଶିକାର ହୋଇ ତତ୍କ୍ଷଣାତ ଢଳିପଡ଼ିଲେ ଭାରତ ଜନନୀଙ୍କର ମୁଖୋଜ୍ଜ୍ୱଳ କାରିଣୀ ବିଶ୍ୱ-ବରେଣ୍ୟା କନ୍ୟାରତ୍ନ ଇନ୍ଦିରା ପ୍ରିୟଦର୍ଶିନୀ । ଶିରୀଷ କୋମଳା-ଙ୍ଗରେ ଛାଇ ଦିଆଗଲା ଆଗ୍ନେୟ ବିଷଗୁଳି । ପ୍ରେଷ୍ଠା କନ୍ୟାର ଉଷ୍ଣ ରକ୍ତରେ ରଞ୍ଜିତ ହେଲା ମହନୀୟା ମାତୃବକ୍ଷ । ମାନବିକତାର, ନୈତିକତାର କି ଶୋଚନୀୟ ସ୍ଖଳନ ! ନୈଷ୍ଠୁର୍ଯ୍ୟର କି ଜଘନ୍ୟ ଦୃଷ୍ଟାନ୍ତ ! ପ୍ରତିହିଂସାର କି ସର୍ବଗ୍ରାସୀ ପ୍ରଭାବ । ଆଖିରେ ଦେଖିଲେ ବି ବିଶ୍ୱାସ କରିହୁଏନା, ନିରାଟ ବାସ୍ତବ ହେଲେ ହେଁ ସ୍ୱପ୍ନ ପ୍ରତୀତ ହୁଏ । ପ୍ରିୟ ବସ୍ତୁହରା ପ୍ରାଣର ଏହାହିଁ ସ୍ୱାଭାବିକ ଅନୁଭୂତି ।

ବାୟୁବେଗରେ ବାର୍ତ୍ତା ପହଞ୍ଚିଗଲା ପୃଥିବୀର କୋଣେ କୋଣେ ସ୍ତମ୍ଭୀଭୂତ ସଭ୍ୟଜଗତ୍ । ସମ୍ବେଦନଶୀଳ କୋଟି ଜନତାର କଣ୍ଠରେ କୋହ, ଆଖିରେ ଲୁହ । ହାହାକାରେ ପୂର୍ଣ୍ଣ ବିଶ୍ୱବ୍ୟାପୀ ଗଗନ-ପବନ । ଏ ଦେଶର ମାନବବାଦୀ ନୈତିକ ଚେତନା ହିଂସାମୁଖୀ ରାଜନୈତିକ ଚେତନାର ବହୁ ଊର୍ଦ୍ଧ୍ୱରେ । ଇତିହାସ ପୁରାଣ ପ୍ରସିଦ୍ଧ ଧର୍ମଭୂମୀ ଭାରତର ସୁସଭ୍ୟ ଆର୍ଯ୍ୟ ଦାୟାଦ ଜାତିର କର୍ଣ୍ଣଧାରଙ୍କୁ ହତ୍ୟାକଲା ଭଳି ବର୍ବରୋଚିତ ହୀନକାର୍ଯ୍ୟରେ ଲିପ୍ତ ହୋଇପାରେ, ଥରେ ଏପ୍ରଶ୍ନ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନୃଶଂସ ହତ୍ୟାକାଣ୍ଡ ଅବସରରେ ସାରା ବିଶ୍ୱର ଜନମାନସକୁ ଆନ୍ଦୋଳିତ ଓ ବିସ୍ମୟାଭିଭୂତ କରିଦେଇଥିଲା । ପୁଣି ଜାତି-ମାତୃକା ଇନ୍ଦିରାଙ୍କ ଅନ୍ତଘାତୀ ରକ୍ତପାତୀ ହତ୍ୟା ସୃଷ୍ଟି କରିଛି ଦ୍ୱିତୀୟ ଅବସର । ଏ ଜଘନ୍ୟ ହତ୍ୟା ବୀରୋଚିତ ନୁହେଁ, ବର୍ବରୋଚିତ; ଗୌରବାବହ ନୁହେଁ, ଲଜ୍ଜାକର । ନିନ୍ଦାବାଣୀ ପ୍ରକାଶନରେ ଶତମୁଖର କଣ୍ଠ ଏକାକାର ହୋଇଯାଇଛି । ନିଷ୍ଠୁର ଆତତାୟୀଙ୍କ ଉପରେ ସ୍ଖଳିଛି ଅଭିଶାପ ବର୍ଷଣ । ପ୍ରତ୍ୟେକ ଚିନ୍ତାଶୀଳ ମାନସରେ ମୁଣ୍ଡ ଟେକିଛି ସହସ୍ର ପ୍ରଶ୍ନବାଚୀ । ବିଶ୍ୱଶାନ୍ତି ପରିପ୍ରେକ୍ଷୀରେ, ସଭ୍ୟଜଗତର ବୃହତମ ଗଣତନ୍ତ୍ର ରାଷ୍ଟ୍ର ଭାରତ-ରେ, ଧର୍ମ ନାମରେ ରାଜନୈତିକ ହତ୍ୟା ପରମ୍ପରାର ବୀଜବପନ ଅତୀବ ଦୁର୍ଭାଗ୍ୟ ଜନକ ଏବଂ ଏହାର ପ୍ରଭାବ ଯେ ସୁଦୂର ପ୍ରସାରୀ ଏଥିରେ ବିଶ୍ୱର ନିରପେକ୍ଷ ଜନମତରେ ଦ୍ୱିମତ ଥାଇ ନ ପାରେ । ନିନ୍ଦା ହୋଇପାରେ ଖଳବିଦ୍ୱେଷୀଙ୍କର ପ୍ରତିକ୍ରିୟା ।

ଶାସ୍ତ୍ରୋକ୍ତିରେ—"ନ ଶକ୍ୟମନ୍ୟଥା କର୍ତ୍ତୁଂ ଦିଷ୍ଟଂ ହି ବଳ-ବତ୍ତରମ୍", ଅର୍ଥାତ୍ ଦୈବବିଧାନ ସବୁଠାରୁ ବଳବାନ୍, ତାକୁ କେହି ଅନ୍ୟଥା କରି ନ ପାରେ । କାଳର କୁଟିଳା ଗତି ଦେଶ ଓ ଦଶର ଭାଗ୍ୟନିୟନ୍ତ୍ରଣ କରିବ, ଏହା ଅନିବାର୍ଯ୍ୟ ତଥା ଅନତିକ୍ରମଣୀୟ । ବଡ଼ସାନ, ସବଳଦୁର୍ବଳ କାଳବିଗ୍ରହର ଊର୍ଦ୍ଧ୍ୱରେ । କେବଳ "ପ୍ରାଣୀର ଭଲମନ୍ଦ ବାଣୀ, ମରଣକାଳେ ତାହା ଜାଣି" । ଅଧ୍ୟାତ୍ମବକ୍ତା ପ୍ରଶ୍ନ କରନ୍ତି—"ପରିବର୍ତ୍ତିନୀ ସଂସାରେ ମୃତ କୋ ବା ନ ଜାୟତେ", ଏ ପ୍ରଶ୍ନ ପ୍ରାଣୀକୁ ଚେତାଇଦିଏ ସଂସାରର କ୍ଷଣଭଙ୍ଗୁରତା ଓ ଜୀବନର ଅନିତ୍ୟତା, ଭୂତପିଣ୍ଡ କ୍ଷୟଶୀଳ, ତେଣୁ ତାର ସ୍ୱଳ୍ପ ବା ଦୀର୍ଘସ୍ଥାୟୀତ୍ୱ ଜୀବନ ସାର୍ଥକ-ତାର ମାନଦଣ୍ଡ ନୁହେଁ ; କର୍ମମୟତା ତଥା ଅବିସମ୍ବାଦୀ ଜନସ୍ୱୀକୃତ

କୃତିତ୍ୱ ହିଁ ମୃତାମୃତ ବିଶ୍ୱରର ଯଥାର୍ଥ ଶାଶ୍ୱତ ମାନ । ସ୍ୱର୍ଗତା ଇନ୍ଦିରାଜୀଙ୍କ ମରପର ସ୍ଥିତି ଓ ଆତ୍ମାର ଗତି ତଦୀୟା କୃତି–କୀର୍ତ୍ତି ମାନରେ ନିର୍ଦ୍ଧାର୍ଯ୍ୟ, ନାନ୍ୟଥା ।

ଆଗେଇ ଚାଲିଛି କାଳପରିମାପକ ଯାନ୍ତ୍ରିକ ଘଣ୍ଟା; ପଛେଇ ଯାଉଛି ଅପାର ଅନନ୍ତ କାଳର ସୂକ୍ଷ୍ମାତିସୂକ୍ଷ୍ମାଂଶ ପ୍ରହରୁ ପ୍ରହର, ଘଡ଼ି–ଦଣ୍ଡ–ଲିତା–ବିଲିତା । ତଥାପି ଦିନଟା ଦୀର୍ଘ ବୋଧ ହେଉଛି । ହେବାର କଥା; ଦୁଃଖର ରାତି ପାହେନି କି ଦୁଃଖର ଦିନ ସରେନି । ଜନଜୀବନରେ ବିରାଟ ହଇଚଇ । କେତେବେଳୁ ଦୋକାନ-ବଜାର, ସରକାରୀ ଦପ୍ତର ଆପେ ଆପେ ବନ୍ଦ ହୋଇଯାଇଛି । ସ୍ଥାନେ ସ୍ଥାନେ ଲୋକଗହଳି; କେତେ ମନରେ କେତେ ଭାବନା; କଳ୍ପନା ଜଳ୍ପନାର ଅନ୍ତନାହିଁ । ସମୟ କେତେ ହେଲା ? ଆଉ କେତେ ବାକି ଅଛି ? ସବୁରି ତୁଣ୍ଡରେ ଆତୁର ପ୍ରଶ୍ନ । ମେଡ଼ିକାଲ୍ ବୁଲେଟିନକୁ ଅପେକ୍ଷା । ଇତି ମଧ୍ୟରେ ଅର୍ଦ୍ଧନମିତ ହୋଇଯାଇଛି ଜାତୀୟ ପତାକା ।

ଦିନ ବିତିଲା, ରାତି ହେଲା, ବତୀ ଜଳିଲା, ଅପେକ୍ଷମାଣ ଜନତାର ଧୈର୍ଯ୍ୟଚ୍ୟୁତି ସୀମା ଟପୁଛି । ସରକାରୀ ଘୋଷଣା ନ ଶୁଣିବାଯାଏ ଅସଂଖ୍ୟ ପ୍ରାଣରେ ଆଶାର କ୍ଷୀଣ ଦୀପ୍ତି ଦପ୍ ଦପ୍ କରୁଛି । ସର୍ବେ ଉତ୍କଣ୍ଠ..ଉତ୍କର୍ଣ୍ଣ । ଆସିଗଲା ଶେଷ ସମ୍ବାଦ—ଆତତାୟୀ ଗୁଳିବୃଷ୍ଟିରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁଜନିତ ଦୁଃସମ୍ବାଦ । ହାୟ ଦୁର୍ଦ୍ଦୈବ ! କଣ୍ଠେ କଣ୍ଠେ ଉତ୍‌ଥିତ ଦୀର୍ଘଶ୍ୱାସରେ ଲିଭିଗଲା ଆଶାଲୋକର କ୍ଷୀଣ ରେଖାଟି ।

ଇନ୍ଦିରାହରା ଦେଶମାତୃକା ମ୍ରିୟମାଣା । ନିଶ୍ଚଳ ହୋଇ ଯାଇଛି ଚିର କୋଳାହଳପୂର୍ଣ୍ଣ କର୍ମମୁଖର ଦିଲ୍ଲୀ ମହାନଗରୀର ଗଗନ–ପବନ । ନିସ୍ତବ୍ଧ ଆକୁମାରୀ ହିମାଚଳ ପୁରପଲ୍ଲୀର ଜୀବନନାଟିକା । ସାରାଦିନର ଗଭୀର ଉଦ୍‌ବେଗ ଉତ୍ତେଜନା ପ୍ରଶମିତ । ଭାରତ ଇତିହାସ ଘୋଷଣା କଲା ଇନ୍ଦିରା ଯୁଗର ଅବସାନ ।

ଦ୍ୱାଦଶାହ ବ୍ୟାପୀ ଜାତୀୟ ଶୋକଦିବସ ଘୋଷିତ ହେବା ସଙ୍ଗେ ସଙ୍ଗେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପାରତ୍ରିକ କ୍ରିୟାବିଧାନର ପ୍ରସ୍ତୁତି ଆରମ୍ଭ ହୋଇଯାଏ । ଲକ୍ଷ ଲକ୍ଷ ଉତ୍‌କଣ୍ଠ ଜନତାର ନିର୍ନିମେଷ ନୟନ ଜଡ଼ି ରହିଛି ଦୂରଦର୍ଶନ ଯନ୍ତ୍ରର କଳା ରେଶମି ପରଦା ଉପରେ । ପ୍ରଥମେ ଆଲୋକ ଚିତ୍ର ପରିବେଷଣ କଲା, ସ୍ୱାଧୀନ ଭାରତର ତୀର୍ଥଭୂମିତୁଲ୍ୟ ନୂଆଦିଲ୍ଲୀର ଐତିହାସିକ ତିନିମୂର୍ତ୍ତି ଭବନର ପ୍ରଶସ୍ତ ଦରବାର କକ୍ଷରେ ସଂସ୍ଥାପିତ ବିବିଧ ପୁଷ୍ପସମ୍ଭାର ମଣ୍ଡିତ ଏକ ଦୃଶ୍ୟମାନ ଯନ୍ତ୍ରଯାନ । ତଦୁପରି ସଜ୍ଜିତ ପୁଷ୍ପଶଯ୍ୟା ମଧ୍ୟରେ ସ୍ପଷ୍ଟ ପ୍ରତ୍ୟକ୍ଷୀଭୂତ ହେଉଛି ବିଗତାତ୍ମା ଇନ୍ଦିରାଙ୍କର ପାଟଓଢଣା–ଆବରଣ–ଘେରା ଅମ୍ଳାନ ମୁଖମଣ୍ଡଳଟି । କରାଳ କାଳ ସ୍ୱାଭାବିକ ବର୍ଣ୍ଣଦ୍ୟୁତିକୁ ମ୍ଳାନ କରିପାରିନାହିଁ । ଭାରତୀୟ ଜାତୀୟ ଜୀବନର କର୍ଣ୍ଣଧାର, ରାଜନୈତିକ ମଞ୍ଚର ବିଚକ୍ଷଣା ବରେଣ୍ୟା ନେତ୍ରୀ, ଶାସନତନ୍ତ୍ରର ସର୍ବୋଚ୍ଚ କର୍ତ୍ତ୍ରୀ, ଦେଶମାତୃକାର ପ୍ରିୟତମା କନ୍ୟା, ଭାରତୀୟ ଜନତାର ମହନୀୟା ମାତୃରୂପିଣୀ, ସ୍ୱଦେଶୀୟ ସ୍ୱଜାତୀୟ ଐତିହ୍ୟ ସଂସ୍କୃତି ପରମ୍ପରାର ମୂର୍ତ୍ତିମତୀ ପ୍ରତୀକ ଏବଂ ସର୍ବୋପରି ସସାଗରା ବିଶ୍ୱର ଅନ୍ୟତମା ମହୀୟସୀ ମହିଳା ନିଜର ଦୀର୍ଘ ଓ ମହାର୍ଘ କର୍ମମୟ ଜୀବନର ବିରତି ଘୋଷଣା କରି ଅନ୍ତିମ ଶଯ୍ୟାରେ ଶାନ୍ତିଶାୟିତା ।

ଏ'କି ଶବଶଯ୍ୟା ! ...... ନା .... ଶିବଶକ୍ତି ?

ବାହାରେ ପ୍ରବଳ ଲୋକଭିଡ଼ । ଠେଲାପେଲା ଦଳାଚକଟାକୁ ଆୟତ କରିବା ଶାନ୍ତିଶୃଙ୍ଖଳା–ରକ୍ଷାକାରୀ କର୍ତ୍ତୃପକ୍ଷଙ୍କ ପକ୍ଷରେ କାଠିକର ପାଠ । ପରଲୋକଗତା ନେତ୍ରୀଙ୍କର ଅନ୍ତିମ ଦର୍ଶନ ପାଇଁ ବିଦେଶାଗତ ବରେଣ୍ୟ ଅତିଥିବୃନ୍ଦ ତଥା ଆଖପାଖ ଦୂର ଦୂରାନ୍ତରୁ ଆଗତ ଦେଶର ମାନ୍ୟଗଣ୍ୟ ଓ ସର୍ବସାଧାରଣଙ୍କୁ ସୁଯୋଗ ଦେବା ଭଳି ଭିତରେ ଯତ୍‌ପରୋନାସ୍ତି ସୁବ୍ୟବସ୍ଥା କରା-ଯାଇଛି । ସହସ୍ର ସହସ୍ର ଆବାଳବୃଦ୍ଧବନିତା ଶଯ୍ୟା ଚୌହଦୀ ପରିକ୍ରମା କରି ସାଶ୍ରୁଳ ନୟନରେ ପ୍ରଣାମାନ୍ତର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ପ୍ରଦର୍ଶନପୂର୍ବକ ଲଗି ଲଗି ଶୃଙ୍ଖଳିତ ଭାବେ ଆଗେଇ ଚାଲିଛନ୍ତି । କାହାରି ମନ ଛାଡୁନାହିଁ, ଆଗକୁ ପାଦ ପଡୁନାହିଁ, ପଛକୁ ଚାହିଁ ଚାହିଁ ଅଗତ୍ୟା ଆଗେଇ ଯାଉଛି । କେହି ବା ପଛକୁ ଫେରିଆସି, ଗୋଡରୁ ଚପଲ ଖୋଲି, ଆଉଥରେ ଯୋଡହସ୍ତ ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଯାଉଛି; ପାଟିରେ ନ କହି ଆଖିରେ କଣ କହୁଛି । ଜନସ୍ରୋତର ବିରାମ ନାହିଁ । ଭାରତୀୟ କୃଷ୍ଟି ପରମ୍ପରାରେ ପୂଜ୍ୟପୂଜା ଓ ଭକ୍ତି ଶ୍ରଦ୍ଧାଞ୍ଜଳି ନିବେଦନର ମହନୀୟତା ଓ ଚମତ୍‌କାରିତା ଉପଲବ୍‌ଧି କରିବାର ଏ ଗୋଟିଏ ପ୍ରକୃଷ୍ଟ ଅବସର ।

ଅତ୍ରତ୍ୟ ଆଲୋଚନା 'ଜୀବଶିବ ତତ୍ତ୍ୱ' ଚିନ୍ତାର ଅବକାଶ ସୃଷ୍ଟି କରିଛି । ଭୌତିକ ଶରୀରରୁ ଜୀବ ଛାଡ଼ିଗଲେ, ସେ ହୁଏ ଶବ । ଲୌକିକ କଥନୀରେ ଇନ୍ଦିରାଙ୍କ ଜୀବହୀନ ଜଡପିଣ୍ଡ ଶବବାଚ୍ୟ ଏବଂ ସାମାଜିକ ବିଧି–ନିଷେଧ ଚଳନୀ ପରିପ୍ରେକ୍ଷୀରେ ଶବସ୍ପର୍ଶ ମାତ୍ରେ ସ୍ନାନ-ଶୌଚ ବିଧେୟ । ମାତ୍ର ଉପସ୍ଥିତ ଦୃଶ୍ୟ ପଟରେ ପରିଲକ୍ଷିତ ହୁଏ ସମ୍ପୂର୍ଣ୍ଣ ବ୍ୟତିକ୍ରମ । ତଥାକଥିତ ଶବଶଯ୍ୟା ତଥା ତା'ର ପରିବେଶ ଲୌକିକ ବିଶ୍ୱର ପରିସର ଭିତରକୁ ଆଦୌ ଆସିପାରୁନାହିଁ । ଲକ୍ଷ୍ୟ କରାଯାଇଛି, ପୁଷ୍ପସଜ୍ଜିତ ଶବଶଯ୍ୟାଟି ଜନତା ଦୃଷ୍ଟିରେ କେବଳ ଶିବଶକ୍ତିର ଭ୍ରାନ୍ତି ନୁହେଁ, ପ୍ରାଣରେ ଭକ୍ତି ଉଦ୍ରେକ କରାଯାଇଛି । ତାତ୍ତ୍ୱିକ ଭିତରେ ଭାବ ଯଥାର୍ଥ ବିଶ୍ଳେଷ୍ୟ ।

ମରଜଗତର ମଉଡ଼ମଣି ନର । ଭାଗବତକାର କହନ୍ତି —"ସର୍ବ ଶରୀର ମଧ୍ୟେ ସାର, ଦୁର୍ଲ୍ଲଭ ନର କଳେବର ।" ସେ ପୁଣି ଶବତ୍ୱପ୍ରାପ୍ତ ହୁଏ କାହିଁକି ?

ଶିବତ୍ୱ ବିନା ଅନ୍ତିମ ଦଶାରେ ଜୀବ ଶବତ୍ୱ ପ୍ରାପ୍ତ ହୁଏ । ଶିବ–ମଙ୍ଗଳମୟ । ଜୀବର କାମ୍ୟ ଏକ ସର୍ବମଙ୍ଗଳମୟ ସୃଷ୍ଟି । ସେହି ସୃଷ୍ଟିରେ ବିଚରଣ କରୁ କରୁ "ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି" ନ୍ୟାୟରେ ଜୀବ ଶିବ ହୋଇଯାଏ । ଜଡ଼ ପିଣ୍ଡଟି ହୋଇଯାଏ ଜୀବ-ଶିବର ଶକ୍ତି । ଅପରନ୍ତୁ ଅଶିବ ଜୀବର ଅବର୍ତ୍ତମାନରେ ଭୌତିକ ଶରୀରଟି ଶବବାଚ୍ୟ ହୁଏ । ଶିବତ୍ୱ ପ୍ରାପ୍ତି ପରେ ଶବତ୍ୱ ପ୍ରାପ୍ତିର ଅବକାଶ ଆଉ ଘଟେ ନାହିଁ । ଏହି ତାତ୍ତ୍ୱିକ ବକ୍ତବ୍ୟଧାରାଟିକୁ ଆଉ ଟିକେ ସ୍ପଷ୍ଟତର କରି ଦିଆଯାଇପାରେ ।

ମନୁଷ୍ୟ ଦେହଦିବ୍ୟମରା ସମନ୍ୱ ଏବଂ ଅଧ୍ୟାତ୍ମର ଆଧାରଭୂତ । ତେଣୁ ସେ ଆତ୍ମାରୂପ ସୁଦିବ୍ୟ ପରମ ସତ୍ତାର ମର ପ୍ରତିନିଧି । ଭାଗବତୋକ୍ତିରେ—"ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ, ଦେଖି ସନ୍ତୋଷ ଭଗବାନ୍" । ମନୁଷ୍ୟ ଜୀବନ

କର୍ମମୟ । କର୍ମମୟତା ଜୀବନକୁ କରେ ଯଜ୍ଞମୟ । ମହତ୍ କର୍ମ ଦ୍ୱାରା ମନୁଷ୍ୟ ଦିବତ୍ୱ ପ୍ରାପ୍ତ ହୁଏ । କବି ଉକ୍ତିରେ "ଦେବତା ମାନବ ଏହି ମର୍ତ୍ତ୍ୟ ଦେହେ" । ଏହା ହିଁ ଜୀବ-ଶିବତତ୍ତ୍ୱର ମୌଳିକ ପ୍ରାମାଣିକ ଭିତ୍ତି । କବି ଉକ୍ତିର ସାର୍ଥକତା ଯେଉଁ ଅଳ୍ପ କେତେକ ଜୀବନରେ ଉପଲବ୍ଧ ହୁଏ, ସ୍ୱର୍ଗତା ଇନ୍ଦିରା ତନ୍ମଧ୍ୟରୁ ଏକ ଜ୍ୱଳନ୍ତ ଦୃଷ୍ଟାନ୍ତରୂପେ ଗ୍ରହଣୀୟ ।

ସ୍ଥିର-ନିଶ୍ଚୟତା, କର୍ମଣ୍ୟତା ଓ ଆଦର୍ଶ—ଏହି ତିନୋଟି ଉତ୍କୃଷ୍ଟ ମାନବିକ ଗୁଣର ସମନ୍ୱୟ ଘଟିଲେ ମନୁଷ୍ୟକୁ ଦେବାସନରେ ପ୍ରତିଷ୍ଠିତ କରିଦିଏ । ଅନୁଧ୍ୟାନରୁ ଦେଖାଯିବ, ଏହି ତିନୋଟିଯାକ ଗୁଣର ସମ୍ୟକ୍ ସମାବେଶ ଘଟିଥିଲା ଇନ୍ଦିରାଙ୍କଠାରେ ତାଙ୍କର ବିଗତ କର୍ମମୟ ଜୀବନର କାର୍ଯ୍ୟାବଳୀ ବିବେଚନାରୁ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ତାଙ୍କ-ଭଳି ଦୃଢ଼ମନା ଓ ସ୍ଥିରବିମୃଷ୍ଟ-ବୁଦ୍ଧି ସମ୍ପନ୍ନା ଖୁବ୍ କ୍ୱଚିତ୍ ଥିବେ । ଦୀର୍ଘ ପଞ୍ଚଦଶ ବର୍ଷରୁ ଊର୍ଦ୍ଧ୍ୱକାଳ ପୃଥିବୀର ଦ୍ୱିତୀୟ ଜନବହୁଳ ତଥା ବୃହତ୍ତମ ଗଣତନ୍ତ୍ର ରାଷ୍ଟ୍ରର ଭାଗ୍ୟଡୋରିକୁ ନିୟନ୍ତ୍ରିତ କରି କୋଟି କୋଟି ଜନତାର ହୃଦୟକୁ ଯେ ଜୟ କରିପାରିଥିଲେ, ଜନ୍ମଭୂମିର ସମ୍ମାନକୁ ଯେ ବିଶ୍ୱଦରବାରରେ ସୁପ୍ରତିଷ୍ଠିତ କରିପାରିଥିଲେ, ତାଙ୍କର କର୍ମଣ୍ୟତା ଓ ଆଦର୍ଶ ବିଷୟରେ ବର୍ଣ୍ଣନା ବାହୁଲ୍ୟ ଅନାବଶ୍ୟକ ।

ଏକ ପୂର୍ଣ୍ଣାଙ୍ଗ ଏବଂ ସମନ୍ୱିତ ବ୍ୟକ୍ତିତ୍ୱ ମଧ୍ୟରୁ ଦେବତ୍ୱର ସନ୍ଧାନ କରାଯାଇପାରେ । ଆମର ଏଇ ଭାରତଭୂମିରେ ଏଭଳି ଏକ ଦିବ୍ୟୋପମ ସର୍ବୋତ୍ତମ ବ୍ୟକ୍ତିତ୍ୱର ଅଭ୍ୟୁଦୟ ଘଟିଥିଲା ମହାତ୍ମାଗାନ୍ଧୀଙ୍କଠାରେ । ସ୍ୱର୍ଗତା ଇନ୍ଦିରାଙ୍କ ଉଚ୍ଚତର କର୍ମମୟ ଜୀବନକୁ ବିଶ୍ଳେଷଣ କଲେ ସେହିପରି ଏକ ବ୍ୟକ୍ତିତ୍ୱର ସନ୍ଧାନ ଆମେ ପାଉ । ସେ ଥିଲେ ଏକାଧାରାରେ ଜଣେ ପ୍ରବୀଣା ରାଜନୀତି ବିଶାରଦା, ସୁଦକ୍ଷା ଶାସିକା, ଦୃଢ଼ମନା, ଦୁଃସାହସିକା, ପ୍ରତ୍ୟୁତ୍ପନ୍ନମତି ମାତୃହୃଦୟା ଓ ମଧୁରଭାଷିଣୀ । ତାଙ୍କ ଜୀବନରେ ନୂତନତ୍ୱ ଅପେକ୍ଷା ଅଧିକ ବିଶେଷତ୍ୱ ଲକ୍ଷ୍ୟ କରାଯାଏ । ପ୍ରାୟ ପାଶ୍ଚାତ୍ୟ ଭାବଧାରାରେ ଲାଳିତା ପାଳିତା ଓ ଶିକ୍ଷାଦୀକ୍ଷା ପ୍ରାପ୍ତା ହୋଇଥିଲେ ହେଁ ଆଦୌ ପାଶ୍ଚାତ୍ୟାଭିମୁଖୀ ନ ଥିଲେ । ଏ ଦେଶର ପାଣି-ପବନ, ଭିଟାମାଟି ସଂସ୍କୃତି-ପରଂପରା ସହିତ ସେ ସମ୍ପୂର୍ଣ୍ଣ ଏକାତ୍ମ ଥିବା କ୍ଷେତ୍ରେ କ୍ଷେତ୍ରେ, ପ୍ରତି ପର୍ଯ୍ୟାୟରେ ପ୍ରମାଣିତ ହୋଇଛି । ଭାରତୀୟ ପାରମ୍ପରିକତା, ଆଧ୍ୟାତ୍ମିକତା, କଳା-ସାହିତ୍ୟ-ଐତିହ୍ୟ-ସଂସ୍କୃତିର ସେ ଥିଲେ ଜଣେ ପ୍ରମୁଖ ପ୍ରବକ୍ତା ଓ ଜାଗ୍ରତ ପ୍ରହରୀ । ଯେତେବେଳେ ସୁଯୋଗ ପାଇଛନ୍ତି, ସେ ତାଙ୍କର ବହୁ ଭାଷଣରେ ଚେତାବନୀ ଶୁଣାଇ କହିଛନ୍ତି—ଆଧ୍ୟାତ୍ମିକ ଉନ୍ନତି ବିନା, ଐତିହ୍ୟ-ସଂସ୍କୃତି ସଂରକ୍ଷଣ ବିନା ଜାତିର ଉନ୍ନତି ହୋଇ ପାରିବ ନାହିଁ । କଳା—ସାହିତ୍ୟ-ସଂସ୍କୃତି କ୍ଷେତ୍ରରେ ଆମ ଦେଶର, ବିଶେଷତଃ ଆଧୁନିକ ଶିକ୍ଷିତ ଗୋଷ୍ଠୀ ସ୍ୱକୀୟ ସମୃଦ୍ଧ ପରମ୍ପରାକୁ ଆଡ଼େଇ ଦେଇ ଅତି ମାତ୍ରାରେ ବିଦେଶାଭିମୁଖୀ ହୋଇ ପଡୁଥିବାରୁ, ସ୍ୱର୍ଗତା ଗାନ୍ଧୀ କ୍ଷୋଭ ପ୍ରକାଶ କରିବା ସଙ୍ଗେ ସଙ୍ଗେ କଠୋର ଚେତାବନୀ ଶୁଣାଇବାକୁ ଛାଡ଼ିନାହାନ୍ତି । "ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହ" । ଶ୍ରୀମଦ୍ ଭଗବତ୍ ଗୀତାର ଭଗବଦ୍‌ବାକ୍ୟ ଏହି ଆଦର୍ଶବାଦୀ ଚେତାବନୀ ଦ୍ୱାରା ସେ ବିଶେଷ ଅନୁପ୍ରାଣିତ ହୋଇଥିବା ସୁସ୍ପଷ୍ଟ ।

ସ୍ୱୀୟ କଥା ଓ କାର୍ଯ୍ୟ ମଧ୍ୟରେ ସାମ୍ୟ ପ୍ରମାଣିତ ନ ହେଲେ ପ୍ରବକ୍ତା ଆପଣାର ଗୁରୁତ୍ୱ ହରାଇ ବସନ୍ତି । ଆମ ଲୋକଚଳଣି କଥାରେ କୁହାଯାଏ—'ବୁଦ୍ଧି କହିଦିଏ ପରକୁ, ବୁଦ୍ଧି ନ ଆସଇ ଘରକୁ' । ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଉପରେ ଏତାଦୃଶ ଆକ୍ଷେପୋକ୍ତି ସ୍ପୃହଣୀୟ ନୁହେଁ । ସେଥିପାଇଁ ଅବକାଶ ସୃଷ୍ଟି ହେବା, ଦୁର୍ଭାଗ୍ୟଜନକ ।

ବେଶ-ଭୂଷା, ଚାଲିଚଳନ, ଆଚାର ବ୍ୟବହାରକୁ ଲକ୍ଷ୍ୟକଲେ ଦେଖାଯାଏ, ଜାତି-ଧର୍ମ ବର୍ଣ୍ଣାଦି ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ, ଇନ୍ଦିରା ଥିଲେ ଜଣେ ମାର୍ଜିତା ଭାରତୀୟ ହିନ୍ଦୁ ରମଣୀ । କଳିଷଠା ଅଭିଜାତା, ଉଚ୍ଚପଦାଧିକାରିଣୀ ତାଦୃଶୀ ଜଣେ ବର୍ଷୀୟସୀ ମହିଳାଙ୍କର ମୁଣ୍ଡରେ ଓଢ଼ଣାଦିଆ ଶାଢ଼ୀପିନ୍ଧା ଠାଣି ଦେଖିଲେ ତାଙ୍କ ପ୍ରତି ସ୍ୱତଃ ଭକ୍ତି ଜାତ ହେଉଥିଲା । ଏ ଯୁଗର ଶିକ୍ଷିତା, ଅର୍ଦ୍ଧଶିକ୍ଷିତା, ଅଶିକ୍ଷିତା ନିର୍ବିଶେଷରେ, କୁଳ-ଧର୍ମ ପରମ୍ପରା ଓ ଲଜ୍ଜ୍ୟା ଭୟକୁ ଜଳାଞ୍ଜଳି ଦେଇ ଭାରତୀୟ କୁଳକନ୍ୟା ନବବଧୂମାନେ ଯେଉଁ ଆଖି ଝଲସା ବିଦେଶୀ ରୂପ-ସଜାର ଅନୁକୃତଶୈଳୀ ଚମତ୍କାରିତା ପ୍ରଦର୍ଶନ କରି ଚାଲିଛନ୍ତି ଦେଖିଲେ ଶୁଣିଲେ ଭାବିଲେ ଚିନ୍ତିଲେ, ଲଜ୍ଜା-ଅବସାଦରେ ଦୁଃଖ-ଦହଣାରେ ମୁଣ୍ଡ ନଇଁଯାଏ । ଇନ୍ଦିରାଙ୍କ ସ୍ତରର ଜଣେ ମହିଳାଙ୍କ ପାଇଁ ବିଶ୍ୱର ଯେ କୌଣସି କୋଣରୁ, ଯେ କୌଣସି ମୂଲ୍ୟର ମନୋମତ ଆଖିଝଲସା ପରିଚ୍ଛଦ ଦୁର୍ଲଭ ହୋଇ ନ ଥାନ୍ତା ପରନ୍ତୁ ତାଙ୍କର ରୁଚି ସରାଗ ଥିଲା ଉତ୍କଳ ପ୍ରାନ୍ତୀୟ ତନ୍ତବୁଣା ଶାନ୍ତିପୁରୀ ଶାଢ଼ୀରେ । ହାୟ——ହାୟ ! ଠିକ୍ ପୂର୍ବ ରାତିର ଓଡ଼ିଶା ଗସ୍ତରୁ ବିଦାୟ ଅବସରର ଅବ୍ୟବହିତ ପୂର୍ବରୁ ସରାଗରେ ଖୋଜିଲେଢ଼ି ନେଇଥିଲେ କେତେଖଣ୍ଡ ମନଲାଖି ଶାନ୍ତିପୁରୀ ଶାଢ଼ୀ; ଦୁର୍ଦ୍ଦୈବ ତାଙ୍କୁ ଭୋଗ କରାଇ ଦେଲା ନାହିଁ !

ସାର୍ଥକ ନାମ୍ନୀ ପ୍ରିୟଦର୍ଶିନୀ ଇନ୍ଦିରାଜୀ ଯଦି ସାଲୱାର-ପଞ୍ଜାବୀ, ମ୍ୟାକସି ଗାଉନ, ଫୁଲପ୍ୟାଣ୍ଟ-ହାୱାଇ କିମ୍ବା ଅନ୍ୟ ସେହିପରି କିଛି ସନାତନୀ ରୁଚିବିରୋଧୀ ପରିଚ୍ଛଦ ପରିଧାନ କରି ଭାରତୀୟ ଜନସମକ୍ଷରେ, ଜାତୀୟ ସମାବେଶରେ ଉଭା ହେଉଥାନ୍ତେ, କେବେ....କସ୍ମିନ୍‌କାଳେ ଏ ଦେଶର ଜନମାନସକୁ ପ୍ରଭାବିତ କରି ମାତୃତ୍ୱର ତୁଙ୍ଗାସନ ଅଧିରୂଢ଼ା ହୋଇପାରି ନ ଥାନ୍ତେ କିମ୍ବା ମରଣୋତ୍ତର ବିପୁଳ ଶ୍ରଦ୍ଧା-ସମ୍ମାନ, ସମ୍ବେଦନା ସହାନୁଭୂତି ଅଧିକାରିଣୀ ହୋଇପାରି ନ ଥାନ୍ତେ । କେବଳ ଜଣେ ରାଜନୈତିକ ନେତ୍ରୀରୂପେ ନୁହେଁ ବା କ୍ଷମତାସୀନ କର୍ତ୍ତ୍ରୀ ରୂପେ ନୁହେଁ ସତୁରୀ କୋଟି ଜନତାର ଜନନୀତ୍ୱ ତଥ ଅଭିଭାବକତ୍ୱକୁ ସେ ଯେପରି ଏବଂ ଯେଉଁ ସ୍ତରରେ ପରିଣ ଭରିଯାଇଛନ୍ତି, ବିଶ୍ୱ ଇତିହାସରେ କ୍ୱାପି ତା'ର ଦୃଷ୍ଟା ବିରଳ । ଶୁଣାଯାଏ ସେ ମହୀୟସୀ ଯେତେବେଳେ ଯେ ଅଞ୍ଚଳକୁ ବା ଯେଉଁ ଦେଶକୁ ଗସ୍ତରେ ଯାଉଥିଲେ ସେଠାକା ସାନ-ବଡ଼ ସର୍ବସାଧାରଣଙ୍କ ସଙ୍ଗରେ ନିଜକୁ ମିଶାଇ ଦେବା ଅପାର ଆନନ୍ଦ ଲାଭ କରୁଥିଲେ ଏବଂ ସେଠାକାର ଖାଦ୍ୟପେ

ବେଶଭୂଷା, ସାଂସ୍କୃତିକ ପରିବେଶକୁ, କେବଳ ଭଲପାଉ ନଥିଲେ, ଯେତେଦୂର ସମ୍ଭବ ଗ୍ରହଣ କରି ନେବାକୁ ଆଗ୍ରହୀ ହେଉଥିଲେ । ଏହି ପ୍ରଶସ୍ତହୃଦୟତା, ଜମ ମହାନୁଭବତାର ପରିଚ୍ଛାୟକ ନୁହେଁ । ଏବକୁ ଏସବୁ ଶ୍ରୁତିମଧୁର ସ୍ମୃତି ଅତୀତର କାହାଣୀ, ଇତିହାସର ଉପାଦାନ ହୋଇଗଲା ।

ପଡ଼ିରହିଛି ଶୂନ୍ୟ ପଞ୍ଜରା, ଉଡ଼ିଯାଇଛି ସୁନାର ପକ୍ଷୀ । ଅହନ୍ତା କରି ତାକୁ ଉଡ଼ାଇ ଦିଆଯାଇଛି । ଗୀତା କହନ୍ତି ଜୀର୍ଣ୍ଣ ବସ୍ତ୍ର ପରିତ୍ୟାଗ କରି ନରପରାଣୀ ନବବସ୍ତ୍ର ପରିଧାନ କଲାପରି ଆତ୍ମାପକ୍ଷୀ ଜୀର୍ଣ୍ଣଶରୀର ତ୍ୟାଗକରି ନବକଳେବର ଆଶ୍ରୟ କରେ । ଯେହେତୁ ସେ ପକ୍ଷୀ ଅଜର—ଅମର । ଆମର ଏ ସୁନାପକ୍ଷୀ ନବପିଞ୍ଜରବଦ୍ଧ ହେଲା କି ନିତ୍ୟ ପଞ୍ଜରରେ ଲୀନ ହୋଇଗଲା, କିଏ କହିବ ?

ଜଡ଼ ଜୀବାଧାରଟିକୁ ଆଉ କେତେକାଳ ସାଇତି ରଖିହେବ ? କାହିଁକି ବା ରଖାଯିବ ? ମାଟି ପିଣ୍ଡକୁ ଶ୍ମଶାନ ଗ୍ରାସିବ; ଭୌତିକ ଉପାଦାନ ଅନନ୍ତଭୂତ ସୃଷ୍ଟିରେ ମିଳାଇଯିବ । ଭାରତର ଜାତୀୟ ଶ୍ମଶାନ ଶାନ୍ତିବନ ସ୍ୱର୍ଗ ଦ୍ୱାରରେ ଜୁଇ ସଜଡ଼ା ଗଲଣି । ଲକ୍ଷ ଲକ୍ଷ ଦେଶୀ ବିଦେଶୀ ଜନ ସମାଗମ ମଧ୍ୟରେ ସଗୌରବେ....ସାଡ଼ମ୍ବରେ ଦିଲ୍ଲୀ ରାଜମାର୍ଗରେ ଆଗେଇ ଯାଉଛି , ଶବବାହୀ ଯାନ୍ତ୍ରୀକ ଯାନ । ବହନ କରି ନେଉଛନ୍ତି ଜଳ, ସ୍ଥଳ, ଆକାଶ ତିନି ବାହିନୀର ମୁଖ୍ୟ । 'ଇନ୍ଦିରା ଗାନ୍ଧୀ ଅମର ରହେ' ଅସଂଖ୍ୟ କଣ୍ଠର ସଂଯୁତ ନାଦରେ ଗଗନ ବିତାନ ନିନାଦିତ ।

ଏ ଶବଯାତ୍ରା ନା ଶିବଯାତ୍ରା ? ଏ ପ୍ରଶ୍ନର ଉତ୍ତରଦାୟୀ ଭାରତୀୟ ତତ୍ତ୍ୱଶାସ୍ତ୍ର । ଆମ ସର୍ବସାଧାରଣ ବିସ୍ମୟବୁଦ୍ଧି ଶବରେ ଶିବତ୍ୱ ଉପଲବ୍ଧି କରୁଛି ।

ପଶ୍ଚିମାକାଶ ଲୋହିତ ଦିଗ୍‌ବଳୟର ତଳକୁ ତଳ ଖସି ଖସି ଯାଉଛି ନାଲ ଟୁହୁଟୁହୁ ସିନ୍ଦୁରମୁଣ୍ଡା ସୂର୍ଯ୍ୟ । ଅଦୂର ସୈକତ ପ୍ରାନ୍ତରେ ବିଛାଡ଼ି ହୋଇ ପଡ଼ିଛି ଝିଲିମିଲି ସୁନେଲି କିରଣ । ଅବିକୃତ ରହିଛି ପ୍ରକୃତିର ପରିବେଶ । କ୍ରମେ ଘନୀଭୂତ ହେଉଛି ଜନତାର ଶୋକୋଚ୍ଛ୍ୱାସ । ନିର୍ଦ୍ଧାରିତ ସମୟରେ ଶାନ୍ତିବନରେ ଶୋଭାଯାତ୍ରା ପହଞ୍ଚିଲା । ଆତ୍ମୀୟ ସ୍ୱଜନଗଣ ଶବାଧାର ବହନ କରିନେଇ ମଣ୍ଡପୋପରି ଚନ୍ଦନକାଷ୍ଠରେ ପ୍ରସ୍ତୁତ ଚୁଲ୍ଲୀସ୍ତୂପ ଉପରେ ସ୍ଥାପନ କଲେ । ଅବିରତ ଗୀତ ହେଉଥାଏ ଗୀତା, ବାଇବେଲ, କୋରାନ୍, ପ୍ରଭୃତି ବିଭିନ୍ନ ଧର୍ମଗ୍ରନ୍ଥ । ବୈଦିକ ରୀତିରେ, କୌଳିକ ପ୍ରଥାରେ ସମସ୍ତ ବିଧି ସମ୍ପାଦନ ପୂର୍ବକ ପୁତ୍ରୋଦ୍ଧାରକ ଶ୍ରୀମାନ୍ ରାଜୀବ ମୁଖାଗ୍ନି ସଂଯୋଗ କଲେ । ଘୃତ-ମଧୁ ସଂଯୋଗରେ ଲେଲୀହାନ ଶିଖା ଟେକି ଚିତାଗ୍ନି ଜଳି ଉଠିଲା । ଦୂରଦର୍ଶନର ପରଦା ଉପରେ ଦୂର ଦୂରାନ୍ତର, ଦେଶ ବିଦେଶର କୋଟି କୋଟି ସମ୍ବେଦନଶୀଳ ଉଦ୍‌ଭ୍ରାନ୍ତ ଜନତା ସାଶ୍ରୁଳ ନୟନରେ ପ୍ରତ୍ୟକ୍ଷୀଭୂତ କରୁଛନ୍ତି । ପାରଂପରିକ ବୈଦିକ ରୀତିରେ ସଂପାଦିତ ପରଲୋକଗତା ଇନ୍ଦିରାଙ୍କର ଅନ୍ତ୍ୟେଷ୍ଟିକ୍ରିୟାନୁଷ୍ଠାନ । ଭାରତୀୟ ଐତିହ୍ୟ-ସଂସ୍କୃତିରେ ପାରତ୍ରିକ କର୍ମବିଧାନର ମହାନତା ଏବଂ ପବିତ୍ରତା ପ୍ରଦର୍ଶନ ଓ ପରିପ୍ରସାରର ଏହା ଏକ ସୁବର୍ଣ୍ଣ ସୁଯୋଗ । ଧନ୍ୟ... ଧନ୍ୟ, ମାନବ ସମାଜକୁ ଏ ଯୁଗର ପ୍ରଯୁକ୍ତି ବିଜ୍ଞାନର ଅବଦାନ !

ମାଟି ଦେହ ମାଟିରେ ମିଶିଗଲା; ଉତ୍‌ଥିତ ଧୂମ୍ରକୁଣ୍ଡଳୀ ଶୂନ୍ୟ ଆକାଶରେ ମିଳାଇଗଲା । ଏଥର ସବୁ ଶେଷ ; ଅବଶେଷ ମାତ୍ର ପାଉଁଶ ମୁଠାଏ । ଜାତି ତାକୁ ଦେଇଛି ବିଭୂତିର ମର୍ଯ୍ୟାଦା । ତୁଷାରମଣ୍ଡିତ ତୁଙ୍ଗ ହିମାଚଳ ଶିଖରୀ ଧରି ରଖିଛି ତା'ର ଅମର ସ୍ମୃତି ।

ଏବେବି କୋଟି କୋଟି ଜନତାର ତଣ୍ଡିଫଟା ଚିତ୍କାର ଗଗନ ବକ୍ଷକୁ ଶତଧା ବିଦୀର୍ଣ୍ଣ କରୁଛି—

'ଯବ୍‌ତକ୍ ସୂରଯ୍ ଚାନ୍ଦ୍ ରହେଗା,
ଇନ୍ଦିରାଜୀ ତେରାନାମ୍ ରହେଗା ।'

୪ ଆର-୨୮୩
ରଙ୍ଗନଗର,
ଭୁବନେଶ୍ୱର—୧ (୭୫୧୦୦୧)

ପୃଥିବୀ ପୃଷ୍ଠରେ ବହୁ ସଂସ୍କୃତି ଓ ସଭ୍ୟତା ବିଲୀନ ହୋଇଯାଇଛି କିନ୍ତୁ ଇକ୍‌ବାଲ୍‌ଙ୍କ ଭାଷାରେ ଏବେ ମଧ୍ୟ ଆମର ନାମ ଓ ଚିହ୍ନ ବିଦ୍ୟମାନ । ଆମର ପୁରାତନ ସଭ୍ୟତା ଓ ସଂସ୍କୃତି ଏବେ ମଧ୍ୟ ତିଷ୍ଠି ରହିଛି । ଏହାର କାରଣ ହେଲା ଆମର ସେପରି କିଛି ଅନ୍ତର୍ନିହିତ ଶକ୍ତି ରହିଛି । ପ୍ରତ୍ୟେକ ବ୍ୟକ୍ତି ଭିତରେ ସେହି ଶକ୍ତି ରହିଛି । ସେହି ଶକ୍ତିକୁ ଜାଗ୍ରତ କରାଇଲେ ତାହା ଆତ୍ମପ୍ରକାଶ କରିବ ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ

# ଏକ ଅମ୍ଳାନ ଶ୍ରଦ୍ଧାଞ୍ଜଳି

ଶ୍ରୀ ରଣଧୀର ଦାସ

ଭୁବନେଶ୍ୱରରେ ସେ ଦିନ କେତେକ କାମ ଶିଘ୍ର ସାରିବା ପାଇଁ ଇଚ୍ଛା କରି ଜଣେ ବନ୍ଧୁଙ୍କ ଅଫିସକୁ ଫୋନ କରି ମାତ୍ର ଜାଣିପାରିଲି ଦିନ ଦୁଇଟାରେ ପ୍ରାୟ ସମସ୍ତ ଅଫିସ୍ ପରିତ୍ୟାଗ କରି ତାଙ୍କର ପ୍ରିୟନେତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କର ବକ୍ତୃତା ଶୁଣିବାପାଇଁ ପ୍ୟାରେଡ୍ ପଡ଼ିଆକୁ ଯିବେ । ସେତେବେଳେ ମଧ୍ୟାହ୍ନ ଭୋଜନ ସମୟ ହୋଇ ଯାଇଥିଲା, ତେଣୁ ମୁଁ ଏବଂ ମୋର ଜଣେ ଘନିଷ୍ଠ ବନ୍ଧୁ ଉଭୟଙ୍କର ପରିଚିତ ଜଣେ ବିଶିଷ୍ଟ ନେତାଙ୍କ ଘରେ ପହଞ୍ଚିଲୁ । ଭାରତୀୟ ରାଜନୀତିଠାରୁ ଆରମ୍ଭକରି ହାଣ୍ଡିଶାଳ ପର୍ଯ୍ୟନ୍ତ ଆଲୋଚନା ହେଲା ନେତାଙ୍କର ଘରେ ମଧ୍ୟାହ୍ନ ଭୋଜନ ଶେଷ କଲୁ ।

ଜଣେ ସାମ୍ବାଦିକଙ୍କ ଘରେ ଗପ କରୁକରୁ ଘଣ୍ଟାକୁ ଦେଖିଲି ୪ଟା ବାଜି ଯାଇଛି । ରାଜଧାନୀର ରାଜପଥ ଭିଡ଼ ହୋଇଯିବ । ତେଣୁ ସାମ୍ବାଦିକ ବନ୍ଧୁଙ୍କଠାରୁ ବିଦାୟ ନେଇ ସଭାପାଇଁ ଉଦ୍ଦିଷ୍ଟ ପଡ଼ିଆ ଦିଗରେ ଚାଲିଲୁ । କିନ୍ତୁ ଆଗକୁ ଯାଇପାରିଲୁ ନାହିଁ .। ଘୁରିଆସେ କେବଳ ଅଗଣିତ ଜନତାର ସୁଅ । ରାସ୍ତାର ଦୁଇପଟରେ ପୋଲିସ୍‌ର ପଟୁଆର । ପଥଚାରୀ ରିକ୍ସାରେ ଯାଉଥିବା ଛାତ୍ରୀ, ଅଧ୍ୟାପିକା, ଗୃହିଣୀ, ଛାତ୍ରବୃନ୍ଦ ସମସ୍ତଙ୍କର ଗତି ଗୋଟିଏ ଦିଗରେ । ଏକଲକ୍ଷ୍ୟ ଏକମନ । ପୋଲିସ୍ ବାହିନୀ ବେଶ୍ ଧୈର୍ଯ୍ୟର ସହିତ ଭିଡ଼ର ମୁକାବିଲା କରୁଥିଲେ ।

ସାଇରନ୍ ବଜାଇ ଜିପ୍ ଚାଲିଗଲା । ସମସ୍ତେ ସଜାଗ ହୋଇ ଉଠିଲେ । ରାଜପଥର ବାମ ଦିଗରେ ସମସ୍ତଙ୍କର ଲକ୍ଷ୍ୟ । ବିମାନ ଘାଟିରୁ ସିଧା ସଭାମଣ୍ଡପକୁ ଆସିବେ ତାଙ୍କର ପ୍ରିୟ ନେତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧି । ମଟର ସାଇକେଲରେ ପାଇଲଟ୍, ତାପରେ ପାଇଲଟ୍ କାର । ଠିକ୍ ତା ପଛକୁ ଏକ ସୁଦୀର୍ଘ ବିଦେଶୀ କାର୍ ଭିତରେ ୨ଫୁଟର ବାଉ ଲାଇଟ୍‌ଟିଏ ଜଳି ଉଠିଛି । ଝଲସି ଉଠୁଛି ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ହସ ହସ ମୁଖ । ଦୀର୍ଘ ୧୦ ଘଣ୍ଟାର ଅବିଶ୍ରାନ୍ତ ଯାତ୍ରା । ବିଭିନ୍ନ ମିଟିଂ ଓଡ଼ିଶାରେ ଶେଷ କରି ବିମାନ ଘାଟିରୁ ଫେରୁଛନ୍ତି । ତଥାପି କ୍ଲାନ୍ତିର ସାମାନ୍ୟ ଚିହ୍ନ ମୁଖମଣ୍ଡଳରେ ଛାୟାପାତ କରିନାହିଁ । ଯୋଡ଼ ହସ୍ତରେ ଜନତାକୁ ବିନମ୍ର ପ୍ରଣାମ ଜଣାଉଥିଲେ । ରଙ୍ଗୀନ୍ ଫୁଲତୋଡ଼ାଟି ମୋ ପାଖରେ ପଡ଼ିଲା । ସ୍ନେହ ଓ ଶ୍ରଦ୍ଧାର ପ୍ରତୀକ । ତାକୁ ଗୋଟାଇବା ପାଇଁ ରୀତିମତ ପ୍ରତିଯୋଗିତା । କିଏ ସେଇ ଫୁଲତୋଡ଼ାଟି ନେବ । କାର ପରେ ପରେ ୧୧ଟି କାର ଛୁଟି ଚାଲିଛି । କାରରେ ଥିଲେ ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀ ପରିଷଦର ସଭ୍ୟ ଓ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଫିସର ।

କେତୋଟି ମାତ୍ର ମୁହୂର୍ତ୍ତ । ଏକ ଶୃଙ୍ଖଳିତ ଜନ ସମୁଦ୍ର ପୁନଶ୍ଚ ବିଶୃଙ୍ଖଳିତ ହୋଇ ଉଠିଲା । ବ୍ୟସ୍ତ ଚଞ୍ଚଳ ଜନ ସମୁଦ୍ର ଛୁଟି ଚାଲିଲା ନିର୍ଦ୍ଧାରିତ ସଭାମଣ୍ଡପ ଦିଗରେ । ଆମକୁ କିନ୍ତୁ ଚୁପ୍ ଚାପ୍ କାର ମଧ୍ୟରେ ଅପେକ୍ଷା କରିବାକୁ ପଡ଼ିଲା । କାର୍‌ର ଗତିପଥ ଏକ ପ୍ରକାର ରୁଦ୍ଧ । ତଥାପି କାର୍ ଚାଳକ ସତର୍କତାର ସହିତ ଅନ୍ୟ ଏକ ସାଇଡ୍ ରାସ୍ତାରେ କାର୍ ନେଇ ଠିକ୍ ସଭାମଣ୍ଡପ ପାଖରେ ପହଞ୍ଚିଲା । କାର୍‌କୁ ସଭା ମଣ୍ଡପ ନିକଟକୁ ଆଉ ବେଶୀ ନେବା ପାଇଁ ପୋଲିସ୍ ଗତିରୋଧ କଲା । ମୁଁ ଓ ମୋର ବନ୍ଧୁ ଚାଲି ଚାଲି ପଡ଼ିଆ ପାର ହେଲୁ । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କର ବକ୍ତୃତା ସେତେବେଳେ ଆରମ୍ଭ ହୋଇ ଯାଇଥିଲା । ମାତ୍ର ଜନତା ସାଗରର ଅପ୍ରତିହତ ସ୍ରୋତ ଉଦ୍‌ବେଳିତ ତରଙ୍ଗ ପରି କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଉତ୍ତର, ପୂର୍ବ, ଦକ୍ଷିଣ ସବୁ ଦିଗରେ କେବଳ ଅସୁମାରୀ ଜନତା । ପୂର୍ବରୁ ମୁଁ ବହୁ ମିଟିଂରେ ଯୋଗ ଦେଇଛି । କଟକରେ ସ୍ୱର୍ଗ ନେହୃରୁଙ୍କ କିଲା ପଡ଼ିଆରେ ମିଟିଂ । ଭୁବନେଶ୍ୱରରେ ଏ. ଆଇ. ସି. ସି. ମିଟିଂ । କିନ୍ତୁ ମୋର ମନେ ହେଲା ଏପରି ଭିଡ଼ କେବେ ମୁଁ ଦେଖିନଥିଲି । ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ଚକ୍ଷୁରେ ଆଗ୍ରସିର ଆଲୋକ । ଛୋଟ ଛୋଟ ଅର୍ଦ୍ଧଶିକ୍ଷିତ ପିଲା । ଅସହାୟ ପିଲା ସେମାନଙ୍କ ମନରେ ମଧ୍ୟ ଆଗ୍ରହ, ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କୁ ଦେଖିବେ । ସେମାନେ ଧାଡ଼ି ବାନ୍ଧି ଭିଡ଼ ଠେଲି ଚାଲିଛନ୍ତି । ଖଟିଖିଆ ମଜୁରିଆ, ସରକାରୀ ବେସରକାରୀ ଚାକିରିଆ । କଳାବଜାରୀ ବେପାରୀକୁ ମଧ୍ୟ ଦେଖିଲି ସେଇ ଅଗଣିତ ଭିଡ଼ ମଧ୍ୟରେ । ଚିହ୍ନା ଅଚିହ୍ନା ଅନେକ ମୁହଁ, ଅନେକ ଜୀବନ ଯୌବନର ମାନଚିତ୍ର ଜନତାର ଘନ ଘନ କରତାଳି । ସେଇ କରତାଳି

ଧ୍ୟରେ ପ୍ରତିଧ୍ୱନିତ ହେଉଛି ଗୁରୁଗମ୍ଭୀର ଅଥଚ ସୁଲଳିତ ମଞ୍ଚରେ ଶ୍ରୀମତୀ ଗାନ୍ଧିଙ୍କର ବକ୍ତୃତା—"ଦେଶବାସୀଙ୍କ ସେବାରେ ଯଦି ମୋ ଜୀବନ ଚାଲିଯାଏ ତେବେ ମୁଁ ନିଜକୁ ଧନ୍ୟ ମଣିବି । ଯଦିମକ୍ଷଣ ପର୍ଯ୍ୟନ୍ତ ମୁଁ ସେମାନଙ୍କ ସେବା କରି ଚାଲିଥିବି । ଆଉ ଅମା ପ୍ରାଣ ଯେବେବି ଯାଉନା କାହିଁକି ମୋର ପ୍ରତିଟି ରକ୍ତବିନ୍ଦୁ ଭାରତକୁ ଶକ୍ତିଶାଳୀ କରିବ ଏବଂ ରାଷ୍ଟ୍ରର ଏକତା ଓ ଅଖଣ୍ଡତାକୁ ଜୀବନ୍ତ ରଖିବ ।"

ମୁଁ ମୋର ବନ୍ଧୁ ଭିଡ଼ ଠେଲି ଶ୍ରୀମତୀ ଗାନ୍ଧୀଙ୍କର ନିକଟବର୍ତ୍ତୀ ହେଉଥିଲୁ । କିନ୍ତୁ ଜନତାର ଚକ୍ରବ୍ୟୁହ ଭେଦ କରିବା ସମ୍ଭବପର ହେଲନାହିଁ । ପୁନଶ୍ଚ ଫେରିଆସି ପ୍ରଧାନମନ୍ତ୍ରୀ ଫେରିବା ରାସ୍ତାରେ ଠିଆ ହେଲୁ । ପ୍ରିୟ ନେତ୍ରୀଙ୍କୁ ଦେଖିବା ପାଇଁ ଅସମ୍ଭବ ଭିଡ଼ । ପୋଲିସବାହିନୀ ଓ ଅଫିସରମାନେ ସତର୍କତାର ସହିତ ରାସ୍ତାର ଦୁଇପାଖ ଜଗି ରହିଥିଲେ । ଜଣେ ଅନୁସନ୍ଧିତ୍ସୁ ଯୁବକ କାର୍ଯ୍ୟରତ ପୋଲିସ ଅଫିସରକୁ ପ୍ରଶ୍ନକଲା "ପ୍ରଧାନମନ୍ତ୍ରୀ କଣ ସେଇ ଗାଡ଼ିରେ ଫେରିବେ ?" ସେ କହିଲେ ନା' ନିରାପତ୍ତା ଦୃଷ୍ଟିରୁ ଗାଡ଼ି ବଦଳ କରି ଦିଆଯାଏ । ହୁଇସିଲ୍ ବାଜି ଉଠିଲା—ମୋଟର ସାଇକେଲ୍ ପାଇଲଟ୍ । ପାଇଲଟ୍ କାର—ପୁନଶ୍ଚ ଶ୍ରୀମତୀ ଗାନ୍ଧି । ପ୍ରଣାମ କରି ହସ ହସ ମୁହଁରେ ଫେରି ଯାଉଥିଲେ । ରାତିରେ ସ୍ୱତନ୍ତ୍ର ବିମାନରେ ସେ ଦିଲ୍ଲୀ ଫେରିଯିବେ ।

କେତୋଟି ମୁହୂର୍ତ୍ତ ମଧ୍ୟରେ ଲକ୍ଷ ଲକ୍ଷ ଜନ ସମୁଦ୍ରର ଭିଡ଼ ଫେରନ୍ତା ଢେଉ ଭଳି ବିଲୀନ ହୋଇଗଲା । ମୁଁ ଭାବୁଥିଲି ପୃଥିବୀର ଏଇ ମହାନ ନେତ୍ରୀଙ୍କ ଉପରେ ଏକ ଗଳ୍ପ ଲେଖିବି । କିନ୍ତୁ ଆରମ୍ଭ କେଉଁଠୁ କରିବି ? ଶେଷ ପର୍ଯ୍ୟାୟ କ'ଣ ଲେଖିବି !

ବନ୍ଧୁଙ୍କୁ କହିଲି, ଚାଲ, ହୁଏତ କୌଣସି ସାଂଗ୍ରହିକ ବସିଲେ ଜନତାର ମିଶ୍ରିତ ମନ୍ତବ୍ୟ ଶୁଣିପାରନ୍ତେ । ମୋ ଗଳ୍ପ ପାଇଁ କିଛି ମସଲା ମିଳନ୍ତା । ମାତ୍ର ବନ୍ଧୁ କହିଲେ ଶୀଘ୍ର ଫେରିବା । କଟକରେ ତାଙ୍କର ଅନେକ କାମ ଅଛି । ସେଠିକୁ କଟକ । ଏନ୍. ଏଚ୍. ୫ ଜାତୀୟ ରାଜପଥରେ ଆମ୍ବାସଡ଼ାର କାର ଚାଲିଥିଲା ତୀବ୍ର ଗତିରେ । କଟକରେ ପହଞ୍ଚିବା ପର୍ଯ୍ୟନ୍ତ ମୁଁ କେବଳ ଭାବୁଥିଲି ଗଳ୍ପର ପ୍ଲଟ୍ ।

ଅକ୍ଟୋବର ୩୧ ତାରିଖ । କର୍ମମୟ ଜୀବନ ଓ ଜୀବିକା । ସକାଳ ୯ଟାରୁ ଆରମ୍ଭ ହୋଇଯାଏ ଟେଲିଫୋନ୍‌ର ଅବିରତ ରିଙ୍ଗ୍ । ୧୧ଟା ବେଳେ ଜଣେ ଆତ୍ମୀୟ ଫୋନ୍ କଲେ—ବି. ବି. ସି. ସମ୍ବାଦ ଶୁଣିଛ ? ଶ୍ରୀମତୀ ଇନ୍ଦିରା ଗାନ୍ଧି ତାଙ୍କର ନିରାପତ୍ତାରକ୍ଷୀ ଦ୍ୱାରା ଆହତ । ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ । ମୋ କଣ୍ଠରୁ ଭାଷା ସ୍ଫୁରଣ ହେଉନାହିଁ । ମୁଁ ହଠାତ୍ ନିଜର ଅସ୍ତିତ୍ୱକୁ ବିଶ୍ୱାସ କରିପାରିଲିନାହିଁ । ଗତରାତିର ସେଇ ସେଇ କମନୀୟ ସତେଜ ହସ ହସ ମୁଖମଣ୍ଡଳ ମୋ ଚେତନା ଓ ମନକୁ ଆଚ୍ଛନ୍ନ କରି ରଖିଥିଲା—କର୍ଣ୍ଣ ଗହ୍ୱରରେ କେବଳ ପ୍ରତିଧ୍ୱନିତ ହେଉଥିଲା, ଅନ୍ତିମବାଣୀର ଶେଷ ପଦ...... ମୋର ପ୍ରତିଟି ରକ୍ତବିନ୍ଦୁ ଭାରତକୁ ଶକ୍ତିଶାଳୀ କରିବ....।

ମୁଖ୍ୟ ସଂପାଦକ
ଜୀବନରଙ୍ଗ
ଷ୍ଟୋନିରୋଡ଼ କଟକ-୨



ମତଦାନ ପତ୍ର ମୁଦ୍ରଣରେ କର୍ତ୍ତବ୍ୟରତ କର୍ମଚାରୀ ବୃନ୍ଦ

# ତୁମରି ରକତ-ତଇଳେ ଆଳତି

ଶ୍ରୀ ରାଜକିଶୋର ରାୟ

ତୁମରି ରକତ-ତଇଳେ ଆଳତୀ,
ଏ ଗୀତି ଜଣାଏ, ସେ ସ୍ୱର୍ଗ ନୂତୀ !
ଇନ୍ଦିରା ଜନନୀ ମହିମମାଳିନୀ-
ରାଜଧାନୀ ତୀରେ ବିଦାୟ ମିନତି—
"ଆସିବି ମୁଁ ପୁଣି ସାଜି ଯାତ୍ରିଣୀ,
ଏ ରାଜ୍ୟ ମହିମା (ମୋ) ଅନ୍ତର ବାସିନୀ,
ଗିରିବଣ ନାରୀ ରମ୍ୟ ଅରଣ୍ୟାନୀ,
ଝରଣା ଝଂକୃତ ଶଇଳ-ଶ୍ରେଣୀ
ଉତ୍କଳର ଏ ଚାରୁ ସମ୍ଭାରେ,
ମୋ ମନ ମାଗୁଛି ବିଶ୍ୱ-ଆରତି ।।"
କହିବା କଥା ଏ, ଦିନୁଁଟେ ବିତିନି,
ପାପୀର ଅସ୍ତ୍ରେ ଚୂର୍ଣ୍ଣିଲେ ଧରଣୀ,
କୋଳ କରିନେଲ ଶୋଣିତ-ଯବାରେ,
ପଣତ ତୁମର ଓଦା ସରସରେ ।
ସେ ଓଢ଼ଣୀ ଚୋଳା, ସେ ଛନ୍ଦ, ସେ ରତି
ଥମି, ଲିଭିଗଲ ଜୀବନ-ଜ୍ୟୋତି ।।
ସ୍ତବ୍ଧ ବିଶ୍ୱ, ସ୍ତବ୍ଧ ପ୍ରକୃତି,
ଆକାଶ ସ୍ତବ୍ଧ, ଭିନ୍ନ ଧରିତ୍ରୀ,
ସୂର୍ଯ୍ୟ ସାୟଂତନେ, ଶାନ୍ତି ଉପବନେ
ବିଶ୍ରାନ୍ତି ଲଭିଲ, ସେ ଶ୍ରୁତକୀର୍ତ୍ତି !
ସେ ମୁଖ ସୁଷମା, ତନୁର ତନିମା,
ଅଧର ତଟର ପ୍ରସ ଅନୁପମା,
ଏକତା ପଥର ମୈତ୍ରୀ ଯାତ୍ରୀ,
ସବୁତ ସରିଲ, ଭୂତେ ମିଶିଗଲ,
ଶୁଭୁଛି, ଆତ୍ମାର ଅମର ଗୀତି ।।
ପ୍ରେମ ଆପ୍ଲାବିତ, ପ୍ରେମାର୍ଦ୍ର ଶିଖରେ
ତୁମ ରକ୍ତ ଉଡ଼େ କ୍ଷୀଣ କ୍ଷୀଣତରେ
ସେଥିରୁ ଜନ୍ମିବ ସହସ୍ର ଇନ୍ଦିରା,
ଦୃଢ଼ ଚେତନାର, ଅନ୍ୟ ବସୁନ୍ଧରା,
ଭାରତ ରହିବ ବିଶ୍ୱ ଗୁରୁପଦେ,
ଅର୍ଜିତ ହେବ ତା ଜୀବନର ବେଦେ,
ସୂରୁଯ ଚନ୍ଦ୍ରମା ଥିବା ଯାଏ ରମା
ଇନ୍ଦୁର ନାହିଁ ଅସ୍ତ କାଳିମା,
ଜୟତୁ ଜନନୀ, ପ୍ରିୟଦର୍ଶିନୀ,
ତୋର ମରଣରେ, ମୃତ୍ୟୁ ଗରବିଣୀ,
ହେ ଶାଶ୍ୱତ ଭାରତୀ, ନିଅ ପ୍ରଣତି, ପ୍ରଣତି ।।

*ନଭେମ୍ବର ୧୧ ତାରିଖ ସଂଧ୍ୟାରେ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ଦ୍ୱାରା ଆୟୋଜିତ ✓ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କର ବିୟୋଗରେ ଶୋକ ଶ୍ରଦ୍ଧାଞ୍ଜଳି ଏହି ଗୀତିକାକୁ ସ୍ୱରାରୋପିତ କରି ଲେଖକ ଗାୟନ କରିଥିଲେ ।



ଜାତର ସେବା କରୁ କରୁ ଯଦ ମୋତେ ପ୍ରାଣବଳୀ ଦେବାକୁ ପଡ଼େ ତେବେ ତାହା ହେବ ମୋ ପାଇଁ ଗୌରବ । ମୋର ଦୃଢ଼ ବଶ୍ୱାସ ଯେ, ମୋ ଦେହର ପ୍ରତଟି ରକ୍ତ ବନ୍ଦୁ ଏହ ଦେଶର ଅଭିବୃଦ୍ଧି ରେ ସହାୟକ ହେବା ସଙ୍ଗେ ସଙ୍ଗେ ଏହାକୁ ଶକ୍ତିଶାଳୀ ଓ ଗତଶୀଳ କର ଗଢ଼ି ତୋଳବ ।

ଅକ୍ଟୋବର, ୩୦, ୧୯୮୪

ଶ୍ରୀମତୀ ଇନ୍ଦିର ଗାନ୍ଧୀ ଗି 84/175

# ଇନ୍ଦିରା ଗାନ୍ଧୀ ଓ ଅନ୍ୟ ଏକ ଭାରତ

ଡକ୍ଟର ପ୍ରସନ୍ନ ପାଟଶାଣୀ

"ଦେଶବାସୀଙ୍କ ସେବାରେ ଯଦି ମୋ ଜୀବନ ଯାଏ,
ତେବେ ମୁଁ ନିଜକୁ ଧନ୍ୟ ମଣିବି । ଅନ୍ତିମକ୍ଷଣ ପର୍ଯ୍ୟନ୍ତ ମୁଁ
ସେମାନଙ୍କ ସେବା କରି ଚାଲିଥିବି । ଆଉ ମୋ ପ୍ରାଣ ଯେବେ
ବି ଯାଉନା କାହିଁକି, ମୋର ପ୍ରତିଟି ରକ୍ତ ବିନ୍ଦୁ ଭାରତକୁ ଶକ୍ତିଶାଳୀ
କରିବ ଏବଂ ରାଷ୍ଟ୍ରର ଏକତା ଓ ଅଖଣ୍ଡତାକୁ ଜୀବନ୍ତ ରଖିବ ।"
(୩୦ ଅକ୍ଟୋବର, ୧୯୮୪) ଏହା ହେଲା ଇନ୍ଦିରା ଗାନ୍ଧୀଙ୍କର
ଅନ୍ତିମ ଶବ୍ଦ । ଏଇ ୩୦ ଅକ୍ଟୋବର ୧୯୮୪ର ପରଦିନଟି ଦେଶ
ପକ୍ଷରେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ । କିଏ ଜାଣେ ଏ ଦିନଟି ଭାରତର
ଐତିହ୍ୟ ଓ ପରମ୍ପରାରେ ଏକ ସୁଦୀର୍ଘ କଳା ରେଖା ଟାଣି ସମଗ୍ର
ଦେଶବାସୀଙ୍କୁ ଏକ ଶୋକର ବନ୍ୟାରେ ଭସାଇ ଦେବ । କିଏ
ଜାଣିଥିଲା ସମଗ୍ର ପୃଥିବୀରୁ ସହୃଦୟତା ନିଭିଯିବ, ଅଗଣିତ
ମଣିଷମାନଙ୍କ କୋହରେ । ଏ ଏକ ବିଶ୍ୱାସଘାତକତାର ଦିନ,
ଶୋକରେ ପାଳିତ । ଏ ଏକ ଶହୀଦର ଦିବସ ରକ୍ତରେ ଗୌର-
ବାନ୍ୱିତ । ଚିରସ୍ମରଣୀୟ ହେବ ଏଦିନ, ସମଗ୍ର ବିଶ୍ୱ ନାରୀଙ୍କ
ପକ୍ଷେ । ମଥାରୁ ସିନ୍ଦୁର ନିଭାଇ, ସେମାନେ ଶହୀଦ ଭକତରେ
ଲଗାଇବେ ଚିତା । ସମଗ୍ର ପୁରୁଷ ଜାତିଙ୍କ ପକ୍ଷେ ଏ ହେବ
ଘୋର ବିସ୍ମୃତିର ଦିନ । ପୌରୁଷରେ ଏ ଏକ ଘୋର କଳଙ୍କ,
ମୁଷ୍ଟିମେୟ ଜନତାଙ୍କଦ୍ୱାରା ଏକମହିୟସୀ ମହିଳା ନିହତ, ଅଦ୍ୱିତୀୟ
ନାରୀନେତ୍ରୀଙ୍କ ହତ୍ୟା ଷଡଯନ୍ତ୍ରରେ ଘୃଣିତ ଏ ଦିନ ।

ଏକ ବିଶ୍ୱାସ ଉପରେ ଠିଆ ଭାରତର ସଂସ୍କୃତି ଓ ଐତିହ୍ୟ କାଳ କାଳ ଧରି ଏଇ ଭାରତ ଭୂମିରେ ବହି ଆସିଛି ଆସ୍ଥା ଓ ବିଶ୍ୱାସର ଏକ ପ୍ରବଳ ତଟିନୀ । ଏହାର ସ୍ରୋତ ବିରାଟ ଜନ ସମୁଦ୍ରକୁ ସ୍ପର୍ଶ କରିଛି । ଏତଦ୍ ବ୍ୟତୀତ ନାରୀ ଯୁଗେ ଯୁଗେ ସତୀତ୍ୱର ପରାକାଷ୍ଠା ଲଭି ପ୍ରଶଂସିତ ଓ ସତୀତ୍ୱ ବଳରେ ଶତ ଶତ ବୀରପୁତ୍ର ଜନ୍ମଦେଇ ଜନ୍ମଭୂମିକୁ ସାର୍ଥକ କରିଅଛି । ଭାରତ ମାଟି ପୂତ ପୁଣ୍ୟୋଦୟା । ଏଠି ଦେବତା ମାନଙ୍କର ଜନ୍ମ, ମଣିଷର ଧୈର୍ଯ୍ୟ, ବିଶ୍ୱାସ, ଉଦାରତା, ନିଷ୍ଠା ଓ ଭକ୍ତି ଲାଗି ସ୍ୱୟଂ ଭଗବାନ ଅବତାର ଗ୍ରହଣ କରନ୍ତି, ଦୁର୍ଜନ ମାନଙ୍କର ବିନାଶ ଲାଗି ଓ ସନ୍ଥ ସାଧୁମାନଙ୍କର ପାଳନ ପାଇଁ । ଏଥିଲାଗି ଏଇ ମାଟିର ଗୁଣଗାନ କରିଯାଇଛି କେଉଁ ଅନାଦି କାଳରୁ ପବିତ୍ର ପାବନୀ ଗଙ୍ଗା, ହିମାଳୟ ଏଠି ଅନେକ ଯୋଗୀ, ଋଷି ମାନଙ୍କ ତପସ୍ୟାର ପୀଠସ୍ଥଳି ରୂପେ ଦଣ୍ଡାୟମାନ ହୋଇ ସାଧନାରେ ଲୀନମଗ୍ନ । ଏଇ ଭାରତରେ ଘଟିଥିଲା ରାମ ରାବଣର ଯୁଦ୍ଧ, କୁରୁକ୍ଷେତ୍ର ଯୁଦ୍ଧ ଏବଂ ଏବେ ମଧ୍ୟ ଆଧୁନିକ ଯନ୍ତ୍ରପାତି, ନୂତନ ମାରଣାସ୍ତ୍ର ମାଧ୍ୟମରେ ଯୁଦ୍ଧ ଘଟୁଛି । ଧରଣୀର ଏଥିରେ ଆଦୌ ଶୋଚନା ନାହିଁ । ପୃଥିବୀ ଉପରେ ବିରାଟ ବିରାଟ ପାହାଡ଼ ବର୍ତ୍ତମାନ ଦଣ୍ଡାୟମାନ ହେଲେ ମଧ୍ୟ ପୃଥିବୀ ତାଙ୍କର ଭାର ବହନ କରେ/ ସେଥିପାଇଁ ଅଛି ।

"ନ ଭାରା ପର୍ବତ ଭାରା" । ଅର୍ଥାତ୍ ପର୍ବତ ଯେତେ ଭାରି ନୁହନ୍ତି, ପାପରେ ଧରଣୀ ଅଧିକ ଭାରି ହୋଇଯାଏ । ଶାସ୍ତ୍ରରେ କଥିତ ଅଛି, ପୃଥିବୀ ପାପରେ ଭାରାକ୍ରାନ୍ତ ହେଲେ, ଭଗବାନଙ୍କୁ ପ୍ରାର୍ଥନା କରେ । ତେଣୁ ଭଗବାନ ପାପରୁ ମୁକ୍ତ କରାଇବା ପାଇଁ ଅବତାର ଗ୍ରହଣ କରି ଦୁଷ୍ଟଦଳନ କରିଥାନ୍ତି ।

ଏଠାରେ କହିବାର ତାତ୍ପର୍ଯ୍ୟ ହେଉଛି, ଏ ଯେଉଁ ସବୁ ଯୁଦ୍ଧ ସେ ଗୁଡ଼ିକ ପତ୍ରୀଯୋଚିତ ଯୁଦ୍ଧ । ଧର୍ମଯୁଦ୍ଧ । ଏଥିରେ ଶତ୍ରୁକୁ ଶତ୍ରୁ ମୁହାଁମୁହିଁ ଲଢ଼େଇ ହୁଏ । କିନ୍ତୁ ଅକ୍ଟୋ-ବର ୩୧ ତାରିଖ, ୧୯୮୪ ମସିହା ଦିନ ଆମର ପ୍ରିୟନେତ୍ରୀ ତଥା ଦେଶର ପ୍ରଧାନ ମନ୍ତ୍ରୀଙ୍କର ନିଜ ବାସଭବନର ଗୃହରକ୍ଷୀ ବିଶ୍ୱାସ ଘାତକତା କରି ଯେଉଁ ବିଭତ୍ସ ହତ୍ୟାକାଣ୍ଡ ଘଟାଇଲେ । ତା ସଂପୂର୍ଣ୍ଣ ରୂପେ ନିନ୍ଦନୀୟ । ଏ ଏକ କାପୁରୁଷ ପଣିଆର ପରିଚୟ । ଏହା ଦେଶ ପକ୍ଷରେ ଏକ ଅବକ୍ଷୟୀ ସଂସ୍କୃତିର ଦିନ, ଏକ ବିଶ୍ୱାସ ଘାତକତା, ଯାର କେବେହେଲେ ବିସ୍ମୃତି ନାହିଁ । ମହାକାଳ ବକ୍ଷରେ ଏହା ଏକ ଅଲିଭା ଦାଗ । ଏହି ମର୍ମନ୍ତୁଦ ଘଟଣାରେ ମାଟିର ହୃଦୟ ଅଧିକ ଭାରାକ୍ରାନ୍ତ, ଦୋଦୁଲ୍ୟ ମାନ । ଅନେକ ଶତ୍ରୁର ରକ୍ତରେ ରଞ୍ଜିତ ଏ ମାଟି, ଆଜି ଅବିଶ୍ୱାସ କାପୁରୁଷତା ଓ ଭୀରୁତାର କଳଙ୍କରେ ଅଧିକ ଉଦ୍‌ବେଗ ଓ ଅଶାନ୍ତ ହୋଇ ପଡ଼ିଛି ।

ଭାଗବତରେ କଥିତ ଅଛି

" ମର୍ତ୍ତ୍ୟ ମଣ୍ଡଳେ ଦେହ ବହି
ଦେବତା ହୋଇଲେ ମରଇ "

ସମସ୍ତଙ୍କୁ ଦିନେ ନା ଦିନେ ମୃତ୍ୟୁର ସମ୍ମୁଖୀନ ହେବାକୁ ପଡ଼ିବ । କିନ୍ତୁ ଇନ୍ଦିରାଗାନ୍ଧୀଙ୍କର ଏ ଏକ ଭିନ୍ନ ମୃତ୍ୟୁ, ଏକ ଅପମୃତ୍ୟୁ । ସେଥିଲାଗି ଦେଶ ତଥା ବିଶ୍ୱପକ୍ଷରେ ଏ ଏକ

ହୋଉ କଳଙ୍କ । ଚନ୍ଦ୍ରରେ କଳଙ୍କ ଥିଲେ ଚନ୍ଦ୍ର ସୁନ୍ଦର ଦିଶେ । କିନ୍ତୁ ଏ କଳଙ୍କ କୌଣସି ଦୃଷ୍ଟିରୁ ଆଦୌ ଶୋଭନୀୟ ନୁହେଁ । ସଗରବଂଶ ଧ୍ୱଂଶ ପରେ ଭଗୀରଥ ତପସ୍ୟାକରି ଆଣିଥିଲେ ଗଙ୍ଗାକୁ । ପୋଛିଥିଲେ ମାଟିରୁ କଳଙ୍କ । କିନ୍ତୁ ଏ ଭଳି ବିଶ୍ୱାସଘାତକତାର ପ୍ରତକାର ଲାଗି ଆକଦୀ କୌଣସି ମାର୍ଗର ନିଦର୍ଶନ ନାହିଁ, ଏ ଭଳି ବେଦ, ପୁରାଣ, ଶାସ୍ତ୍ରରେ ମଧ୍ୟ କିଛି ନାହିଁ । ବରଂ ଏ ବିଶ୍ୱାସଘାତକତା ଲାଗି ଈଶ୍ୱର ଚିରଦିନ ବ୍ୟଥିତ । ତାଙ୍କର ଦରଜା ସମ୍ପୂର୍ଣ୍ଣ ଭାବେ ବନ୍ଦ ।

ଇନ୍ଦିରାଗାନ୍ଧୀ ବଞ୍ଚିଥିଲାବେଳେ ତାଙ୍କର କାର୍ଯ୍ୟ କଳାପ ସମଗ୍ର ବିଶ୍ୱରେ ଚହଳ ପକାଇଥିଲା । ସେ ଯେ ଏକ ଅଦ୍ୱିତୀୟ ନାରୀ ନେତ୍ରୀ, ଏଥିରେ ଆଦୌ ସନ୍ଦେହ ନ ଥିଲା । ସେ ରାଜନୀତିର ସର୍ବୋଚ୍ଚ ପାହ୍ୟାକୁ ଉଠି ପାରିଥିଲେ । ମୃତ୍ୟୁ ପୂର୍ବରୁ ସେ ଶେଷଥର ପାଇଁ ତିନିଦିନ ଧରି ଓଡ଼ିଶା ଗସ୍ତରେ ଆସିଥିଲେ । ଭୁବନେଶ୍ୱରଠାରେ ଅକ୍ଟୋବର ୩୦ ତାରିଖ ସନ୍ଧ୍ୟାରେ ଭାଷଣ ଦେଇ କହିଥିଲେ, "ମୁଁ କାଲି କୁଆଡ଼େ ଯିବି, ତା ମୁଁ ଆଦୌ କହି ପାରୁନାହିଁ । ଏ ଉକ୍ତିଟି ଖୁବ୍ ମର୍ମସ୍ପର୍ଶୀ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ଯେ ଇନ୍ଦିରାଙ୍କର ଆତ୍ମା ଅନୁଭବ କରି ପାରିଥିଲା ପରମାତ୍ମାଙ୍କର ସଙ୍କେତ । ଆସନ୍ତା କାଲି ଯେ ତାଙ୍କର ଦେହରୁ ଆତ୍ମା ଛାଡି ଚାଲିଯିବ । ତଥାପି ତାଙ୍କର ଜନ୍ମମାଟି ପ୍ରତି କି ଗଭୀର ପ୍ରେମ, କି ଦରଦ ତାହା ତାଙ୍କର ପୁନରୁକ୍ତିରେ ଅଧିକ ଉପଲବ୍ଧି କରିହେବ । ସେ ଭାରତର ସବୁଜ ଅରଣ୍ୟ ଓ ବୃକ୍ଷରାଜିକୁ ଦୃଷ୍ଟାନ୍ତ ଦେଇ କହିଥିଲେ ଯେ, ଆଜି ଭାରତବର୍ଷ ଯେଉଁ ବୃକ୍ଷରାଜିରେ ପରିପୂର୍ଣ୍ଣ ସେ ସବୁ ବୃକ୍ଷ, ଆମର ପୂର୍ବ ପୁରୁଷମାନେ ବହୁକାଳ ପୂର୍ବରୁ ରୋପଣ କରିଥିଲେ । ସେମାନେ ରୋପଣ କରିଲାବେଳେ କେବେ ହେଲେ ଚିନ୍ତା କରି ନ ଥିଲେ ଯେ, ଆମେ ତ ଏ ବୃକ୍ଷର ଛାଇ କି ଫଳ ଉପଭୋଗ କରି ପାରିବୁ ନାହିଁ, ତେଣୁ ଆମେ ଏହାକୁ କାହିଁକି ରୋପଣ କରିବୁଁ ?" କିନ୍ତୁ ଅନ୍ୟ ପକ୍ଷରେ ସେମାନେ ଚିନ୍ତା କରୁଥିଲେ ଯେ ଭାରତ ଏକ ମହାନ୍ ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଦେଶ ଏବଂ ପରମ୍ପରାକୁ ନେଇ ଦୀର୍ଘକାଳ ଧରି ଜୀଇବାର ଦେଶ । ଏଣୁ ଏହାକୁ ଆମ ଭବିଷ୍ୟ ପୁରୁଷମାନେ ଉପଭୋଗ କରି ପାରିବେ । ଏହା ସତ୍ୟ ଯେ, ଆମେ ଏହାକୁ ଉପଲବ୍ଧି କରୁଛେ । ସେ ଭଳି ଆମେ ଯଦି ଦେଶ ପାଇଁ କାର୍ଯ୍ୟ କରି ଯାଉଥିବା, ତାହାହେଲେ ଆମର ଭବିଷ୍ୟ ପୁରୁଷମାନେ ଏଥିରେ ଉପକୃତ ହୋଇ ପାରିବେ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ, ଇନ୍ଦିରା ଗାନ୍ଧୀଙ୍କର ଏ ଏକ ସଂପୂର୍ଣ୍ଣ ଜାତୀୟବାଦୀ ଚିନ୍ତାଧାରା । ଏହା କୌଣସି ସଂକୀର୍ଣ୍ଣ ମନା ରାଜନୀତିଜ୍ଞମାନଙ୍କର ଭୋଟ ସପନିତ କାର୍ଯ୍ୟାନୁଷ୍ଠାନ ନୁହେଁ । କିମ୍ବା ଏହା କୌଣସି ରାଜନୈତିକ ପେଷା ନୁହେଁ । ଏଥିରେ ରହିଛି ଦେଶପାଇଁ ଏକ ମହାନ୍ ଜାତୀୟ ଭାବଧାରା ।

ଇନ୍ଦିରା ଗାନ୍ଧୀ ଆଜି ନାହାନ୍ତି ସତ । ଓଡ଼ିଶାର ମାଟି, ଏଇ ପୁଣ୍ୟ ତୀର୍ଥର ମାଟିକୁ ଚକଟି ସେ ପରଲୋକଗାମୀ ହୋଇଛନ୍ତି । ଭଗବାନ ନିଜେ ମଧ୍ୟ ଏ ତୀର୍ଥ ନ ଛାଡ଼ିପାରି ସେ ଦାରୁଭୂତ ମୁରାରୀ ହୋଇ ବସିଛନ୍ତି । ତେଣୁ ଇନ୍ଦିରାଗାନ୍ଧୀଙ୍କର ଆତ୍ମା କେବେହେଲେ ନର୍କଗାମୀ ହେବ ନାହିଁ ।

ଇନ୍ଦିରା ଗାନ୍ଧୀ ଥିଲେ ଏକ ଶାନ୍ତିର କପୋତୀ । ସେ ଏ ମେରୁରୁ ସେ ମେରୁକୁ ଉଡ଼ି ବୁଲୁଥିଲେ । ଏହି ଚିର ଶାନ୍ତିର ସହାବସ୍ଥାନ ପାଇଁ । ସେ ଭାରତର ଐତିହ୍ୟ ପରଂପରାକୁ ମୂଳ କେନ୍ଦ୍ର କରି ଏକ ଶତରୁ ଉର୍ଦ୍ଧ ଅନେକ ନିରପେକ୍ଷ ରାଷ୍ଟ୍ରମାନଙ୍କର ଅଧ୍ୟକ୍ଷା ଥିଲେ । ସେ ଶାନ୍ତି ଓ ଭ୍ରାତୃତ୍ୱ ଦିଗରେ ପୃଥିବୀର ନୂତନ ଦିଗ୍ ଦର୍ଶନ ଦେଇଥିଲେ । ଯଦିଓ ସେ ବାହାରକୁ କଠୋର, ଉଗ୍ରରୂପୀ ଜଣା ପଡୁଥିଲେ, ତଥାପ ତାଙ୍କର ହୃଦୟରେ ସମସ୍ତ ବିଶ୍ୱ ବାସୀଙ୍କ ପ୍ରତି ଗଭୀର ସ୍ନେହ ଓ ସଦିଚ୍ଛା ଭରି ରହିଥିଲା । ସେ ଭିତରେ ଫୁଟିଥିଲେ ଗୋଲାପଟିଏ, ଖୁବ୍ ସୁବାସିତ ଓ ସୁରଭିତ । ଆଜି ବିଶ୍ୱବାସୀଙ୍କ ମୁଖରେ ତାଙ୍କର ଗୁଣ ଶତମୁଖୀ ହୋଇ ପ୍ରଶ୍ନରିତ ହେଉଛି ।

ଇନ୍ଦିରା ଗାନ୍ଧୀ ବଞ୍ଚିଥିଲା ବେଳେ ଦେଶ ଦେଶ ମଧ୍ୟରେ ବନ୍ଧୁତା ସ୍ଥାପନ କରିବା ଦିଗରେ ସିଦ୍ଧ ହସ୍ତା ଥିଲେ । ତାଙ୍କର ଖ୍ୟାତି ବିଶ୍ୱବ୍ୟାପୀ ଥିଲା । ଯେଉଁ କେତେକ ମୁଷ୍ଟିମେୟ ଲୋକ ତାଙ୍କର ବିରୋଧୀ ହୋଇ ତାଙ୍କର ପ୍ରତିବାଦ କରୁଥିଲେ ସେମାନେ ସବୁ ଇନ୍ଦିରାଙ୍କ ମୃତ୍ୟୁରେ ଅତ୍ୟନ୍ତ ସ୍ତମ୍ଭୀଭୂତ ହୋଇ ଗଭୀର ଶୋକ ପ୍ରକାଶ କରୁଥିଲେ । ଏଭଳି ଏକ ଦେଶ ନାହିଁ, ଯେ କି ଇନ୍ଦିରାଙ୍କ ମୃତ୍ୟୁ ଖବର ପାଇ ଆତଙ୍କିତ ହୋଇ ନାହିଁ । ଏ ଭଳି ଏକ ନେତା ନାହିଁ, ଯେ କି ଏକ ଗଭୀର ଶୋକ ବାର୍ତ୍ତା ପଠାଇ ନାହିଁ । କିନ୍ତୁ ଇନ୍ଦିରାଙ୍କ ଏପରି ମୃତ୍ୟୁ ଅପୂରଣୀୟ । ତାଙ୍କର ନିଜ ଦେଶ ତଥା ବିଶ୍ୱବାସୀଙ୍କ ପ୍ରତି ଗଭୀର ସମବେଦନା ଓ ବିଶ୍ୱାସ ଥିଲା । କିନ୍ତୁ ଆମେ ତାଙ୍କର ବିଶ୍ୱାସର ପାତ୍ରରେ ଅବିଶ୍ୱାସର ବିଷ ମିଶାଇ ତାଙ୍କୁ ଠେଲି ଦେଇଛେ ନର୍କକୁ ।

ଇନ୍ଦିରା ଗାନ୍ଧି ହିମାଳୟକୁ ଖୁବ୍ ଭଲ ପାଉଥିଲେ । ତେଣୁ ତାଙ୍କୁ ପର୍ବତ କନ୍ୟା ବୋଲି ଆଖ୍ୟା ଦିଆ ଯାଇଥିଲା । ସେ କହିଥିଲେ ଯେ, ମୋର ମୃତ୍ୟୁ ପରେ ମୋର ଚିତା ଭସ୍ମକୁ ନେଇ ହିମାଦ୍ରୀର ଶିଖ ଉପରେ ବିଛାଇ ଦେବ ଓ ଆଉ କିଛି ଗଂଗୋତ୍ରୀରେ ଝାସ ଦେବ । ଏହା ଦ୍ୱାରା ମୋର ଆତ୍ମା ଶାନ୍ତି ପାଇବ । ଏଥିରୁ ତାଙ୍କର ଆଧ୍ୟାତ୍ମିକତାର ସ୍ପଷ୍ଟ ରୂପରେଖ ମିଳେ । ଏହା ବ୍ୟତୀତ ସେ ଆହୁରି କହିଥିଲେ ଯେ, ମୃତ୍ୟୁର ଅବ୍ୟବହିତ ପୂର୍ବରୁ ମୋର ଦୁଇଟି ଆଖିକୁ ଆଖି ବ୍ୟାଙ୍କକୁ ଦାନ କରିଦେବ । ଏହା ଦ୍ୱାରା ମୁଁ ଅତ୍ୟନ୍ତ ଖୁସି ହେବି । କି ଗଭୀର ସ୍ନେହ, କି ଅସୀମ ଉଦାରତା । ତାଙ୍କର ଜାତୀୟ ପ୍ରାଣ ନ ଥିଲେ ଏ ଭଳି ଭାଷା ହୃଦୟରେ ସ୍ଫୁରଣ ହୋଇ ପାରେନା ।

ଆଜି ବିଶ୍ୱ ଆକାଶରେ ଅନେକ ପକ୍ଷୀ ଉଡୁଛନ୍ତି । କିନ୍ତୁ ସେମାନଙ୍କର ଏ ବିଶ୍ୱ ପ୍ରେମ ନାହିଁ । ଗଭୀର ଜାତୀୟ ଦୃଷ୍ଟିକୋଣ ନାହିଁ । ଆକାଶ ସେମାନଙ୍କ ପାଇଁ ଉଦାସୀନ, ମାଟି ସେମାନଙ୍କ ଆଖି ନିର୍ବେଦ ।

ଇନ୍ଦିରାଜୀଙ୍କ ମୃତ୍ୟୁପରେ ଭାରତ ଆଜି ସନ୍ଧି ସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ଅବିଶ୍ୱାସର ବୀଜ ଗ୍ରରିଆଡ଼େ ଅଙ୍କୁରିତ । ଭାରତ ଆକାଶ ଆଜି ସଂଶୟରୂପୀ ମେଘରେ ଆଚ୍ଛନ୍ନ ।

କେତେବେଳେ ଦେଖାଯିବ ଧୂମକେତୁ ଅବା କେତେବେଳେ ପୃଥିବୀ ହେବ କକ୍ଷଚ୍ୟୁତ । ଏ ଜାଣିଛି ରାବଣର ଦେଶ, ଏକ କଳାମୁଖାଧାରୀ ଅସୁରର ଦେଶ ।


ଇନ୍ଦିରାଗାନ୍ଧୀ ଏକ ତୈଳଚିତ୍ର ପରି, ଏକ ମାନଚିତ୍ର ପରି ଖୁବ୍ ଅଙ୍କା ବଙ୍କା । ଝୁଲୁଥିବେ, ପଞ୍ଜାବ ଓ ଆସାମର ସମାସ୍ୟା ବହୁଳ କାଇଁରୁ । ତଥାପି ଆଜ ସେ ଶହୀଦ୍, ଏକ ବୀରା ରମଣୀ । ଦୀର୍ଘ ୫୦୦୦ ବର୍ଷ ଭିତରେ ଏ ଭଳି କେହି ବୀରା ରମଣୀ ପୃଥିବୀ ଇତିହାସରେ ବିପୁଳ ଖ୍ୟାତି ଅର୍ଜନ କରି ନାହାନ୍ତି । ତାଙ୍କ ଲାଗି ହୃଦୟର ଭକ୍ତି ଅର୍ଘ୍ୟ ଢାଳି ଶୁଭୁଥିବ ଜୟ ଜୟକାର ଧ୍ୱନି ।

ଜବ୍ ତକ୍ ସୂରଜ ଚାନ୍ଦ୍ ରହେଗା
ଇନ୍ଦିରାଜୀ ତେରା ନାମ ରହେଗା ।

ପରେଶ୍ ପାର୍କ,
ଭୁବନେଶ୍ୱର ।



ମୂକ ପ୍ରସ୍ତର ସଙ୍ଗୀତ ତୋଳେ


ଗଣତନ୍ତ୍ରର
ଲକ୍ଷ ଲକ୍ଷ
ସ୍ତମ୍ଭ
ମାତ୍ର ଖରି ସପ୍ତାହ ପୂର୍ବେ
ଡିସେମ୍ବର ମାସ
ଶେଷ ସପ୍ତାହରେ
ସମଗ୍ର ଦେଶର ନରନାରୀ
ଯୁବକ ଓ ବୃଦ୍ଧ
ଆଗେଇ ଆସି
ନିଜ ସରକାର
ନିର୍ବାଚିତ କରିଛନ୍ତି ।
ପୁଣି ଥରେ ସେମାନେ
ମୁକ୍ତ ଭୋଟର ମୂଲ୍ୟ
ଏବଂ ଗଣତନ୍ତ୍ରର ଶକ୍ତି
ପ୍ରମାଣିତ କରାଇ ଦେଲେ
ଗଣତନ୍ତ୍ର ଓ ସ୍ୱାଧୀନତା
ଆମର ଏକ ଅମୂଲ୍ୟ ସମ୍ପଦ
ଏକ ମହାନ ଉତ୍ତରାଧିକାର
ଆଜି ଆମ ସାଧାରଣତନ୍ତ୍ରର
ଏହି ୩୫ ତମ ବାର୍ଷିକୀରେ
ଆସନ୍ତୁ ପ୍ରତିଜ୍ଞା କରିବା
ଐକ୍ୟବଦ୍ଧ ହୋଇ ଏବଂ
ସମସ୍ତ ଶକ୍ତି ସଂଯୋଗ କରି
ଆମେ ଏହି ଜ୍ୟୋତିକୁ ପ୍ରଜ୍ଜ୍ୱଳିତ କରି ରଖିବା
davp 84/256

# ଭବିଷ୍ୟତ ଯୋଜନାର ରୂପରେଖ

ଡକ୍ଟର ବୈଦ୍ୟନାଥ ମିଶ୍ର

ବିଂଶ ଶତାବ୍ଦୀର ପ୍ରଥମ ପଚାଶ ବର୍ଷ ଭିତରେ ଭାରତର ଅର୍ଥନୈତିକ କ୍ଷେତ୍ରରେ ବେଶି କିଛି ପରିବର୍ତ୍ତନ ହୋଇ ନଥିଲା । ଅର୍ଥନୈତିକ ପ୍ରଗତି ପାଇଁ ସରକାରଙ୍କ ତରଫରୁ କୌଣସି ସଂଗଠିତ ଉଦ୍ୟମ ହୋଇନଥିଲା । ଯେତିକି ସରକାରୀ ହିସାବ ବାହାରିଛି ସେଥିରୁ ଜଣାପଡୁଛି ଯେ ଏହି ସମୟ ଭିତରେ ଜାତୀୟ ଆୟ ବାର୍ଷିକ ଶତକଡ଼ା ୧.୨ ଭାଗ କୃଷି ଶତକଡ଼ା ୦.୩ ଭାଗ ଓ ଶିଳ୍ପ ଉତ୍ପାଦନ ଶତକଡ଼ା ୨ ଭାଗ ବୃଦ୍ଧି ପାଇଥିଲା । ଦେଶରେ ଅନେକଥର ଦୁର୍ଭିକ୍ଷ ପଡ଼ିଥିଲା । ୧୯୪୩ରେ ବଙ୍ଗଳା ଦୁର୍ଭିକ୍ଷ ସବୁଠାରୁ ଭୟାବହ ହୋଇଥିଲା । ଏହି ଦୁର୍ଭିକ୍ଷରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ । ଦୁର୍ଭିକ୍ଷ ଅନୁସନ୍ଧାନ କମିଟିଙ୍କ ମତ ଅନୁସାରେ ଏହି ଦୁର୍ଭିକ୍ଷ ମନୁଷ୍ୟ-କୃତ । କିନ୍ତୁ ସ୍ୱାଧୀନତା ପରଠାରୁ ଓ ବିଶେଷକରି ଯୋଜନା ଆରମ୍ଭ ଠାରୁ ଭାରତର ଅର୍ଥନୀତିରେ ଏକ ଧାରାବାହିକ ଉନ୍ନତି ସମ୍ଭବ ହୋଇଛି । ଗତ ୩୦ ବର୍ଷ ଭିତରେ ଜାତୀୟ ଆୟ ବାର୍ଷିକ ଶତକଡ଼ା ୩.୬ କୃଷି ଶତକଡ଼ା ବାର୍ଷିକ ୨.୭ ଓ ଶିଳ୍ପ ଶତକଡ଼ା ୬ ଭାଗରୁ କିଛି ଅଧିକ ବୃଦ୍ଧି ପାଇଛି । ଯେ କୌଣସି ବିକାଶଶୀଳ ଦେଶ ପରେ ଏହି ପ୍ରଗତି ସାମାନ୍ୟ ବୋଲି କୁହାଯାଇ ପାରିବ ନାହିଁ । ଏହା ବ୍ୟତୀତ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ବିଜ୍ଞାନ ଟେକ୍ନୋଲୋଜି ପ୍ରଭୃତିର ଯାହାସବୁ ଉନ୍ନତି ହୋଇଛି ସେଥିପାଇଁ ଆମର ଗର୍ବ କରିବାର କଥା । ଭାରତପରି ଏକ ବିରାଟ ଦେଶରେ ଏବଂ ଏକ ଗଣତାନ୍ତ୍ରିକ ସଂସ୍ଥାରେ ଏହିସବୁ ପ୍ରଗତି ହାସଲ କରିବା ସହଜ ନୁହେଁ ।

ତେବେ ଏହି ସବୁ ପ୍ରଗତି ସତ୍ତ୍ୱେ ଦାରିଦ୍ର୍ୟ ଲୋପ ପାଇଁ ନାହିଁ ବରଂ ବୃଦ୍ଧି ପାଉଛି ବୋଲି କୁହାଯାଉଛି । ଭାରତରେ ଶତକଡ଼ା ୫୦ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ଅଛନ୍ତି ବୋଲି ହିସାବ ବାହାରୁଛି । ଦାରିଦ୍ର୍ୟର ଯେ କୌଣସି ବ୍ୟାଖ୍ୟା ହେଉପଛେ ଏବଂ ହିସାବରେ ଯେତେ ଭୁଲ ଅଛି ବୋଲି କୁହାଗଲେ ମଧ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅନେକ ଲୋକଙ୍କର ଆର୍ଥିକ ବ୍ୟବସ୍ଥାରେ ବେଶି କିଛି ଉନ୍ନତି ହୋଇନାହିଁ । ଶିଳ୍ପର ଉନ୍ନତି ହୋଇଛି, କୃଷିର ବିବିଧକରଣ ହୋଇଛି ତଥାପି ଅନେକ ଲୋକ ବେକାର ହୋଇ ରହିଛନ୍ତି । ବେକାରଙ୍କ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି । ଭାରତରେ ଗତ ୩୦—୩୫ ବର୍ଷ ଭିତରେ କୃଷିରେ ସବୁଠାରୁ ବେଶି ପରିବର୍ତ୍ତନ ହୋଇଛି ବୋଲି କୁହାଯାଉଛି । ୧୯୫୦-୫୧ରେ ଭାରତରେ ଖାଦ୍ୟଶସ୍ୟର ଉତ୍ପାଦନ ପ୍ରାୟ ୫ କୋଟି ଟନ୍ ଥିଲା ଚଳିତବର୍ଷ ଏହା ବୃଦ୍ଧିପାଇ ପ୍ରାୟ ୧୫ କୋଟି ଟନ୍‌ରୁ ଅଧିକ ହୋଇଛି । ଅଥଚ ଯେଉଁମାନେ କ୍ଷୁଦ୍ରଚାଷୀ ଓ ନାମକୁ ମାତ୍ର ଚାଷୀ ସେମାନଙ୍କର କ୍ରୟ ଶକ୍ତି ବୃଦ୍ଧି ପାଇନାହିଁ । କୃଷି ପଦ୍ଧତିରେ ଯେଉଁ ପରିବର୍ତ୍ତନ ହୋଇଛି ତାହା କେତେକ ଶସ୍ୟ ଓ କେତେକ ଅଞ୍ଚଳ ଭିତରେ ସୀମାବଦ୍ଧ ହୋଇ ରହିଛି । ଅନିୟମିତ ମୌସୁମୀ ଯୋଗୁଁ କୃଷିରେ ଅସ୍ଥିରତା ସୃଷ୍ଟି ହୋଇଛି । ଶିକ୍ଷାରେ ଅନେକ ଅଗ୍ରଗତି ହୋଇଛି । ଅନେକ ସ୍କୁଲ ଓ କଲେଜ ପ୍ରତିଷ୍ଠିତ ହୋଇଛି । ଛାତ୍ରସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଉଛି କିନ୍ତୁ ଶିକ୍ଷିତ ଲୋକମାନେ ଉତ୍ପାଦନ ବୃଦ୍ଧି କରିବାରେ ବେଶି ସାହାଯ୍ୟ କରିପାରୁ ନାହାନ୍ତି । ଅର୍ଥନୈତିକ ଉନ୍ନତି ପାଇଁ ଯେଉଁ ମାନବିକ ପୁଞ୍ଜି ( Human Capital ) ଦରକାର ସେହି ମାନବିକ ପୁଞ୍ଜି ବିକଶିତ ହୋଇପାରି ନାହିଁ । ଏହିପରି ଅନେକ ଉଦାହରଣ ଦିଆଯାଇପାରେ । ଗୋଟିଏ ପଟେ ଉନ୍ନତି ଏବଂ ଅନ୍ୟପଟେ ଅବନତି । ଉନ୍ନତି ଓ ଅବନତି ଭିତରେ ଏହି ଯେଉଁ ସଂଘର୍ଷ ଲାଗିଛି ସେହି ସଂଘର୍ଷରୁ କିପରି ଆମେ ମୁକ୍ତ ହୋଇପାରିବୁ ସେ ବିଷୟରେ ଅନେକ ମତ ପ୍ରକାଶ ପାଉଛି । ଆମେ ଏଠାରେ ସାମାନ୍ୟ କେତୋଟି ପ୍ରସ୍ତାବ ଦେବୁ ଯାହାକୁକି ଅଗ୍ରାଧିକାର ହିସାବରେ ଗ୍ରହଣ କରାଯାଇ ପାରିବ ।

ପ୍ରଥମ ହେଉଛି ଜନସଂଖ୍ୟା ନିୟନ୍ତ୍ରଣ । ୧୯୪୭ ବେଳକୁ ଭାରତରେ ଜନସଂଖ୍ୟା ପ୍ରାୟ ୩୫ କୋଟି ଥିଲା । ୧୯୮୧କୁ ଏହା ବୃଦ୍ଧି ପାଇ ୬୮.୫ କୋଟି ହୋଇଥିଲା । ଏବେ ୭୦ କୋଟିରୁ କିଛି ଅଧିକ ହେବଣି । କାରଣ ପ୍ରତ୍ୟେକ ବର୍ଷ ଜନସଂଖ୍ୟା ପ୍ରାୟ ୧ କୋଟି ୩୦ ଲକ୍ଷ ବୃଦ୍ଧିପାଉଛି । ଏବେ ଯାହାସବୁ ହିସାବ ବାହାରୁଛି ସେଥିରୁ ଜଣା ପଡୁଛି ଯେ ଏହି ଶତାବ୍ଦୀର ଶେଷଭାଗକୁ ଜନସଂଖ୍ୟା ପ୍ରାୟ ୧୦୦ କୋଟି ହେବ । ଜନସଂଖ୍ୟା ଯେତିକି ଅଧିକ ହେବ ଜନ ସାଧାରଣଙ୍କର ଆର୍ଥିକ ସ୍ଥିତି ସେତିକି ଦୁର୍ବଳ ହେବ । ଗତ ୩୦ ବର୍ଷ ଭିତରେ କୃଷି, ଶିଳ୍ପ ବ୍ୟବସାୟ ଓ ବାଣିଜ୍ୟ ପ୍ରଭୃତିରେ ଏତେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ବ୍ୟକ୍ତିପିଛା ଆୟରେ ବେଶିକିଛି ଉନ୍ନତି ହୋଇନାହିଁ । ଗତ ୩୦ ବର୍ଷ ଭିତରେ ଜାତୀୟ ଆୟ ବର୍ଷକୁ ହାରାହାରି ୩.୫ ହିସାବରେ ବୃଦ୍ଧି ପାଇଛି । ଅଥଚ ଏହି ତିରିଶ ବର୍ଷ ଭିତରେ ବ୍ୟକ୍ତିପିଛା ଆୟ ଶତକଡ଼ା ମୋଟେ ୪୦ ଭାଗ ବୃଦ୍ଧି ପାଇଛି । ବିଶେଷ ଜୋର ଜବରଦସ୍ତି ଜନସଂଖ୍ୟା ନିୟନ୍ତ୍ରଣ କରିହେବ ନାହିଁ । ବିଶେଷ କରି ଏକ ଗଣତାନ୍ତ୍ରିକ ଦେଶରେ ଲୋକଙ୍କୁ ବୁଝେଇ ସୁଝେଇ ଏବଂ

ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଯେଉଁ ସବୁ ପନ୍ଥା ଦରକାର ତାର ବ୍ୟବସ୍ଥା କରି ଜନସଂଖ୍ୟା ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିବାକୁ ପଡ଼ିବ । ୧୯୭୧–୮୧ ଭିତରେ ଜନସଂଖ୍ୟା ବୃଦ୍ଧିହାର କମିବ ବୋଲି ଯେଉଁ ଆଶା କରାଯାଇଥିଲା ତାହା ସମ୍ଭବ ହୋଇନାହିଁ । ୧୯୬୧–୭୧ରେ ଯେଉଁ ବୃଦ୍ଧିହାର ଥିଲା ୧୯୭୧–୮୧ରେ ପ୍ରାୟ ସେହି ବୃଦ୍ଧି ହାର ଅଛି । ପୁଣି କେତେକ ସଂଖ୍ୟାଲଘୁ ଗୋଷ୍ଠୀ ଦେଶରେ ନିଜର ଆସନ ଦୃଢ଼ କରିବା ପାଇଁ ଜନସଂଖ୍ୟା ବୃଦ୍ଧି କରିବା ପାଇଁ ଉଦ୍ୟମ କରୁଛନ୍ତି । ଜନସଂଖ୍ୟା ନିୟନ୍ତ୍ରଣରେ କୌଣସି ସଂକୀର୍ଣ୍ଣ ମନୋଭାବ ପ୍ରକାଶ ପାଇବା ଉଚିତ ନୁହେଁ । ଦେଶର ସମୂହ ସ୍ୱାର୍ଥ ଦୃଷ୍ଟିରୁ ଏଥିରେ ସମସ୍ତେ ସହଯୋଗ କରିବା ଦରକାର । ମୋଟ କଥା ଜନସଂଖ୍ୟା ନିୟନ୍ତ୍ରଣକୁ ଆଗାମୀ ଯୋଜନାରେ ଅଗ୍ରାଧିକାର ଦିଆଯାଇ ଏହାକୁ ନିୟନ୍ତ୍ରଣ କରିବାକୁ ପଡ଼ିବ । ନଚେତ୍ ଜନସାଧାରଣଙ୍କର ଅର୍ଥନୈତିକ ସ୍ଥିତି ଦୃଢ଼ ହେବନାହିଁ ।

ଦ୍ୱିତୀୟ ସମସ୍ୟା ହେଉଛି କୃଷିର ଉନ୍ନତି । ଗତ ୩୦ । ୩୫ ବର୍ଷ ଭିତରେ କୃଷିର ଅନେକ ଉନ୍ନତି ହୋଇଥିଲେ ମଧ୍ୟ ଏ ଦିଗରେ ଆମକୁ ଆହୁରି ଅନେକ ଅଧିକ କାମ କରିବାକୁ ପଡିବ । ବିଂଶ ଶତାବ୍ଦୀର ଶେଷ ଭାଗକୁ ଭାରତରେ ଖାଦ୍ୟ ଶସ୍ୟର ଚାହିଦା ପ୍ରାୟ ୨୨୫ ବା ୨୩୦ ନିୟୁତ ଟନ୍ ହେବ । ହାରାହାରି ବାର୍ଷିକ ଉତ୍ପାଦନ ଏବେ ପ୍ରାୟ ୧୩୦ । ୧୩୫ ନିୟୁତ ଟନ ହେବ । ଅବଶ୍ୟ ଗତବର୍ଷ ଉତ୍ତମ ପାଗ ଯୋଗୁଁ ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି ପାଇ ୧୫୦ ନିୟୁତ ଟନ୍‌ରୁ ଅଧିକ ହୋଇଛି । ତେଣୁ ଆମକୁ ଆହୁରି ପ୍ରାୟ ୧୦୦ ନିୟୁତ ଟନ୍ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରିବାକୁ ପଡିବ । ଅଧିକ ଜମି ଚାଷ କରିବାର ତ ସମ୍ଭାବନା ନାହିଁ । ବରଂ ଚାଷଜମି କମିବାର ସମ୍ଭାବନା ରହିଛି । ଯେତିକି ଅଧିକ ଶିଳ୍ପ, ସହର ଓ ରାସ୍ତାଘାଟ ହେବ, ଚାଷଜମିର ମାତ୍ରା ସେତିକି କମିବ । ତେଣୁ ସଘନ ଚାଷ ଉପରେ ଗୁରୁତ୍ୱ ଦେଇ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି କରିବାକୁ ହେବ ।

କେବଳ ଜନସାଧାରଣଙ୍କର ଖାଦ୍ୟ ଶସ୍ୟର ଚାହିଦା ପୂରଣ ପାଇଁ କୃଷିର ଯେ ଉନ୍ନତି ଦରକାର, ତାହା ନୁହେଁ । ଶିଳ୍ପର ଯେତେ ଉନ୍ନତି ହେଲେ ମଧ୍ୟ କର୍ମ ନିଯୋଜନ ପାଇଁ ଅଧିକାଂଶ କର୍ମଠ ଲୋକ ଚାଷ ଉପରେ ନିର୍ଭର କରିବାକୁ ବାଧ୍ୟ ହେବେ । ଏବେ ଭାରତରେ ପ୍ରାୟ ୬୦ ଲକ୍ଷ ଲୋକ ପ୍ରତ୍ୟେକ ବର୍ଷ ଶ୍ରମ ବଜାରକୁ ଚାକିରୀ ଅନ୍ୱେଷଣରେ ଆସୁଛନ୍ତି । କିନ୍ତୁ ସେଥି ଭିତରୁ ପ୍ରାୟ ୫ । ୬ ଲକ୍ଷ ଲୋକ ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ ପ୍ରଭୃତିରେ ନିଯୁକ୍ତି ପାଉଛନ୍ତି । ବାକିତକ ସେଇ କୃଷିରେ ନିର୍ଭର କରି ରହୁଛନ୍ତି । ତେଣୁ କୃଷିର ଉନ୍ନତି ନ ହେଲେ କର୍ମସଂସ୍ଥାନ ବୃଦ୍ଧି ହୋଇ ପାରିବ ନାହିଁ ।

ଏହା ବ୍ୟତୀତ ଶିଳ୍ପର ଅଗ୍ରଗତି ପାଇଁ ମଧ୍ୟ କୃଷିର ବିକାଶ ଦରକାର । ଶିଳ୍ପରେ ଯେ କୃଷିଜାତ ଦ୍ରବ୍ୟ ଦରକାର ତାହା ନୁହେଁ, କୃଷିରେ ନିର୍ଭର କରୁଥିବା ଲୋକମାନଙ୍କର କ୍ରୟଶକ୍ତି ବୃଦ୍ଧି ନ ହେଲେ ଶିଳ୍ପର ଅଗ୍ରଗତି ସମ୍ଭବ ହେବ ନାହିଁ । ଶିଳ୍ପଜାତ ଦ୍ରବ୍ୟ ବିକ୍ରି ପାଇଁ ବଜାର ଦରକାର । ଭାରତ ବିଦେଶରେ ନିଜ ଜିନିଷ ବିକ୍ରି କରିବା ପାଇଁ ବଜାର ସୃଷ୍ଟି କରିବା ସହଜ ନୁହେଁ । ଉନ୍ନତ ଦେଶମାନେ ଭାରତ ସହିତ ପ୍ରତିଯୋଗିତା କରିବେ । ସେ ପ୍ରତିଯୋଗିତାରେ ଭାରତ ସହଜରେ ଉଠିପାରିବ ନାହିଁ । ଭାରତ ନିଶ୍ଚୟ ବିଦେଶରେ କିଛି ଶିଳ୍ପଜାତ ଦ୍ରବ୍ୟ ବିକ୍ରି କରିବାକୁ ଚେଷ୍ଟା କରିବ । ତେବେ ଭାରତ ଭିତରେ ଥିବା ବିରାଟ ବଜାରକୁ ଯଦି ଭାରତ ଉନ୍ନତ କରି ପାରିବ, ତାହାହେଲେ ଶିଳ୍ପର ଅଗ୍ରଗତିରେ କୌଣସି ବାଧା ସୃଷ୍ଟି ହେବ ନାହିଁ । ଏହି ବଜାର ସୃଷ୍ଟି କରିବାକୁ ଚାହିଁବା ଦରକାର । ଚାହିଦାର ଉନ୍ନତି ପାଇଁ ଜନସାଧାରଣଙ୍କର କ୍ରୟ ଶକ୍ତିର ବୃଦ୍ଧି ହେବା ଦରକାର । ଗାଁ ଗହଳରେ ବାସ କରୁଥିବା ଜନସାଧାରଣଙ୍କର କ୍ରୟଶକ୍ତି ବୃଦ୍ଧି ପାଇଁ କୃଷିର ବିକାଶ ଏକ ପ୍ରଧାନ ଅବଲମ୍ବନ ।

କୃଷିର ବିକାଶ ପାଇଁ ଅନେକ ପନ୍ଥା ଅଛି । ଏ ସବୁ ପନ୍ଥା ବିଷୟରେ ଚାଷୀମାନେ କିଛି କିଛି ଜାଣିଲେଣି । ହୁଏତ ସମୟ କ୍ରମେ ନୂତନ ପନ୍ଥା ବାହାରିବ ଏବଂ ଚାଷୀମାନଙ୍କୁ ସେ ବିଷୟରେ ସଚେତନ କରିବାକୁ ପଡିବ । ଚାଷୀମାନଙ୍କର ଚାଷ ବିଷୟରେ ଅନୁଭୂତି ଅଛି, କିନ୍ତୁ ଚାଷ ପ୍ରଣାଳୀର ଉନ୍ନତି ପାଇଁ ଭିନ୍ନ ଭିନ୍ନ ସମୟରେ ଯେଉଁ ସବୁ ନୂତନ ପଦ୍ଧତି ବାହାରୁଛି ସେ ବିଷୟରେ ସେମାନଙ୍କର ଯଥେଷ୍ଟ ଜ୍ଞାନ ନାହିଁ । ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁସାରେ ଏହି ପଦ୍ଧତିକୁ ପ୍ରସାରଣ କରିବାକୁ ପଡିବ । କିନ୍ତୁ ସବୁଠାରୁ ବଡ଼ କାମ ହେଉଛି ଜଳସେଚନର ବୃଦ୍ଧି ଓ ଇନପୁଟ୍ ବଣ୍ଟନର ଉପଯୁକ୍ତ ବ୍ୟବସ୍ଥା । ଏବେ ଚାଷ ଜମିର ଶତକଡ଼ା ପ୍ରାୟ ୨୫ ଭାଗ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା ଅଛି ବୋଲି କୁହାଯାଉଛି । ଏହା ପ୍ରାୟ ଶତକଡ଼ା ୪୫ । ୫୦ ଭାଗ ବୃଦ୍ଧି କରାଯାଇ ପାରିବ । ଚାଷ ପ୍ରଣାଳୀର ଉନ୍ନତି ପାଇଁ ଜଳସେଚନ ଏକ ପ୍ରଧାନ ଅବଲମ୍ବନ । ଏହା ବ୍ୟତୀତ ଉନ୍ନତ ବିହନ, ରାସାୟନିକ ସାର, ପୋକ ଓ ରୋଗମରା ଔଷଧ ପ୍ରଭୃତି ବଣ୍ଟନର ସୁବିଧା ନ କଲେ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ହୋଇ ପାରିବନାହିଁ । କୃଷି ଏ ପର୍ଯ୍ୟନ୍ତ ଏକ ଗତାନୁଗତିକ ଧାରାରେ ଚାଲିଥିଲା । ଏହାକୁ ଏକ ବ୍ୟବସାୟିକ ଧନ୍ଦା କରିବାକୁ ପଡ଼ିବ । ତାହାହେଲେ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ପାଇବ, ଅଧିକ ଉତ୍ପାଦନ ହେବ ଓ ଚାଷୀର କ୍ରୟଶକ୍ତି ବୃଦ୍ଧି ପାଇପାରିବ ।


ତୃତୀୟ ସମସ୍ୟା ହେଉଛି ଶିଳ୍ପର ଅଗ୍ରଗତି । ଶିଳ୍ପର ଉନ୍ନତି ନ ହେଲେ କୃଷିର ମଧ୍ୟ ଉନ୍ନତି ହୋଇ ପାରିବ ନାହିଁ । ଶିଳ୍ପ ଓ କୃଷି ଓତଃପ୍ରୋତଃ ଭାବେ ଜଡ଼ିତ । ଗତ ୩୦ । ୩୫ ବର୍ଷ ଭିତରେ ଶିଳ୍ପର ଅନେକ ଉନ୍ନତି ଘଟିଛି । ଶିଳ୍ପ କ୍ଷେତ୍ରରେ ଭାରତ ଏବେ ପୃଥିବୀରେ ଦଶମ ସ୍ଥାନ ଅଧିକାର କରିଛି । କିନ୍ତୁ ଶିଳ୍ପ କ୍ଷେତ୍ରରେ କେତେଗୁଡ଼ିଏ ଅସୁବିଧା ଅଛି । ଯାହାକୁ କି ଦୂର କରିବାକୁ ଅନେକ ଉଦ୍ୟମ କରିବାକୁ ପଡିବ । ଶିଳ୍ପ ପାଇଁ ବିଦ୍ୟୁତ ଶକ୍ତି ପ୍ରଧାନ ଉପାଦାନ । ଏଣୁ ଏହି ବିଦ୍ୟୁତ ଶକ୍ତି ଅଭାବରୁ ଅନେକ ଶିଳ୍ପର ପୂରାଶକ୍ତି ବିନିଯୋଗ ହୋଇ ପାରୁନାହିଁ । ଶିଳ୍ପର ଉନ୍ନତି ପାଇଁ ଅର୍ଥ ବିନିଯୋଗ କରାଯାଇଛି । ଏହା ଫଳରେ ଶିଳ୍ପର ଶକ୍ତି ଅନେକ ବୃଦ୍ଧି ହୋଇଛି । କିନ୍ତୁ ଅନେକ ଶିଳ୍ପ ସେମାନଙ୍କ ଶକ୍ତିର ଶତକଡ଼ା ୫୦ । ୬୦ ଭାଗ ବ୍ୟବହାର କରୁଛନ୍ତି ।

କେତେଗୁଡ଼ିଏ ଶିଳ୍ପ ବର୍ଷକେ ଚାରି ପାଞ୍ଚମାସ ପୁରା ବନ୍ଦ ହୋଇରହୁଛି । ଏହା ବ୍ୟତୀତ ଶିଳ୍ପ ପରିଚାଳନାରେ ଶୃଙ୍ଖଳା

ଅଭାବରୁ ପୁଞ୍ଜି ବିନିଯୋଗ ଅନୁପାତରେ ଶିଳ୍ପରୁ ଲାଭ ମିଳି-ପାରୁନାହିଁ । ପରିଚାଳନା ଦକ୍ଷତା ଏକ ବଡ଼ ସମସ୍ୟା । ଏଥିପାଇଁ ସମନ୍ୱୟ (କୋ-ଅଡ଼ିନେସନ) ଦରକାର । ଗୋଟିଏ ଉଦାହରଣ ଦେଖାଯାଉ । ଅନେକ ସମୟରେ କୋଇଲା ଅଭାବରୁ ଓ୍ୱାଗନ ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ପୁଣି ଓ୍ୱାଗନ ଅଭାବରୁ କୋଇଲା ବଣ୍ଟନରେ ମଧ୍ୟ ଅସୁବିଧା ଦେଖାଯାଏ । ଅର୍ଥନୈତିକ କ୍ଷେତ୍ରରେ ସମନ୍ୱୟ ପ୍ରତିଷ୍ଠା କରି ଏହି ସବୁ ଅସୁବିଧା ଦୂର କରିବା ପାଇଁ ଯେଉଁ ସବୁ ଉଦ୍ୟମ ହୋଇଛି, ତାହା ଏ ପର୍ଯ୍ୟନ୍ତ ସଫଳ ହୋଇନାହିଁ । ସରକାରୀ ନିୟନ୍ତ୍ରଣ ଅନେକ ସମୟରେ ସମନ୍ୱୟ ନ ଆଣି ବାଧାବିଘ୍ନ ସୃଷ୍ଟି କରିବାରେ ସାହାଯ୍ୟ କରିଛି । ତେଣୁ ପରିଚାଳନା ଦକ୍ଷତା କିପରି ବୃଦ୍ଧି କରିବାକୁ ହେବ, ସେ ବିଷୟରେ ଭବିଷ୍ୟତରେ ଅଧିକ ଦୃଷ୍ଟି ଦେବାକୁ ପଡ଼ିବ ।

ଭାରତର ଅର୍ଥନୈତିକ ସ୍ଥିତି ମଜବୁତ କରିବା ପାଇଁ ଅନେକ ପ୍ରସ୍ତାବ ଉପସ୍ଥାପିତ କରାଯାଇପାରେ । ତେବେ ଉପରୋକ୍ତ ତିନୋଟି ବିଷୟ ଉପରେ ଯଦି ଆଗାମୀ ଯୋଜନାରେ ଗୁରୁତ୍ୱ ଦିଆଯିବ, ତାହାହେଲେ ଆମେ ଅନେକାଂଶରେ ଆମର ଲକ୍ଷ୍ୟ ପୂରଣ କରିବାରେ ସଫଳ ହୋଇ ପାରିବା ।

କୁଳପତି, କୃଷି ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର ।



ମତଦାନ ପତ୍ର ତିଆରିର ଏକ ଦୃଶ୍ୟ ।

# ସେ ମରିନି, ସେ ମରିପାରିବନି

ସାମନ୍ତ ଚନ୍ଦ୍ରଶେଖର ମହାପାତ୍ର

ଜ୍ୟୋତିସ୍ମତୀ ତାରାଟିଏ, ହଠାତ୍ ସେ ଦିନ
ଖସିଗଲା ଏ ଦେଶ ଆକାଶୁ,
ଅନ୍ଧକାର ଛାଇଦେଇ, ମିଶିଗଲା
ମହା ଜ୍ୟୋତି ଅନନ୍ତ ସଭାରେ

ଧୂମାଳ ଧରଣୀ ହେଲା ତଟସ୍ଥ, ନିସ୍ତବ୍ଧ
ସବୁ ଆଶା ଆଶ୍ୱାସର ଧୈର୍ଯ୍ୟଶିଳା
ହଠାତ୍ ଯେମିତି ଅନ୍ତର୍ହିତ ହୋଇଗଲା
ସବୁରି ଗହଣୁଁ
ନିରାଶ୍ରୟ କରି କୋଟି ନିପୀଡିତ ଆଖି ।

ଯୁଦ୍ଧ ଆଉ ଅସୂୟାର ହିଂସ୍ର ହୁଙ୍କାରବେଳେ
ଶାନ୍ତି ଆଉ ସଂହତିର ବାର୍ତ୍ତାବହ,
ଅଗ୍ରଗାମୀ ନେତାଟି—ହଠାତ୍ ଢଳି ପଡ଼ିଲା
ଷଡ଼ଯନ୍ତ୍ର ଦଂଶନେ ।

କହିବାକୁ ଭାଷା ନାହିଁ, ଆଖିରେ ଆଲୋକ ନାହିଁ
ମନରେ ବି ଆସୁନି ବିଶ୍ୱାସ
ଏ ଘୋର ଦୁର୍ଦ୍ଦିନ ବେଳେ
କିଏ ସତେ ହେବ ସାହା
କିଏ ସତେ ଦେବଟି ଆଶ୍ୱାସ ।

ସନ୍ଦିହାନେ ଗୁହିଁ ରହେ, ଅଗଣିତ
ଅସହାୟ ଆଖି,
ଭାବେ ସଂଗୋପନେ,

ସତେ କ'ଣ ଏ ଜାତିର ବାର୍ତ୍ତା ଏବେ
ଲୁଚିଯିବ
ମହାକାଳ ଗତିରେ ମଉନେ
ମହାକାଳ ଗତିରେ ମଉନେ
ହେବ ନାହିଁ ରୋକି ?

ଧ୍ୱଂସ ତେବେ ଅନିର୍ବାର୍ଯ୍ୟ
ଅଳୀକ ଏ ଶାନ୍ତି ଆସ୍ଫାଳନ
ମିଛ ଖାଲି ଭ୍ରାତୃଭାବ
ଖାଲିମିଛ ସଂହତି ସ୍ୱପନ ?
ଅସାର୍ଥକ ତେବେ ସବୁ
ମାନବୀୟ ସ୍ନେହ ମୈତ୍ରୀ ବଂଚିବାର ଆଶା ।
ସାର୍ଥକ ଓ ସତ୍ୟଖାଲି
ଦାନବୀୟ ହିଂସ୍ର ପରିଭାଷା ?
"ନା",
ସହୀଦ୍ ର ଅଦୃଶ୍ୟ ଆତ୍ମାର ସ୍ୱର ଭାସିଆସେ—
"ମୋ ବାର୍ତ୍ତା, ଏ ମାଟିର ବାର୍ତ୍ତା
ସୃଷ୍ଟି ସ୍ଥିତି ସଂହତି ର ବାର୍ତ୍ତା ।

ସେ ମରିନି ସେ ମରି ପାରିବନି" ।

ଶୁଣ, ଏଇ କାନଡେରି ଶୁଣ
ଅବିକଳ ସେଇ ସ୍ୱର
ସେଇ ଆଶ୍ୱାସନା
କରୁଛି ଉନ୍ମନ........
"ସେ ମରିନି, ସେ ମରି ପାରିବନି" ।

[ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କର ଦ୍ୱାଦଶାହ ଉପଲକ୍ଷେ ଶ୍ରୀକ୍ଷେତ୍ର ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ବିଧାନସଭା ସଦସ୍ୟ ଶ୍ରୀଯୁକ୍ତ ଗଦାଧର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ "ସ୍ମୃତି ପାଇଁ କବିତା ଆସର" ରେ ପଠିତ ]

ଗ୍ରା : ପୋ: ବୀର ହରେକୃଷ୍ଣପୁର
ଭାୟା-ପୁରୀ-୨
ଜି:-ପୁରୀ

# ଶହୀଦ ସ୍ମରଣେ

ଶ୍ରୀ ଚନ୍ଦ୍ର ଶେଖର ନାୟକ

ଆମ ଦେଶକୁ ପରାଧୀନତା ଫାଶରୁ ମୁକ୍ତ କରିବାପାଇଁ ସ୍ୱାଧୀନତା ସଂଗ୍ରାମରେ ଆତ୍ମବଳିଦାନୀ ବୀର ଶହୀଦବର୍ଗଙ୍କୁ ଭକ୍ତି ଶ୍ରଦ୍ଧାଞ୍ଜଳି ନିବେଦନ ପାଇଁ ମାର୍ଚ୍ଚ ପ୍ରଥମ ଦିବସକୁ ଶହୀଦ ଦିବସରୂପେ ପାଳନ କରାଯାଉଥିଲା । ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ମହାତ୍ମା ଗାନ୍ଧି ଗୁଳିବିଦ୍ଧ ହୋଇ ଜୀବନ ବିସର୍ଜନ କରିବାରୁ ସେହି ଦିବସର ସ୍ମରଣାର୍ଥେ ଜାନୁୟାରୀ ୩୦ ତାରିଖ ଆଜିମାରୀ ହିମାଚଳ ଶହୀଦ ଦିବସ-ରୂପେ ପାଳିତ ହେଉଛି । ୧୯୪୮ ମସିହା ଜାନୁୟାରୀ ମାସର ସେହି ୩୦ ତାରିଖରେ ନୂଆଦିଲ୍ଲୀ ବିରଳା ହାଉସ ପରିସର ମଧ୍ୟରେ ଅନୁଷ୍ଠିତ ପ୍ରାର୍ଥନା ସଭାରେ ସଂଧ୍ୟା ୫ ଘଣ୍ଟା ୧୭ ମିନିଟରେ ପୂଜ୍ୟ ବାପୁଜୀ ଜଣେ ଆତତାୟୀର ନିର୍ମମ ଗୁଳି ସ୍ରୋତରେ ସେହି ପ୍ରାର୍ଥନା ମଣ୍ଡପରେ ଚିରଦିନପାଇଁ ଇହ ସଂସାରରୁ ବିଦାୟ ନେଇଗଲେ । ତାଙ୍କ ମୁଖରୁ ନିଃସୃତ ହୋଇ ଉଠିଲା ଭଗବାନଙ୍କର ସେହି ପବିତ୍ର ନାମ–'ହେ ରାମ' । ଏହାହିଁ ଥିଲା ଧରାପୃଷ୍ଠରେ ବାପୁଜୀଙ୍କର ମୁଖ ନିଃସୃତ ଅନ୍ତିମ ପଦ ।

ଅଖଣ୍ଡ ଭାରତରୁ ବିଖଣ୍ଡିତ ହୋଇ ସ୍ୱାଧୀନତା ଲଭ କଲାବେଳେ ପାକିସ୍ତାନକୁ ଭାରତର ଅଖଣ୍ଡ କୋଠ ପାଣ୍ଠିରୁ ନ୍ୟାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରିବାରେ ଭାରତୀୟ ନେତୃବୃନ୍ଦ ଟାଳଟୁଳ କରିବାରୁ ତାହାକୁ ସତ୍ୟ ଓ ନ୍ୟାୟର ପରିପନ୍ଥୀ ବିଚାରି ଅନଶନ ବ୍ରତ ପାଳନ ଦ୍ୱାରା ଶାସନ ଦାୟିତ୍ୱରେ ଥିବା ଭାରତୀୟ ନେତୃବୃନ୍ଦଙ୍କ ଉପରେ ବାପୁଜୀ ନୈତିକ ଚାପ ପକାଇଲେ । ଏହାପରେ ପାକିସ୍ତାନ ଅବଶ୍ୟ ତାର ପ୍ରାପ୍ୟ ପାଇଲା । ମାତ୍ର ଈର୍ଷାପ୍ରଣୋଦିତ ଏକ ସାଂପ୍ରଦାୟିକ ଗୋଷ୍ଠୀ ଏଥିରେ ବିଶେଷ ଈର୍ଷାନ୍ୱିତ ହୋଇ ନାଥୁରାମଙ୍କୁ ପଠାଇ ବାପୁଜୀଙ୍କୁ ହତ୍ୟା କଲେ ।

ବାପୁଜୀ ଥିଲେ ମାନବ ଧର୍ମୀ । ସେ ପରିଷ୍କାର କହିଥିଲେ "ମୋ ପରି ଶତ ଶତ ଲୋକ ନଷ୍ଟ ହୋଇଯାନ୍ତୁ ପଛେ ସତ୍ୟର ଜୟ ହେଉ । କାହାରିକୁ ଖୁସି କରିବାପାଇଁ ମୁଁ ସତ୍ୟ ଭଗବାନଙ୍କର ବିରୋଧ କରିପାରିବି ନାହିଁ ।"

ମାନବ ଧର୍ମର ପ୍ରତିଷ୍ଠାକଳ୍ପେ ବାପୁଜୀ ଆତ୍ମବଳିଦାନ ଦେଇ ହେଲେ ପରମଶହୀଦ । ଏହି ପରିପ୍ରେକ୍ଷୀରେ ଶହୀଦ ଦିବସଟି ଆମ ପକ୍ଷରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସ୍ୱାଧୀନତା ସଂଗ୍ରାମରେ ଆତ୍ମବଳିଦାନୀ ଜ୍ଞାତ, ଅଜ୍ଞାତ, ସମସ୍ତ ଶହୀଦଙ୍କୁ ସେଦିନ ଭକ୍ତି ଶ୍ରଦ୍ଧାଞ୍ଜଳି ନିବେଦନ କରି ଆମ୍ଭେମାନେ ନିଜକୁ ଗୌରବାନ୍ୱିତ ମନେ କରୁଅଛୁ ।

୧୮୫୭ରେ ସଂଗଠିତ ସିପାହୀ ବିଦ୍ରୋହକୁ ଆମ ଦେଶର ସର୍ବ ପ୍ରଥମ ଜାତୀୟ ଜାଗରଣ କୁହାଯାଉଥିଲେ ମଧ୍ୟ ବିଦେଶୀ କଂପାନୀ ଶାସନର ଅବସାନ ପାଇଁ ଆମଦେଶର ଖଣ୍ଡ ବିଖଣ୍ଡିତ ରାଜ୍ୟର ସ୍ୱାଧୀନ ନରପତିଗଣ ବହୁ ପୂର୍ବରୁ ସଂଗ୍ରାମ ଆରମ୍ଭ କରି ଦେଇଥିଲେ ।

## ପଲାସୀ ଯୁଦ୍ଧ

୧୭୫୭ ଜୁନ୍ ୨୩ ତାରିଖରେ ଅନୁଷ୍ଠିତ ଭୟାବହ ପଲାସୀ ଯୁଦ୍ଧ କ୍ଷେତ୍ରରେ ସ୍ନେହଶୀଳ ନବାବ ସିରାଜଉଦୌଲା ଯୁଦ୍ଧବନ୍ଦୀ ଅବସ୍ଥାରେ ନିହତ ହେଲେ ।

## ନନ୍ଦକୁମାର

ସ୍ୱାଧୀନଚେତା ବଙ୍ଗୀୟ ବ୍ରାହ୍ମଣ ସନ୍ତାନ ମହାରାଜା ନନ୍ଦକୁମାର ନାନା ସୂତ୍ରରେ ଲାଞ୍ଚ ଗ୍ରହଣ କରୁଥିବା ଇଂରେଜୀ ପ୍ରଶାସକ ୱାରେନ୍ ହେଷ୍ଟିଙ୍ଗସ୍‌ଙ୍କ ବିରୁଦ୍ଧରେ ଯେଉଁ ଗୁରୁତର ଅପରାଧ ଆଗତ କରିଥିଲେ ତାହା ବିଳାତ ଭୂଇଁକୁ ଥରାଇ ଦେଇଥିଲା ! ହେଷ୍ଟିଙ୍ଗସ୍ ଏଥିରେ ପ୍ରମାଦ ଗଣିଲେ । ନନ୍ଦକୁମାରଙ୍କୁ ଖତମ କରିଦେବା ଲକ୍ଷ୍ୟରେ ଜଣେ ବିଶ୍ୱାସ ଘାତକ ବଣିକଙ୍କୁ ହାତକରି ନନ୍ଦକୁମାର ଖଣ୍ଡିଏ ଦଲିଲ ଜାଲ କରିଛନ୍ତି ବୋଲି ଏକ ମିଥ୍ୟା ମକଦ୍ଦମା ସୁପ୍ରିମ୍ କୋର୍ଟରେ ଆଗତ କଲେ । ହେଷ୍ଟିଙ୍ଗସ୍‌ଙ୍କ ବାଲ୍ୟ ବନ୍ଧୁ ବିଚାରପତି ଏଲିଜା ଇମ୍ପେ ଖୁବ୍ ତରତରରେ ମକଦ୍ଦମାଟି ବିଚାର କରି ଏକ ନଗଣ୍ୟ ଅପରାଧ ପାଇଁ ନନ୍ଦକୁମାରଙ୍କୁ ଜଘନ୍ୟ ଫାଶୀ ଦଣ୍ଡରେ ଦଣ୍ଡିତ କଲେ । ଏହି ଅପ କୌଶଳ ବିଲାତ ଭୂଇଁରେ ଏପରି ନିନ୍ଦିତ ହେଲା ଯେ ବିଶିଷ୍ଟ ଇଂରେଜ ରାଜନୀତିଜ୍ଞ

ଏଡ଼ମଣ୍ଡ ବାର୍କ ସ୍ପଷ୍ଟ ମନ୍ତବ୍ୟ କରିଥିଲେ ଯେ "Hastings murdered Nand Kumar through the hands of Sir Elijah Impey" ନନ୍ଦକୁମାର ଶହୀଦ ହେଲେ ।

## ଟିପୁ ସୁଲତାନ

ମହୀଶୂରର ପରାକ୍ରମୀ ଶାସକ ଟିପୁ ସୁଲତାନ ବିଦେଶୀ ପ୍ରଶାସନର ସମ୍ମାନହାନି କରି ସାମନ୍ତ ସନ୍ଧି ଗ୍ରହଣ ନ କରି ୧୭୯୯ରେ ଶ୍ରୀରଙ୍ଗପତନ ରଣକ୍ଷେତ୍ରରେ ଇଂରେଜ ସେନାଙ୍କୁ ସମ୍ମୁଖ ରଣକ୍ଷେତ୍ରରେ ମୁକାବିଲା କରି ଆତ୍ମ ବିସର୍ଜନ କଲେ ।

## ଦେଶୀୟ ରାଜ୍ୟରେ ବିଦ୍ରୋହ

ଆମ ଓଡ଼ିଶାରେ ପରାଧୀନ ଶାସନର ପ୍ରଥମ ପ୍ରତିରୋଧ କରିଥିଲେ ଘୁମୁସର ରାଜା କୃଷ୍ଣ ଭଞ୍ଜ । ଘଟଣାକ୍ରମେ ପାରଳା-ଖେମୁଣ୍ଡି, ଖଲ୍ଲିକୋଟ, ମୟୂରଭଞ୍ଜ, ସେରଗଡ଼ ଓ ଖୋର୍ଦ୍ଧାର ରାଜା ଓ ଜମିଦାରମାନେ ବିଭିନ୍ନ ପରିପ୍ରେକ୍ଷୀରେ ବିଦ୍ରୋହ ଘୋଷଣା କରିଥିଲେ । ଏହି ବିଦ୍ରୋହରେ ବହୁ ଓଡ଼ିଆ ବୀରଙ୍କ ଜୀବନ ଦୀପ ନିର୍ବାପିତ ହୋଇ ଯାଇଛି । ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କ ବିଦ୍ରୋହର ନେତୃତ୍ୱ ନେଇଥିବା ଜୟୀ ରାଜଗୁରୁ ଫାଶୀ କାଠରେ ଜୀବନ ବିସର୍ଜନ କରିଛନ୍ତି ।

## ପାଇକ ବିଦ୍ରୋହ

୧୮୧୭ରେ ଖୋର୍ଦ୍ଧା ପାଇକ ବିଦ୍ରୋହରେ କୁଜଙ୍ଗର ପାଇକନେତା ବାମଦେବ ପଟ୍ଟଯୋଶୀ, ନାରାୟଣ ପରମଗୁରୁ ପଶୁରାମ ରାଉତରାୟ, ସଚ୍ଚିଦାନନ୍ଦ ପଟ୍ଟନାୟକ, ବିନ୍ଧ୍ୟଗିରିର ଗୋପାଳ ଛୋଟରାୟ, ବିଶ୍ବ ପାଇକରାୟ ଓ ନିଧି ପ୍ରଧାନ ପ୍ରମୁଖ ବହୁ ପାଇକ ଜୀବନ ବିସର୍ଜନ କଲେ । ଧନଞ୍ଜୟ ଭଞ୍ଜଙ୍କ ନେତୃତ୍ୱରେ ସଂଗଠିତ ଘୁମୁସର କନ୍ଧମେଳିରେ ଶତାଧିକ କନ୍ଧ ନିହତ ହେଲେ ।

୧୮୩୧ ମସିହାରେ ଗଂଜାମର ବିଶୋଇମାନଙ୍କ ବିଦ୍ରୋହରେ ରାୟଗଡ଼ା ଓ ଘଟଣ୍ୟକୋଟାର ବିଶୋଇମାନଙ୍କ ପ୍ରମୁଖ ବହୁ ବିଦ୍ରୋହୀ ପ୍ରାଣଦଣ୍ଡ ପାଇଲେ । ୧୮୪୭ରେ ଅନୁଗୁଳର ରାଜା ସୋମନାଥ ସିଂ ଗିରଫଦୋଇ ହଜାରିବାଗ ଜିଲ୍ଲାରେ ଶେଷନିଶ୍ୱାସ ତ୍ୟାଗ କଲେ ।

## ସିପାହୀ ବିଦ୍ରୋହ

ହିନ୍ଦୁ ମୁସଲମାନଙ୍କ ସୁଦୃଢ଼ ଐକ୍ୟ ଉପରେ ପ୍ରତିଷ୍ଠିତ ସିପାହୀ ବିଦ୍ରୋହ ନାମରେ ଖ୍ୟାତ ୧୮୫୭ ମସିହାର ପ୍ରଥମ ଜାତୀୟ ଜାଗରଣରେ ଭାରତର ଶେଷ ସ୍ୱାଧୀନ ସମ୍ରାଟ ବାହାଦୁର ଶାହା, ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ ସିଂହଭୂମି ପୋଡ଼ାହାଟର ଜଗୁଦେଓ୍ୱାନ୍, ତାନ୍ତିଆଟୋପେ, ବିହାରର କନ୍‌ଓ୍ୱାର ସିଂ ଓ ବଖତ ଖାଁ, ବରେଲୀର ଖାଁ ବାହାଦୁର ଖାଁ, ଫଇଜାବାଦର ମୌଲବି ଅହମଦ୍ ଉଲ୍ଲା, ଉତ୍ତରପ୍ରଦେଶର ମଙ୍ଗଳ ପାଣ୍ଡେ, ନାନାପଣ୍ଡାବିସ୍‌ଙ୍କ କନ୍ୟା କୁମାରୀ ମଇନା ଓ ବାହାଦୁର ଶାହାଙ୍କ ଦୁଇ ପୁତ୍ର ଓ ଜଣେ ନାତିଙ୍କ ପ୍ରମୁଖ ହଜାର ହଜାର ହିନ୍ଦୁ ମୁସଲମାନ ଭାରତ ସନ୍ତାନ ଏହି ସଂଗ୍ରାମରେ ପ୍ରାଣପାତ କଲେ । ସିପାହୀ ବିଦ୍ରୋହର ଅନ୍ୟତମ ତୁଙ୍ଗନେତା ଓଡ଼ିଆ ବୀର ସୁରେନ୍ଦ୍ର ସାଏ ବିଦ୍ରୋହର ବହୁ ପୂର୍ବରୁ ନିଜେ ବିଦ୍ରୋହ ଘୋଷଣା କରି ଦୀର୍ଘ ୩୭ ବର୍ଷ ବନ୍ଦୀ ଜୀବନ କଟାଇ ୧୮୮୪ ଫେବୃଆରୀ ୨୮ ତାରିଖରେ ଅସୁରଗଡ଼ ବନ୍ଦୀଶାଳାରେ ଶେଷ ନିଶ୍ୱାସ ତ୍ୟାଗ କଲେ ।

ସିପାହୀ ବିଦ୍ରୋହରେ ବିଦ୍ରୋହୀମାନଙ୍କୁ ଯେପରି ନିର୍ମମ ଭାବରେ ହତ୍ୟା କରାଗଲା ସେଥିରେ ବ୍ୟଥିତ ହୋଇ ଐତିହାସିକ ମୋଲେସ୍‌ନ କହିଥିଲେ—'A more brutal or a more unneccessary outrage was never committed. It, was a blunder as well as a crime". "ଏହି ବିଦ୍ରୋହରେ ଉଜ୍ଜ୍ୱଳ ସାଏ, କଳରାମ ସିଂ ଓ ଛବିଳ ସାଏ ମଧ୍ୟ ଆତ୍ମବଳି ଦେଇଥିଲେ ।

## କୃଷକ ବିଦ୍ରୋହ

ଊନବିଂଶ ଶତାବ୍ଦୀରେ କୋହ୍ଲ, ସାନ୍ତାଳ, ରଂପା ଓ ଜୁଆଙ୍ଗ ଜାତୀୟ ଆଦିବାସୀମାନେ ବିଦେଶୀ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ । ବଙ୍ଗର ଫରାଜୀ ଆନ୍ଦୋଳନ, ପଞ୍ଜାବର କୁକା ବିଦ୍ରୋହ, ବଙ୍ଗଳାର ନୀଳଚାଷୀ ବିଦ୍ରୋହ, ମାଲବାରର ମାପିଲା ବିଦ୍ରୋହ, ବଙ୍ଗ, ବିହାର, ପଂଜାବ ଓ ମାନ୍ଦ୍ରାଜରେ ଓ୍ୱାହାବି ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମର ଇତିହାସରେ ଉଲ୍ଲେଖ ରହିଛି । ଅନେକ ସ୍ଥଳରେ ଏ ପ୍ରକାର ଆନ୍ଦୋଳନର ପ୍ରଖ୍ୟାତିକୁ ନ୍ୟୂନ ପ୍ରତିପାଦନ କରିବାକୁ ଯାଇ ବିଦେଶୀ ପ୍ରଶାସନ ତାହାକୁ ବେଆଇନ, ବିଶୃଙ୍ଖଳା ଓ ଡକାୟତି ବୋଲି ଅଭିହିତ କରାଇଥିଲେ ମଧ୍ୟ ଏହିସବୁ ଆନ୍ଦୋଳନରେ ଗୁଳିଗୁଳାର ଶିକାର ହୋଇ ବହୁ ନିରୀହ କୃଷକ ପ୍ରାଣ ବିସର୍ଜନ କରିଛନ୍ତି ।

## ସ୍ୱଦେଶୀ ଓ ସନ୍ତ୍ରାସବାଦ

୧୮୮୫ ଡିସେମ୍ବର ୨୮ ତାରିଖରେ ଅଖିଳ ଭାରତ ଜାତୀୟ କଂଗ୍ରେସ ଜନ୍ମ । ଜନ୍ମରୁ ରାଜଭକ୍ତି ଥିବାରୁ ଭାରତକୁ ସ୍ୱାଧୀନ କରିବା ଲକ୍ଷ୍ୟରେ କୌଣସି ବୈପ୍ଳବିକ କାର୍ଯ୍ୟକ୍ରମ କଂଗ୍ରେସର ନଥିଲା । କାଳକ୍ରମେ ବହୁ ନବ ଯୁବକ ଆଇରିସ୍ ସନ୍ତ୍ରାସବାଦୀ ଓ ଋଷୀୟ ନାସ୍ତିବାଦୀଙ୍କ ପନ୍ଥାକୁ ଅନୁସରଣ କରି ଉଗ୍ର ସନ୍ତ୍ରାସବାଦ ମାଧ୍ୟମରେ ଭାରତରୁ ବ୍ରିଟିଶ ଶାସନର ଅବସାନ ପାଇଁ ନିଜ ପ୍ରାଣର ବିନିମୟରେ କଠୋର ସାହସିକତା ପ୍ରଦର୍ଶନ କରିବାକୁ ଲାଗିଲେ । ୧୯୦୫ ମସିହାରେ ପ୍ରଶାସକ ଲର୍ଡ କର୍ଜନଙ୍କର ବଙ୍ଗ-ଭଙ୍ଗ ଆଦେଶର ପ୍ରତିରୋଧ ପର୍ଯ୍ୟାୟରେ ସ୍ୱଦେଶୀ ଓ ସନ୍ତ୍ରାସବାଦ ଜନ୍ମଲାଭ କରି କ୍ରମେ ପ୍ରସାରିତ ହେବାକୁ ଲାଗିଲା । ଢାକାର ଅନୁଶୀଳନ ସମିତି, କଲିକତାର ଯୁଗାନ୍ତର ଓ ବୀର ସାଭରକରଙ୍କ ପ୍ରତିଷ୍ଠିତ ମହାରାଷ୍ଟ୍ର ମିତ୍ରମେଳା ଏଥିରେ ଇନ୍ଧନ ପକାଇବାକୁ ଲାଗିଲେ ।

ମିଜାଫରପୁର ଜିଲ୍ଲା ଜଜ୍ କିଙ୍ଗସ୍ ଫୋର୍ଡ ସନ୍ତ୍ରାସବାଦୀମାନଙ୍କୁ କଠୋର ଦଣ୍ଡ ବିଧାନ କରୁଥିବାରୁ ସନ୍ତ୍ରାସ

ବାହୀଙ୍କ କୋପଦୃଷ୍ଟି ତାଙ୍କ ଉପରେ ପଡ଼ିଲା । ତାଙ୍କ ଜୀବନ ନେବା ପାଇଁ ବୋମା ଫିଙ୍ଗିଥିବା ଅପରାଧରେ ଅଷ୍ଟାଦଶ ବର୍ଷୀୟ ବଂଗୀୟ ଯୁବକ କ୍ଷୁଦିରାମ ଫାଶୀ ପାଇଲେ । ତାଙ୍କର ସାଥୀ ପ୍ରଫୁଲ୍ଲ ଚକ୍ରି ଆତ୍ମହତ୍ୟା କଲେ ।

ଆଲିପୁର ଷଡ଼ଯନ୍ତ୍ର ମୋକଦ୍ଦମାରେ ସରକାରୀ ସାକ୍ଷୀ ଓ ମୋକଦ୍ଦମା ପରିଚାଳକ କର୍ମଚାରୀମାନଙ୍କୁ ହତ୍ୟା କରିବା ଅପରାଧରେ ସତ୍ୟେନ ବସୁ ଓ କାନାଇ ଦତ୍ତ ଫାଶୀ ପାଇଲେ ।

ଦକ୍ଷିଣ ଭାରତରେ ସ୍ୱାଧୀନତା ଆନ୍ଦୋଳନର ପ୍ରବର୍ତ୍ତକ ବିପ୍ଳବୀ ବିପିନ ଚନ୍ଦ୍ର ପାଲ ଓ ଚିଦାମ୍ବରମ୍ ପିଲ୍ଲେଙ୍କ ଗିରଫ ପ୍ରତିବାଦରେ ତୁତିକୋରିନ୍ ଓ ତିନେବାଲିରେ ସଂଗଠିତ ଗଣବିକ୍ଷୋଭକୁ ଦମନ କରିବାକୁ ଯାଇ ପୋଲିସ ଗୁଳି ଚଳାଇଥିଲେ । ଏଥିରେ ବହୁ ସଂଗ୍ରାମୀ ନିହତ ହେବା ଘଟଣା ବିପ୍ଳବୀ ବଞ୍ଚି ଆୟାରଙ୍କୁ ଏପରି ଦୁର୍ବିସହ ବୋଧ ହେଲା ଯେ ଗୁଳି ଚଳାଇବାକୁ ଆଦେଶ ଦେଇଥିବା ଅଫିସରଙ୍କୁ ସେ ହତ୍ୟା କଲେ । ବିଦେଶୀ ପ୍ରଶାସକଙ୍କ ହାତରେ ଧରାଦେଇ ମରିବା ଅପେକ୍ଷା ନିଜେ ନିଜକୁ ଗୁଳିକରି ଶହୀଦତ୍ୱ ପ୍ରାପ୍ତହେଲେ ।

ପଞ୍ଜାବ ସିଭିଲ ସର୍ଜନ ଡ଼ାକ୍ତର ସାହେବ ଦତ୍ତ ମଲ୍ଲଙ୍କ ପୁତ୍ର ମଦନଲାଲ ଧୀଙ୍ଗ୍ରା ବିଲାତ ଭୂଇଁରେ ଭାରତ ମନ୍ତ୍ରୀଙ୍କ ରାଜନୈତିକ ଏ. ଡ଼ି. ସି. ସାର କର୍ଜନ ୱାଇଲି ଓ ଡ଼ାକ୍ତର ଲାଲକାକାଙ୍କୁ ହତ୍ୟା କରିବା ଅପରାଧରେ. ୧୯୦୯ ଅଗଷ୍ଟ ୧୭ ତାରିଖରେ ଫାଶୀ ଖୁଣ୍ଟରେ ଜୀବନ ବିସର୍ଜନ କଲେ । ତାଙ୍କ ଆତ୍ମବଳିଦାନ ମିଃ ଚର୍ଚ୍ଚିଲଙ୍କ ଭଳି ଭାରତ ବିରୋଧୀ ତାଙ୍କ ଆତ୍ମବଳିଦାନ ମିଃ ଚର୍ଚ୍ଚିଲଙ୍କ ଭଳି ଭାରତ ବିରୋଧୀ

ନିଆଁ ଗିଳା ଜାତକୁ ମଧ୍ୟ ଚହଲାଇ ଦେଇଥିଲା । ମିଃ ଡବ୍ଲ୍ୟୁ ଦୃଷ୍ଟ ଶହୀଦ ଧୀଙ୍ଗ୍ରାଙ୍କୁ ପ୍ରଶଂସା କରି କହିଥିଲେ ଯେ କୌଣସି ଖ୍ରୀଷ୍ଟାନ ଶହୀଦ ମଦନଲାଲଙ୍କ ସମକକ୍ଷ ହେବେ ନାହିଁ ।

୧୯୧୫ ଡ଼ିସେମ୍ବର ୯ ତାରିଖରେ ବାଲେଶ୍ୱର ଚଷାଖଣ୍ଡଠାରେ ଇଂରେଜ ଶକ୍ତିର ମୁକାବିଲା କରି ବିପ୍ଳବୀ ବାଘାଯତୀନ, ଚିତ୍ତପ୍ରିୟ ରାୟଚୌଧୁରୀ, ଜ୍ୟୋତିଷ ଚନ୍ଦ୍ର ପାଲ, ମନୋରଞ୍ଜନ ସେନଗୁପ୍ତ ଓ ନୀରେନ୍ଦ୍ର ଦାସଗୁପ୍ତ ଆତ୍ମବିସର୍ଜନ କଲେ ।

## ଜାଲିଆନାବାଗ୍ ହତ୍ୟାକାଣ୍ଡ

ଦ୍ୱିତୀୟ ମହାଯୁଦ୍ଧର ଅବସାନପରେ ଭାରତରେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱ କଂଗ୍ରେସ ମାଧ୍ୟମରେ ପ୍ରସ୍ଥାପିତହୋଇ କ୍ରମେ ପ୍ରସାରିତ ହେବାକୁ ଲାଗିଲା । ଏହି ପରିପ୍ରେକ୍ଷୀରେ ୧୯୧୯ ଏପ୍ରିଲ ୧୩ ତାରିଖରେ ପଞ୍ଜାବର ପ୍ରାଚୀରାବୃତ ଜାଲିଆନାବାଗ୍‌ରେ ଲାଲା ହଂସରାଜ ସମବେତ ବିଂଶ ସହସ୍ରାଧିକ ଜନ ସମାବେଶରେ ମହାତ୍ମା ଗାନ୍ଧିଙ୍କ ଅହିଂସାତ୍ମକ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରୁଥିବାବେଳେ ପଞ୍ଜାବର ଲାଟ ମାଇକେଲ ଓ ଡ଼ାୟାରଙ୍କ ନିର୍ଦ୍ଦେଶରେ ସେନାପତି ଡ଼ାୟାର ଅତି ନିର୍ମମ ଭାବରେ ଅବିରାମ ଗୁଳି ବର୍ଷଣ କରିବାରୁ ବହୁଲୋକ ଆଖି ପିଛୁଳାକେ ଟଳିପଡ଼ିଲେ । ଇଂରେଜ ଶାସନର ଏହି କଳଙ୍କତମ ଅଧ୍ୟାୟ ନିର୍ମମ ହତ୍ୟାକାଣ୍ଡରେ ୪ଶହ ମୃତ, ୨ହଜାର ଆହତ, ୫୧ ଜଣ ଫାଶୀ ଓ ୪୬ ଜଣ ଦ୍ୱୀପାନ୍ତର ଭୋଗ କଲେ ।

ଏହି ନିର୍ମମ ହତ୍ୟାକାଣ୍ଡରେ ନିହତ ଜଣେ ଶହୀଦଙ୍କ ବୀର ସନ୍ତାନ ଉଦାମ ସିଂ ପିତୃହତ୍ୟାର ପ୍ରତିଶୋଧ ପାଇଁ ୧୯୪୦ ମାର୍ଚ୍ଚ ୧୩ ତାରିଖରେ ବିଲାତ ଭୂଇଁରେ ଡାୟାରଙ୍କୁ ଗୁଳି କରି ହତ୍ୟାକଲେ । ୧୯୪୦ ଜୁଲାଇ ୩୧ ତାରିଖରେ ବୀର ଉଦାମ ସିଂ ସେହି ବିଲାତ ଭୂଇଁରେ ଫାଶୀ ବରଣ କରି କାଳକାଳକୁ ଅମର ହୋଇ ରହିଛନ୍ତି ।

ଉଦାମ ସିଂଙ୍କଠାରୁ କନିଷ୍ଠ ଭଗତ ସିଂ ଓ ତାଙ୍କର ସାଥୀ ଚନ୍ଦ୍ରଶେଖର ଆଜାଦ ସୁଖଦେବ, ରାଜଗୁରୁ, ଅଜୟଘୋଷ ଯତୀନ ଦାସ ଓ ବଟୁକେଶ୍ୱର ଦତ୍ତଙ୍କୁ ନେଇ ଗଠିତ ଏକ ବିପ୍ଳବୀ ବାହିନୀ ସ୍ୱାଧୀନତା ଆନ୍ଦୋଳନକୁ ଦମନ କରିବା ଲକ୍ଷ୍ୟରେ ଅଭିପ୍ରେତ ଡାଇରେକ୍ଟ ଆକ୍ଟ ବିରୁଦ୍ଧରେ ପ୍ରତିବାଦ ଜଣାଇ ଦିଲ୍ଲୀ କେନ୍ଦ୍ରୀୟ ବିଧାନ ପରିଷଦରେ ବୋମା ନିକ୍ଷେପ କଲେ । ଏହି ଘଟଣାରେ କେହି ମୃତାହତ ନୋହିବା ସତ୍ତ୍ୱେ ଭଗତ ସିଂ ସୁଖଦେବ ଓ ରାଜଗୁରୁ ଦୋଷୀ ସାବ୍ୟସ୍ତ ହୋଇ ଫାଶୀ ପାଇଲେ । ୧୯୩୧ ମାର୍ଚ୍ଚ ୨୩ ତାରିଖରେ ସେହି ତିନୋଟି ବସ୍ନବହନକାରୀ ଜୀବନ ଦୀପ ଚିରଦିନପାଇଁ ନିର୍ବାପିତ ହୋଇଗଲା । ଚନ୍ଦ୍ରଶେଖର ଆଜାଦ ୧୯୩୧ ଫେବୃୟାରୀରେ ଏଲ୍ଲାହାବାଦସ୍ଥିତ ଆଲଫ୍ରେଡ ପାର୍କରେ ସଶସ୍ତ୍ର ସଂଗ୍ରାମରେ ନିହତ ହେଲେ ।

## ଚିଟାଗାଞ୍ଜ ଅସ୍ତ୍ରାଗାର ଲୁଣ୍ଠନ

ପୂର୍ବ ବଙ୍ଗର ସନ୍ତ୍ରାସବାଦୀମାନଙ୍କ ପ୍ରାଣକେନ୍ଦ୍ର ଚିଟାଗଞ୍ଜରେ ଥିବା ସରକାରୀ ଅସ୍ତ୍ରାଗାରକୁ ବିପ୍ଳବୀ ସୂର୍ଯ୍ୟସେନଙ୍କ ନେତୃତ୍ୱରେ ଅମ୍ବିକା ଚକ୍ରବର୍ତ୍ତୀ, ଲୋକନାଥ ବଳ, ଗଣେଶ ଘୋଷ, ଅନନ୍ଦା ଗୁପ୍ତ, ଟେଗ୍ରାବଳ, କଳ୍ପନା ଦତ୍ତ ଓ ପ୍ରୀତିଲତା ଓ୍ୱାଡେଦାର ପ୍ରମୁଖ ବିପ୍ଳବୀ ଯୁବକ ଯୁବତୀମାନେ ଅସ୍ତ୍ରଶସ୍ତ୍ର ଲୁଣ୍ଠନ କରି ସରିଲା ରଣକୌଶଳରେ ବ୍ରିଟିଶ ବାହିନୀର ମୁକାବିଲା କଲେ । ଏହି ପର୍ଯ୍ୟାୟରେ କଲିକତାର ମହାକାଶ ନିରୀକ୍ଷକ, ବର୍ଗ ଲଟ, ସାର ଷ୍ଟାନଲେ ଓ ବହୁ ସରକାରୀ କର୍ମଚାରୀଙ୍କୁ ହତ୍ୟା କରିବା ଅପରାଧରେ - ଟେଗ୍ରାବଳ, ବୀଣା ଦାସ, ବିନୟ, ସୂର୍ଯ୍ୟସେନ, ବାଦଲ ଓ ଦୀନେଶ ଶହୀଦତ୍ୱ ପ୍ରାପ୍ତ ହେଲେ ।

୧୯୨୫ରେ ଉତ୍ତର ପ୍ରଦେଶର ବିଖ୍ୟାତ କାକୁରି ଷଡ଼ଯନ୍ତ୍ର ଘଟଣାରେ ରାମପ୍ରସାଦ, ବିଶମଲ, ରୋଶନ ଲାଲ ଓ ଆସଫାକୁଲ୍ଲା ଫାଶୀ ପାଇଥିଲେ ।

## ସାଇମନ କମିଶନ ବର୍ଜ୍ଜନ

ସ୍ୱାଧୀନତା ପ୍ରାପ୍ତି ପାଇଁ ଭାରତୀୟମାନଙ୍କ ଯୋଗ୍ୟତା ପରଖିବା ଅଭିପ୍ରାୟରେ ସାର ଜନ୍ ସାଇମନଙ୍କ ନେତୃତ୍ୱରେ ଭାରତକୁ ଆସିଥିବା ସାତଜଣ ସଭ୍ୟ ବିଶିଷ୍ଟ ଏକ କମିଶନର ଜଣେ ହେଲେ ଭାରତୀୟ ନଥିବାରୁ ଭାରତସାରା ସାଇମନ ବର୍ଜ୍ଜନ ଧ୍ୱନି ପରିବ୍ୟାପ୍ତ ହେବାକୁ ଲାଗିଲା ଲାହୋରରେ କମିଶନ ବର୍ଜ୍ଜନ ଆନ୍ଦୋଳନରେ ନେତୃତ୍ୱ ନେଇଥିବା ଅବସ୍ଥାରେ ଗୋରା ସର୍ଜେଣ୍ଟ ସଣ୍ଡର୍ସଂଙ୍କ ନେତୃତ୍ୱରେ ପରିଚାଳିତ ପୋଲିସ ବାହିନୀର ନିର୍ମମ ଲାଠି ମାଡ଼ରେ ଆହତ ହୋଇ ପଞ୍ଜାବ କେଶରୀ ଲାଲା ଲଜପତ ୧୯୨୮ ନଭେମ୍ବର ୨୩ ତାରିଖରେ ପ୍ରାଣତ୍ୟାଗ କଲେ ।

## ସାମ୍ପ୍ରଦାୟିକ ସଂପ୍ରୀତି

ବହୁ ଜାତି, ଧର୍ମ ଓ ବର୍ଣ୍ଣ ଅଧ୍ୟୁଷିତ ଆମ ଭାରତ ଭୂଇଁରୁ ସାଂପ୍ରଦାୟିକ ବିଦ୍ୱେଷ ଲୋପ କରିବାକୁ ଯାଇ ବହୁ ଦେଶ ହିତୈଷୀ ଆତ୍ମ ବଳିଦାନ ଦେଇଛନ୍ତି । ସେମାନଙ୍କ ମଧ୍ୟରେ ଝଣ୍ଡା ଊଁଚା ରହେ ହାମାରା ସଙ୍ଗୀତର ସ୍ୱର ସଂଯୋଜକ ଶ୍ରୀ ଗଣେଶ ଶଙ୍କର ବିଦ୍ୟାର୍ଥୀ ଅନ୍ୟତମ । ଏକଦା ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଲାଗିଥିବା ସାଂପ୍ରଦାୟିକ ଦଙ୍ଗାର ଅବସାନ ପାଇଁ ସଂଘର୍ଷରତ ଦୁଇଗୋଷ୍ଠୀଙ୍କ ମଝିରେ ଛିଡ଼ାହୋଇ ଶ୍ରୀ ବିଦ୍ୟାର୍ଥୀ ପ୍ରାଣ ହରାଇଲେ ।

## ବନ୍ଦୀ ଜୀବନରେ ସଂସ୍କାର

ବନ୍ଦୀଶାଳାରେ କଏଦୀମାନଙ୍କ ପ୍ରତି ଅମାନୁଷିକ ବ୍ୟବହାରର ପ୍ରତିବାଦ ଜଣାଇ ବନ୍ଦୀଜୀବନର ସଂସ୍କାର ଦାବୀକରି ରାଜବନ୍ଦୀ ଯତୀନ୍ଦ୍ରନାଥ ଦାସ ୬୪ ଦିନ ଉପବାସ କରି ୧୯୨୯ ସେପ୍‌ଟେମ୍ବର ୧୩ ତାରିଖରେ ବନ୍ଦୀଶାଳାରେ ପ୍ରାଣତ୍ୟାଗ କଲେ । ବ୍ରହ୍ମଦେଶର ବୌଦ୍ଧ ଭିକ୍ଷୁ ଫୁଙ୍ଗି ବିଜୟା ବନ୍ଦୀମାନଙ୍କ ପାଇଁ ସ୍ୱଳ୍ପସ୍ୱାଚ୍ଛନ୍ଦ୍ୟ ଦାବୀ କରି ବନ୍ଦୀଶାଳାରେ ୧୬୪ ଦିନ ଅନଶନ କରି ୧୯୨୯ ସେପ୍‌ଟେମ୍ବର ୨୯ ତାରିଖରେ ଜୀବନ ବିସର୍ଜନ କଲେ ।

## ଲବଣ ସତ୍ୟାଗ୍ରହ

ମାଟି ଓ ପାଣି ପରମେଶ୍ୱରଙ୍କ ଦାନ । ତେଣୁ କୌଣସି ବ୍ୟକ୍ତିବିଶେଷର ତା ଉପରେ ଅନ୍ୟାୟ ଅବରୋଧ ଉଚିତ ନୁହେଁ । ଏହି ନ୍ୟାୟରେ ଲୁଣର ଅଧିକାର ଦାବୀକରି ମହାତ୍ମା ଗାନ୍ଧି ଲବଣ ସତ୍ୟାଗ୍ରହ ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଲେ । ସେ ନିଜେ ୧୯୩୦ ମାର୍ଚ୍ଚ ୧୨ ତାରିଖରେ ୭୮ ଜଣ ସତ୍ୟାଗ୍ରହୀଙ୍କୁ ନେଇ ସାବରମତୀ ଆଶ୍ରମରୁ ବାହାରିଲେ । ୨୦୦ ମାଇଲ ପଦଯାତ୍ରା କରି ଦାଣ୍ଡୀ ବେଳାଭୂମିରେ ଲୁଣମାଟି ସଂଗ୍ରହ କରି ସତ୍ୟାଗ୍ରହର ଶୁଭ ଦେଲେ । ଭାରତସାରା ଲବଣ ସତ୍ୟାଗ୍ରହ ପରିବ୍ୟାପ୍ତ ହେବାକୁ ଲାଗିଲା । ସତ୍ୟାଗ୍ରହୀମାନେ ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହୋଇ ଲବଣ କାନୁନ ଭଙ୍ଗ କଲେ । ୧୯୩୦ ମେ ୨୧ ତାରିଖରେ ନାରୀ ନେତ୍ରୀ ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ନେତୃତ୍ୱରେ ଧର୍ଷଣା ଲବଣ ଗୋଲା ଦଖଲପାଇଁ ଯେଉଁ ମହତ୍ତ୍ୱପୂର୍ଣ୍ଣ ସତ୍ୟାଗ୍ରହ ହୋଇଥିଲା, ଆମେରିକାର ସାମ୍ବାଦିକ ଓଏବ ମିଲରଙ୍କ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ପଢ଼ିଲେ ଦେହ ଶିହରି ଉଠେ । ପାଞ୍ଚ ଫୁଟିଆ ଲୁହା ଗୋଜ ଥିବା ପୁଲିସଙ୍କ ଠେଙ୍ଗାର ପ୍ରହାରରେ ସତ୍ୟାଗ୍ରହୀମାନେ ରକ୍ତରେ ଜୁଡୁବୁଡୁ ହୋଇ ଭୂଲୁଣ୍ଠିତ ହେଉଥିବା ଓ ଜଣେ ହେଲେ ସତ୍ୟାଗ୍ରହୀ ହାତଉଠାଇ ପ୍ରତିରୋଧ କରୁନଥିବାର ଦୃଶ୍ୟ ସହିନପାରି ସାମ୍ବାଦିକ ମିଲର ଘଟଣାସ୍ଥଳରୁ ପଳାଇ ଆସିବାକୁ ବାଧ୍ୟ ହୋଇଥିଲେ ।

ଆମ ରାଜ୍ୟ କଟକ ଜିଲ୍ଲାର ସ୍ୱର୍ଗତ ସଂଗ୍ରାମୀ କୃଷ୍ଣ ବଲ୍ଲଭ ଘୋଷଙ୍କ ପୁତ୍ର ନିରଞ୍ଜନ ଘୋଷ ହଜାରିବାଗ ଜେଲ୍‌ରେ ପ୍ରାଣତ୍ୟାଗ କରିଥିଲେ । ପାଟନା କ୍ୟାମ୍ପ ଜେଲରେ ୨୨ ଜଣ ଲବଣ ସତ୍ୟାଗ୍ରହୀ ଓ କଟକ ଜେଲରେ ସତ୍ୟାଗ୍ରହୀ ଶ୍ରୀ ମଧୁସୂଦନ ଦାସ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

## ଗଡ଼ଜାତରେ ପ୍ରଜାମେଳି

ଇଂରେଜ ଶାସନର ବାହୁଛାୟା ତଳେ ସୁରକ୍ଷିତ ବିଭିନ୍ନ ଦେଶୀୟ ରାଜ୍ୟର ପ୍ରଜାମାନେ ସ୍ୱାୟତ୍ତ ଶାସନ ଦାବୀକରି ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଚଳାଇଥିଲେ ।

ଆମ ଓଡ଼ିଶା ଢେଙ୍କାନାଳ ପ୍ରଜା ଆନ୍ଦୋଳନରେ ବାଜି ରାଉତ, ନଟ, ହୁରୁଷି ଓ ଗୁରି ପ୍ରମୁଖ ବୀର ଶିଶୁ ପ୍ରାଣ ହରାଇଲେ । ରଣପୁର ପ୍ରଜା ମେଳିରେ ମେଜର ବେଜେଲଗେଟ୍‌ଙ୍କ ହତ୍ୟା ଅପରାଧରେ ରଘୁନାଥ ପରିଡ଼ା ଓ ଦିବାକର ରାଉତ ୧୯୪୧ ଜାନୁଆରୀ ୨୫ରେ ଫାଶୀକାଠରେ ଜୀବନ ଦେଲେ । ଅର୍ଜୁନ ରାଉତ ୧୯୩୯ ଜାନୁଆରୀ ୫ ତାରିଖରେ ବେଜେଲଗେଟ୍‌ଙ୍କ ଗୁଳିର ଶିକାର ହେଲେ ।

## ଭାରତ ଛାଡ଼ ବିପ୍ଳବ

୧୯୪୨ ଅଗଷ୍ଟ ୯ ତାରିଖରୁ ଦୀର୍ଘ ଦୁଇବର୍ଷ ଧରି ଲାଗିରହିଥିବା ଭାରତର ଅନ୍ତିମ ସ୍ୱାଧୀନତା ସଂଗ୍ରାମ "ଭାରତ ଛାଡ଼ ବିପ୍ଳବର" ଭୟାବହତା ଭୁଲିହେବ ନାହିଁ । ଏହି ଅଦ୍ୱିତୀୟ ଜନ ଜାଗରଣକୁ ଦମନ କରିବା ପାଇଁ ବିଦେଶୀ ସରକାର ଅବାରିତ ଗୁଳି, ଲୋହବାଷ୍ପ, ଲାଠିଚାଳନା, ଆକାଶମାର୍ଗରୁ ବୋମା ନିକ୍ଷେପ, ଜେଲ ଓ ଜୋରିମାନା, ଫାଶୀଦଣ୍ଡ ଭଳି ନାନା ଅକଥନୀୟ ଅତ୍ୟାଚାରର ବନ୍ୟା ଛୁଟାଇ ଦେଇଥିଲେ । ଏହି ଆନ୍ଦୋଳନରେ ଭାରତମାତାର କେତେ ଯେ ବୀର ସନ୍ତାନ ଆତ୍ମବଳୀ ଦେଇଛନ୍ତି, ତାର କଳନା ନାହିଁ । ଏକ ହିସାବରୁ ଜଣାଯାଏ ଯେ କେବଳ ଗୁଳି ଚାଳନାରେ ୧୦ ହଜାର ବ୍ୟକ୍ତି ପ୍ରାଣ ହରାଇଛନ୍ତି ।

ମହାତ୍ମା ଗାନ୍ଧିଙ୍କ ସହ ଆଗାଖାଁ ପ୍ରାସାଦରେ ବନ୍ଦୀ ଜୀବନ ଯାପନ କରୁଥିବା ଅବସ୍ଥାରେ ଗାନ୍ଧୀଜୀଙ୍କ ସଚିବ ମହାଦେବ ଦେଶାଇ ୧୯୪୨ ଅଗଷ୍ଟ ୫ ତାରିଖରେ ଓ ଲୋକମାତା କସ୍ତୁରବା ୧୯୪୪ ଫେବୃଆରୀ ୨୨ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଗାନ୍ଧୀ ବୁଢ଼ୀ ନାମରେ ପରିଚିତ ମେଦିନାପୁର ଜିଲ୍ଲା ତାମ୍ରଲିପ୍ତର ମାତଙ୍ଗିନୀ ହାଜରା ତ୍ରିରଙ୍ଗା ପତାକା ହାତରେ ଧରି ଥାନା ଦଖଲ ପାଇଁ ଏକ ଶୋଭାଯାତ୍ରାର ନେତୃତ୍ୱ ନେଉଥିବା ବେଳେ ୧୯୪୨ ଅଗଷ୍ଟ ୨୯ ତାରିଖରେ ଗୁଳିର ଶିକାର ହୋଇ ଆତ୍ମ ବିସର୍ଜନ କରିଥିଲେ । ଅଥଚ ହାତରୁ ଜାତୀୟ ପତାକା ଛାଡ଼ି ନ ଥିଲେ । ତାଙ୍କର ଅନୁଗାମୀ ବହୁ ଆବାଳ ବୃଦ୍ଧ ବନିତା ଗୁଳି ମାଡ଼ ଖାଇ ଥାନା ମାଟିରେ ରକ୍ତର ସୁଅ ଛୁଟାଇ ଦେଇଥିଲେ । ପୁରୀ ଜିଲ୍ଲା ନିମାପଡ଼ା ଥାନା ଦଖଲ ବେଳେ ଉତ୍ସବ ମଲ୍ଲିକ ଗୁଳିବିଦ୍ଧ ହୋଇ ପ୍ରାଣତ୍ୟାଗ କଲେ ।

ସ୍ୱାଧୀନତା ଘୋଷଣା କରି ସମାନ୍ତରାଳ ସରକାର ପ୍ରତିଷ୍ଠା କରିଥିବା ବାଲେଶ୍ୱର ଜିଲ୍ଲା ବାସୁଦେବପୁର ସବ୍‌ଡିଭିଜନ୍ ଇରମ ବାସୀଙ୍କ ଜାଗରଣକୁ ପ୍ରତିହତ କରିବା ପାଇଁ ୧୯୪୨ ଅଗଷ୍ଟ ୨୮ ତାରିଖରେ ସ୍ୱାଧୀନ ବାଞ୍ଛାନିଧି ଚକଲରେ ପୋଲିସ୍ ଫୌଜ ଅବିରାମ ଗୁଳି ବର୍ଷଣ କରିଥିଲେ । ଦ୍ୱିତୀୟ ଜାଲିଆନା ବାଗ୍ ରୂପେ ପରିଚିତ ଏହି ନିର୍ମମ ହତ୍ୟାକାଣ୍ଡରେ କୃଷ୍ଣଚନ୍ଦ୍ରଙ୍କ ପ୍ରମୁଖ ୨୯ ଜଣ ଇରମବାସୀ ଗୋଟି ଗୋଟି ହୋଇ ଟଳି ପଡ଼ିଥିଲେ । ଭୟାବହତା ଇତିହାସରେ ଏକ ଅଲିଭା ଦାଗ ରୂପେ ସ୍ୱାଧୀନତା

ଲିପ୍‌ସୁ ଯୁବକ ଯୁବତୀଙ୍କୁ ପ୍ରଭୃତ ପ୍ରେରଣା ଯୋଗାଇଅଛି । କେବଳ ସେତିକି ନୁହେଁ ୧୩୫ ଜଣଙ୍କୁ ଗିରଫ କରାଯାଇ ବନ୍ଦୀ-ଶାଳାରେ ଅସୀମ ନିର୍ଯ୍ୟାତନା ଦିଆଯାଇଥିଲା । କୋରା-ପୁଟର ଜନ ଜାଗରଣକୁ ଦମନ କରିବା ପାଇଁ ମାଟିଲି ଗ୍ରାମର ଅଧିବାସୀ ଲକ୍ଷ୍ମଣ ନାୟକଙ୍କୁ ଏକ ମିଥ୍ୟା ନରହତ୍ୟା ମକଦ୍ଦମାରେ ଦୋଷୀ ସାବ୍ୟସ୍ତ କରାଯାଇ ୧୯୪୩ ମାର୍ଚ୍ଚ ୧୮ ତାରିଖରେ ବ୍ରହ୍ମପୁର ବନ୍ଦୀ ଶାଳାରେ ଫାଶୀ ଦିଆଗଲା । କୋରାପୁଟ ଜେଲରେ ୪୦ ଜଣ ଓ ନବରଙ୍ଗପୁର ଜେଲରେ ୧୭ ଜଣ ସ୍ୱାଧୀନତ ସଂଗ୍ରାମୀ ଅକଥନୀୟ ନିର୍ଯ୍ୟାତନାର ଶିକାର ହୋଇ ପ୍ରାଣ ହରାଇଲେ . ଗଂଜାମ ଜିଲ୍ଲାର ସୁନାମଧନ୍ୟ ହରିଜନ କର୍ମୀ ମାଷ୍ଟର ସନ୍ୟାସୀ ବ୍ରହ୍ମପୁର ବନ୍ଦୀଶାଳାରେ ପୀଡ଼ିତ ହୋଇ ଚିରଦିନ ପାଇଁ ସଂସାରରୁ ବିଦାୟ ନେଲେ । କଟକ ଜିଲ୍ଲା ଜାଇପଡ଼ା ଗୁଳିକାଣ୍ଡରେ ହାଡ଼ିବନ୍ଧୁ, ମାୟାଧର, ସାଉଁଟି ଓ ସାନନ୍ଦ ପ୍ରମୁଖ ବହୁ ସଂଗ୍ରାମୀ ପ୍ରାଣ ହରାଇଲେ ।

ସୈନ୍ୟ ଓ ପୋଲିସ ଫୌଜଙ୍କ ଗତିରୋଧ କଲେ ରେଳ-ପଥକୁ ବିପର୍ଯ୍ୟୟ କରିବା କାର୍ଯ୍ୟକ୍ରମରେ ଭାଗନେଇ ଛାତ୍ର ସତ୍ୟାଗ୍ରହୀ ହିମ୍ କଲ୍ୟାଣୀ ଫାଶୀ ପାଇଥିଲେ ।

## ଆଜାଦ ହିନ୍ଦ ଫୌଜ

ସଶସ୍ତ୍ର ବିପ୍ଳବ ଦ୍ୱାରା ଭାରତରୁ ଇଂରେଜ ଶାସନର ବିଲୋପ ଘଟାଇବା ଲକ୍ଷ୍ୟରେ ଛଦ୍ମବେଶରେ ଅନ୍ତର୍ହିତ ହୋଇ ନେତାଜୀ ସୁଭାଷଚନ୍ଦ୍ର ବୋଷ ବର୍ମା, ମାଳୟ, ଏବଂ ସିଙ୍ଗାପୁର ଅଞ୍ଚଳରେ ଦ୍ୱିତୀୟ ମହାଯୁଦ୍ଧରେ ଉପେକ୍ଷିତ ଭାରତୀୟ ସୈନିକମାନଙ୍କୁ ନେଇ ଆଜାଦ୍ ହିନ୍ଦ୍ ଫୌଜ ସଂଗଠନ କରିଥିଲେ । "ଦିଲ୍ଲୀ ଚଲୋ" ଲକ୍ଷ୍ୟରେ ଆଜାଦ୍ ହିନ୍ଦ୍ ଫୌଜ ଆଗେଇ ଆସୁଥିବା ବେଳେ ଖାଦ୍ୟାଭାବ ଓ ପ୍ରବଳ ବୃଷ୍ଟିପାତ ଭଳି ବିବିଧ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବହୁ ସୈନିକ ପ୍ରାଣ ହରାଇଛନ୍ତି । ଫୌଜର ଅଧିନାୟକ ନେତାଜୀ ସୁଭାଷ ୧୯୪୫ ଅଗଷ୍ଟ ୧୮ ତାରିଖରେ ଟୋକିଓ ଯାତ୍ରାପଥରେ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଲେ ।

## ସ୍ୱାଧୀନତାର ପ୍ରତିରକ୍ଷା

ବହୁ ଜ୍ଞାତ ଅଜ୍ଞାତ ଅଗଣିତ ବୀର ଶହୀଦଙ୍କ ଆତ୍ମବଳୀ ଦାନରେ ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ଚିର ଈପ୍ସିତ ସ୍ୱାଧୀନତା ଲାଭ କଲା । ତଥାପି ସଂଗ୍ରାମର ଅନ୍ତ ହୋଇ ନାହିଁ । ଭିନ୍ନ ଦରବାରରେ ଭାରତର ଗୌରବକୁ ସହି ନ ପାରି ଈର୍ଷା-ଦ୍ୱେଷୀମାନେ ଭାରତର ସାର୍ବଭୌମତ୍ୱ ଓ ଗଣତନ୍ତ୍ରକୁ ଦମନ କରିବା ଅଭିପ୍ରାୟରେ ପାକିସ୍ଥାନ ଓ ଚୀନ ଭଳି ପଡ଼ୋଶୀ ରାଷ୍ଟ୍ରମାନଙ୍କୁ ହାତ କରି ନାନା ଚକ୍ରାନ୍ତ ଚଳାଇଛନ୍ତି । ଭାରତୀୟ ବୀର ଯବାନମାନେ ସତର୍କ ପ୍ରହରୀ ରୂପେ ଆକ୍ରମଣକାରୀ ବା ଅନଧିକାରୀ ପ୍ରବେଶକଙ୍କୁ ପ୍ରାଣ ବିନିମୟରେ ସଶସ୍ତ୍ର ମୁକାବିଲା କରୁଛନ୍ତି । ହମିଦଙ୍କ ଭଳି ବହୁ ବୀର ଶହୀଦଙ୍କୁ ମରଣୋତ୍ତର ପରମ ବୀରଚକ୍ର ପ୍ରଦାନ ଦ୍ୱାରା ଭାରତ ଜାତି ଧନ୍ୟ ହେଉଛି ।

## ନବ ଭାରତ ନିର୍ମାତା

ସ୍ୱାଧୀନତା ଲାଭ ପରେ ଦେଶକୁ ସୁଖୀ ଓ ସମୃଦ୍ଧି କରି ଗଢ଼ିବା ଲକ୍ଷ୍ୟରେ କାର୍ଯ୍ୟକାରୀ ହୋଇଥିବା ନବନିର୍ମାଣ ଯୋଜନାରେ ବହୁ ଖଟିଖିଆ ଶ୍ରମିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରାଣ ହରାଇଛନ୍ତି । ୧୯୬୩ ମସିହା ଜାନୁଆରୀ ୧୬ ତାରିଖରେ ମହାନଦୀ ଉପରେ ନରାଜଠାରେ ନିର୍ମିତ ହୋଇଥିବା ଏକ ପୋଲରେ ସହସା ବିସ୍ଫୋରଣ ଘଟିବାରୁ ପଞ୍ଜାବ ରାଜ୍ୟର ପାଣ୍ଡୋଲ ଗ୍ରାମର ୪୬ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି । ଗୁଷନଳା ଖଣିରେ ଥରେ ସହସା ଜଳ ପ୍ଳାବନ ଘଟି ୩୭୫ ଜଣ ଖଟିଖିଆ ଶ୍ରମିକଙ୍କ ଜୀବନ ଦୀପ ଆଖି ପଲକାକେ ଲିଭାଇ ଦେଇଛି ।

ସର୍ବୋଦୟ ସିଦ୍ଧାନ୍ତରେ ପୂଜ୍ୟ ବାପୁଜୀ ଓକିଲ ଓ ବାରିକ ଉଭୟଙ୍କୁ ଗୋଟିଏ ନିକିତିରେ ତଉଲାଇଛନ୍ତି । ଏହାର ତାତ୍ପର୍ଯ୍ୟ ବୁଝାଇ ବାପୁଜୀ କହିଛନ୍ତି ଯେ ଉଭୟଙ୍କର ଏକମାତ୍ର ଲକ୍ଷ୍ୟ ଜୀବିକାର୍ଜନ । ଏହି ପରିପ୍ରେକ୍ଷୀରେ ବିଚାର କଲେ ଦେଶ ଓ ଜାତିର କଲ୍ୟାଣ କଳ୍ପେ ଉଦ୍ଦିଷ୍ଟ ଉନ୍ନୟନ ଯୋଜନାରେ ଖଟି ପ୍ରାଣ ବିସର୍ଜନ କରୁଥିବା ଅଜ୍ଞାତ ଓ ଅନାମଧେୟ ବ୍ୟକ୍ତିମାନେ ଜାତିର ନମସ୍ୟ ଅଟନ୍ତି ।

## ମାନବିକ ମୂଲ୍ୟବୋଧ

ସବୁ ଜାତି ଓ ସବୁ ଦେଶରେ ମଣିଷ ପରି ମଣିଷ ଅଛନ୍ତି । ୧୯୬୮ ଜାନୁଆରୀରେ ଢାକାସ୍ଥିତ ନାରାୟଣଗଞ୍ଜରେ ଏକ ସାଂପ୍ରଦାୟିକ ଦଙ୍ଗାର ଅବସାନ ପାଇଁ ଢାକା କଲେଜର ଦର୍ଶନାଧ୍ୟାପକ ୨୮ ବର୍ଷ ବୟସ ମହାମାନ୍ୟ ନୋରାଙ୍କ ଆଗେଇ ଆସି ଆତ୍ମବଳି ଦେଇଛନ୍ତି । ଆମେରିକାର ଗାନ୍ଧୀ ରୂପେ ପରିଚିତ ନିଗ୍ରୋ ନେତା ମାର୍ଟିନ୍‌ଲୁଥର କିଙ୍ଗ ଓ ପ୍ରେସିଡେଣ୍ଟ ଜନ୍ କେନେଡ଼ି କଳା ଗୋରା ଭେଦର ବିଲୋପ ସାଧନ ପାଇଁ ଆଗେଇ ଆସିବାରୁ ଅସହିଷ୍ଣୁମାନଙ୍କ ହାତରେ ବଳି ପଡ଼ିଛନ୍ତି ।

## ବିନମ୍ର ଶ୍ରଦ୍ଧାଞ୍ଜଳି

ଆମ ଦେଶର ବିରାଟ ସ୍ୱାଧୀନା ସଂଗ୍ରାମରେ ଯେଉଁମାନେ ଆତ୍ମୋତ୍ସର୍ଗ କରିଛନ୍ତି ସେମାନଙ୍କ ଗୌରବ ଗାଥାର ସବିଶେଷ ବିବରଣୀ ଦୁଷ୍ପ୍ରାପ୍ୟ । ଏହି କ୍ଷୁଦ୍ର ସଙ୍କଳନରେ ଯେଉଁ ଶହୀଦ ବର୍ଗଙ୍କ ସ୍ମୃତି ଗ୍ରହଣ କରାଯାଇଛି ତାହା ସଂଗ୍ରାମ ଇତିହାସର ଗୋଟିଏ ପୃଷ୍ଠା କହିଲେ ଅତ୍ୟୁକ୍ତି ହେବ ।

ପବିତ୍ର ଶହୀଦ ଦିବସରେ ଆମେ ସମସ୍ତଙ୍କୁ ଆନ୍ତରିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । ସେଥି ସଙ୍ଗେ ସଙ୍ଗେ ସ୍ମରଣ କରୁଛୁ ଦେଶ କାଳ ପାତ୍ରର ଊର୍ଦ୍ଧ୍ୱରେ ରହିଥିବା ମାନବିକ ମୂଲ୍ୟବୋଧର ପୂଜାରୀ ସବୁଦେଶର ଶହୀଦ ବର୍ଗଙ୍କୁ ସେମାନଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ । ଆମେ ଆଜି ପ୍ରାର୍ଥନା କରୁଛୁ —"ହେ ଶହୀଦ ବର୍ଗ ! ତୁମେ ନିଃସ୍ୱାର୍ଥପର, ସାହସିକ ଜୀବନ ଆମର ସଙ୍ଗୀ ହେଉ । ଦେଶ ଓ ଜାତି ପାଇଁ ସମ୍ୟକ୍ କର୍ତ୍ତବ୍ୟନିଷ୍ଠା ପ୍ରାଣରେ ଢାଳିଦେଇ ଆମର ଜୀବନକୁ ସାର୍ଥକ କର ।"

ମାର୍କଣ୍ଡସାହି
ଯମୁନାରୋଡ୍, ପୁରୀ

# ଇନ୍ଦିରା ଗାନ୍ଧୀ

ଶ୍ରୀ କୃଷ୍ଣ ସିଂହ

କପୋତୀଟି ଦୂରନ୍ତ ଆକାଶର,
ନୀଳିମାକୁ ଭେଦକରି ଉଡୁଥିଲା—
ପ୍ରଥମ ଦ୍ୱିତୀୟ ବିଶ୍ୱକୁ—
ଯୋଡ଼ିବାକୁ ଚାହୁଁଥିଲା — !
ଏକ ପ୍ରୀତିର ଉଲ୍‌କୁରେ— ।

ତା'ର ତୃତୀୟ ନେତ୍ର—
ମଙ୍ଗଳମୟ ଶିବଙ୍କପରି—
ତୃତୀୟ ବିଶ୍ୱର ମୁକ୍ତି ଚାହୁଁଥିଲା—
ଭବାନୀପରି ପ୍ରଳୟଙ୍କରୀ ଥିଲା ସେ—
ଶୋଷଣ କଷଣ ନିର୍ଯାତନାର ବିରୁଦ୍ଧରେ—
ଇନ୍ଦିରାଜୀ ସେ ଲୋକମାତା ହୋଇଗଲା—
ବିଶ୍ୱର ଜନସାଧାରଣଙ୍କର— ।

ଦି' ଜଣ ଜଲ୍ଲାଦ ଇତିହାସର
ପୁନରାବୃତ୍ତି କଲେ —
ଯୀଶୁ, ଗାନ୍ଧୀ, ସକ୍ରେଟିସ୍ ପରି—
ତାଙ୍କୁ ଅପାର୍ଥିବ କରି—
ପୃଥିବୀର ସମ୍ପଦକୁ ଧ୍ୱଂସ କରିଦେଲେ—
ସାତ ସମୁଦ୍ରର ଜଳରେ ଧୋଇଲେ ବି—
ସେ ହାତରୁ ରକ୍ତ ଛାଡ଼ିବ ନ
କୋଟି ବାବଦୂକ କହିଲେ ମଧ୍ୟ—
ସେ ବ୍ୟଥାର ଗାଥା ସରିବ ନାହିଁ ।

ଧରଣୀର ଲୁହ ଶୁଖିଗଲା—
ମାନବତାର ଏ' ଚରମ ବିପର୍ଯ୍ୟୟରେ —
ଭାବବାଦୀମାନେ କହୁଛନ୍ତି—
ଗାନ୍ଧୀ ଝିଅର ଯାଠାରୁ ବଳି—
ଅଧିକ କ'ଣ ବଳିଦାନ ରହିବ ?

ସେମାନେ (ସାମ୍ରାଜ୍ୟବାଦୀମାନେ) ନଜ ଶିବିରରେ—
ଅଶ୍ରୁ ମୁଞ୍ଚନ କରୁଛନ୍ତି—
ବିଜୟ ନାଁ ରେ ଏହାଠାରୁ ବଳି—
ଆଉ କ'ଣ ପତାକାୟ ଅଛି ?

ସେ ବେପରବାୟ ଥିଲା —
ଏପରି ହରେଇବାର ସ୍ୱାଦ ସେ ବୁଝି ଥିଲା
ମୃତ୍ୟୁକୁ ପରାସ୍ତକରି—ପୂର୍ବରୁ ପଶ୍ଚିମ ଯାଏ
ସେ ସମସ୍ତଙ୍କୁ କହିଗଲା—
ପ୍ରତିକ୍ରିୟାକୁ ପ୍ରତିହତ କର ।

ଭୂଦାନ କାର୍ଯ୍ୟାଳୟ
ପୋ: ଅ: — ସେମିଳିଗୁଡ଼ା, କୋରାପୁଟ

# ପିଲାଙ୍କ ପାଇଁ ଅଣଆନୁଷ୍ଠାନିକ ଶିକ୍ଷା

**ଶ୍ରୀ ସୁବଳ ବହାରୀ ମହାନ୍ତ**

ଆମ ଦେଶର ସ୍ୱାଧୀନତା ପ୍ରାପ୍ତିସମୟର ପରିକଳ୍ପନା ଅନୁସାରେ ସବୁ ସ୍କୁଲ ଯିବାବୟସର ପିଲାଙ୍କୁ ପାଠପଢାଇବା ସମ୍ଭବ ହୋଇ ନ ପାରୁଥିବାରୁ, ସେମାନଙ୍କ ପାଇଁ ଅଣଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ପ୍ରକାରର ଶିକ୍ଷା ଯେ ଆନୁଷ୍ଠାନିକ ଶିକ୍ଷାଠାରୁ ନ୍ୟୂନତର ଏଥିରେ ସନ୍ଦେହ ନାହିଁ । କିନ୍ତୁ ନାହିଁ ମାମୁଁଠାରୁ କଣାମାମୁଁ ଭଲ । ଆଦୌ ନ ପଢିବାଠାରୁ ସାମାନ୍ୟ ପଢା ଭଲ । ଅଣଆନୁଷ୍ଠାନିକ ଶିକ୍ଷାଦ୍ୱାରା ଯେଉଁ ପିଲମାନେ ସ୍କୁଲ ଯାଉନାହାନ୍ତି, ସେମାନଙ୍କ ମଧ୍ୟରୁ କେତେକ ପିଲ ଉପକୃତ ହେବେ । ଏହି ପ୍ରକାରର ଶିକ୍ଷା କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା ଓ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ ହେଉଅଛି । ଏହି ପ୍ରକାର ଶିକ୍ଷାଦାନ ବ୍ୟବସ୍ଥାରେ ଉନ୍ନତି ଆଣିବା ସକାଶେ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ହେଉଛି । ଏହି ପ୍ରକାରର ଶିକ୍ଷା କାର୍ଯ୍ୟକ୍ରମରେ ଦେଖାଯାଉଥିବା ବିଭିନ୍ନ ପ୍ରକାରର ସୁବିଧା ଓ ଅସୁବିଧାଗୁଡ଼ିକ ଜାଣିବା ପାଇଁ ଏକ ଅଣ-ଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମର ତର୍ଜମା କରାଯିବା ଦରକାର ।

## ଜାତୀୟ ସେବା ଯୋଜନା ମାଧ୍ୟମରେ ଅଣଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମ

ଜାତୀୟ ସେବା ଯୋଜନା ଆମ ଦେଶରେ ୧୯୬୯ ମସିହା ଠାରୁ କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ଯେଉଁ କେତେକ କାମ ହାତକୁ ନିଆଯାଉଥାଏ, ସେଗୁଡ଼ିକ ମଧ୍ୟରେ ଅଣଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମ ଅନ୍ୟତମ । ସମ୍ବଲପୁର ସରକାରୀ ଟ୍ରେନିଂ କଲେଜରେ, ଏହି ପ୍ରକାରର କାର୍ଯ୍ୟକ୍ରମ ୧୯୭୫-୭୬ ମସହାରେ ପ୍ରଥମଥର ଆରମ୍ଭ ହୋଇଥିଲା । ପ୍ରଥମ ବର୍ଷଟିରେ ଏହି କାର୍ଯ୍ୟକ୍ରମ କଲେଜ ଗୃହରେ କରାଗଲା । ପିଲଙ୍କର ସଂଖ୍ୟା ୧୦ରୁ ଆରମ୍ଭ ହୋଇ କିଛିଦିନରେ ୪୦କୁ ଟପିଲା । ଏହି ପିଲମାନଙ୍କୁ, ସେମାନଙ୍କର ବୟସ, ଅନୁଭୂତି ଓ ଆଗ୍ରହ ଅନୁଯାୟୀ, ୬ଟି ଦଳରେ ବିଭକ୍ତ କରାଯାଇ ଅଗଷ୍ଟମାସରେ ଅଣଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ସକାଳେ ୪ଟି ଦଳ ଓ ସନ୍ଧ୍ୟାରେ ଦୁଇଟି ଦଳ ପଢିବାକୁ ଆସୁଥିଲେ । ସନ୍ଧ୍ୟାରେ ପଢିବାକୁ 'ଆସୁଥିବା ଗୋଟିଏ ଦଳରେ ମଟର ଗ୍ୟାରେଜରେ କାମ କରୁଥିବା ଅନେକ ପିଲା ଥିଲେ । କଲେଜରେ ଥିବା ଫିଲ୍ମଷ୍ଟ୍ରିପ ପ୍ରୋଜେକ୍ଟର ସାହାଯ୍ୟରେ ମଟର କାର ଓ ବିଭିନ୍ନ ଯନ୍ତ୍ରପାତିର କାର୍ଯ୍ୟକାରିତା ଉପରେ ଥିବା ଫିଲ୍ମଷ୍ଟ୍ରିପ ଦେଖାଇ ପଢାଇବା, ସେମାନଙ୍କର ଶ୍ରେଣୀରେ ଯୋଗଦାନର ନିୟମାନୁବର୍ତ୍ତିତା ବଢାଇ ଦେଇଥିଲା । ଏହି କାର୍ଯ୍ୟକ୍ରମର ଗତି ବଢୁଥିବା ସମୟରେ ପୂଜାଛୁଟି ଆସି ପହଞ୍ଚିଗଲା । ଗୁରୁଛାତ୍ରଛାତ୍ରୀମାନେ ଛୁଟିରେ ସେମାନଙ୍କ ଘରକୁ ଗଲିଲେ । ପ୍ରାୟ ଦୀର୍ଘ ଏକମାସ କାଳ କଲେଜ ବନ୍ଦ ରହିଲା । ପୂଜାଛୁଟି ପରେ ଏହି କାର୍ଯ୍ୟକ୍ରମ ପୁଣି ଆରମ୍ଭ କରାଗଲା । କିନ୍ତୁ ଛୁଟି ଆଗର ପରିବେଶ ଫେରି ଆସିଲା ନାହିଁ । ରାତ୍ରିରେ ଆସୁଥିବା ପିଲମାନଙ୍କୁ ଚନ୍ଦ୍ରାଲୋକିତ କଲେଜ ଖେଳ ପଡ଼ିଆରେ ବିଭିନ୍ନ ପ୍ରକାର ଖେଳ ଖେଳିବାକୁ ସୁଯୋଗ ଦିଆଯାଉଥିଲା । ସେମାନେ ହସଖୁସିରେ ଆସୁଥିଲେ ଓ ଫେରୁଥିଲେ । ପୂଜାଛୁଟି ପରେ ଆମେ ସ୍ଥାନୀୟ ଇଞ୍ଜିନିୟରିଂ କଲେଜର ଅଧ୍ୟାପକଙ୍କ ସାହାଯ୍ୟରେ ଯନ୍ତ୍ରପାତି ଓ ମଟରକାମ ବିଷୟରେ ଶିକ୍ଷାଦାନର ଯୋଜନା କରୁଥିଲୁ କିନ୍ତୁ ଅସୁବିଧାବଶତଃ ଏହା ଯୋଜନାରେ ହିଁ ରହିଗଲା । ପିଲଙ୍କର ଆଗ୍ରହ ଆମମାନଙ୍କ ଯୋଗୁଁ କମିଲା । ସକାଳେ ଯେଉଁ ପିଲମାନେ ଆସୁଥିଲେ-ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଝିଅ କିଛି ସଂଖ୍ୟକ କମ୍ ବୟସର ପୁଅ ମଧ୍ୟ ଥିଲେ । ଏମାନଙ୍କୁ ଚିତ୍ର କରିବା, ଗୀତ ବୋଲିବା ସହ ଓଡ଼ିଆ ଭାଷା ପଢାଯାଉଥିଲା । ଏମାନଙ୍କୁ ଝିଅ ସ୍ୱେଚ୍ଛାସେବିକାମାନେ ପଢାଉଥିଲେ । ଏହି ପିଲମାନଙ୍କୁ ବିଜ୍ଞାନ ଓ ସ୍ୱାସ୍ଥ୍ୟରକ୍ଷା ଫିଲ୍ମଷ୍ଟ୍ରିପ ମାଧ୍ୟମରେ ପଢା ଯାଉଥିଲା । ସପ୍ତାହର ପ୍ରତ୍ୟେକ ଦିନ ଅଲଗା ଅଲଗା ସ୍ୱେଚ୍ଛା ସେବକ ବା ସ୍ୱେଚ୍ଛାସେବିକା ପଢାଇବ ପାଇଁ ଆସୁଥିଲେ । ସକାଳୁଆ କ୍ଲାସଗୁଡ଼ିକରେ ଶିକ୍ଷୟିତ୍ରୀ ପିଲଙ୍କ ସଂପର୍କ ଏତେ ନିବିଡ ହୋଇ ଉଠିଥିଲା ଯେ ଗୁରୁ ଦିବସରେ ପିଲମାନେ ସେମାନଙ୍କ ଘରୁ ଚକୋଲେଟ୍, ପେଡା, ବାଦାମ, ଫୁଲ ଆଦି ସେମାନଙ୍କ ଶିକ୍ଷୟିତ୍ରୀମାନଙ୍କ ପାଇଁ ଆଣିଥିଲେ । କିନ୍ତୁ ସେହି ଗୁରୁ ଡାଇମ୍ କଲେଜରେ ପିଲମାନେ କୃଣ୍ଡାର ସହିତ ଗୁରୁଦିବସ ପାଇଁ ଗ୍ରଦା ଦେଇଥିଲେ। ଏହି ସଂପର୍କ ବିଭିନ୍ନ ଧର୍ମ ମଧ୍ୟରେ ଥିବା ପାର୍ଥକ୍ୟ ଦୂର କରିଥିଲା । ମୁସଲମାନ ଝିଅଟିଏ ହିନ୍ଦୁ ଶିକ୍ଷୟିତ୍ରୀମାନଙ୍କ ସହ ମିଶି ଗଣେଶ ପୂଜା କରିବାରେ ଦ୍ୱିଧା ବୋଧ କରିନଥିଲା । ଏହି ବର୍ଷର ଡିସେମ୍ବର ମାସର

ବଡ଼ଦିନ ଛୁଟିର ଆରମ୍ଭରେ, କାର୍ଯ୍ୟକ୍ରମରେ ଯବନିକା ପଡ଼ିଲା । ଜାନୁଆରୀ ମାସରେ କଲେଜ ପିଲାଙ୍କର ଅଭ୍ୟାସ ଶିକ୍ଷାଦାନ ଆରମ୍ଭ ହେଲା । ତେଣୁ ଆଉ ଏହି କାର୍ଯ୍ୟକ୍ରମ ଚାଲିପାରିଲା ନାହିଁ । ତେବେ, ଏହି ବର୍ଷର ମଧୁର ଅନୁଭୂତି ପରବର୍ତ୍ତୀ ବର୍ଷଗୁଡ଼ିକର କାର୍ଯ୍ୟକ୍ରମରେ ମିଳିପାରିଲା ନାହିଁ ।

ପରବର୍ତ୍ତୀ ବର୍ଷ ଆମ କଲେଜରେ ଜାତୀୟ ସେବା ଯୋଜନା ବାଧ୍ୟତାମୂଳକ ହେଲା । ଏ ବର୍ଷ ସ୍ୱେଚ୍ଛାସେବକମାନଙ୍କର ଆଗ୍ରହର ପରିମାଣ ଆଗବର୍ଷ ଅପେକ୍ଷା କମ୍ ଥିଲା । କଲେଜରେ ପାଠପଢା ଆରମ୍ଭ ନକରି, ନିକଟରେ ଥିବା ଗେଙ୍ଗୁଟିପାଲି ଗାଁରେ ଆମେ ଅଣଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କଲୁ । ଏହି ଗାଁଟି, କଲେଜଠାରୁ ୧ କି. ମି. ଦୂରରେ ଅବସ୍ଥିତ ହୋଇଥିଲେ ହେଁ ଏହି ଗାଁଆର ଶତକଡା ୯୫ ଭାଗ ଲୋକ ନିରକ୍ଷର ଥିଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ଦୁଇଟି ଘରକୁ ଛାଡିଦେଲେ ଅନ୍ୟ ସବୁ ଘରର ଲୋକମାନେ ବିଡି ବାନ୍ଧି ସେମାନଙ୍କର ଜୀବିକା ଅର୍ଜନ କରୁଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ 'ଅନପଢ' ହିନ୍ଦି ଚଳଚିତ୍ର ଲୋକମାନଙ୍କୁ ଦେଖାଗଲା । ଗ୍ରାମ ସଫାଇ କରାଗଲା । କିଛି ଗାନବାଜଣା ମଧ୍ୟ କରାଗଲା । ଏସବୁର ଉଦ୍ଦେଶ୍ୟ ଥିଲା ପିଲାମାନଙ୍କ ସହ ସମ୍ବନ୍ଧ ସ୍ଥାପନ କରିବା ଓ ସ୍କୁଲକୁ ନ ଯାଉଥିବା ପିଲାମାନଙ୍କୁ ପାଠ ପଢିବା ପାଇଁ ପ୍ରବର୍ତ୍ତାଇବା । ପ୍ରଥମ ଦିନ କିଛି ସଂଖ୍ୟକ ସ୍କୁଲକୁ ନ ଯାଉଥିବା ପିଲା ଆମ କେନ୍ଦ୍ରକୁ ଆସିଥିଲେ । କିନ୍ତୁ ପରେ ଦେଖାଗଲା ଯେ, ଏହି କେନ୍ଦ୍ରରେ କେବଳ ସ୍କୁଲକୁ ଯାଉଥିବା ପିଲାହିଁ ଅଛନ୍ତି । କିଛିଦିନ କେନ୍ଦ୍ରକୁ ଚଳାଇ ବନ୍ଦ କରାଗଲା । କେନ୍ଦ୍ରଟିରୁ ଏହି ଅଭିଜ୍ଞତା ହେଲାଯେ—ଯଦି ପିଲାମାନେ ନିଜର ଜୀବିକା ଅର୍ଜନ କରିବା ପାଇଁ କାମ କରୁଥାଆନ୍ତି, ତେବେ ତାଙ୍କ ଘର ପାଖରେ ମାଗଣାରେ ପାଠ ପଢାହେଲେ ମଧ୍ୟ ସେମାନେ ପଢିବେ ନାହିଁ । ଏହି ପିଲାମାନଙ୍କର ଭାଷା ସଉରା । ସେହି ଭାଷା ଜାଣିଥିବା ଶିକ୍ଷକ ମିଳିଥିଲେ କିଛି ଲାଭ ବୋଧହୁଏ ମିଳିପାରିଥାଆନ୍ତା ।

ତୃତୀୟ ବର୍ଷ ଆମେ ଅଣଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମ ଅନ୍ୟ ଗୋଟିଏ ଅଞ୍ଚଳରେ ଆରମ୍ଭ କଲୁ । ପ୍ରତ୍ୟେକ ଦିନ ଜଣେ ନୂଆ ସ୍ୱେଚ୍ଛାସେବକଙ୍କୁ ପଢାଇବା ପାଇଁ ଦାୟିତ୍ୱ ନ ଦେଇ, ଦୁଇ ଜଣ ସ୍ୱେଚ୍ଛାସେବକଙ୍କୁ ସବୁଦିନେ ପଢାଇବା ପାଇଁ ଦାୟିତ୍ୱ ଦିଆଗଲା । ଏହି ପଢାକୁ ଏମାନଙ୍କର ଏକ ସନ୍ଦର୍ଭ ଲେଖା ପରୀକ୍ଷାର ଅଂଶ ଭାବେ ସ୍ୱୀକୃତି ଦିଆଗଲା । ଏହି କେନ୍ଦ୍ରରେ ପଢୁଥିବା ପିଲାମାନେ ଦିନରେ ଉର୍ଦ୍ଦୁ ସ୍କୁଲରେ ପଢୁଥିଲେ ଓ ରାତ୍ରୀରେ ଓଡିଆ ପଢିବା ପାଇଁ ଆମ କେନ୍ଦ୍ରକୁ ଆସୁଥିଲେ । ଏହି କାର୍ଯ୍ୟକ୍ରମଟିରେ ପିଲାଙ୍କର ପଢିବା ପାଇଁ ଆଗ୍ରହ ଥିଲା । କିନ୍ତୁ କଲେଜର ଛୁଟି ଓ ସ୍ୱେଚ୍ଛାସେବକଙ୍କର ଅନୁପସ୍ଥିତି କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିଥିଲା । ଏହି ସବୁ ଅନୁଭୂତିରୁ ଜଣାଯାଉଛି ଯେ ଜାତୀୟ ସେବା ଯୋଜନା ମାଧ୍ୟମରେ ଅଣଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମ ସୁରୁଖୁରୁ ଭାବେ ସଂପନ୍ନ କରିହେବ । କିନ୍ତୁ ଏହି କାର୍ଯ୍ୟକ୍ରମରେ ସବୁ ସ୍ୱେଚ୍ଛାସେବକ ବା ସ୍ୱେଚ୍ଛାସେବିକାଙ୍କୁ ନିଯୁକ୍ତ କରା ହେବା ଉଚିତ ହେବ ନାହିଁ । ଯେଉଁ ସ୍ୱେଚ୍ଛାସେବକ ବା ସେବିକାଙ୍କର ଏଥିପାଇଁ ଆଗ୍ରହ ଅଛି, ସେହିମାନଙ୍କୁ ଏହି କାର୍ଯ୍ୟକ୍ରମରେ ସଂପୃକ୍ତ କରାଯିବା ଦରକାର । ଏହି ପ୍ରକାର କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହେଲେ, ସ୍ୱେଚ୍ଛାସେବକ ବା ସ୍ୱେଚ୍ଛାସେବିକାଙ୍କୁ ପ୍ରମାଣ ପତ୍ର ବା ପ୍ରଶଂସାପତ୍ର କୁଳପତିଙ୍କ ଦସ୍ତଖତରେ ଦିଆଗଲେ ଭଲ ହୁଅନ୍ତା । ଏହିକାର୍ଯ୍ୟକ୍ରମ କରିବା ପାଇଁ ଦରକାରୀ ଶିକ୍ଷା ଉପକରଣ, ପିଲାଙ୍କ ପଢାପାଇଁ ବହି, ଖାତା, ପେନ୍‌ସିଲ୍ ଆଦି ଜାତୀୟ ସେବା ଯୋଜନା ପୁଞ୍ଜିରୁ ଦିଆଯିବା ଦରକାର କିନ୍ତୁ ସ୍ୱେଚ୍ଛାସେବକ ବା ସ୍ୱେଚ୍ଛାସେବିକାଙ୍କୁ ଜଳଖିଆ ଖର୍ଚ୍ଚ ବା ଅନ୍ୟ ଆକାରରେ ଅର୍ଥ ଦିଆଯିବା ଦରକାର ନାହିଁ । ଏହି ଶିକ୍ଷା ପ୍ରୟୋଗାତ୍ମକ ହେବା ଦରକାର । ପ୍ରତ୍ୟେକ ସ୍ୱେଚ୍ଛାସେବକ ବା ସ୍ୱେଚ୍ଛାସେବିକାଙ୍କୁ କେଉଁ ପ୍ରକାରର ପିଲାଙ୍କୁ ସେ ପଢାଇବ, ସେଥିପାଇଁ ସ୍ୱାଧୀନତା ମିଳିବା ଦରକାର । ଏହି ପ୍ରକାରର କାର୍ଯ୍ୟକ୍ରମ କଲେଜ ଗୃହରେ ହେଲେ ଭଲ । ଏହାଦ୍ୱାରା କେନ୍ଦ୍ରକୁ ଯିବା ଆସିବା ସମସ୍ୟା ଦୂର ହେବ । କଲେଜଗୁଡ଼ିକରେ ବିଦ୍ୟୁତ୍‌ବତୀ ଥାଏ । ତେଣୁ ଆଲୋକ ସମସ୍ୟାର ସମାଧାନ ମଧ୍ୟ ହୋଇ ପାରିବ । ଜାତୀୟ ସେବା ଯୋଜନା ଦାୟିତ୍ୱରେ ଥିବା ଅଧ୍ୟାପକ ପ୍ରତ୍ୟେକ ଦିନ ପ୍ରତି ଅଣଆନୁଷ୍ଠାନିକ କେନ୍ଦ୍ରକୁ କିଛି ସମୟ ପାଇଁ ଯିବା ଦରକାର । ସେ ନିଜେ ମଧ୍ୟ ଜାତୀୟ ସେବା ଯୋଜନା କାମ ପାଇଁ ପାରିଶ୍ରମିକ ନେବା ଉଚିତ ନୁହେଁ ।

ଶିକ୍ଷା ପ୍ରାଧ୍ୟାପକ,
ଭଦ୍ରକ କଲେଜ
ବାଲେଶ୍ୱର ।

ଭାରତରେ ବାସକରୁଥିବା ସ୍ତ୍ରୀ, ପୁରୁଷ, ପ୍ରୌଢ଼ ଓ ଯୁବକ—ଆଦିବାସୀ ହୁଅନ୍ତୁ, ହରିଜନ ହୁଅନ୍ତୁ ବା ଅନୁନ୍ନତ ଜାତି ହୁଅନ୍ତୁ, ଯେ କେହି ଲୋକ ଯେଉଁଠି ଥାଆନ୍ତୁ ନା କାହିଁକି—ନିଜର ହାତମୁଠା ଟାଣ କରିବାର ସାହସ ସମସ୍ତଙ୍କର ଆସିବା ଦରକାର । ତାଙ୍କ ଭିତରେ ସେହି ଶକ୍ତି ଆସିବା ଦରକାର, ଯାହାଦ୍ୱାରା ସେମାନେ ପରିଶ୍ରମ କରି ଦେଶକୁ ଉନ୍ନତ କରି ପାରିବେ ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ

# ନୀଳଗିରିର ଐତିହ୍ୟ

ଶ୍ରୀ ଶାନ୍ତନୁ କୁମାର ପଟ୍ଟନାୟକ

ପ୍ରତ୍ୟେକ ଜାତି ନିଜର ସଭ୍ୟତା ଓ ଅତୀତର ସୁରୁଣା-ବଳୀକୁ ନେଇ ଗର୍ବ କରେ । ଯେଉଁ ଜାତିର ଅତୀତ ଅନ୍ଧକାର ଯାହାର ସଭ୍ୟତାର ଆଲୋକ ନିଷ୍ପ୍ରଭ, ସେ ଜାତି କ୍ରମ ବିଲୁପ୍ତ ପ୍ରାୟ ଦୁର୍ଗରଳି ଅନ୍ଧକାରର ଅତଳ ଗହ୍ୱରରେ ଲୀନ ହୋଇଯାଏ ମାତ୍ର ଅତୀତ ସଭ୍ୟତା ତାକୁ ଅନ୍ଧକାର ଗହ୍ୱରରୁ ଆଲୋକର ସନ୍ଧାନ ଦେଇଥାଏ ।

ଠିକ ସେହିଭଳି [illegible], ଶିଳ୍ପ, ବାଣିଜ୍ୟ, ନୌଯାତ୍ରା ଆଦିରେ ଅତୀତରେ ଏକ ଭୌଗୋଳିକ ଚମକ ସୃଷ୍ଟି କରିଥିବା ବାଲେଶ୍ୱର ଜିଲ୍ଲାର ପଶ୍ଚିମକୁ ୧୮ କି: ମିଟର ଦୂରରେ ଅବସ୍ଥିତ ଗଡ଼ଜାତ ଅଞ୍ଚଳ "ନୀଳଗିରି" ଅତୀତରେ ଅନ୍ଧକାର ମଧ୍ୟରେ ଏକ କ୍ରମ ବିଲୁପ୍ତ ପ୍ରାୟ ଅଞ୍ଚଳ, ଯାହାର ଅତୀତ ସ୍ମୃତି ଓଡ଼ିଆ ପ୍ରାଣରେ ଜାତୀୟତାର ପ୍ରେରଣା ଆଣିଦିଏ । ଦୃଷ୍ଟି ପଥରେ ଯାହାର ରହିଛି ଏକ ବିରାଟ ଜାତିର ଇତିହାସ ।

ନୀଳଗିରି ସହର ମଧ୍ୟକୁ ପ୍ରବେଶ କଲେ ପ୍ରଥମେ ଦୃଷ୍ଟିଗୋଚର ହୁଏ 'ସ୍ୱର୍ଣ୍ଣଚୂଡ଼' ପାହାଡ଼, ଏକ ଯୋଗସିଦ୍ଧ ସନ୍ନ୍ୟାସୀ ଭଳି ଶହ ଶହ ବର୍ଷ ଧରି ଯିଏ ଏକ ଭାବ ଗମ୍ଭୀର ମୂର୍ତ୍ତିରେ ଛିଡ଼ା ହୋଇଛି । ଏହି ପାହାଡ଼ର ଚୂଡ଼ାରେ ଦିନେ ଅଜସ୍ର ସୁନା ପୋତିହୋଇ ରହିଥିଲା ବୋଲି ଏକ ଜନଶ୍ରୁତି ରହିଛି । ଏବେ ବି ସୁନା ପାଇବା ଆଶାରେ କେତେକ ଆଦିବାସୀ ଯୁବକ ଯୁବତୀ ପାହାଡ଼ ଚତୁଃପାର୍ଶ୍ୱରେ ପ୍ରତ୍ୟହ ଘୁରି ବୁଲନ୍ତି । ୨୮୪ ବର୍ଗମାଇଲ ଆୟତନ ବିଶିଷ୍ଟ ଏହି ଅଞ୍ଚଳ ପାହାଡ଼ ଓ ଘନ ଜଙ୍ଗଲରେ ପରିପୂର୍ଣ୍ଣ । 'ସ୍ୱର୍ଣ୍ଣଚୂଡ଼' ପାହାଡ଼ ଉପରେ ଥିବା "ଡମେଇ ରଣା" ପଥରର କିମ୍ବଦନ୍ତୀ ଏବେ ବି ଏ ଅଞ୍ଚଳର ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି କରେ । କଥିତ ଜନଶ୍ରୁତି ଅନୁସାରେ ସୃଷ୍ଟି ପ୍ରଳୟ କାଳରେ ସମୁଦ୍ର ଜଳ ପାହାଡ଼ ଚୂଡ଼ା ସ୍ପର୍ଶ କଲେ ଡୁମେଇରଣା ବନସୀରେ ମାଛ ଧରି ତା'ର ଆସନ୍ନ ପ୍ରସବା ସ୍ତ୍ରୀକୁ ସ୍ୱାଦ ଖୁଆଇ ସୃଷ୍ଟି ରକ୍ଷା କରିବ ।

## ନୀଳଗିରିର ସୃଷ୍ଟି

ଆଜିର ନୀଳଗିରି ଅତୀତରେ ଜଣେ ଆଦିବାସୀ ସର୍ଦ୍ଦାର ନୀଳ ଖୁଣ୍ଟିଆ ଓ ତା'ର ଭାଇ ଶଙ୍କର ଖୁଣ୍ଟିଆ ଦ୍ୱାରା ଶାସିତ ହେଉଥିଲା । ମାତ୍ର ଏହାର ସୁଦୀର୍ଘ ଉର୍ବର ଅଞ୍ଚଳ ଛୋଟ-ନାଗପୁରର ଭାନୁବଂଶୀ ରାଜା ଭାନୁକରଣଙ୍କୁ ଆକୃଷ୍ଟ କଲା । ଏହି ରାଜପୁତ ବୀର ୧୧୨୫ ମସିହାରେ ଏହି ତଥାକଥିତ ଦୁଇ ଆଦିବାସୀ ବୀର ନୀଳ ସର୍ଦ୍ଦାର ଓ ଶଙ୍କର ସର୍ଦ୍ଦାରଙ୍କୁ ପରାସ୍ତ ଓ ନିହତ କରି ଏଠାରେ ରାଜଧାନୀ ସ୍ଥାପନ କଲେ ଏବଂ ଏହି ଦୁଇଭାଇଙ୍କ ନାମାନୁସାରେ ସ୍ଥାନର ନାମ ନୀଳଗିରି ଓ ରାଜବାଟୀ ଅନ୍ତର୍ଗତ ବିରାଟ ପୋଖରୀର ନାମ ଶଙ୍କରାଖୁଣ୍ଟା ରଖିଲେ ।

## ରାଜବଂଶ ଇତିହାସ

ସନ ୧୧୨୫ ମସିହାରେ ପ୍ରତିଷ୍ଠିତ ଏହି ରାଜବଂଶର ପ୍ରତିଷ୍ଠାତା ରାଜା ଭାନୁକରଣ । ତାଙ୍କ ପରଠାରୁ କ୍ରମାଗତ ଏଗାର ଜଣ ରାଜାଙ୍କ ସମୟରେ କୌଣସି ଉଲ୍ଲେଖଯୋଗ୍ୟ ଘଟଣା ନାହିଁ ବା ତାଙ୍କ ସମ୍ବନ୍ଧରେ ବିଶେଷ କିଛି ଜଣାନାହିଁ । ମାତ୍ର ଏହି ବଂଶର ତ୍ରୟୋଦଶ ରାଜା [illegible]ରାୟଣ ବସନ୍ତ ବିରାଟ ଭୁଜଙ୍ଗ ମାନଧାତା" । ୧୫୨୧ ମସିହାଠାରୁ ୧୫୬୪ ମସିହା ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିଲେ । ସେ ତତ୍କାଳୀନ ପୁରୀ[illegible] ଗଜପତି ପୁରୁଷୋତ୍ତମ ଦେବଙ୍କୁ ଯୁଦ୍ଧରେ ସାହାଯ୍ୟ କରି ପ୍ରତିଦାନରେ ତାଙ୍କ ଭଗ୍ନୀ କଲରା ଦେଈଙ୍କୁ ବିବାହ କରିଥିଲେ । ସେହି ଦିନଠାରୁ "କଲରାପୁଲ" ରାଜବଂଶର ସନ୍ତକରୂପେ ରହି ଆସିଛି । ଇତିହାସ କହେ, ସେ କଳାପାହାଡ଼ର ଆକ୍ରମଣରୁ ସନନାଗଡ଼ର "ଭୁବାଗଚଣ୍ଡୀ" ମନ୍ଦିରକୁ ରକ୍ଷା କରିଥିବାରୁ ଗଜପତି ତାଙ୍କୁ "ହରିଚନ୍ଦନ" ଉପାଧିରେ ଭୂଷିତ କରିଥିଲେ । ଏହି ବଂଶର ପଞ୍ଚଦଶ ରାଜା "କୃଷ୍ଣଦାସ ହରିଚନ୍ଦନ" ୧୬୧୧ ଖ୍ରୀଷ୍ଟାବ୍ଦରେ ମୋଗଲ-ମାନଙ୍କ ବିରୁଦ୍ଧରେ ଯୁଦ୍ଧକରି ଗଜପତିଙ୍କଠାରୁ "ମର୍ଦ୍ଦରାଜ" ଉପାଧି ପାଇଥିଲେ । ସେତେବେଳେ ଓଡ଼ିଶା ୧୬୦୭ ରୁ ୧୬୧୧) ମୋଗଲ ଶୁଭାକାଂକ୍ଷୀ ମାନସିଂହଙ୍କ ପରିଚାଳନାଧୀନରେ ଥିଲା । ଏହାର ପରବର୍ତ୍ତୀ ରାଜାଙ୍କ ସମ୍ବନ୍ଧରେ ମଧ୍ୟ କିଛି ପରିଚୟ ମିଳେ ନାହିଁ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଏହାର ୩୬ଶତମ ରାଜା । ବାଲେଶ୍ୱରର ତତ୍କାଳୀନ ରେସିଡେଣ୍ଟ କ୍ୟାପଟେନ ମୋରଗାନ୍ ( Captain Moorgan ) ଙ୍କ ଲିଖିତାନୁସାରେ ରାଜା

ରାମଚନ୍ଦ୍ର ମର୍ଦ୍ଦରାଜ ରାଜବଂଶର ଏକ ଦାସୀର ଅବୈଧ ସନ୍ତାନ । ତାଙ୍କ ପରେ ତାଙ୍କ ପୁତ୍ର ରାଜା କୃଷ୍ଣଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଅପୁତ୍ରିକ ଥିବାରୁ ମୟୂରଭଞ୍ଜର ଭଞ୍ଜବଂଶୀୟ ରାଜାଙ୍କ ଦ୍ୱିତୀୟ ପୁତ୍ର ଶ୍ୟାମଚନ୍ଦ୍ରଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ । (୧୮୭୪ ମସିହାରେ ଭାରତର ତତ୍‌କାଳୀନ ଭାଇସ୍‌ରାୟ ଲର୍ଡ ନର୍ଥବ୍ରୁକ୍ ( Lord Noth Brooke ) ଏକ ବିଶେଷ ସନନ୍ଦ ବଳରେ ତାଙ୍କୁ 'ରାଜା' ଉପାଧିରେ ଭୂଷିତ କଲେ । ତାଙ୍କ ପରେ ତାଙ୍କ ପୁତ୍ର, ରାଜବଂଶର ୩୯ତମ ରାଜା କିଶୋର ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ସମୟରେ ଏହି ଗଡ଼ଜାତ ରାଜ୍ୟ ସ୍ୱାଧୀନ ଭାରତର ତତ୍‌କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ହସ୍ତକ୍ଷେପ ଫଳରେ ଭାରତ ସହ ମିଶ୍ରିତ ହେଲା । ଆଜି ସେ ରାଜବଂଶ ନାହିଁ କି ତା'ର ପ୍ରତାପ ନାହିଁ । କର୍ପୂର ଉଡ଼ି ଯାଇଛି ସିନା, ହେଲେ କନା ପଡିରହିଲା ପରି ଭଗ୍ନ ପ୍ରାୟ ରାଜ ପ୍ରାସାଦ ଅତୀତର ମୂକସାକ୍ଷୀ ହୋଇ ଛିଡ଼ା ହୋଇଛି ।

## ରାଜନୈତିକ ଐତିହ୍ୟ

ରାଜନୀତି କ୍ଷେତ୍ରରେ ନୀଳଗିରି ଏକ ଚହଳ ପକାଇଥିଲା– ପ୍ରଜା ଆନ୍ଦୋଳନଠାରୁ ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ପ୍ରତ୍ୟେକ ଆନ୍ଦୋଳନର ଜୀବାଣୁ ଏ ଅଞ୍ଚଳର ପ୍ରଜାଙ୍କ ପ୍ରତ୍ୟେକ ଲୋମ-କୋପରେ ଭରି ରହିଥିଲା । ୧୮୭୫ ମସିହାରେ ପଥର ଖଣିର କରବୃଦ୍ଧି ଯୋଗୁଁ ପ୍ରଜା ଆନ୍ଦୋଳନ ୧୮୮୩, ୧୯୩୮ ଓ ୧୯୪୨ ମସିହାର ପ୍ରଜା ଆନ୍ଦୋଳନ ଫଳରେ ଏ ଅଞ୍ଚଳ ପ୍ରତି ଇଂରେଜ ସରକାରଙ୍କ ମନରେ ଅସନ୍ତୋଷର ବହ୍ନି ଖେଳି ଯାଇଥିଲା । ତା ୫-୧-୧୯୪୭ ମସିହାରେ ସ୍ୱର୍ଗତ କୈଳାସ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଗଡିଆମାଳଠାରେ ୧୬ ଜଣ ବିପ୍ଳବୀଙ୍କୁ ନେଇ ଏକ ଆଜାଦ ସରକାର ଗଠିତ ହୋଇ ସ୍ୱାଧୀନତା ସଂଗ୍ରାମର ମହାଯଜ୍ଞରେ ଝାସ ଦେଇଥିଲେ । ସ୍ୱାଧୀନତା ପରେ ମଧ୍ୟ ଶ୍ରୀ ବନମାଳି ଦାସ ଆଦିଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଆନ୍ଦୋଳନ ତେଜି ଉଠିଥିଲା । ମାତ୍ର ସରକାର ଏହାକୁ ଦମନ କଲେ । ତା ୧୫-୧୧-୧୯୪୭ ମସିହାରେ ତତ୍‌କାଳୀନ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦୁର୍ଗା ଦାସ ନୀଳଗିରି ରାଜ୍ୟର ଦାୟିତ୍ୱ ଗ୍ରହଣ କରିଥିଲେ ।

## ପୌରାଣିକ ଐତିହ୍ୟ

ନୀଳଗିରିଠାରୁ ୮ କିଲୋମିଟର ଦକ୍ଷିଣକୁ ଗଲେ ପୁରାଣ ପ୍ରସିଦ୍ଧ ପଞ୍ଚଲିଙ୍ଗେଶ୍ୱର ମନ୍ଦିର ପଡିବ । ପ୍ରାକୃତିକ ସୌନ୍ଦର୍ଯ୍ୟ ପୂର୍ଣ୍ଣ ପଞ୍ଚଲିଙ୍ଗେଶ୍ୱର ପର୍ବତ ଓ ସେଠାର ଗିରି ନିର୍ଝର ମଗ୍ନ ପଞ୍ଚଲିଙ୍ଗେଶ୍ୱର ଶିବଲିଙ୍ଗ ଦର୍ଶକମାନଙ୍କ ମନ ସ୍ୱତଃ ହରଣ କରିଥାଏ । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଏହା ରାଜା ଜରାସନ୍ଧର କୀର୍ତ୍ତି । ଏହି ଜରାସନ୍ଧ ଦୈନିକ ୫ଟି ଶିବ-ଲିଙ୍ଗ ଦର୍ଶନ କରିବା ଅଭିପ୍ରାୟରେ ପଞ୍ଚଲିଙ୍ଗେଶ୍ୱର ମହାଦେବ ପ୍ରତିଷ୍ଠା କରିଥିଲେ । ଶିବ ପୁରାଣରେ ବର୍ଣ୍ଣନାନୁଯାୟୀ ପଞ୍ଚପାଣ୍ଡବ ତାଙ୍କର ଅଜ୍ଞାତ ବନବାସ ଏହିଠାରୁ ହିଁ ଆରମ୍ଭ କରିଥିଲେ । ଏଠାରୁ ସେମାନେ ବିରାଟ ରାଜ୍ୟ (ଆଧୁନିକ ଜଜ୍‌ପୁର (?)) – ଭଦ୍ରପଦାକୁ ଯାତ୍ରା କରିଥିଲେ । ଫେରିବା ପଥରେ ଦ୍ରୌପଦୀ ଏଠାରେ ୧୩ ଦିନ ଅବସ୍ଥାନ କରି ନିଜର ମନ କାମନା ପଞ୍ଚଲିଙ୍ଗେଶ୍ୱରଙ୍କଠାରେ ଜଣାଇଥିଲେ । ସେହିଦିନଠାରୁ ଅଦ୍ୟାବଧି ମାଘ ଶୁକ୍ଳ ସପ୍ତମୀଠାରୁ ୧୩ଦିନ ଧରି ଏଠାରେ ମେଳା ହୋଇ ଆସୁଅଛି । ମନ୍ଦିର ମାଳିନୀ ଏହି ନୀଳଗିରିର ରାଜବାଟୀରେ ପ୍ରତ୍ୟକ୍ଷ ଦେବୀ କନକଦୁର୍ଗା ଅବସ୍ଥିତ । ଶାରଦୀୟା ଦୁର୍ଗାପୂଜାରେ ବଳିପ୍ରଥା ଏଠାରେ ବହୁ ପୁରାତନ କାଳରୁ ପ୍ରଚଳିତ । ଏଠାରୁ ୪ କିଲୋମିଟର ଦୂର ସଜନାଗଡ଼ଠାରେ ଥିବା 'ଭୂଦାରଚଣ୍ଡୀ" ମନ୍ଦିର ପୌରାଣିକ ଭା ର୍ଯ୍ୟର ଏକ ଜୀବନ୍ତ ରୂପାୟନ । ଏହାର ମନ୍ଦିର ଗାତ୍ରରେ ପୌରାଣିକ ଘଟଣାର ଜୀବନ୍ତ ଆଲେଖ୍ୟମାନ ରହିଛି । ଏଠାରେ ବୌଦ୍ଧ, ଜୈନ, ଶୈବ ଓ ଶାକ୍ତ ସଂସ୍କୃତିର ବିଚିତ୍ର ସମାବେଶ ହୋଇଛି । ପଥର ନିର୍ମିତ ଜୈନ "ତୀର୍ଥଙ୍କର ପାର୍ଶ୍ୱନାଥ", 'ଗୌତମୀଙ୍କ କୋଳରେ ଶାୟିତ ଶିଶୁ ସିଦ୍ଧାର୍ଥ,' ଅମିତାଭ ବୁଦ୍ଧ', 'ଅବଲୋକିତେଶ୍ୱର' ମୂର୍ତ୍ତି ଏ ଅଞ୍ଚଳରୁ ମିଳିଛି ।

## କଳା, ସାହିତ୍ୟ ଓ ସଂସ୍କୃତି

ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିକୁ ନୀଳଗିରିର ଯଥେଷ୍ଟ ଦାନ ରହିଛି । ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ "ପଦ୍ମମାଳୀ" ହିଁ ଏହି ନୀଳଗିରିରୁ ନୀଳଗିରିର ଘଟଣା ଉପରେ ଲିଖିତ । ନୀଳଗିରିର ରାଜା କୃଷ୍ଣଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ରାଣୀ ଚିତ୍ରାଦେବୀ ଓ ତାଙ୍କ ଭାଇ ପୁରୁବ ଗଡ଼ିଆର ଜମିଦାର ତଥା ଦେବାନ ଶିବ ଚରଣ ପଟ୍ଟନାୟକଙ୍କ ଚକ୍ରାନ୍ତରେ ପଞ୍ଚାଗଡ଼ର ନିରୀହା କ୍ଷେତ୍ରୀୟ କନ୍ୟା " ପଦ୍ମମାଳୀ" ର ଦୁଃଖଦ ଜୀବନର ଏକ ସତ୍ୟ କାହାଣୀ ଏଥିରେ ବର୍ଣ୍ଣିତ । ୧୯୩୮ର ସ୍ୱାଧୀନତା ଆନ୍ଦୋଳନବେଳେ ସ୍ୱର୍ଗତ ପଦ୍ମଲୋଚନ ଦାସ ନାମରେ ଜଣେ କବି କବିତା ଲେଖି ଏ ଅଞ୍ଚଳରେ ଜନ ଜାଗରଣ ଅଣାଇ ଥିଲେ । ଆମଡ଼ିହା ଗ୍ରାମର ସ୍ୱର୍ଗତ ବାଙ୍କୁ ମଲ୍ଲିକ ମଧ୍ୟ କବିତା ଲେଖି ହାରମୋନିୟମ ବଜାଇ ଗାଇ ଲୋକମାନଙ୍କ ମନରେ ପ୍ରଭାବ ପକାଇ ପାରିଥିଲେ । ଏବେ କିନ୍ତୁ ବହୁ କବି, ଲେଖକ, ନାଟ୍ୟକାର ନୀଳଗିରି ମାଟିରେ ଜନ୍ମ ନେଇ ଏହାର ସୁନାମ ବଢାଉଛନ୍ତି । ଏବେ ଏଠାରେ "ବନାନୀ ସାହିତ୍ୟ ସଂସଦ", "ଫଗୁଣୀମୋହନ ଗଣ-ସାହିତ୍ୟ ସଂସଦ " " ନୀଳଗିରି ଯୁବ ସାଂସ୍କୃତିକ ପରିଷଦ" ଆଦି ବହୁ ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ ମୁଣ୍ଡଟେକି ଉଠିଲାଣି ।

ଛଉ ନୃତ୍ୟ ଏଠାକାର ପ୍ରଧାନ ଆକର୍ଷଣ ଥିଲା । "ରାଜମହଲ ମଧ୍ୟରେ ଛଉନୃତ୍ୟ ପ୍ରଦର୍ଶନ କରାଯାଉଥିଲା । ସ୍ୱର୍ଗତ ମହାରାଜା କିଶୋରଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ଅଦମନୀୟ ଅଭିନୟ ଔତ୍ସୁକତା ଓ କଳାଚେତନା ରାଜବାଟୀରେ ଥିବା ରଙ୍ଗମଞ୍ଚକୁ ଓଡ଼ିଶାର ସର୍ବଶ୍ରେଷ୍ଠ ରଙ୍ଗମଞ୍ଚରୂପେ ଖ୍ୟାତି ଲାଭ କରି ପାରିଥିଲା " । ଆଧୁନିକ କଳା କୌଶଳରେ ନିର୍ମିତ ଏହି ରଙ୍ଗମଞ୍ଚରେ ରାଜଦରବାରର ରାଜାଙ୍କଠାରୁ ଭୃତ୍ୟ ପର୍ଯ୍ୟନ୍ତ ସମସ୍ତେ ଅଭିନୟ କରୁଥିଲେ ।

ରଥଯାତ୍ରା ଏ ଅଞ୍ଚଳର ପ୍ରଧାନ ଯାତ୍ରା । ବିଶେଷତଃ ଆଦିବାସୀ ଯୁବକ ଯୁବତୀମାନଙ୍କ ବିଚିତ୍ର ସମାବେଶ ଓ ନୃତ୍ୟ ଏହି ସମୟରେ ଅଧିକ ଦେଖିବାକୁ ମିଳେ ।

## ଶିକ୍ଷା

ଶିକ୍ଷାର ପ୍ରସାର ଏ ଅଞ୍ଚଳରେ ଅଧିକ ହୋଇଛି । ଏଠାରେ ପ୍ରଥମେ ଗୋଟିଏ ଏମ୍. ଇ. ସ୍କୁଲ ଥିଲା । ୧୯୦୫ ମସିହାରେ ମହାରାଜା ସ୍ୱର୍ଗତ ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଏଠାରେ ପ୍ରଥମକରି ହାଇସ୍କୁଲ ପ୍ରତିଷ୍ଠା କଲେ । ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ର ଏହାର ପ୍ରଥମ ପ୍ରଧାନ ଶିକ୍ଷକ ରହିଲେ ଏବଂ ତାଙ୍କ ପରେ ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ଦାଶ ପ୍ରଧାନ ଶିକ୍ଷକ ରହିଥିଲେ ଓ ସ୍ୱର୍ଗତ ପଣ୍ଡିତ ନୀଳକଣ୍ଠ, ସ୍ୱର୍ଗତ ଅଗ୍ରସ୍ୱୀ ନରହରି ସହକାରୀ ଶିକ୍ଷକ ଥିଲେ । ଏ ଅଞ୍ଚଳରେ ଏ ପର୍ଯ୍ୟନ୍ତ ଗୋଟିଏ ବେସରକାରୀ କଲେଜ, ୩ଟି ସରକାରୀ ହାଇସ୍କୁଲ, ୧୪ଟି ବେସରକାରୀ ହାଇସ୍କୁଲ, ୭ଟି ସରକାରୀ ଏମ୍. ଇ. ସ୍କୁଲ, ୫୧ଟି ବେସରକାରୀ ଏମ୍. ଇ. ସ୍କୁଲ, ୧୦ଟି ସେବାଶ୍ରମ ଓ ୧୪୫ଟି ପ୍ରାଥମିକ ବିଦ୍ୟାଳୟ ଅଛି ।

## ବାଣିଜ୍ୟ ବ୍ୟବସାୟ

ଶଙ୍କରାଖୁଣ୍ଟା ପୋଖରୀ ପାଖରେ ଥିବା ହାଟ ଏ ଅଞ୍ଚଳର ଲୋକମାନଙ୍କର ବାଣିଜ୍ୟ, ବ୍ୟବସାୟର ପ୍ରଧାନ ସ୍ଥଳୀ । ସପ୍ତାହର ପ୍ରତି ଶନିବାର ଓ ମଙ୍ଗଳବାର ଏଠାରେ ହାଟ ବସେ । "୧୮୭୨ ମସିହାରୁ ୧୮୭୫ ମସିହା ମଧ୍ୟରେ ସ୍ୱର୍ଗତ ବ୍ୟାସକବି ଫକୀରମୋହନ ସେନାପତି ନୀଳଗିରିର ଦେବାନ ଥିବାବେଳେ ଏଠାରେ ହାଟଟି ବସାଇଥିଲେ" । ନୀଳଗିରିର ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ବଡ଼ରାଣୀ ନିର୍ମଳା ଦେଈଙ୍କ ନାମାନୁସାରେ ଏ ହାଟର ନାମ ନିର୍ମଳା ହାଟ ରଖା ଯାଇଛି । ପଥର ବାସନ ପାଇଁ ନୀଳଗିରି ଓଡ଼ିଶା ପ୍ରସିଦ୍ଧ । ବଉଳ ଗଡ଼ିଆ ମାହାଲରୁ ଶହ ଶହ ଟଙ୍କାର ପଥର ବାସନ ଶିବଲିଙ୍ଗ ଆଦି ବିଦେଶକୁ ରପ୍ତାନୀ କରାଯାଉଛି । ଧୋବଶିଳାର ପଥର ଖାଦାନରୁ ପ୍ରତିଦିନ ରେଳ, ଟ୍ରକ ଯୋଗେ ପଥର ମଧ୍ୟ ରପ୍ତାନୀ ହେଉଛି । ତା'ଛଡ଼ା ବାମପୁରର ହାଣ୍ଡି, ବଣ ଜଙ୍ଗଲର କାଠ, ଖଲି ପତ୍ର, ବାଉଁକାଠି, ମହୁଲ ଆଦି ବ୍ୟବସାୟିକ ପଣ୍ୟଭାବେ ବାହାରକୁ ଯାଏ । ଦରିସାହି ଢୋକିଆଙ୍କର ଏବେ ମଧ୍ୟ ଆଦର ଅଛି ।

ଏହାଛଡ଼ା ରାଜ୍ୟ ସରକାରଙ୍କ ତରଫରୁ ପଞ୍ଚଲିଙ୍ଗେଶ୍ୱରକୁ ଏକ ପର୍ଯ୍ୟଟନ କେନ୍ଦ୍ରରୂପେ ଗ୍ରହଣ କରାଯାଇ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଏକ ବିଶ୍ରାମାଗାର ଖୋଲାଯାଇଛି । ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଦ୍ୱାରା ଉନ୍ନତ କରିବାର ବ୍ୟବସ୍ଥା ହୋଇଛି । ଏଠାରେ କ୍ରମାଗତ ଶିଳ୍ପ କ୍ଷେତ୍ରରେ ଉନ୍ନତି ଦେଖା ଦେଲଣି । ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ସଭ୍ୟତାର ନୂତନ ଆଲୋକରେ ଅତୀତର ଅନ୍ଧକାରର ଅତଳ ଗହ୍ୱରରୁ ଦିନେ ବାହାରି ଆସି ସମୃଦ୍ଧିର ଶୀର୍ଷରେ ଯେ ଛିଡ଼ା ହେବ, ଏଥିରେ ସନ୍ଦେହ ନାହିଁ ।


ସହାୟକ ପୁସ୍ତକ

୧—ବିରାଟ କାବ୍ୟ .. ୰ଶ୍ରୀନାଥ ମିଶ୍ର, କାବ୍ୟତୀର୍ଥ

୨—ଓଡ଼ିଶା ଇତିହାସ .. ଶ୍ରୀ ହରେକୃଷ୍ଣ ମହତାବ


୩—History of Nilagiri .. Captain Moorgan

୪—ପଦ୍ମମାଳୀ .. ୰ଉମେଶ ଚନ୍ଦ୍ର ସରକାର

୫—ଶିବପୁରାଣ



ପଟ୍ଟନାୟକ ଭବନ
ମୁ:/ପୋ: ସଦାର୍ଙ୍ଗ
ଜି: ବାଲେଶ୍ୱର
୭୫୬୦୪୩

ମତଦାନ ପତ୍ର ପୁସ୍ତକ ଆକାରରେ ପ୍ରସ୍ତୁତି ହେବାର ଏକ ଦୃଶ୍ୟ

# ଶ୍ରଦ୍ଧାଞ୍ଜଳି

ବଜୟିନୀ ଦାସ

"ଜାତସ୍ୟହି ଧ୍ରୁବଂ ମୃତ୍ୟୁ"
ତଥାପି କାହିଁକି
ସବୁ ସତ୍ୟ ଏଇ ମନ କରେ ଅସ୍ୱୀକାର
ଏମିତି ଏକ ଜୀବନ୍
ଜୀବନ ନୁହେଁ ତ
ଜାତିର ମହାନ ଆତମା
କେମିତି ଲେଖିଲ ମୃତ୍ୟୁ
ସେ ଜୀବନେ ନିଷ୍ଠୁର ସ୍ୱାକ୍ଷର ?

ପବନ ହୋଇଲ ସ୍ଥିର
ସ୍ତବ୍ଧ ହେଲେ ଚନ୍ଦ୍ର ସୂର୍ଯ୍ୟ
ସ୍ତବ୍ଧ ହେଲ ସମୁଦ୍ର ଲହରୀ
ଫୁଲ ସବୁ ରଙ୍ଗ ହରାଇଲେ
ସତେ ଅବା ବିଶାଳ ଏ ଭାରତ ଭୂଖଣ୍ଡେ—
ସବୁ ସୀମନ୍ତିନୀ ଗୋଟିଏ ମହୁର୍ତ୍ତେ—
ବିଧବା ହୋଇଲେ
ସତେ ଅବା ସତୁରିକୋଟି ସନ୍ତାନ
ପିତୃହୀନ ମାତୃହୀନ ହେଲେ !

କିମିତି ବିଶ୍ୱାସ ସତେ କରିବୁ ତା' ?

ସବୁଠାରେ ତୁମରି ସ୍ୱାକ୍ଷର
ଲିପିବଦ୍ଧ ସକଳ ଆତମାରେ
ତୁମ ଶ୍ରଦ୍ଧା ତୁମ ପ୍ରୀତି ତୁମରି ବିଶ୍ୱାସ
ଅନିର୍ବାପିତ ପ୍ରଦୀପ ହୋଇ ଆଜି ଜଳେ ।

ତୁମକୁ ହରାଇ ଦେଇ ଖୁବ୍ ବେଶୀ ଅସହାୟ ଅସମର୍ଥ ଆମେ ।
ଆଶାହୀନ ଭାବେ —ଅଥଳ ସମୁଦ୍ରେ ଭାସୁ ନାହିଁ ଥଳକୂଳ

ତୁମେତ ନାହଁ ଯେ ଆଉ—
ପାତିଦେବ ମମତା ଅଞ୍ଚଳ
ଆଶା ଦେବ ଆଶ୍ୱାସନା ଦେବ
ଅନ୍ଧାରରୁ ଆଲୋକକୁ—
ଚାଲିବାର ରାହା ଦେଖାଇବ ॥

ଯୁଗେ ଯୁଗେ ଅକୃତଜ୍ଞ ଏ ମଣିଷ ଜାତି
ଆପଣା ଗୋଡ଼ରେ ଆପେ କୁରାଢ଼ି ମାରିଛି
ଆପଣାର ଶବ ବହିଂ ଆପଣା କାନ୍ଧରେ
ନିଜ ହାତେ ନିଜପାଇଁ କବର ଖୋଳିଛି ॥

ଶିଆଳୀଲତା କୁଞ୍ଜରେ ଶ୍ରୀକୃଷ୍ଣଙ୍କୁ ଶରବିଦ୍ଧ କରି
ଯୀଶୁଙ୍କୁ ବି' କ୍ରୁଶବିଦ୍ଧ କରେ
ମହାତ୍ମାଙ୍କୁ ହତ୍ୟାକରେ ପ୍ରାର୍ଥନା ସଭାରେ ।

ଇତିହାସ ବାରମ୍ବାର କଳଙ୍କିତ ହୁଏ
ଶାନ୍ତି ମୈତ୍ରୀ ମନ୍ତ୍ରପାଠ ବେଳେ
ଲୁମୁମ୍ବା ଓ କେନେଡି ଛାତିରେ—
ବାରମ୍ବାର ଗୁଳିବିଦ୍ଧ ହୁଏ ॥

ତମେ, କ'ଣ ଜାଣିଥିଲ ?
ତମେ ବି' ସେମିତି ଦିନେ—
ମୃତ୍ୟୁର ଅତିଥି ହେବ
ଅଖଣ୍ଡ ଭାରତ ପାଇଁ
"ଶେଷ ରକ୍ତବିନ୍ଦୁ ଢାଳି"

ଆତତାୟୀ ହସ୍ତେ, ତମ ତନୁ ଖଣ୍ଡ ଖଣ୍ଡ ହେବ ??

ମା' ଯେଣୁ କ୍ଷମାମୟୀ, ମହିୟସୀ,
ସନ୍ତାନର ଧରେ ନାହିଁ ଦୋଷ
ତେଣୁ ଏ ପୁରୁଷ ଜାତି
ଯୁଗେ ଯୁଗେ ସାବ୍ୟସ୍ତ କରିଛି
ଆପଣା ପୌରୁଷ ॥

ଷ୍ଟୋନି ରୋଡ୍
କଟକ ।

# ବନ୍ଦେ ମାତରଂର ଶେଷ ଶିଖା ସୂର୍ଯ୍ୟମଣି

ଶ୍ରୀ ଯୁଗଳ କିଶୋର ନାୟକ

୧୯୮୪ ମସିହା ଅକ୍ଟୋବର ମାସ ୨୫ ତାରିଖର ମଧ୍ୟରାତ୍ରି । ଶତାୟୁ ପୁରୁଷ ସୂର୍ଯ୍ୟମଣିଙ୍କ ମୁଖରୁ ନିସୃତ ହେଉଥାଏ ତୁଳସୀ ଦାସକୃତ ପବିତ୍ର ରାମଚରିତ ମାନସର ପଂକ୍ତି :

"ଶ୍ରୀ ରାମଚନ୍ଦ୍ର କୃପାଳୁ ଭଜମନ
ହରନ ଭବଭୟ ଦାରୁନମ୍" ।

ନିଜର ଜରାଜୀର୍ଣ୍ଣ ଶରୀରରେ ଟିକିଏ ଶକ୍ତି ନଥିଲେ ବି ବହୁ କଷ୍ଟରେ ତାଙ୍କ ହାତ ଦୁଇଟି ଏକାଠି ମିଶି ଧୀରେ ଧୀରେ ତାଳି ମାରୁ ଥାନ୍ତି । ଦୀର୍ଘ ୨୦ ଦିନ ହେଲା ଖାଦ୍ୟ ବର୍ଜନ କରିଥିଲେ ମଧ୍ୟ ସୂର୍ଯ୍ୟମଣିଙ୍କ କଣ୍ଠର ମଧୁରତାରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରଯାଉନଥିଲା, ବରଂ କୌତୁକପୂର୍ଣ୍ଣ ଚକ୍ଷୁରେ ସମସ୍ତେ ଲକ୍ଷ୍ୟ କରୁଥିଲେ ସୂର୍ଯ୍ୟମଣିଙ୍କ ମୁଖମଣ୍ଡଳକୁ ।

ଦୈନିକ ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଉଥିଲା ଶ୍ରୀ ଅରବିନ୍ଦଙ୍କର ବନ୍ଦେମାତରଂ ଆନ୍ଦୋଳନର ସାଥୀ ତଥା ଦେଶବନ୍ଧୁ ଚିତ୍ତରଂଜନଙ୍କର ସେହି ସମୟର ମଟର ଡ୍ରାଇଭର ଓ ସ୍ୱାଧୀନତା ସଂଗ୍ରାମୀ ସୂର୍ଯ୍ୟମଣି ନାୟକ ଅସୁସ୍ଥ ଅଛନ୍ତି ବୋଲି । ମାତ୍ର ପ୍ରକୃତରେ ସୂର୍ଯ୍ୟମଣି ଅସୁସ୍ଥ ନଥିଲେ । ସେ ଅନ୍ନ ତ୍ୟାଗ କରି ପୟୋପାନ ବ୍ରତରେ ଅଟଳ ରହି ଶଯ୍ୟାଶାୟୀ ଅବସ୍ଥାରେ ଅନବରତ ବିଭୁନାମ ସ୍ମରଣ କରୁଥିଲେ । ଦିନ ରାତି ଏପରି କୌଣସି ମୁହୂର୍ତ୍ତ ନଥିଲା ଯେତେବେଳେ ସୂର୍ଯ୍ୟମଣିଙ୍କ କଣ୍ଠରୁ ସ୍ପଷ୍ଟ ଅଥବା ଅସ୍ପଷ୍ଟ ଭାବରେ ଭଗବାନଙ୍କ ନାମ ଉଚ୍ଚାରିତ ହେଉନଥିଲା । ତଥାପି ନିଜର ପରିବାର-ବର୍ଗ ଓ ଆତ୍ମୀୟସ୍ୱଜନ ବହୁ ଆଶଙ୍କାରେ ବ୍ୟଥିତ ହୋଇ ବେଳେ ବେଳେ ତାଙ୍କ ବିଭୁ ନାମ ଉଚ୍ଚାରିତ ଓଠ ଫାଙ୍କରେ ଛୋଟ ଫଳଖଣ୍ଡ ଦେଇଦେବାକୁ ଚେଷ୍ଟା କଲାବେଳେ ବ୍ୟାକୁଳ ଚିତ୍ତରେ ସୂର୍ଯ୍ୟମଣି କହୁଥିଲେ—

"ଏ ମାଟି ଦେହ ପ୍ରତି ଏତେ ମମତା କାହିଁକି ? ମୁଁ ତାକୁ ତ୍ୟାଗ କରିବି । ପାବନ ପୁରୁଷଙ୍କର ପାଦପଙ୍କଜ ମୋର ଆବଶ୍ୟକ । ମହାପ୍ରଭୁ ଜଗନ୍ନାଥ ସେବକମାନଙ୍କ ଗହଣରେ ବିଜେ କରିଛନ୍ତି । ତାଙ୍କର ପତିତ ଉଦ୍ଧାରଣ ରୂପଲାବଣ୍ୟକୁ ମୁଁ ଦର୍ଶନ କରୁଛି । ଆହା, ଭୁବନ ମନୋହରଙ୍କ ନେତ୍ର ଯୁଗଳ କେଡ଼େ ସୁନ୍ଦର । କୃପାନିଧିଙ୍କ ଦର୍ଶନ ବ୍ୟତୀତ ମୁଁ ଅନ୍ୟ କିଛି ଲୋଡ଼େ ନା । ଖାଦ୍ୟ ପାନୀୟର ଲାଳସା ଦେଖାଇ ମୋତେ ଆଉ କଷ୍ଟ ଦିଅନା " ।

କେବଳ ଥରେ ପାଇଁ ନୁହେଁ ଦୀର୍ଘ ୨୦ ଦିନର ପୟୋପାନ ନିଷ୍ଠେଧ ବ୍ରତ ସମୟରେ ମୁଦ୍ରିତ ନୟନରୁ ଲୁହ ଝରାଇ ଅନେକ ଥର ଏହିଭଳି ପ୍ରକାଶ କରିଛନ୍ତି ସୂର୍ଯ୍ୟମଣି । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ଅନେକ ସ୍ୱରୂପକୁ ଶଯ୍ୟା ନିକଟରେ ଦର୍ଶନ କରି ବେଳେବେଳେ ସେ ହାତ ଯୋଡ଼ି ପ୍ରାର୍ଥନା କରୁଥିବାର ଶୁଣାଯାଇଛି, "ହେ ରାମ ! ହେ କୃଷ୍ଣ ମୁଁ ତୁମକୁ ଏତିକି ଭିକ୍ଷା ମାଗୁଛି—ସୃଷ୍ଟିର ମଙ୍ଗଳକର ।" ଆହା, ବର୍ଷୀୟାନ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀଙ୍କର କି ଆଶା, କି ଆକାଂକ୍ଷା ନିଜ ପାଇଁ, ନିଜ ପରିବାର ପାଇଁ, ଭବିଷ୍ୟତର ବଂଶଧରଙ୍କ ପାଇଁ, ଅଥବା ବନ୍ଧୁ ବାନ୍ଧବଙ୍କ ପାଇଁ କୌଣସି ଭିକ୍ଷା ନମାଗି ଜଗତର ମଙ୍ଗଳ ପାଇଁ ପୁରୁଷୋତ୍ତମଙ୍କ ଶ୍ରୀଚରଣରେ ପ୍ରାର୍ଥନା ।

ଶ୍ରୀ ରାମ ଭଜନ ଗାନ ପରେ ଶ୍ରୀ ଅରବିନ୍ଦଙ୍କର ଦୁର୍ଗା-ସ୍ତୋତ୍ର ଶ୍ରବଣ କରି "ହରିବୋଲ" "ଗୋବନ୍ଦ ଗୋବିନ୍ଦ" ନାମ ଉଚ୍ଚାରଣରେ ଆତ୍ମ ନିବିଷ୍ଟ ହେଲେ ସୂର୍ଯ୍ୟମଣି । ୨୫ ତାରିଖ ରାତ୍ରି ପାହିଗଲା । ୨୬ ତାରିଖ ପୂର୍ବାହ୍ନରେ ସେବକ-ମାନଙ୍କ ଦ୍ୱାରା ନିତ୍ୟକର୍ମ ସେବା ଗ୍ରହଣ କରି ଦଶଘଣ୍ଟା ଏକୋଇଶ ମିନିଟ୍ ସମୟରେ ଏକାମ୍ରକ୍ଷେତ୍ର ଭୁବନେଶ୍ୱରରେ ପରମ ପ୍ରାପ୍ତି ଲାଭ କଲେ, ବିଂଶ ଶତାବ୍ଦୀର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ସୂର୍ଯ୍ୟମଣି ନାୟକ ।

## ସ୍ୱାଧୀନତା ସଂଗ୍ରାମ

ସୂର୍ଯ୍ୟମଣିଙ୍କ ସ୍ୱାଧୀନତା ସଂଗ୍ରାମର ଇତିହାସ ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ । ସେ କେବେ ଗୋରା ସରକାରଙ୍କ ଦ୍ୱାରା ଗିରଫ ହୋଇ କାରାଗାରରେ ଜୀବନ ବିତେଇ ନାହାନ୍ତି; ତ୍ରିରଙ୍ଗା ପତାକା ଧରି ଆମର ଦାବୀ ପୂରଣ ହେଉ ଧ୍ୱନି ଦେଇ ନାହାନ୍ତି । ମାତ୍ର ତାଙ୍କ ଆନ୍ଦୋଳନର ରୂପରେଖ ଯେପରି ଥିଲା ଏବଂ ସ୍ୱାଧୀନତା ଆନ୍ଦୋଳନ ସଂପର୍କରେ ଯେଉଁ କେତେ ପଦ କଥା ସେ କହି ଦେଇ ଯାଇଛନ୍ତି, ତାହା ସମଗ୍ର ଭାରତ ପାଇଁ ଗୌରବମୟ ଅଧ୍ୟାୟ ହୋଇ ରହିବ ।

ପ୍ରଥମ ମହାଯୁଦ୍ଧର ବହୁ ପୂର୍ବର କଥା । ସେତେବେଳେ କଲିକତା ସହରରେ ବିଜୁଳି ବତୀ ଜଳୁନଥିଲା । ଟ୍ରାମ୍‌ଗାଡ଼ି ଚାଲିନଥିଲା । ସହରର ବିଭିନ୍ନ ସ୍ଥାନରେ ଟାଇଲ ଘର, ଖଦଡ଼ ଛପର ଘର ସହିତ ଅଳ୍ପ କେତେକ କୋଠାବାଡ଼ି ଥିଲା । ହାୱଡ଼ା ପୋଲ ମଧ୍ୟ ତିଆରି ହୋଇନଥାଏ । ପ୍ରାୟ ବନ୍ଦେମାତରମ୍ ଆନ୍ଦୋଳନର ସମୟ ସେତେବେଳେ । ଠିକ୍ ଏହି ସମୟରେ ଭାରତର ସ୍ୱନାମଧନ୍ୟ ବାରିଷ୍ଟର ଦେଶବନ୍ଧୁ ଚିତ୍ତରଂଜନଙ୍କର କଲିକତା ବାସଭବନରେ ଜଣେ ମଟର ଚାଳକ ଭାବେ କାର୍ଯ୍ୟ କରୁଥିଲେ କଟକ ଜିଲ୍ଲାର ଟିକଣା ଗ୍ରାମ ନିବାସୀ ଶ୍ରୀସୂର୍ଯ୍ୟମଣି ନାୟକ ।

ଦେଶବନ୍ଧୁ ଚିତ୍ତରଂଜନ ସୂର୍ଯ୍ୟମଣିଙ୍କୁ ଭାରି ଭଲ ପାଉଥିଲେ । କେବଳ ସେତିକି ନୁହେଁ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉପଦେଶରେ ସୂର୍ଯ୍ୟମଣିଙ୍କୁ ନିଯୁକ୍ତି ଦେଇଥିବାରୁ ତାଙ୍କ ପ୍ରତି ଦେଶବନ୍ଧୁଙ୍କର ପ୍ରଗାଢ଼ ବିଶ୍ୱାସ ଏବଂ ଅନୁରକ୍ତି ଥିଲା । ମଧୁବାବୁ ସୂର୍ଯ୍ୟମଣିଙ୍କୁ ପୁତ୍ର ପରି ସ୍ନେହ କରୁଥିଲେ । ଏହାର ତାତ୍ପର୍ଯ୍ୟ ଏହିଯେ, ତାଙ୍କ ଜାଣିବାରେ ସୂର୍ଯ୍ୟମଣି ପ୍ରଥମ ଉତ୍କଳୀୟ ମଟର ଚାଳକ । କଲିକତା ନଗରୀରେ ପ୍ରଥମ କରି ମଟର କାର କିଣିଥିବା କେତୋଟି ଜଣାଶୁଣା ପରିବାର ମଧ୍ୟରେ ସୂର୍ଯ୍ୟମଣିହିଁ ଓଡ଼ିଆ ଡ୍ରାଇଭର ଭାବେ ଜଣାଶୁଣା ଥିଲେ । କହିବା ବାହୁଲ୍ୟ ଯେ ସେତେବେଳେ ଓଡ଼ିଶାରେ ଗୋଟିଏ ହେଲେ ମଟର ଗାଡ଼ି ନଥିଲା ।

## ବିପ୍ଳବର ସାଥୀ ଓ ସାରଥି

କଲିକତା ନଗରୀରେ ଅବସ୍ଥାନ ସମୟରେ ପୂର୍ବରୁ ଘୋଡ଼ା ଗାଡ଼ିରେ ଯିବା ଆସିବା କରୁଥିଲେ ଉତ୍କଳ ଗୌରବ ମଧୁସୂଦନ । ମାତ୍ର ଦେଶବନ୍ଧୁ ଚିତ୍ତରଂଜନଙ୍କ ଦ୍ୱାରା ନୂଆକରି କିଣା ଯାଇଥିବା ମଟର କାରରେ, (ଯାହାକୁ ସୂର୍ଯ୍ୟମଣି ଚଳାଉଥିଲେ) ପ୍ରଥମେ ସେ ବସିବାର ସୁଯୋଗ ପାଇଥିଲେ । ଏଠାରେ ପ୍ରକାଶ କରିବା ଉଚିତ ହେବ ଯେ, ଉତ୍କଳ ଗୌରବ ମଧୁସୂଦନ ଏବଂ ଦେଶବନ୍ଧୁ ଚିତ୍ତରଂଜନଙ୍କ ବ୍ୟକ୍ତିଗତ ସଂପର୍କ ଏତେ ଦୃଢ଼ ଏବଂ ସୌଜନ୍ୟପୂର୍ଣ୍ଣ ଥିଲା ତାହା କେବଳ ସୂର୍ଯ୍ୟମଣିଙ୍କ ଭାବଦୀପ୍ତ ଅଭିବ୍ୟକ୍ତିରୁହିଁ ବୁଝି ହେବ । କଟକରୁ କଲିକତା ଯାଇ ଗ୍ରାଣ୍ଡ ହୋଟେଲରେ ଅବସ୍ଥାନ କରୁଥିଲେ ମଧ୍ୟ ଅଧିକାଂଶ ଦିନ ଦେଶବନ୍ଧୁଙ୍କ ଗୃହରେ ଭୋଜନ କରନ୍ତି ମଧୁବାବୁ । ମଧୁବାବୁଙ୍କର ଆଗମନ ଖବର ପାଇଲେ ଦେଶବନ୍ଧୁଙ୍କଠାରୁ ନିର୍ଦ୍ଦେଶ ପାଇ ଗ୍ରାଣ୍ଡ ହୋଟେଲକୁ କାର ନେଇ ଧାଇଁ ଆସନ୍ତି ସୂର୍ଯ୍ୟମଣି ଏବଂ ଭବାନୀପୁର କୋଠିକୁ ପାଛୋଟି ନେଇ ତାଙ୍କର ସମସ୍ତ ସେବା ଅର୍ପଣ କରନ୍ତି । କେବଳ ସେତିକି ନୁହେଁ, କଲିକତା ରହଣି ସମୟରେ ଉତ୍କଳ ଗୌରବଙ୍କର ଇଚ୍ଛାନୁଯାୟୀ ବିଭିନ୍ନ ସ୍ଥାନକୁ ମଟରକାର ଯୋଗେ ନେବା ଆଣିବା କରିବା ପାଇଁ ସୂର୍ଯ୍ୟମଣିଙ୍କ ପ୍ରତି ବାରିଷ୍ଟର ଚିତ୍ତରଂଜନଙ୍କର ନିର୍ଦ୍ଦେଶ ଥିଲା । କେବଳ ମଧୁବାବୁ ନୁହନ୍ତି; କବିଗୁରୁ ରବୀନ୍ଦ୍ର ନାଥ ଠାକୁର, ବିଲାବତୀ ଦେବୀ, ଶ୍ରୀ ଅରବିନ୍ଦ, ବିପ୍ଳବୀ ରାସବିହାରୀ ବୋଷ, ଭଗିନୀ ନିବେଦିତା, ଉତ୍କଳମଣି ଗୋପବନ୍ଧୁ ଦାସ, ଶ୍ରୀଯୁକ୍ତ ଶରତଚନ୍ଦ୍ର ବୋଷ, ସରୋଜିନୀ ନାଇଡୁ ଏବଂ ମହାମାନବ ମହାତ୍ମାଗାନ୍ଧୀ ଓ ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ମଟରକାରରେ ବସେଇ ବିଭିନ୍ନ ସ୍ଥାନକୁ ନେବା ଆଣିବା କରିବାର ସୁଯୋଗ ପାଇଥିଲେ ସୂର୍ଯ୍ୟମଣି ନାୟକ ।

ବାରିଷ୍ଟର ଚିତ୍ତରଂଜନଙ୍କର ସୂର୍ଯ୍ୟମଣିଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ଜନ୍ମିବାରୁ ଉତ୍କଳ ଗୌରବ ମଧୁସୂଦନଙ୍କ ଇସାରାରେ ତାଙ୍କୁ ଏକ ମହାନ୍ କାର୍ଯ୍ୟରେ ନିଯୁକ୍ତି କରାଗଲା । ବନ୍ଦେମାତରମ୍ ଆନ୍ଦୋଳନର ସାରଥି ଶ୍ରୀ ଅରବିନ୍ଦ ଏବଂ ବିପ୍ଳବୀ ରାସବିହାରୀଙ୍କୁ ନେବା ଆଣିବା କରିବାପାଇଁ ସୂର୍ଯ୍ୟମଣିଙ୍କୁ ଗୋପନରେ ନିର୍ଦ୍ଦେଶ ଦିଆଗଲା । ବନ୍ଦେ ମାତରମ୍ ବିପ୍ଳବର ଭୟାବହତା ଏବଂ ଏହାର ସାରଥିମାନଙ୍କ ସଂପର୍କରେ ଅନେକକଥା ଜାଣିଥିଲେ ମଧ୍ୟ, ଦେଶବନ୍ଧୁଙ୍କଠାରୁ ନିର୍ଦ୍ଦେଶ ପାଇବାପରେ ସୂର୍ଯ୍ୟମଣିଙ୍କ ହୃଦୟରେ କୌଣସି ଅହେତୁକ ସ୍ପନ୍ଦନ ସୃଷ୍ଟି ହୋଇ ନଥିଲା, ବରଂ ସେ ଦ୍ୱିଗୁଣିତ ଆନନ୍ଦରେ ଅଧିର ହୋଇଥିଲେ ଏବଂ ଉତ୍କଳ ଗୌରବ ମଧୁସୂଦନଙ୍କ ପାଇଁ ତାଙ୍କର ସାହାସ ଓ ଧୈର୍ଯ୍ୟ ବଢିଯାଇଥିଲା । କାରଣ ଶ୍ରୀ ଅରବିନ୍ଦ, ରାସବିହାରୀ ଏବଂ ଦେଶବନ୍ଧୁଙ୍କ ସହିତ ଅନେକ ନିର୍ଜନ ରାତିରେ ଏକାଠି ବସି ଉତ୍କଳ ଗୌରବ ମଧୁସୂଦନ ଆଲୋଚନା କରୁଥିବାର ସେ ଭଲଭାବେ ଜାଣିଛନ୍ତି ଓ ଦେଖିଛନ୍ତି । ଖାଲି ସେତିକି ନୁହେଁ, ଘନିଷ୍ଠତାର ବନ୍ଧନରେ ବାନ୍ଧି ହୋଇ ସେ ଭଲ ଭାବରେ ଜାଣିଥିଲେ ଯେ ବନ୍ଦେମାତରମ୍ ସାରଥିମାନଙ୍କ ସହ ମଧୁବାବୁଙ୍କର ସଂପର୍କ ଦୃଢ ଏବଂ ନିବିଡ଼ ।

## ଶ୍ରୀ ଅରବିନ୍ଦଙ୍କ ସାନ୍ନିଧ୍ୟ

ଆନ୍ଦୋଳନରେ ଗିରଫ ହୋଇ ଅଲିପୁର କୋର୍ଟହଲ୍‌ରେ ବିଚାର ହେଉଥିବା ସମୟରେ ଶ୍ରୀ ଅରବିନ୍ଦଙ୍କୁ ପ୍ରଥମ ଦର୍ଶନ କରିବାର ସୁଯୋଗ ପାଇଥିଲେ ସୂର୍ଯ୍ୟମଣି । କାଠଗଡା ମଧ୍ୟରେ ଠିଆ ହୋଇ ନିଜର ସପକ୍ଷ ବାରିଷ୍ଟର ଦେଶବନ୍ଧୁ ଚିତ୍ତରଞ୍ଜନ ଏବଂ ବିପକ୍ଷ ବାରିଷ୍ଟରମାନଙ୍କ ପ୍ରଶ୍ନର ଉତ୍ତର ଅତି ଧୀର ଏବଂ ନମ୍ରତା ସହକାରେ ଦେଉଥିବା ସମୟରେ ମଟର ଡ୍ରାଇଭର ସୂର୍ଯ୍ୟମଣିଙ୍କୁ ନିଜର କରୁଣା ନୟନରେ ଥରେ ଚାହିଁଥିଲେ ଶ୍ରୀ ଅରବିନ୍ଦ ! ବେଶ୍ ସୂର୍ଯ୍ୟମଣିଙ୍କ ହୃଦୟରେ ସେତିକିରେ ସୃଷ୍ଟି ହୋଇଥିଲା ଆବେଗର ତରଙ୍ଗମାଳା । ଉଦାର ହୃଦୟ ଶ୍ରୀ ଅରବିନ୍ଦ ମୁକ୍ତି ପାଆନ୍ତୁ ବୋଲି ପୁରୁଷୋତ୍ତମ ଜଗନ୍ନାଥଙ୍କୁ ସେ ବାରମ୍ବାର ପ୍ରାର୍ଥନା କରୁଥିଲେ ।

ଜେଲରୁ ଖଲାସ ହୋଇ ଦେଶବନ୍ଧୁଙ୍କ ସହିତ ମଟର କାରର ପଛ ସିଟ୍‌ରେ ବସିଥିବାବେଳେ, କାର ଚଳାଉ ଚଳାଉ ପାର୍ଶ୍ୱ ଦର୍ପଣରେ ଶ୍ରୀ ଅରବିନ୍ଦଙ୍କ ମୁଖଶ୍ରୀକୁ ବାରମ୍ବାର ଲକ୍ଷ୍ୟ କଲେ ସୂର୍ଯ୍ୟମଣି । ଦେବୋପମ ଦେଶ ବିପ୍ଳବୀଙ୍କ ସହ ପଦେ ଦୁଇପଦ କଥା ହେବା ପାଇଁ ତାଙ୍କ ମନରେ ପ୍ରବଳ ଆଗ୍ରହ ଜନ୍ମିଥିଲା ଏବଂ ଦେଶବନ୍ଧୁଙ୍କଠାରୁ ସେବା କରିବାର ନିର୍ଦ୍ଦେଶ ପାଇବା ପରେ ସୂର୍ଯ୍ୟମଣିଙ୍କର ସେ ଇଚ୍ଛା ପୂର୍ଣ୍ଣ ହୋଇଥିଲା ।

ବନ୍ଦେମାତରମ୍ ଆନ୍ଦୋଳନ ବିଲତି ସରକାରଙ୍କ ବିରୁଦ୍ଧରେ ଏକ ଭୟଙ୍କର ଜାତୀୟବାଦୀ ବିପ୍ଳବ ଏବଂ ଏଥିପାଇଁ ଅନେକ ଭାରତୀୟ ଫାଶୀଖୁଣ୍ଟରେ ଝୁଲି ଆତ୍ମବଳି ଦେଇସାରିଲେଣି ।

ତଥାପି କୌଣସି ଆଶଙ୍କାରେ ବ୍ୟଥିତ ନହୋଇ ଶ୍ରୀ ଅରବିନ୍ଦଙ୍କର ନିର୍ଦ୍ଦେଶକୁ ଅପେକ୍ଷା କରେ ସୂର୍ଯ୍ୟମଣି । ରାତି ରାତି ଆଲୋଚନା ପରେ ଭବାନୀପୁର ଚିତ୍ତରଞ୍ଜନ କୋଠିରୁ ନଫ୍ ରିତହେଲ ମହା ସାରଥିଙ୍କ ନୂତନ ଚିନ୍ତାଧାରାର ଆଗ୍ନେୟ ସ୍ରୋତ । ତ୍ରେତୟା ଯୁଗରେ ରାମ ଲକ୍ଷ୍ମଣଙ୍କ ପାଦ ପ୍ରକ୍ଷାଳନକରି କୋମଳପତ୍ର ଆଚ୍ଛାଦିତ ନୌକାରେ ବସେଇ ସରଯୂ ନଦୀପାର କଲପରି ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧି ଶେଷ ଭାଗରେ ଶ୍ରୀ ଅରବିନ୍ଦଙ୍କୁ ସେବା କରିବାର ସୁଯୋଗ ପାଇ ଭବାନୀପୁର କୋଠିରୁ ମଟର କାରରେ ଲକ୍ଷ୍ୟ ସ୍ଥଳକୁ ନେଲେ ସୂର୍ଯ୍ୟମଣି ନାୟକ । ମହାସାରଥିଙ୍କର ନିର୍ଦ୍ଦେଶରେ ତାଙ୍କୁ ଗାଡ଼ିରେ ବସେଇ ଯେଉଁ ସ୍ଥାନମାନଙ୍କୁ ସୂର୍ଯ୍ୟମଣି ନେଇଥିଲେ ସେଗୁଡ଼ିକ ମଧ୍ୟରୁ ବିଡନ୍‌ଷ୍ଟ୍ରିଟସ୍ଥିତ ଭଗିନି ନିବେଦିତାଙ୍କ ନିଳୟ ଅନ୍ୟତମ ଏବଂ ସର୍ବ ପ୍ରଥମ । ଏହାପୂର୍ବରୁ ଦାରିଷ୍ଟର ଚିତ୍ତରଂଜନ ଏବଂ ଉତ୍କଳ ଗୌରବ ମଧୁସୂଦନଙ୍କୁ ଗାଡ଼ିରେ-ନେଇ ସେ ଅନେକଥର ସେଠାକୁ ଯାଇଛନ୍ତି ମଧ୍ୟ । କିନ୍ତୁ ଯେଉଁଦିନ ମମତାମୟୀ ନିବେଦିତାଙ୍କ ନିକଟରେ ଶ୍ରୀ ଅରବିନ୍ଦଙ୍କୁ ସୂର୍ଯ୍ୟମଣି ପହଞ୍ଚାଇଥିଲେ ସେଦିନର କଥା ମନେ ପକାଇ ଏବେ ମଧ୍ୟ ବାଷ୍ପାକୁଳିତ ହୃଦୟରେ ପୁନଃ ପୁନଃ ପ୍ରଣାମ କରୁଥିଲେ । ତାଙ୍କ ବୃଦ୍ଧ ହୃଦୟରେ ବ୍ୟାକୁଳତାର ତରଙ୍ଗ ନୟନରେ ଯେଉଁ ଲୋତକ ପ୍ଲାବନ ସୃଷ୍ଟି କରୁଥିଲା ତାହା କେବଳ ପ୍ରତ୍ୟକ୍ଷ-ଦର୍ଶୀହିଁ ଅନୁଭବ କରିପାରିବ ।

## ବିପ୍ଳବର ପ୍ଲାବନରେ

ସୂର୍ଯ୍ୟମଣି କୁହନ୍ତି ଶ୍ରୀ ଅରବିନ୍ଦଙ୍କ ସଂପର୍କରେ ଲୋକମୁଖରୁ ସେ ଅନେକ କଥା ଶୁଣିଥିଲେ । ମାତ୍ର ଜେଲରୁ ମୁକ୍ତିଲାଭପରେ ସେ ଯେତେବେଳେ ତାଙ୍କ ସଂପର୍କରେ ଆସିଲେ ସେ ଦେଖିଲେ ଶ୍ରୀ ଅରବିନ୍ଦ ଅନ୍ୟ କେହି ନୁହନ୍ତି; ସେ ଜଣେ ଜ୍ୟୋତିର୍ମୟ ପୁରାଣ ପୁରୁଷ" । ତାପରେ ଶ୍ରୀ ଅରବିନ୍ଦଙ୍କ ସହିତ ସୂର୍ଯ୍ୟମଣି ଆବଦ୍ଧହେଲେ ପିତାପୁତ୍ର ସଂପର୍କରେ; ଗୁରୁଶିଷ୍ୟ ସଂପର୍କରେ; ପ୍ରଭୁ ଓ ଦାସର ସଂପର୍କରେ । କେତୋଟି ଦିନ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ପ୍ରୀତି, ଭକ୍ତି, ଆନନ୍ଦ ଏବଂ ଆବେଗ ସହିତ ଶ୍ରୀ ଅରବିନ୍ଦଙ୍କର ଆଦର୍ଶରେ ବନ୍ଦେମାତରମ୍ ସ୍ରୋତରେ ନିଜକୁ ହଜେଇଦେଲେ ସୂର୍ଯ୍ୟମଣି । ତାଙ୍କରି ନିର୍ଦ୍ଦେଶକୁ ପାଳନକରି ଦେଶବନ୍ଧୁଙ୍କ କାର ଚଳେଇ ଅନେକ ସ୍ଥାନକୁ ଗଲେ । କଲିକତା ନଗରୀଠାରୁ ଅନେକଦୂରରେ ଅବସ୍ଥିତ ବର୍ଦ୍ଧମାନ ମହାରାଜାଙ୍କ ରାଜନଗର, ଫରାସୀ ଶାସିତ ଅଞ୍ଚଳ ଚନ୍ଦନନଗର, ହୁଗୁଳୀ ନଦୀ ଅବବାହିକା; ଶ୍ରୀରାମପୁର, ଦାମୋଦର ଉପତ୍ୟକା, ଖଡ଼ଗପୁର ଏବଂ କଲିକତା ସହରର ଅନେକ ଅଜ୍ଞାତ ସ୍ଥାନମାନଙ୍କୁ ଶ୍ରୀ ଅରବିନ୍ଦ ଏବଂ ବିପ୍ଳବୀ ରାସବିହାରୀଙ୍କୁ ଗାଡ଼ିରେନେଇ ସୂର୍ଯ୍ୟମଣି ଯେଉଁ ମହନୀୟ ଦେଶ ଭକ୍ତିର ପରିଚୟ ଦେଇଛନ୍ତି, ଭବିଷ୍ୟତର ବଂଶଧରମାନଙ୍କ ପାଇଁ ତାହାହିଁ ହେବ ଆଦର୍ଶର ବିଷୟ । ବନ୍ଦେମାତରମ୍ ବିପ୍ଳବୀମାନଙ୍କପାଇଁ ଅନେକ ପାର୍ଶଲ ବାକ୍ସ ନେବା ଆଣିବା କରିଥିଲେ ମଧ୍ୟ ସେ ବାକ୍ସରେ କଣ ଥାଇପାରେ ଏ ବିଷୟରେ ତାଙ୍କ ମନରେ ତିଳେ ମାତ୍ର ସଂନ୍ଦେହ ସୃଷ୍ଟି ହୋଇନି । ଆକାଶବାଣୀଠାରୁ ଆରମ୍ଭକରି ଅନେକ ଐତିହାସିକ ଏବଂ ସାମ୍ବାଦିକ ଏ ସଂପର୍କରେ ବାରମ୍ବାର ପ୍ରଶ୍ନ ପଚାରିଥିଲେ ମଧ୍ୟ ସିଧାସଳଖ ଉତ୍ତରଦେଇ ସୂର୍ଯ୍ୟମଣି କହନ୍ତି, "ସେ ନିଜର ଭୂମିକାନେଇ ମୁଁ କାର୍ଯ୍ୟ କରିଛି । ସନ୍ଦେହର ପ୍ରଶ୍ନ କାହିଁକି ? ଶ୍ରୀ ଅରବିନ୍ଦଙ୍କର ନିର୍ଦ୍ଦେଶ ମୋପାଇଁ ଯଥେଷ୍ଟ" ।

## ଐତିହାସିକ ଭୂମିକା

ତଥାପି ସୂର୍ଯ୍ୟମଣି ନାୟକ କୁହନ୍ତି, ପରୋକ୍ଷଭାବରେ ହେଉ ଅଥବା ପ୍ରତ୍ୟକ୍ଷ ଭାବରେ ହେଉ, ଶ୍ରୀ ଅରବିନ୍ଦଙ୍କର ବନ୍ଦେମାତରମ୍ ଆନ୍ଦୋଳନରେ ତାଙ୍କର ଭୂମିକା ଯାହାଥିଲା ତାହା କେବଳ ଉତ୍କଳ ଗୌରବ ମଧୁସୂଦନ ଏବଂ ଦେଶବନ୍ଧୁ ଚିତ୍ତରଂଜନଙ୍କର ଅସୀମ ପ୍ରେରଣାରୁ ସମ୍ଭବ ହୋଇଥିଲା ।

ଏଠାରେ ପ୍ରକାଶ କରିବା ଉଚିତ, ଦେଶବନ୍ଧୁ ଚିତ୍ତରଞ୍ଜନ ଶ୍ରୀ ଅରବିନ୍ଦଙ୍କ ସପକ୍ଷରେ ଲଢୁଥିବା ବେଳେ ଅନେକ ସମୟରେ ଉତ୍କଳ ଗୌରବ ମଧୁସୂଦନ କଟକରୁ ଆସି ରାତି ରାତି ଉଜାଗର ରହି ଭବାନୀପୁର କୋଠିରେ ଆଇନ୍ ପରାମର୍ଶ ଦେଉଥିଲେ । କେବଳ ସେତିକି ନୁହେଁ, କଲିକତାରୁ ପଳାଇ-ଆସି କଟକ ସହରରେ ବନ୍ଦେ ମାତରମ୍ ବିପ୍ଳବୀମାନେ ମଧୁବାବୁଙ୍କ ପରାମର୍ଶରେ ଅନେକଥର ଆତ୍ମଗୋପନ କରିଛନ୍ତି ବୋଲି ସୂର୍ଯ୍ୟମଣି ପ୍ରକାଶ କରିଛନ୍ତି । ଦେଶବନ୍ଧୁଙ୍କଠାରୁ ଗୁପ୍ତପତ୍ର ନେଇ କଲିକତାରୁ କଟକ ମଧୁକୋଠିକୁ ଆସୁଥିବା ସମୟରେ, ଉତ୍କଳ ଗୌରବ, ଉତ୍କଳମଣି ଏବଂ ବ୍ରଜସୁନ୍ଦର ଦାସ ନଶାର୍ଦ୍ଧରେ ଏକାଠି ବସି ସେହି ପତ୍ର ସଂପର୍କରେ ଆଲୋଚନା କରନ୍ତି ଏବଂ କଲିକତାରେ ମଧ୍ୟ ଏହି ମହନୀୟ ପୁରୁଷମାନେ ବିପ୍ଳବୀ ରାସ ବିହାରୀଙ୍କ ଗୃହକୁ ଯାତାୟତ କରନ୍ତି ବୋଲି ସେ ପ୍ରକାଶ କରିଛନ୍ତି ଓ ସେହି ଏସବୁର ମୂକ ସାକ୍ଷୀ । ଏଣୁ ଏ କଥା ସତ ଯେ ଭୟଙ୍କର ବନ୍ଦେମାତରମ୍ ଆନ୍ଦୋଳନକୁ ସମର୍ଥନ କରି ଅତି ଗୋପନରେ ବିପ୍ଳବୀମାନଙ୍କୁ ଆନ୍ଦୋଳନକାରୀମାନଙ୍କୁ କଟକ ଖାଦ୍ୟ ପାନୀୟ ଯୋଗାଇ ସହରରେ ଆଶ୍ରୟ ଦେଇଥିଲେ ଉତ୍କଳ ଗୌରବ, ଉତ୍କଳ-ମଣି ଏବଂ ସ୍ୱର୍ଗୀୟ ବ୍ରଜସୁନ୍ଦର ଦାସ ଏବଂ ବିପ୍ଳବୀ-ମାନଙ୍କର ଆତ୍ମଗୋପନର ସ୍ଥାନମାନଙ୍କ ମଧ୍ୟରେ ବ୍ରଜସୁନ୍ଦରଙ୍କର କାଠଯୋଡ଼ି କୂଳ ଭଆସ ହିଁ ପ୍ରଧାନ ।

ବ୍ରଜସୁନ୍ଦରଙ୍କ ଭଆସପରି କଲିକତା ନଗରୀରୁ ଅନେକ ଦୂରରେ ଅବସ୍ଥିତ ବର୍ଦ୍ଧମାନ ରାଜ ନଅର ମଧ୍ୟ ବିପ୍ଳବୀ-ମାନଙ୍କର ଗୁପ୍ତ ସ୍ଥାନ ଥିଲା ଓ ନିଜେ ବର୍ଦ୍ଧମାନର ରାଜା ସାହେବ ଏହି ଆନ୍ଦୋଳନକୁ ଗୁପ୍ତ ସାହାଯ୍ୟ କରୁଥିଲେ ବୋଲି ସୂର୍ଯ୍ୟମଣି ପ୍ରକାଶ କରିଛନ୍ତି । ଡ୍ରାଇଭର ସୂର୍ଯ୍ୟମଣି ନାୟକ ଶ୍ରୀ ଅରବିନ୍ଦ ଏବଂ ରାସବିହାରୀଙ୍କୁ ଅନେକଥର ଗାଡ଼ିରେ ନେଇ ବର୍ଦ୍ଧମାନ ରାଜ ପ୍ରାସାଦରେ ସମୟ କଟେଇଛନ୍ତି ଏବଂ ଏକା ଏକା ମଧ୍ୟ ଶ୍ରୀ ଅରବିନ୍ଦ ଏବଂ ମହାରାଜାଙ୍କ ମଧ୍ୟରେ ଯୋଗ ସୂତ୍ର ରକ୍ଷା କରି ଦୂତର କାର୍ଯ୍ୟ କରିଛନ୍ତି ଏବଂ ପାର୍ଶଲ ବାକ୍ସ ଆଦାନ ପ୍ରଦାନ କରିଛନ୍ତି ।

ଶ୍ରୀ ଅରବିନ୍ଦଙ୍କର ଭଉକ୍ସ ନାର୍ସିଟ କାରକୁ ଡ୍ରାଇଭର ଶ୍ୟାମଲାଲ ଚଳାଉଥିଲେ ମଧ୍ୟ, ଜେଲରୁ ନିର୍ଦ୍ଦୋଷରେ ଖଲାସ ହେଲାପରେ ଗୋରା ସରକାରଙ୍କ ପୋଲିସମାନେ ଶ୍ରୀ ଅରବିନ୍ଦ ଏବଂ ତାଙ୍କର କାର ଉପରେ କଡ଼ା ନଜର ରଖିଥିଲେ । ଏଣୁ ନିଜ ଗୃହ ପରିବର୍ତ୍ତେ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କର ଭବାନୀ-ପୁର କୋଠିରେ ବେଶ ଭୂଷା ପରିବର୍ତ୍ତନକରି ସୂର୍ଯ୍ୟମଣିଙ୍କ କାର ସ୍ଥଳିତ ଯୋଗେ ବିଭିନ୍ନ ଗନ୍ତବ୍ୟ ସ୍ଥାନକୁ ଯାଇ ପୁନଃଫେରି ଆସୁଥିଲେ ଶ୍ରୀ ଅରବିନ୍ଦ ଏବଂ ରାସବିହାରୀ ।

## ଦୁଃସାହସିକ ଦୂତ

ଓଡ଼ିଆ ଡ୍ରାଇଭର ସୂର୍ଯ୍ୟମଣି ବନ୍ଦେମାତରମ୍ ବିପ୍ଳବରେ ଦୂତର କାର୍ଯ୍ୟ କରିଛନ୍ତି, କର୍ମୀ ଭୂମିକା ଗ୍ରହଣ କରିଛନ୍ତି; ଦାସର କାର୍ଯ୍ୟ କରିଛନ୍ତି ଏବଂ ଭକ୍ତର କାର୍ଯ୍ୟ କରିଛନ୍ତି । ଶେଷଥର ପାଇଁ କଲିକତା ନଗରୀରୁ ଶ୍ରୀ ଅରବିନ୍ଦଙ୍କୁ ଆଣି ସୁଦୂର ଖଡଗପୁରରେ ଏକ ଶିକ୍ଷାୟତନ ମଧ୍ୟରେ ଛାଡ଼ିଦେଇ ଅଶ୍ରୁପୂର୍ଣ୍ଣ ନୟନରେ ସେ ଫେରିଛନ୍ତି ଏବଂ ଦେଶବନ୍ଧୁଙ୍କୁ ଶ୍ରୀ ଅରବିନ୍ଦଙ୍କର ସ୍ୱହସ୍ତ ଲିଖିତ ଏକ ପତ୍ର ଦେଇଛନ୍ତି ବୋଲି ନିଜର ଗୁପ୍ତ ପାଣ୍ଡୁଲିପିରେ ଲେଖିବା ସଙ୍ଗେ ସଙ୍ଗେ ପରମ-ପ୍ରାପ୍ତ ପୂର୍ବରୁ ପୁନଶ୍ଚ ପ୍ରକାଶ କରିଛନ୍ତି ।

ନିଜର ସୁଲଳିତ କଣ୍ଠରେ ରାମଚରିତ ମାନସ, ବଙ୍ଗଳା ଭଜନ, ଗୀତଗୋବିନ୍ଦ ଏବଂ ଓଡ଼ିଆ ଭଜନ ଗାଇ ଅନେକ ସମୟରେ ଶ୍ରୀ ଅରବିନ୍ଦ ଏବଂ ତାଙ୍କର ଧର୍ମ ପତ୍ନୀଙ୍କ ହସ୍ତରୁ ପ୍ରସାଦ ଗ୍ରହଣ କରି ଅଭୂମି ପ୍ରଣାମ ଜଣାଇବା ସଙ୍ଗେ ସଙ୍ଗେ ସେହି ପୁଣ୍ୟାତ୍ମାମାନଙ୍କ କଣ୍ଠରୁ ଉଚ୍ଚାରିତ ପ୍ରାର୍ଥନା ଶୁଣିବାର ସୁଯୋଗ ପାଇଥିଲେ ସୂର୍ଯ୍ୟମଣି । ଏଇକେତୋଟି ଉଦାହରଣରୁ ସ୍ପଷ୍ଟ ଅନୁମେୟ ଯେ ବିପ୍ଳବରେ ଝାସ ଦେଲେ ମଧ୍ୟ ପରମ ପିତାଙ୍କ ପ୍ରତି ତାଙ୍କ ହୃଦୟରେ ପ୍ରଗାଢ଼ ଭକ୍ତି ଓ ଅନୁରକ୍ତି ଥିଲା ଏବଂ ସେ ଭକ୍ତିର ତରଙ୍ଗକୁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଶରୀରର ପ୍ରତ୍ୟେକ ତନ୍ତ୍ରୀରେ ସେ ପ୍ରବାହିତ କରିଥିଲେ ।

ଶ୍ରୀ ଅରବିନ୍ଦ ଏବଂ ରାସବିହାରୀ ପ୍ରଭୃତି ବନ୍ଦେମାତରମ ବିପ୍ଳବର ସାରଥିମାନଙ୍କୁ ଗୋପନ ସ୍ଥାନକୁ ନେବା ଆଣିବା କରୁଥିବା ସମୟରେ ଫୋର୍ଟ ଉଇଲିୟମ ଦୁର୍ଗରୁ ମେଜର ପ୍ରାଇସ୍‌ଙ୍କଠାରୁ ପାଇଥିବା ମିଲିଟାରୀ ପୋଷାକକୁ ସୂର୍ଯ୍ୟମଣି ବ୍ୟବହାର କରିଥିଲେ ଏବଂ କଲିକତା ପୋଲିସ୍‌ମାନେ ଚତୁର ସୂର୍ଯ୍ୟମଣିଙ୍କୁ ସନ୍ଦେହ କରିବାର କେବେ ଅବକାଶ ପାଆନ୍ତି ନାହିଁ । ତା ଛଡା ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ଗାଡ଼ିକୁ ପ୍ରାୟ ସମସ୍ତେ ଜାଣନ୍ତି । ସେ ଗାଡ଼ିକୁ ଯେ ବନ୍ଦେମାତରମ୍ ବିପ୍ଳବରେ ବ୍ୟବହାର କରାଯାଉଥିବ, ଏଭଳି ଚିନ୍ତା ମଧ୍ୟ ଗୋରା ପୋଲିସ୍ ଅଫିସରଙ୍କ ମନରେ ସୃଷ୍ଟି ହେବ କାହିଁକି । ତେବେ ଯାହା ହେଉ ଏ ସବୁ ରହସ୍ୟର ମୂଳରେ ଡ୍ରାଇଭର ସୂର୍ଯ୍ୟମଣିଙ୍କର ଚତୁରତା ହିଁ ପ୍ରଶଂସାର ବିଷୟ । କଲିକତାରୁ କଟକ ମଧୁ-କୋଠିକୁ ଆସୁଥିବା ବେଳେ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ଦ୍ୱାରା ଦିଆଯାଇଥିବା କୋଟ ପେଣ୍ଟ ଏବଂ ଧୋତି କାମିଜକୁ ସେ ମଧ୍ୟ ବିଭିନ୍ନ ସମୟରେ ବ୍ୟବହାର କରୁଥିଲେ । ଅଧିକନ୍ତୁ ବନ୍ଦେମାତରମ୍ ଆନ୍ଦୋଳନର ସାରଥିମାନେ ସୂର୍ଯ୍ୟମଣିଙ୍କ ଗାଡ଼ିରେ ଯିବା ଆସିବା କରୁଥିବା ସମୟରେ ସେମାନଙ୍କର ବେଶ ପୋଷାକର ତାରତମ୍ୟ ରହୁଥିଲା ।

ସ୍ୱର୍ଗୀୟ ସୂର୍ଯ୍ୟମଣି ନାୟକ ସମ୍ଭବତଃ ମତ ବ୍ୟକ୍ତ କରିଛନ୍ତି ଯେ, ମହାମାନବ ମହାତ୍ମା ଗାନ୍ଧୀ ଏବଂ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ମଧ୍ୟରେ ଆତ୍ମୀୟତା ଥିଲେ ମଧ୍ୟ ଗାନ୍ଧିଜୀଙ୍କ ସ୍ୱରାଜ୍ୟ ଆନ୍ଦୋଳନରେ ଝାସଦେବା ପାଇଁ ଦେଶବନ୍ଧୁ ମନାକରି ଦେଇଥିଲେ । ସେଥିପାଇଁ ଅନେକ ଦୁଇଥର ଆଲୋଚନାରେ ବ୍ୟର୍ଥ ହୋଇ ଭବାନୀପୁର କୋଠିରୁ ଫେରିଯାଇଥିଲେ ଗାନ୍ଧିଜୀ । ମହାତ୍ମାଜୀ ବିଶ୍ୱାସ କରିଥିଲେ ଯେ ବାରିଷ୍ଟର ଚିତ୍ତରଞ୍ଜନ ପ୍ରେରଣା ନ ଦେଲେ କଲିକତାର ଓକିଲମାନେ ଅହିଂସା ମାର୍ଗରେ ପରିଚାଳିତ ସ୍ୱରାଜ୍ୟ ଆନ୍ଦୋଳନକୁ ସମର୍ଥନ କରିବେ ନାହିଁ ।

ଦିନେ ପୂର୍ବାହ୍ନରେ ମଧୁବାବୁଙ୍କୁ ଗାଡ଼ିରେ ବସାଇ ଗଣେଶ ଚନ୍ଦ୍ର ନିକଟସ୍ଥ କବିଗୁରୁ ରବିନ୍ଦ୍ରନାଥ ଠାକୁରଙ୍କ ଗୃହକୁ ଯାଇଥିଲେ ସୂର୍ଯ୍ୟମଣି । ନିମ୍‌କି, ସନ୍ଦେଶ ଏବଂ ଚା ଖାଉ ଖାଉ ମଧୁବାବୁ ଏବଂ କବିଗୁରୁଙ୍କ ମଧ୍ୟରେ ଗାନ୍ଧିଜୀଙ୍କ ପ୍ରେରିତ ପତ୍ର ସଂପର୍କରେ ଅନେକ ସମୟ ଆଲୋଚନା ହେଲା । ଗାନ୍ଧିଜୀ ଏବଂ ଚିତ୍ତରଞ୍ଜନଙ୍କୁ ଏକାଠି କରାଇ ସ୍ୱରାଜ୍ୟ ଆନ୍ଦୋଳନକୁ ଗତିଶୀଳ କରାଇବାକୁ ଉଭୟ କବିଗୁରୁ ଏବଂ ମିଷ୍ଟର ଦାସ ଯୋଜନା ପ୍ରସ୍ତୁତ କଲେ ।

ତା ପରଦିନ ଗ୍ରାଣ୍ଡ ହୋଟେଲରୁ ମଧୁବାବୁଙ୍କୁ ଏବଂ କବିଗୁରୁ ରବୀନ୍ଦ୍ରନାଥଙ୍କୁ ଗଣେଶ ଚନ୍ଦ୍ର ନିକଟ କୋଠିରୁ ଗାଡ଼ିରେ ଆଣି ଦେଶବନ୍ଧୁଙ୍କ କୋଠିରେ ଛାଡ଼ି ଥିଲେ ସୂର୍ଯ୍ୟମଣି । ଗାନ୍ଧିଜୀଙ୍କ ଦ୍ୱାରା ପରିଚାଳିତ ସ୍ୱରାଜ୍ୟ ଆନ୍ଦୋଳନର ଦାୟିତ୍ୱ ଗ୍ରହଣ କରିବାପାଇଁ ଉଭୟ ବିଜ୍ଞ ପୁରୁଷ ଦେଶବନ୍ଧୁଙ୍କୁ ବହୁତ ବୁଝାଇଥିଲେ ।

## ଗାନ୍ଧୀ ଓ କବିଗୁରୁ

କିଛିଦିନ ପରେ ପୁଣିଥରେ କଲିକତାକୁ ଆସି ବାଲିଗଞ୍ଜ ବିରଳା କୋଠିରେ ଅବସ୍ଥାନ କଲେ ଗାନ୍ଧିଜୀ । ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ରବୀନ୍ଦ୍ରନାଥ ଠାକୁରଙ୍କୁ ଗାଡ଼ିରେ ଆଣି ଚିତ୍ତରଞ୍ଜନଙ୍କ ଭବାନୀପୁର କୋଠିରେ ଛାଡ଼ି ଗ୍ରାଣ୍ଡ ହୋଟେଲରୁ ମଧୁବାବୁଙ୍କୁ ନେଇ ବିରଳା କୋଠିରେ ପହଞ୍ଚିଲେ ସୂର୍ଯ୍ୟମଣି । ଗାନ୍ଧିଜୀଙ୍କୁ ସାଥିରେ ଆଣିବାପାଇଁ କୋଠି ମଧ୍ୟକୁ ପ୍ରବେଶ କଲେ ମଧୁବାବୁ । ଚୂନାସିଞ୍ଚା ହଳଦିଆ କନାରେ ଗଦିସିଟ୍ ଗୁଡ଼ିକୁ ପୋଛାପୋଛି କରି ଦରଜା ଖୋଲି ଅପେକ୍ଷା କଲେ ସୂର୍ଯ୍ୟମଣି । କିଛି ସମୟ ପରେ ସରୋଜିନୀ ନାଇଡୁଙ୍କ ସହିତ ଆଗେଇ ଆସିଲେ ଗାନ୍ଧିଜୀ ଏବଂ ଗାଡ଼ିର ପଛ ସିଟ୍‌ରେ ଆସନ ଗ୍ରହଣ କଲେ । ଆଗ ସିଟ୍‌ରେ ଡ୍ରାଇଭର ସୂର୍ଯ୍ୟମଣିଙ୍କ ସହିତ ବସିଲେ ଉତ୍କଳ ଗୌରବ । ଭବାନୀପୁର କୋଠିରେ ମଧୁବାବୁ ଚିତ୍ତରଞ୍ଜନ, କବିଗୁରୁ, ସରୋଜିନୀ ନାଇଡୁ ଏବଂ ମହାତ୍ମା ଗାନ୍ଧୀଙ୍କ ମଧ୍ୟରେ ଆଲୋଚନା ହେଲା । ସ୍ୱରାଜ୍ୟ ଆନ୍ଦୋଳନର ଦାୟିତ୍ୱ ଗ୍ରହଣ ପାଇଁ ରାଜି ହେଲେ ଦେଶବନ୍ଧୁ ଚିତ୍ତରଞ୍ଜନ । ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ଭବାନୀପୁର କୋଠିରୁ ଦରଜୀମାନଙ୍କୁ ଚିତ୍ତରଞ୍ଜନଙ୍କ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ଖଦଡ଼ ପୋଷାକ ତିଆରିରେ ଲାଗିପଡ଼ିଲେ ସୂର୍ଯ୍ୟମଣି ଏବଂ ସେଇଦିନ ଗାନ୍ଧିଜୀଙ୍କ ସହ ସ୍ୱରାଜ୍ୟ ସଭାରେ ଯୋଗଦେଇ ଗୋରା ସରକାରଙ୍କୁ ଚମତ୍କୃତ କରିଥିଲେ ଦେଶବନ୍ଧୁ ଚିତ୍ତରଞ୍ଜନ । ଏହା ପ୍ରାୟ ପ୍ରଥମ ମହାଯୁଦ୍ଧ ପ୍ରାରମ୍ଭର କଥା । ଓଡ଼ିଆ ଡ୍ରାଇଭର ସୂର୍ଯ୍ୟମଣି ଠାରୁ ଯେଉଁ କେତେପଦ କଥା ରେକର୍ଡ କରାଯାଇଛି ତାହାର ମୂଲ୍ୟାୟନ କରି ହେବନି ।

ସୂର୍ଯ୍ୟମଣି ହୁଅନ୍ତି ଉତ୍କଳ ଗୌରବ ମଧୁସୂଦନ ଜଣେ ନିଷ୍ଠାପର ସ୍ୱାଧୀନତା ସଂଗ୍ରାମୀ । ଗୋରା ସରକାରଙ୍କ ଅତରାଳରେ ରହି ବହୁ ଭୟଙ୍କର ବନ୍ଦେମାତରମ୍ ଆନ୍ଦୋଳନଠାରୁ ଆରମ୍ଭ କରି ଗାନ୍ଧିଜୀଙ୍କ ସ୍ୱରାଜ୍ୟ ଆନ୍ଦୋଳନ ପର୍ଯ୍ୟନ୍ତ ପ୍ରତ୍ୟେକ ଦେଶ ହିତୈଷୀ କାର୍ଯ୍ୟରେ ସେ ତତ୍ପରତାର ସହିତ କାର୍ଯ୍ୟ କରିଛନ୍ତି ।

ସ୍ୱରାଜ୍ୟ ଆନ୍ଦୋଳନରେ ଝାସ ଦେଇ କଂଗ୍ରେସ ସଭାପତି ଆସନ ଅଳଂକୃତ କରିବା ଓ ଶେଷରେ ଗୋରା ସରକାରଙ୍କ ଦ୍ୱାରା ବନ୍ଦିହୋଇ ଦାର୍ଜିଲିଂ ଜେଲରେ ପ୍ରାଣତ୍ୟାଗ କରି କଲିକତାର କେଓଡାତଲା ଶ୍ମଶାନରେ ନିଜସତ୍ତାକୁ ହଜେଇ ଦେବା ପର୍ଯ୍ୟନ୍ତ ସବୁ ସ୍ଥାନରେ ସୂର୍ଯ୍ୟମଣିଙ୍କର ଭୂମିକା ଥିଲା ଉଚ୍ଚକୋଟୀର । ଦେଶବନ୍ଧୁଙ୍କ ନିର୍ଦ୍ଦେଶରେ ବନ୍ଦେମାତରମ୍ ସାରଥିମାନଙ୍କୁ ସାହାଯ୍ୟ ଓ ଭାରତର ଶ୍ରେଷ୍ଠ ପୁରୁଷ ତଥା ସ୍ୱରାଜ୍ୟ ରଥୀମାନଙ୍କ ପାଇଁ ଅକୁଣ୍ଠିତ ଶ୍ରମଦାନ ସହିତ କଲିକତା କଂଗ୍ରେସ ଅଧିବେଶନରେ ଦିନରାତି କାର୍ଯ୍ୟ କରି ଉତ୍କଳର ସମ୍ମାନ ରକ୍ଷା କରିଛନ୍ତି ସୂର୍ଯ୍ୟମଣି ନାୟକ । ସେ କୁହନ୍ତି, ଏପରିକି କଲିକତାରେ ମାଳି, ପୂଜାରୀ, କୁଲି ଭାବରେ କାର୍ଯ୍ୟ କରୁଥିବା ଅସଂଖ୍ୟ ଓଡ଼ିଆ ଦେଶବନ୍ଧୁ ଏବଂ ଗାନ୍ଧିଜୀଙ୍କ ଡାକରାରେ ସ୍ୱରାଜ୍ୟ ଆନ୍ଦୋଳନ ଅଭିଯାନରେ ଯୋଗ ଦେଇ ଗୋରା ସରକାରଙ୍କ ଠାରୁ ଅତ୍ୟାଚ୍ଚରିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବିଂଝାରପୁରର ଧନି ଦାସ ଏବଂ ଭଦ୍ରଖ ଅଞ୍ଚଳର ଜଗବନ୍ଧୁ ପଣ୍ଡା ଅନ୍ୟତମ । ପ୍ରକାଶ ଥାଉକି ଧନି ଦାସଙ୍କ ଦ୍ୱାରା ଉତ୍କଳ ଗୌରବଙ୍କ ସହିତ ସଂପର୍କ ସ୍ଥାପନ ହୋଇଥିଲା ସୂର୍ଯ୍ୟମଣିଙ୍କର ଏବଂ ଶ୍ରୀ ଜଗବନ୍ଧୁ ପଣ୍ଡା ଦେଶବନ୍ଧୁଙ୍କ ଗୃହରେ ପୂଜାରୀ କାର୍ଯ୍ୟ କରୁଥିଲେ ।

## ଦେଶବନ୍ଧୁଙ୍କ ମହାପ୍ରୟାଣ

୧୯୨୪ ମସିହାରେ ଦେଶବନ୍ଧୁଙ୍କର ଦେହତ୍ୟାଗ ପରେ ସୂର୍ଯ୍ୟମଣି ହତାସ ହୋଇ ପଡ଼ିଲେ । ଗୋରା ପୁଲିସ୍‌ଙ୍କ ଦ୍ୱାରା ଭବାନୀପୁର କୋଠିକୁ ବାରମ୍ବାର ଖାନତଲାସ ଏବଂ ପରିବାର ବର୍ଗଙ୍କ ସହିତ ଖଇର ବାକର, ଓଡ଼ିଆ ମାଳି, ପୂଜାରୀ, ଘୋଡ଼ା ଗାଡ଼ିର କଚ୍‌ଓ୍ୱାନ ଏବଂ ବେହେରା ଓ ଡ୍ରାଇଭରମାନଙ୍କ ଉପରେ ଅତ୍ୟାଚ୍ଚାର ବଢି ଚାଲିଲା । ନିଜ ନିଜର ଜୀବିକା ପାଇଁ ଖଇରବାକରମାନେ ଭବାନୀପୁର କୋଠି ତ୍ୟାଗ କରି ଚାଲିଗଲେ ଓ କଲିକତା ସହରରେ ଘୁରି ବୁଲିଲେ । ଓଡ଼ିଆ କୁଲିମାନଙ୍କ ଗହଣରେ ଦିନ କଟେଇ ଗୁଜୁରାଣ ମେଣ୍ଟାଇଲେ ସୂର୍ଯ୍ୟମଣି । କେବଳ ସେତିକି ନୁହେଁ, ନିଜର ରୂପାପାତ ଛାଉଣି ହାରମୋନିୟମ୍‌ରେ ସ୍ୱର ଦେଇ ଭଜନ କୀର୍ତ୍ତନ ସହିତ ଚିତ୍ତରଞ୍ଜନଙ୍କର ଅନ୍ତିମ ଯାତ୍ରାର ସଙ୍ଗୀତ ।

"ଚିତ୍ତରଞ୍ଜନ ସ୍ୱଦେଶ ପ୍ରାଣଧନ
ହାରାଲେ ଜୀବନ ଦାର୍ଜିଲିଂରେ"

କରୁଣ କଣ୍ଠରେ ଗାଇ ଗାଇ ପ୍ରତ୍ୟେକଙ୍କ ହୃଦୟରେ ବ୍ୟାକୁଳତାର ତରଙ୍ଗ ସୃଷ୍ଟି କରିଥିଲେ ।

କିଛିଦିନ ପରେ ନିଜର ଭିଟାମାଟି ଓଡ଼ିଶା ଏବଂ ଅନ୍ୟାନ୍ୟ ବହୁସ୍ଥାନରେ ଗୁଜୁରାଣ ମେଣ୍ଟାଇ ନେତାଜୀ ସୁବାସ ବୋଷଙ୍କ ସହିତ ସାକ୍ଷାତ କଲେ ସୂର୍ଯ୍ୟମଣି । ପୂର୍ବରୁ ଦେଶବନ୍ଧୁଙ୍କ ଠାରୁ ତାଙ୍କ ସମ୍ପର୍କରେ ବହୁତ କିଛି ଜାଣିଥାନ୍ତି ନେତାଜୀ । ତାଛଡ଼ା ନେତାଜୀ ପରିବାରର ଅଧିକାଂଶ ସୂର୍ଯ୍ୟମଣି ଚଳାଉଥିବା ଗାଡ଼ିରେ ମଧ୍ୟ ବସିଛନ୍ତି । ନିଜର ଗାଡ଼ିମାନଙ୍କ ପାଇଁ ସ୍ଥାୟୀ ଡ୍ରାଇଭର ଥିଲେ ମଧ୍ୟ ଏଭଳି ବିପଦ ସମୟରେ ସୂର୍ଯ୍ୟମଣିଙ୍କୁ କିଛି କିଛି ଆର୍ଥିକ ସାହାଯ୍ୟ ଦେଲେ ନେତାଜୀ ଏବଂ କିଛିଦିନ ପାଇଁ ଠିକା ଡ୍ରାଇଭର କାର୍ଯ୍ୟରେ ନିଯୁକ୍ତି ଦେଲେ । ଏତଦ୍ ବ୍ୟତୀତ ଗୋରା ସରକାରଙ୍କ ସଲିସିଟର ଏନ୍. ସି. ମଣ୍ଡଳ, ଛୋଟ ବଡ଼ କମ୍ପାନୀ ଓ କେତେକ ମାରୁଆଡ଼ି ପରିବାରରେ ଠିକା କାର୍ଯ୍ୟ କରି ମଧ୍ୟ ସୂର୍ଯ୍ୟମଣି ନିଜର ଗୁଜୁରାଣ ମେଣ୍ଟାଇଲେ । ଏତେ ଦୁଃଖ ଏବଂ ଦାରିଦ୍ର୍ୟ ସତ୍ତ୍ୱେ ନିଜର ଜନ୍ମଭୂମି ଓଡ଼ିଶାକୁ ଆସିଲେ । ସେ କଟକ ମଧୁକୋଠିକୁ ଆସି ପିତୃତୁଲ୍ୟ ମଧୁବାବୁଙ୍କୁ ଦେଖା କରି ଯାନ୍ତି ଏବଂ ପୂର୍ବପରି କଲିକତା ସହରରୁ ଫଳ ଫୁଲରି, ପାନିଲୁଚି ପ୍ରଭୃତି ଆଣିଥାନ୍ତି ଶ୍ରଦ୍ଧା ନିବେଦନ ପାଇଁ । ଦେଶବନ୍ଧୁଙ୍କର ମୃତ୍ୟୁପରେ ମଧୁସୂଦନଙ୍କର କଲିକତା ଆଗମନ କମିଗଲା । ତଥାପି କଲିକତା ରହଣି ସମୟରେ ପୂର୍ବପରି ଗ୍ରାଣ୍ଡ ହୋଟେଲ୍‌ରେ ସାକ୍ଷାତ ହୁଏ ଉତ୍କଳ ଗୌରବ ମଧୁସୂଦନ ଏବଂ ସୂର୍ଯ୍ୟମଣିଙ୍କର ।

ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଦ୍ୱାରା ସ୍ୱାଧୀନତା ଆନ୍ଦୋଳନ ତୀବ୍ର ଭାବରେ ଆଗେଇ ଚାଲିଥିବା ସମୟରେ ଡ଼ାକରା ପାଇ ସଭା ସମିତି ଏବଂ ଆନ୍ଦୋଳନର ପଟଭୂମିମାନଙ୍କରେ ଗୋରା ସରକାରଙ୍କ କଡ଼ା ନଜର ସତ୍ତ୍ୱେ ଅଗଣିତ କର୍ମୀମାନଙ୍କୁ ଟ୍ରକ ଦ୍ୱାରା ବୋହିନେଇ ଛାଡ଼ିଦେଇ ଆସିଛନ୍ତି ସୂର୍ଯ୍ୟମଣି । କ୍ଲାଇବ ଷ୍ଟ୍ରୀଟ ଓ ଡେ଼ଲହାଉସି ମଧ୍ୟରେ ଭାରତୀୟମାନଙ୍କ ବିରୁଦ୍ଧରେ ଗୋରା ସରକାରଙ୍କ ଦ୍ୱାରା ଖୋଦନ କରାଯାଇଥିବା ଅଶ୍ଳୀଳ ଶୀଳାଲେଖା ଭଙ୍ଗା ଅଭିଯାନ ଦିନ ନେତାଜୀଙ୍କ ନିର୍ଦ୍ଦେଶରେ ଶହ ଶହ ବିପ୍ଳବୀମାନଙ୍କୁ ବୋହିନେଇ ଆନ୍ଦୋଳନରେ ପୂର୍ଣ୍ଣ ମାତ୍ରାରେ ଝାସ ଦେଇ ଜାତୀୟ ସ୍ରୋତରେ ସେ ନିଜକୁ ଭସାଇ ଦେଇଛନ୍ତି ମଧ୍ୟ ।

## ଆହତ ସଂଗ୍ରାମୀ

ଯେଉଁଦିନ କଲିକତା ମନୁମେଣ୍ଟ ନିକଟରେ ଅହିଂସା ମାର୍ଗୀ ସ୍ୱାଧୀନତା ସଂଗ୍ରାମୀଙ୍କ ସହିତ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କୁ ଗୋରା ସରକାରଙ୍କର ଘୋଡ଼ସବାର ବାହିନୀମାନେ ଲାଠି ପ୍ରହାର କରି ମୂର୍ଚ୍ଛାହତ ଓ ରକ୍ତାକ୍ତ କରିଥିଲେ, ସେଦିନ ଡ୍ରାଇଭର ସୂର୍ଯ୍ୟମଣିଙ୍କ ଭୂମିକା ଥିଲା ଅନ୍ୟ ପ୍ରକାର । ଶହ ଶହ ଆନ୍ଦୋଳନକାରୀଙ୍କ ପରି ଲାଠି ପ୍ରହାର ଖାଇ ମଧ୍ୟ ଗିରଫ ହୋଇ ଚିକିତ୍ସିତ ହେଉଥିବା ନେତାଜୀଙ୍କୁ କୌଶଳରେ ସାକ୍ଷାତ କରି ଇଲଗିନ୍ ରୋଡ଼ସ୍ଥ ବୋଷ ପରିବାରରେ ସେ ଖବର ପହଞ୍ଚାଇ ଥିଲେ ଏବଂ କାରାଗାର ସୁବାସ ବୋଷଙ୍କୁ ଦେଖିବାକୁ ଯାଇ ଖବର ଅନ୍ତର ଯୋଗାଇ ଥିଲେ ।

ପ୍ରତ୍ୟକ୍ଷ ସଂଗ୍ରାମରେ ଆଗେଇ ନ ଯିବା ପାଇଁ ନେତାଜୀଙ୍କର ସୂର୍ଯ୍ୟମଣିଙ୍କୁ କଡ଼ା ନିର୍ଦ୍ଦେଶ ଥିଲା । ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ଓ ଶ୍ରୀ ଅରବିନ୍ଦଙ୍କ ପରି ନେତାଜୀଙ୍କ ଉପଦେଶକୁ ଅକ୍ଷରେ ଅକ୍ଷରେ ମଧ୍ୟ ସେ ପାଳନ କରିଥିଲେ ।

ଇଲଗିନ୍ ରୋଡ଼ସ୍ଥ ନିଜ ଗୃହରେ ନଜର ବନ୍ଦି ଜୀବନ ଯାପନ କରୁଥିବା ସମୟରେ କଡ଼ା ପୁଲିସ୍ ପହରା ଥିବା ସତ୍ତ୍ୱେ ବୋଷ ପରିବାରକୁ ଅନେକ ସମୟରେ ଯାଉଥିଲେ ସୂର୍ଯ୍ୟମଣି ଏବଂ ନେତାଜୀଙ୍କ ନିର୍ଦ୍ଦେଶରେ କଲିକତାର ବିଭିନ୍ନ ଲୋକଙ୍କୁ ଖବର ଅନ୍ତର ଯୋଗାଇ ଦେଉଥିଲେ । ବଡ଼ଭାଇ ଶରତ ଚନ୍ଦ୍ର ବୋଷ ଏବଂ ମା ବିଭାବତୀଙ୍କୁ ଅନେକ ସମୟରେ ବୁଡ଼୍ ଓ୍ୱାଲ ଓ ଝୁନ୍ ଝୁନ୍ ଓ୍ୱାଲ ପରିବାରଗାଡ଼ିରେ ନେଇ ଆନ୍ଦୋଳନର ବିଭୀଷିକାମୟ ଝଡ଼ ସମୟରେ ସହଯୋଗ କରିଛନ୍ତି ।

## ବୀରମାନଙ୍କ ସହିତ

ଭାରତର ଜାତୀୟ ବୀରମାନଙ୍କ ବ୍ୟକ୍ତିଗତ ସଂପର୍କରେ ଆସି ଆହୁରି ଅନେକ କଥା ପ୍ରକାଶ କରିଛନ୍ତି ସୂର୍ଯ୍ୟମଣି । ସେମାନଙ୍କ ମଧ୍ୟରୁ ଅଧିକାଂଶ ତାଙ୍କଦ୍ୱାରା ଚାଳିତ ଗାଡ଼ିରେ ଯିବା ଆସିବା କରି କାର୍ଯ୍ୟରତ ଥିବା ସମୟରେ ସେ ଗାଡ଼ି ନିକଟରେ ବସି ସୂତା କାଟିବାର ଅଭ୍ୟାସ କରିଥିଲେ । ଗାଡ଼ିରେ ରଖି ଦେଇ ଭୂମିରେ ବସି ସୂତା କାଟୁଥିବା ସୂର୍ଯ୍ୟମଣିଙ୍କ ଆଦର୍ଶରେ ଆହୁରି ଅନେକ ମଧ୍ୟ ଅନୁପ୍ରାଣିତ ହୋଇଥିଲେ । ତାଙ୍କର କଟା ସୂତା ଅତି ସରୁ ଏବଂ ସରସ । ମହାତ୍ମା ଗାନ୍ଧୀଙ୍କର ଅଲିପୁର (କଲିକତା) ବନ୍ଧୁ ସାହୁରାମ ଜାଟଙ୍କର ଡ୍ରାଇଭର 'ସତ୍ୟବ୍ରତ' ଙ୍କ ଜରିଆରେ ସାହୁରାମଙ୍କ ସୂତାକଟାଳୀ ଧର୍ମପତ୍ନୀଙ୍କଠାରୁ ପାଇଥିବା ତକଲି ଦ୍ୱାରା ସୂର୍ଯ୍ୟମଣି ସୂତା କଟା ଆରମ୍ଭ କରିଥିଲେ ।

କଲିକତାର ଘରୋଇ ପରିବାରମାନଙ୍କରେ କାର୍ଯ୍ୟ କରି ଗୃହବନ୍ଦୀ ନେତାଜୀଙ୍କ ସହିତ ନିବିଡ଼ ସଂପର୍କରେ ଆସିଥିବା ବେଳେ ବୋଷ ପରିବାରର ପୂଜାରୀଠାରୁ ନେତାଜୀ ଅନ୍ତର୍ଧ୍ୟାନ ସଂପର୍କରେ ଜାଣିବାକୁ ପାଇଥିଲେ ସୂର୍ଯ୍ୟମଣି । ସେତେବେଳେ ଇଲଗିନ୍ ରୋଡ୍ କୋଠିରୁ ଏଖବର ବାହାରକୁ ଯାଇ ନ ଥାଏ, କି ଗେଟ୍ ନିକଟରେ ଖଟିଆପାରି ଶୋଇଥିବା ସିପାହୀମାନେ ମଧ୍ୟ ତା'ର ସୁରାକ୍ ପାଇ ନ ଥାନ୍ତି । ପରିବାରର କୌଣସି ବ୍ୟକ୍ତିଙ୍କୁ ସାକ୍ଷାତ ନ ଦେଇ ଦୀର୍ଘଦିନ ଧରି ବ୍ରତ ପାଳନ କରୁଥିବା ସମୟରେ ନେତାଜୀ ଅନ୍ତର୍ଧ୍ୟାନ ହୋଇ ଯାଇଛନ୍ତି । ସାରା ପୃଥିବୀରେ ହଡ଼ହଡ଼ ପଡ଼ିଗଲା । କୋଟି କୋଟି ଭାରତୀୟଙ୍କ ପରି ସୂର୍ଯ୍ୟମଣିଙ୍କ ହୃଦୟରେ ମଧ୍ୟ ଆଲୋଡ଼ନ ସୃଷ୍ଟି ହେଲା । ବେଲୁଡ଼ ମଠ ଏବଂ ରାମକୃଷ୍ଣ ମିଶନର ସାଧୁସନ୍ଥଙ୍କୁ ଦର୍ଶନ କରିବାର କୌଶଳରେ ଅନେକ ଥର ହୁଗୁଳି ନଦୀ କୂଳକୁ ସେ ଗଲେ । ସୂର୍ଯ୍ୟମଣିଙ୍କ ଗାଡ଼ିରେ ବସି ଏହି ମିଶନର ସାଧୁସନ୍ଥମାନଙ୍କ ନିକଟକୁ ନେତାଜୀ ମଧ୍ୟ ଅନେକ ଥର ଯାଇଛନ୍ତି । କିନ୍ତୁ ହାୟ! ସୂର୍ଯ୍ୟମଣି କିଛି ପାଇ ନାହାନ୍ତି । ଭୃତ୍ୟ ଏବଂ ସେବକର ଭାବନାରେ ସେ ଅନେକ ପୁରୁଣା କଥାକୁ ମନେ ପକାଇ କଲିକତାର ଏକାଧିକ ସ୍ଥାନକୁ ଯାଇଛନ୍ତି । ବନ୍ଧୁ ଆଶଙ୍କାରେ କମ୍ପିତ ହୋଇ ଏ କଥାକୁ ଅନେକ ବର୍ଷ ପର୍ଯ୍ୟନ୍ତ ଗୋପନ ରଖିଛନ୍ତି ।

ଓଡ଼ିଶାର ସୂର୍ଯ୍ୟମଣି ଥିଲେ ଜଣେ ଘରୋଇ ମଟର ଚାଳକ । ସେ ଆଉ କ'ଣ ବା କରି ପାରିଥାନ୍ତେ ? ଯେଉଁମାନେ ଦେଶପାଇଁ ଜାତିପାଇଁ ଅସୀମ ତ୍ୟାଗ ସ୍ୱୀକାର କରିଛନ୍ତି, ତାଙ୍କରି ପାଖରେ ଆନନ୍ଦରେ ହସି ହସି ଗୁଣ୍ଡୁଚି ମୂଷାପରି ସ୍ୱାଧୀନତା ଯୁଦ୍ଧ ସଂଗ୍ରାମ ଆନ୍ଦୋଳନର ସେତୁବନ୍ଧରେ ସାମାନ୍ୟ ଟିକିଏ ଧୂଳି ଝାଡ଼ି ଦେଇଛନ୍ତି । କିନ୍ତୁ ସମୟ ଆସିଲେ ଜାତି ଆଗରେ ସେଇ ଟିକିଏ ଧୂଳି ହିମାଳୟର ରୂପ ନିଏ । ତାରି ଦେହରୁ ସୃଷ୍ଟି ହୁଏ ସହସ୍ର ଗଙ୍ଗୋତ୍ରୀର ଧାର ଏବଂ ସେଇ ସହସ୍ର ଧାରାର ଶୀତଳତା ସଂତାପିତ ହୃଦୟରେ ଉଲ୍ଲାସର ବୀଜ ବପନ କରେ ।

ପ୍ରବାସୀ ଓଡ଼ିଆମାନଙ୍କ ସହ ମିଶି କଲିକତା ନଗରୀରେ ଜୀବିକା ନିର୍ବାହ କରିଛନ୍ତି ସୂର୍ଯ୍ୟମଣି । ମାତ୍ର ଦ୍ୱିତୀୟ ମହାଯୁଦ୍ଧ ଯୋଗୁ ଜାପାନର ବୋମାବର୍ଷୀ ବିମାନରୁ କଲିକତା ନଗରୀରେ ବୋମା ବର୍ଷଣ ଫଳରେ ଅଗଣିତ ଧନଜୀବନର କ୍ଷତି ଘଟିଲା । ଠିକ୍ ଏଇ ସମୟରେ ଅସହ୍ୟ ଦୁଃଖର ସମ୍ମୁଖୀନ ହେଲେ ସୂର୍ଯ୍ୟମଣି । ଶେଷରେ ସେଇ ସେବାର ମନୋଭାବ ନେଇ ଦ୍ୱିତୀୟ ମହାଯୁଦ୍ଧ ପାଇଁ କାର୍ଯ୍ୟ କରିବାକୁ ଆସିଥିବା ଆମେରିକାନ ନାସନାଲ୍ ରେଡ଼କ୍ରସରେ ଆହୁରି ଅନେକ ପ୍ରବାସୀ ଉତ୍କଳୀୟଙ୍କ ସହିତ ନିଯୁକ୍ତି ପାଇ ସେ ମଟର ଗାଡ଼ି ଚଳାଇଲେ । ମାତ୍ର ଏଥିରେ ତାଙ୍କର ଦୁଃଖ ମେଣ୍ଟିଲା ନାହିଁ । ଜାପାନର ହୀରୋସୀମା ଓ ନାଗାସାକୀରେ ପରମାଣୁ ବୋମା ବର୍ଷଣର ଠିକ୍ ଦୁଇ ଦିନ ପୂର୍ବରୁ ଜଣେ ଆମେରୀକୀୟ ମଟର ଚାଳକର ଭୁଲ୍ ଯୋଗୁ ଦୁର୍ଘଟଣାରେ ସମ୍ମୁଖୀନ ହୋଇ ସେ ଅକର୍ମଣ୍ୟ ହୋଇ ପଡ଼ିଲେ । ଆମେରିକା ରେଡ଼କ୍ରସରେ କାର୍ଯ୍ୟ କରୁଥିବା ଇଂଲଣ୍ଡର ତରୁଣୀ ଅଫିସର ( Alice-A, Todd ) ଏବଂ କଟକ ଜିଲ୍ଲା ବ୍ରାହ୍ମଣୀ ଗାଁ ନିବାସୀ ଶ୍ରୀ ପିତାମ୍ବର ଦାସ, ଗଙ୍ଗାଧର ଦାସ ଓ ନୀଳାମ୍ବର ଦାସ (ସମସ୍ତେ ରେଡ଼କ୍ରସର କର୍ମଚାରୀ) ଏବଂ ପତ୍ନୀ ହୀରାଦେବୀ ପ୍ରଭୃତି ଦ୍ୱିତୀୟ ମହାଯୁଦ୍ଧର ଘନଘଟା ସମୟରେ ବହୁ ତ୍ୟାଗ ସ୍ୱୀକାର କରି ସୂର୍ଯ୍ୟମଣିଙ୍କର ସେବା କରିଛନ୍ତି ।

ଦାରିଦ୍ର୍ୟର ଚରମସୀମାରେ ଥାଇ ମଧ୍ୟ ଶତାୟୁ ପୁରୁଷ ସୂର୍ଯ୍ୟମଣିଙ୍କର ଦୈବ ପ୍ରୀତି ଓ ଦିବ୍ୟ ନାମ ସ୍ମରଣ ବ୍ୟତୀତ ଅନ୍ୟ କିଛି ଭରସା ନ ଥିଲା । ୧୯୮୫ ମସିହାର ଜ୍ୟେଷ୍ଠ ମାସ ଷଷ୍ଠ ଦିବସରେ ସେ ୧୦୧ ବର୍ଷର ପୂର୍ତ୍ତି ଉତ୍ସବରେ ଯୋଗ ଦେଇ ଥାନ୍ତେ । ମାତ୍ର ଏହା ପୂର୍ବରୁ ପୟୋପାନ ନିଷେଧ ବ୍ରତରେ ଅଟଳରହି ସେ ଦେହ ତ୍ୟାଗ କଲେ ।

ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ସୂର୍ଯ୍ୟମଣିଙ୍କର ଅନବଦ୍ୟ ଅବଦାନକୁ ପ୍ରଶଂସା କରି ଓଡ଼ିଶା ସରକାର ଏକ ସମ୍ମାନ ପତ୍ର ସହିତ ପେନ୍‌ସନ୍ ପ୍ରଦାନ କରିଛନ୍ତି ଏବଂ ଭାରତ ସରକାରଙ୍କ ( Film Division ) ଦ୍ୱାରା ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି । ତାଛଡ଼ା ଓଡ଼ିଶା ମୁକ୍ତିସଂଗ୍ରାମର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ପ୍ରକାଶିତ ସ୍ମରଣିକାରେ ତାଙ୍କର ଆଲେଖ୍ୟ ଚିତ୍ର ଛପାଇଛନ୍ତି । ମାତ୍ର ଭାରତର ମୁକ୍ତି ସଂଗ୍ରାମର ସୈନିକମାନଙ୍କ ମୂଲ୍ୟାୟନ ପାଇଁ ସମ୍ମାନ ପତ୍ର, ଚଳଚ୍ଚିତ୍ର ଅଥବା ପେନ୍‌ସନ୍ ପ୍ରଭୃତି ଯଥେଷ୍ଟ ନୁହେଁ । ସେହି ପୁଣ୍ୟ ପୁରୁଷମାନଙ୍କର ଆଦର୍ଶକୁ ମନେରଖି କଠିନ ପରିଶ୍ରମ କରି ଯଦି ଅର୍ଜିତ ସ୍ୱାଧୀନତାକୁ ରକ୍ଷା କରାଯାଇ ପାରେ ତାହାହିଁ ହେବ ସେମାନଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ।

ସଂପାଦକ,
ଭକ୍ତ ଦାଶିଆ ବାଉରୀ ସ୍ମୃତି ସଂସଦ,
ନବଜିତ ପ୍ରାସାଦ, ଭୁବନେଶ୍ୱର ।

ଓଡ଼ିଶାର ବିପୁଳ ପ୍ରାକୃତିକ ସଂପଦ, ଯଥା-ଜଳ, ଜଙ୍ଗଲ, ଖଣି, ମୃତ୍ତିକା, ସମୁଦ୍ର ଆଦିର ଉପଯୋଗ ସଙ୍ଗେ ସଙ୍ଗେ ଓଡ଼ିଶାର ପରିଶ୍ରମୀ ଓ ବୁଦ୍ଧିମାନ ଲୋକଶକ୍ତିର ସଦୁପଯୋଗ ପାଇଁ ଏକ ବ୍ୟାପକ ଉଦ୍ୟମ ଆରମ୍ଭ ହୋଇଛି ।

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

# ବନ୍ଦେ ତାଂ ମରଣ ବିଜୟିନୀମ୍

ପଣ୍ଡିତ ଶ୍ରୀ ହରେକୃଷ୍ଣ ଧୂପାଳଶର୍ମା

ବିଦ୍ୟାକୌଳୀନ୍ୟ-ଦୀପ୍ତେ ବହୁବିଭବଯୁତେ ମୋତିଲାଲସ୍ୟ ବଂଶେ
ଜାତା ସାକ୍ଷାଦ୍‌ରମାବଦ୍ ବିଜିତଶଶିକଳା ଶୈଶବାଲ୍ଲବ୍ଧଶକ୍ତିଃ
ଦମ୍ପତ୍ୟୋରଙ୍କଭୂଷା ସୁଲଳିତକମଳା-ଶ୍ରୀଜବାହାରଯୋର୍ଯା
ବନ୍ଦେ ତାଂ ଦେଶଭକ୍ତାଂ ମରଣବିଜୟନୀମନ୍ଦିରାଂ ବିଶ୍ୱବନ୍ଦ୍ୟାମ୍ ।୧।

କୈଶୋରେ ଦିବ୍ୟଭୋଗାବଳିଷୁ ବିମୁଖା ଯା ହି ଦେଶସ୍ୟ ମୁକ୍ତୌ
ଗାନ୍ଧେରାହ୍ୱାନଯୋଗାତ୍ ସମଘଟୟତ ତାଂ ବାନରାଖ୍ୟାଞ୍ଚ ସେନାମ୍ ।
ମାତୁର୍ବିଚ୍ଛେଦଦୁଃଖେଽପ୍ୟବିଚଳିତହୃଦୟା ଦେଶକାର୍ଯେଷୁ ମଗ୍ନା
ବନ୍ଦେ ତାଂ ଦେଶଭକ୍ତାଂ ମରଣବିଜୟିନୀମନ୍ଦିରାଂ ବିଶ୍ୱବନ୍ଦ୍ୟାମ୍ ।୨।

ଶିକ୍ଷାଂ ଦେଶେ ବିଦେଶେ ବିବିଧଗୁଣଯୁତାଂ ସ୍ୱେଚ୍ଛୟା ଯା ସମାପ୍ୟ
ଦାମ୍ପତ୍ୟଂ ସୌଖ୍ୟସର୍ବଂ ପ୍ରତିବିମୁଖମତି ର୍ମୁକ୍ତୟେ ମାତୃଭୂମ୍ୟାଃ ।
କାରାଗାରସ୍ୟ ଦୁଃଖଂ ଜରୟତି ବହୁଶୋ ନେତୃବର୍ଗେଣ ସାର୍ଦ୍ଧଂ
ବନ୍ଦେ ତାଂ ଦେଶଭକ୍ତାଂ ମରଣବିଜୟିନୀମନ୍ଦିରାଂ ବିଶ୍ୱବନ୍ଦ୍ୟାମ୍ ।୩।

ସ୍ୱାଧୀନେ ଭାରତେଽସ୍ମିନ୍ ସମଧିକୃତବତୀ ଭାଗ୍ୟଯୋଗେନ ଯୋଗ୍ୟା
କଂଗ୍ରେସାଧ୍ୟକ୍ଷତାଂ ଯା ନିଜଗୁଣବିଭବୈର୍ଭାସନଂ ମନ୍ତ୍ରୀଶଞ୍ଚ ।
ପ୍ରାଧାନ୍ୟଂ ମନ୍ତ୍ରୀଗୋଷ୍ଠ୍ୟାଂ ପ୍ରତିନିଧି ବପୁଷ୍ଟଞ୍ଚ ଖ୍ୟାତୁ ତ । ବୈଦ୍ବିକାରଂ
ବନ୍ଦେ ତାଂ ଦେଶଭକ୍ତାଂ ମରଣବିଜୟନୀମିନ୍ଦିରାଂ ବିଶ୍ୱବନ୍ଦ୍ୟାମ୍ ।୪।

ଶାନ୍ତିଂ ମୈତ୍ରୀଂ ବିଧାତୁଂ ସମରଭୟବିପଦ୍‌ବାରଣେ ବୈଦିଶ୍ୟାଂ ପ୍ରୀତିଦ୍ୟାଂ
ରାଷ୍ଟ୍ରାଣାଂ ଶାସକାନାଂ ମିଳନପରିଷଦି ସ୍ଥାନଶୀର୍ଷାଧିରୂଢ଼ା ।
ସମ୍ୟଗ୍‌ବିଗ୍‌ଦର୍ଶନେ ଯା ଜନଗଣନୟନଂ ଜୀବିତାନ୍ତ୍ୟାନବୀର୍ଯା
ବନ୍ଦେ ତାଂ ଦେଶଭକ୍ତାଂ ମରଣବିଜୟିନୀମନ୍ଦିରାଂ ବିଶ୍ୱବନ୍ଦ୍ୟାମ୍ ।୫।

ସଂସ୍କୃତ ଶିକ୍ଷକ, ସରକାରୀ ଉଚ୍ଚବିଦ୍ୟାଳୟ
ୟୁନିଟ୍-୧, ଭୁବନେଶ୍ୱର ।


ରାଜଧାନୀରେ
ପବିତ୍ର ଚିତାଭସ୍ମ
HOLY ASHES

*Appeal for amity*

ସାଂପ୍ରଦାୟିକ ସଦ୍‌ଭାବ ରକ୍ଷା ପାଇଁ
ନିବେଦନ









# ଶ୍ରୀମତୀ ଗାନ୍ଧୀଙ୍କ ବିୟୋଗରେ..

## ସେଚ ରାଷ୍ଟ୍ରମନ୍ତ୍ରୀଙ୍କ ଶୋକବାର୍ତ୍ତା

ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାଂଧୀଂକ ବିୟୋଗ ସମ୍ବାଦ ପାଇ ସେଚ ରାଷ୍ଟ୍ରମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ନିମ୍ନୋକ୍ତ ଶୋକ ବାର୍ତ୍ତା ପ୍ରଦାନ କରିଛନ୍ତି ।

"ଅକ୍‌ଟୋବର ୩୦ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନ ଦେଇ ଦିଲ୍ଲୀ ଫେରିଯିବା ପରେ ଆଜି ତାଙ୍କର ମହାପ୍ରୟାଣ ସମ୍ବାଦ ଅତ୍ୟନ୍ତ ହୃଦୟ ବିଦାରକ । ଭାରତର ଅପ୍ରତିଦ୍ୱନ୍ଦ୍ୱୀ ଏବଂ ଲୋକପ୍ରିୟ ନେତ୍ରୀ ଆଉ ଇହଜଗତରେ ନାହାନ୍ତି, ଏ ସମ୍ବାଦ କେବଳ ଓଡ଼ିଶା କିମ୍ବା ଦେଶବାସୀଙ୍କୁ କାହିଁକି ସମଗ୍ର ବିଶ୍ୱବାସୀଙ୍କୁ ମର୍ମାହତ କରିବ । ଦେଶର ଏକତା ଓ ଅଖଣ୍ଡତା ପାଇଁ ସେ ଜୀବନ ଉତ୍ସର୍ଗ କରି ଶହୀଦ ହୋଇଛନ୍ତି । ତାଙ୍କର ଏହି ଅନ୍ତିମ କାମନା ପୂରଣ କରି ଆମେ ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇ ପାରିବା ।

"ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି ।"

---

## ଶ୍ରୀମତୀ ଗାନ୍ଧୀଙ୍କପ୍ରତି ଶ୍ରଦ୍ଧାଞ୍ଜଳି

ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ ଓ ଶ୍ରୀମତୀ ପାଣ୍ଡେ ନଭେମ୍ବର ୯ ତାରିଖ ଦିନ ରାଜଭବନଠାରେ ସୂଚନା-ଭବନ ପର୍ଯ୍ୟନ୍ତ ମୌନ ଥାଇ ପଦଯାତ୍ରାକରି ଶ୍ରୀମତୀ ଗାନ୍ଧୀଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ରାଜ୍ୟପାଳଙ୍କସହ ରାଜଭବନର ସମସ୍ତ କର୍ମଚାରୀ ପରିବାରବର୍ଗଙ୍କସହ ଶୋଭାଯାତ୍ରାରେ ପଦଯାତ୍ରାକରି ଯାଇଥିଲେ । ସ୍ଥାନୀୟ ବାଳସେବିକା କେନ୍ଦ୍ରର ଅନ୍ତେବାସୀଗଣ ମଧ୍ୟ ଏହି ଶୋଭାଯାତ୍ରାରେ ରାମଧୂନ ଗାନ କରି ଚାଲିଥିଲେ ।

ଏଥି ପୂର୍ବରୁ ରାଜଭବନଠାରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା ଓ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ସଭାରେ ରାଜ୍ୟପାଳ ଶୋକାକୁଳ ହୋଇ କହିଲେ ଯେ ଶ୍ରୀମତୀ ଗାନ୍ଧୀ ମହିଳା ଓ ଶିଶୁ ତଥା ଦରିଦ୍ର ଲୋକଙ୍କ ଉନ୍ନତି ପାଇଁ ଅଶେଷ ଅବଦାନ ଦେଇଛନ୍ତି । ସାରା ବିଶ୍ୱରେ ଓ ବିଶେଷତଃ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ତଥା ଆଫ୍ରିକା ମହାଦେଶରେ ଶ୍ରୀମତୀ ଗାନ୍ଧୀଙ୍କ ବିୟୋଗ ଶୋକର ଛାୟା ଖେଳାଇ ଦେଇଛି । ଆମେ ନିଜେ ବ୍ୟକ୍ତିଗତ ଭାବେ ଓ ସମୂହ ଭାବେ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଦେଶର ପ୍ରଗତି ଓ ସଂହତି ଅବ୍ୟାହତ ରଖିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ ।

---

## ସର୍ବଧର୍ମ ପ୍ରାର୍ଥନା ସଭା

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରାଙ୍କ ସ୍ମୃତି ତର୍ପଣ ଉଦ୍ଦେଶ୍ୟରେ ନଭେମ୍ବର ୧୧ରେ ଭୁବନେଶ୍ୱରସ୍ଥିତ ସୂଚନାଭବନଠାରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭରନାଥ ପାଣ୍ଡେ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଶ୍ରୀମତୀ ଗାନ୍ଧୀଙ୍କ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ଏହାପରେ ପବିତ୍ର ବେଦ, କୋରାନ୍, ଗ୍ରନ୍ଥ ସାହେବ ଏବଂ ବାଇବେଲ୍ ପାଠ କରା ଯାଇଥିଲା ।

ରାଜ୍ୟପାଳ ଶ୍ରୀ ପାଣ୍ଡେ ଅତ୍ୟନ୍ତ ଶୋକାଭିଭୂତ ହୋଇ ଉପସ୍ଥିତ ଜନତାକୁ ଉଦ୍‌ବୋଧନ ଦେଇ କହିଲେ ଯେ ଶ୍ରୀମତୀ ଗାନ୍ଧୀଙ୍କର ପାର୍ଥିବ ଶରୀରର ଅବସାନ ଘଟିଛି ସତ, ମାତ୍ର ତାଙ୍କର ବାଣୀ ସବୁଦିନ ପାଇଁ ଆମ ମାନସ ପଟରେ ଅଙ୍କିତ ହୋଇ ରହିବ । ସେ ଆମ୍ଭମାନଙ୍କୁ ସବୁବେଳେ ପ୍ରେରଣା ଓ ଉତ୍ସାହ ଦେଉଥିଲେ ଏବଂ ଗରିବ ଲୋକଙ୍କର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ସତ୍ୟାଗ୍ରହୀ ଭାବରେ, ବାନର ସେନାର ନେତ୍ରୀ ଭାବରେ ଓ ଅନ୍ୟାନ୍ୟ ବହୁ ଭୂମିକାରେ ଅବତୀର୍ଣ୍ଣ ହୋଇ ସେ ଆମ୍ଭମାନଙ୍କୁ ପଥ ପ୍ରଦର୍ଶନ କରିଥିଲେ । ଆଦିବାସୀମାନଙ୍କର ଉନ୍ନତି ପାଇଁ ସେ ସଦାବେଳେ ଚିନ୍ତା କରୁଥିଲେ । ତାଙ୍କ ମୃତ୍ୟୁରେ ଆଜି କେବଳ ଭାରତ ନୁହେଁ ସମଗ୍ର ବିଶ୍ୱର ଏକ ଅପୂରଣୀୟ କ୍ଷତି ଘଟିଛି । ଏକତା, ଶାନ୍ତି ଓ ସମୃଦ୍ଧି ପାଇଁ ସେ ଯେଉଁ ରାସ୍ତା ଦେଖାଇଛନ୍ତି ସେହି ରାସ୍ତା ଅନୁସରଣ କରି ତାଙ୍କ ପ୍ରତି ଉପଯୁକ୍ତ ସମ୍ମାନ ଦେବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଲେ ଯେ ଇନ୍ଦିରା ଗାନ୍ଧୀଙ୍କ ଦେହାନ୍ତ ପରେ ଆମେ ଆଉ ତାଙ୍କୁ ଦେଖି ପାରିବା ନାହିଁ । ମାତ୍ର ତାଙ୍କର ଦୀପ୍ତିମନ୍ତ ରୂପ ସବୁବେଳେ ଆମ ମାନସ ପଟରେ ରହିଥିବ । ଶ୍ରୀ ପଟ୍ଟନାୟକ ଇନ୍ଦିରା ଗାନ୍ଧୀଙ୍କ ସଂପର୍କରେ ଓଡ଼ିଶାଗସ୍ତ ସମୟର ଗୋଟିଏ ଅନ୍ତିମ ବାଣୀ ସଂପର୍କରେ ସୂଚନା ଦେଇ କହିଲେ ଯେ ଇନ୍ଦିରାଜୀ ଭୁବନେଶ୍ୱରଠାରେ ସାଧାରଣସଭାରେ "ସେ ଆଜି ଅଛନ୍ତି ଓ କାଲିକି ଥାଇ ନପାରନ୍ତି ମାତ୍ର ତାଙ୍କର ପ୍ରତି ରକ୍ତ ବିନ୍ଦୁ ଏ ଦେଶ ପାଇଁ ଉତ୍ସର୍ଗୀକୃତ ... ଆମ ରାଜ୍ୟର କଳା ଓ ସଂସ୍କୃତି ତାଙ୍କୁ ବିଶେଷ ମୁଗ୍ଧ କରିଥିଲା ଏବଂ ଓଡ଼ିଶାର କଳା ଓ ସଂସ୍କୃତିରେ ମୁଗ୍ଧ ହୋଇ ଆଉଥରେ ଜଣେ ପର୍ଯ୍ୟଟକ ଭାବରେ ଓଡ଼ିଶା ଆସିବାକୁ ଇଚ୍ଛା ପ୍ରକାଶ କରିଥିଲେ । ମାତ୍ର ତାଙ୍କର ସେ ଆଶା ଅପୂର୍ଣ୍ଣ ରହିଗଲା ବୋଲି ଶ୍ରୀ ପଟ୍ଟନାୟକ ଶୋକାକୁଳ ହୃଦୟରେ ପ୍ରକାଶ କରିଥିଲେ । ସେ କହିଲେ ଯେ ଆମେ ତାଙ୍କୁ ଆଉ ଦେଖିବୁ ନାହିଁ ସତ, ମାତ୍ର

ଯେଉଁ ଘାସ ଓ ମାଟିରେ ଖେଳିଥିଲେ ଆମେ ସେଇ ଘାସ ଓ ମାଟି ଉପରେ ଖେଳିବା । ଇନ୍ଦିରାଜୀଙ୍କ ଦେହାନ୍ତ ପରେ ଭାରତବାସୀ ଅତ୍ୟନ୍ତ ମ୍ରିୟମାଣ ହୋଇ ପଡ଼ିଛନ୍ତି । ତାଙ୍କ ମୃତ୍ୟୁ ଖବର ପାଇଲାପରେ ଘରେ ଘରେ ଆଲୁଅ ଜଳି ନାହିଁ ଓ ଲୋକମାନେ ଖାଇବା ଭୁଲି ଯାଇଛନ୍ତି । ଶ୍ରୀ ପଟ୍ଟନାୟକ କହିଲେ ଯେ ଭାରତର ଆତ୍ମା ଓ ଆଦର୍ଶ ଇନ୍ଦିରାଙ୍କ ରୂପରେ ଜନ୍ମ ନେଇଥିଲା । ସମାଜର ଗରୀବ, ବିଶେଷକରି ଆଦିବାସୀମାନଙ୍କର ଉନ୍ନତିପାଇଁ ସେ ଅହରହ ଚିନ୍ତା କରୁଥିଲେ । ତାଙ୍କ ଗସ୍ତ ବେଳେ ସେ ସବୁବେଳେ ଏକ ଆଦିବାସୀ ଅଞ୍ଚଳକୁ ଯିବା ପାଇଁ ଆଗ୍ରହ କରୁଥିଲେ । ସେ କେତେକ ସ୍ଥାନରେ କହିଛନ୍ତି ଯେ ବୋଧହୁଏ ସେ ପୂର୍ବଜନ୍ମରେ ଏକ ଆଦିବାସୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ, ଯେଉଁଥିପାଇଁ କି ସେ ସବୁବେଳେ ତାଙ୍କରି କଥା ଭାବୁଥିଲେ । ଗରିବଲୋକଙ୍କ ଉନ୍ନତି ପାଇଁ ସେ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ତାହା ନିଶ୍ଚୟ ଅବ୍ୟାହତ ରହିବ ଓ ତାକୁ କେହି ବନ୍ଦ କରିପାରିବେ ନାହିଁ ବୋଲି ଶ୍ରୀ ପଟ୍ଟନାୟକ ଦୃଢ଼ ଭାବରେ କହିଥିଲେ । ସେ ବଞ୍ଚିଥିଲାବେଳେ ଯାହା କରିପାରି ନଥିଲେ ତାଙ୍କ ମୃତ୍ୟୁପରେ ଆଜି ତାହା ଆପେ ଆପେ ହୋଇ ଯାଉଛି । ଶ୍ରୀ ପଟ୍ଟନାୟକ କହିଲେ ଯେ ଇନ୍ଦିରାଜୀ ଆଉ ଫେରି ପାରିବେ ନାହିଁ ସତ, ମାତ୍ର ଚିର ଦିନ ପାଇଁ ସେ ଆମ ହୃଦୟ ମନ୍ଦିରରେ ରହିଥିବେ ଏବଂ ଏଣିକି ତାଙ୍କୁ କୌଣସି ଅସ୍ତ୍ର ଆଘାତ କରି ପାରିବ ନାହିଁ ଓ ଅଗ୍ନି କିମ୍ବା ଜଳ ତାଙ୍କର କୌଣସି କ୍ଷତି କରି ପାରିବ ନାହିଁ । ଶେଷରେ ଘୃଣା ଓ ଦ୍ୱେଷ ଦୂର କରି ଏକତା ବଜାୟ ରଖିବା ପାଇଁ ଶ୍ରୀ ପଟ୍ଟନାୟକ ନିବେଦନ କରିଥିଲେ ।

ଏହି ପ୍ରାର୍ଥନା ସଭାରେ ରାଜ୍ୟପାଳଙ୍କ ପତ୍ନୀ ଶ୍ରୀମତୀ ପାଣ୍ଡେ, ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ, ମନ୍ତ୍ରୀ ଶ୍ରୀ ସୋମନାଥ ରଥ, ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ବହୁ ବିଧାୟକଙ୍କ ସମେତ ବହୁ ମହିଳା ଓ ପୁରୁଷ ଅଂଶ ଗ୍ରହଣ କରି ସ୍ୱର୍ଗତା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ସ୍ମୃତି ତର୍ପଣ କରିଥିଲେ ।

---

## ବକ୍ତୃତା ପ୍ରତିଯୋଗିତା

ନଭେମ୍ବର ୧୯ ତାରିଖରେ ସୂଚନା ଭବନଠାରେ ଜାତୀୟ ଏକତା ଦିବସ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କଲେଜ ଛାତ୍ର ଛାତ୍ରୀ ଓ ସ୍କୁଲ ଛାତ୍ର ଛାତ୍ରୀମାନଙ୍କ ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ସଂହତିର ପ୍ରତୀକ ବିଷୟ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କଲେଜ ଛାତ୍ରମାନେ ଇଂରାଜି ଓ ସ୍କୁଲ ଛାତ୍ରମାନେ ଓଡ଼ିଆ ଭାଷାରେ କହିଥିଲେ । କଲେଜ ଛାତ୍ରମାନଙ୍କ ମଧ୍ୟରେ ରିଜିଓନାଲ କଲେଜ ଛାତ୍ର ଶ୍ରୀ ପାର୍ଥ ପ୍ରତିମ ସେନଗୁପ୍ତ ପ୍ରଥମ, ବି: ଜେ: ବି: କଲେଜ ଛାତ୍ର ଶ୍ରୀ ପି: କେ: ପଟ୍ଟନାୟକ ଦ୍ୱିତୀୟ, ଓ ରିଜିଓନାଲ କଲେଜ ଛାତ୍ରୀ କୁମାରୀ ଶାନ୍ତନା ଶ୍ରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ସ୍କୁଲ ଛାତ୍ରମାନଙ୍କ ମଧ୍ୟରେ ଡି: ଏମ୍: ସ୍କୁଲର ୩ ଜଣ ଛାତ୍ରୀ କୁମାରୀ କଲ୍ୟାଣୀ ତ୍ରିପାଠୀ, କୁମାରୀ ଅନିତା ପଟ୍ଟନାୟକ ଓ କୁମାରୀ ପୁଷ୍ପଶ୍ରୀ ମିଶ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହା ବ୍ୟତୀତ ଡି: ଏ: ଭି: ସ୍କୁଲର ଛାତ୍ରୀ ସୁନିଆ ପ୍ରଧାନ ମାତ୍ର ୭ ବର୍ଷ ବୟସର ବାଳିକା ବିଷୟ ବସ୍ତୁ ଉପରେ ଚମତ୍କାର ଆଲୋଚନା କରି ସ୍ୱତନ୍ତ୍ର ପୁରସ୍କାର ପାଇଥିଲେ । ସନ୍ଧ୍ୟାରେ ଜାତୀୟ ଏକତା ଦିବସ ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଜେତାମାନେ ପୁରସ୍କୃତ ହୋଇଥିଲେ ।

---

## ଜାତୀୟ ଏକତା ଦିବସ

ନଭେମ୍ବର ୧୯ ତାରିଖ ସନ୍ଧ୍ୟାରେ କଂଗ୍ରେସ ଭବନ ସାମନା ପଡ଼ିଆରେ ଶିକ୍ଷା ଓ ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଇନ୍ଦିରା ଗାନ୍ଧୀଙ୍କୁ ଜାତୀୟ ଏକତାର ପ୍ରତୀକ ରୂପେ ବର୍ଣ୍ଣନା କରି ଦେଶର ସ୍ୱାଧୀନତା , ଏକତା ଓ ପ୍ରଗତି ଦିଗରେ ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ବର୍ଣ୍ଣନା କରି ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀ ପଟ୍ଟନାୟକ କହିଲେ ଯେ ଶ୍ରୀମତୀ ଗାନ୍ଧୀ ଦେଶର ରାଜନୈତିକ ଓ ଅର୍ଥନୈତିକ ସାଂସ୍କୃତିକ ବିକାଶ ଚାହୁଁଥିଲେ ଏବଂ ଏଗୁଡ଼ିକର ଅଭିବୃଦ୍ଧିରେ ହିଁ ଦେଶର ଗୌରବ ବୃଦ୍ଧି ସମ୍ଭବ ବୋଲି ହୃଦୟଙ୍ଗମ କରୁଥିଲେ । ସ୍ୱାଧୀନତା ପରେ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଉଦ୍ଦେଶ୍ୟରେ ବ୍ୟାଙ୍କଗୁଡ଼ିକର ଜାତୀୟକରଣ, ବିଭିନ୍ନ ଯୋଜନା ପ୍ରଣୟନ ଓ ଦେଶକୁ ବିଦେଶୀ ଆକ୍ରମଣରୁ ରକ୍ଷା କରିବାପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ ସମ୍ବନ୍ଧେ ବହୁ ଦୃଷ୍ଟାନ୍ତ ଦେଇ ଦେଶବାସୀ ତାଙ୍କ ଅପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଅଗ୍ରସର ହେଲେ ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତବ୍ୟକ୍ତ କରିଥିଲେ ।

ଶିକ୍ଷାମନ୍ତ୍ରୀ ଶ୍ରୀ ମହାପାତ୍ର ଶ୍ରୀମତୀ ଗାନ୍ଧୀଙ୍କ ଦେଶ ଗଠନରେ ଅକ୍ଲାନ୍ତ ପରିଶ୍ରମ, ଏକତାରକ୍ଷା ଓ ଦେଶ ବିଦେଶରେ ଭାରତର ମାନ ସମ୍ମାନ ବୃଦ୍ଧିର ଭୂୟସୀ ପ୍ରଶଂସା କରି ତାଙ୍କ କାର୍ଯ୍ୟ ପାଇଁ ସେ ଚିର ଅମର ରହିବେ ବୋଲି କହିଥିଲେ ଏବଂ ସଭାସ୍ଥଳରେ ଦେଶର ‘ସ୍ୱାଧୀନତା’ ଓ ସଂହତିକୁ ବଜାୟ ରଖିବାପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ।

ଶ୍ରୀ ଧୀରେନ୍ଦ୍ର ପଟ୍ଟନାୟକ ସଭାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ । ଶ୍ରୀ ଶଶୀଭୂଷଣ ପଟ୍ଟନାୟକ ଶ୍ରୀମତୀ ଗାନ୍ଧୀଙ୍କ ବିରାଟ ବ୍ୟକ୍ତିତ୍ୱ ଓ ଦେଶସେବା ବିଷୟରେ ବର୍ଣ୍ଣନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ପ୍ରମୁଖ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱ ଓ ଜାତୀୟ ଏକତାର ଆବଶ୍ୟକତା ସମ୍ବନ୍ଧେ ଭାଷଣ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସଭାସ୍ଥଳରେ ଶ୍ରୀମତୀ ଗାନ୍ଧୀଙ୍କର ଏକ ପୂର୍ଣ୍ଣାଙ୍ଗ ଫଟୋଚିତ୍ର ସୁସଜ୍ଜିତ ମଣ୍ଡପ ଉପରେ ରଖା ଯାଇଥିଲା । ସଭା ଆରମ୍ଭରେ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ, ବେଦ, ବାଇବେଲ, କୋରାନ୍ ଓ ଗ୍ରନ୍ଥ ସାହେବ ପାରାୟଣ କରାଯାଇଥିଲା ।

ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଧାନ ସଭା ଓ ଲୋକସଭା ସଦସ୍ୟ, ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଉଚ୍ଚ ପଦସ୍ଥ ଅଫିସର, ବିଭିନ୍ନ ଅନୁଷ୍ଠାନ, ସଂଗଠନର କର୍ମକର୍ତ୍ତା ଏହି ସଭାରେ ଯୋଗ ଦେଇଥିଲେ ।

ସକାଳେ ପ୍ରଭାତ ଫେରି, ସୂଚନା ଭବନଠାରେ 'ଇନ୍ଦିରା ଗାନ୍ଧୀ ଜାତୀୟ ଏକତାର ପ୍ରତୀକ' ବିଷୟରେ ସ୍କୁଲ, କଲେଜ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

---

## ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀଙ୍କ ଶୋକବାର୍ତ୍ତା

ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ଅକାଳ ବିୟୋଗରେ ପୂର୍ତ୍ତ, ନଗର ଉନ୍ନୟନ, ଗୃହ ନିର୍ମାଣ, ଖଣି ଓ ଭୂତତ୍ତ୍ୱ ଏବଂ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ନିମ୍ନୋକ୍ତ ଶୋକବାର୍ତ୍ତା ପ୍ରଦାନ କରିଛନ୍ତି ।

"ବିଶ୍ୱ ବନ୍ଦନୀୟା ମହାନ୍ ନେତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମର୍ମନ୍ତୁଦ ଅକାଳ ବିୟୋଗରେ ଏ ଦେଶ ଓ ଜାତିର ଦୁଃଖ, ଅବର୍ଣ୍ଣନୀୟ । ଭାରତବର୍ଷପରି ବିରାଟ ଦେଶକୁ ସମୃଦ୍ଧିକରି ଗଢ଼ିବା, ଦେଶର ଦାରିଦ୍ର୍ୟ ବିଲୋପ ଲାଗି ନିରବଚ୍ଛିନ୍ନ ଉଦ୍ୟମ କରିବା, ଦେଶରେ ସମାଜବାଦୀ ଗଣତନ୍ତ୍ରକୁ ସୁଦୃଢ଼ ଓ ସୁପ୍ରତିଷ୍ଠା କରିବା, ଆନ୍ତର୍ଜାତିକ କ୍ଷେତ୍ରରେ ଶାନ୍ତି ଓ ସଦ୍‌ଭାବ ପ୍ରତିଷ୍ଠା କରିବା ଏବଂ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କୁ ବଳିଷ୍ଠ ନେତୃତ୍ୱଦେବା ଦିଗରେ ଇନ୍ଦିରା ଗାନ୍ଧୀ ଯେଉଁ ସାଫଲ୍ୟଲାଭ କରିଛନ୍ତି, ତାହା ସମଗ୍ର ପୃଥିବୀ ଇତିହାସରେ ବିରଳ । ଭାରତ ଇତିହାସରେ ସ୍ୱର୍ଗତଃ ଇନ୍ଦିରା ଗାନ୍ଧୀ ଏକ କାଳଜୟୀ ନେତ୍ରୀରୂପେ ଜାଜ୍ୱଲ୍ୟମାନ ହୋଇ ରହିବେ । ଜାତୀୟ ସଂହତି ରକ୍ଷାକରି ଐକ୍ୟବଦ୍ଧ ଭାବରେ ତାଙ୍କର ଅସଂପୂର୍ଣ୍ଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ଲାଗି ଆମର ସଂକଳ୍ପ ହିଁ ହେବ, ତାଙ୍କର ଅମର ଆତ୍ମାପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।"

---

## ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରାଙ୍କ ଶୋକବାର୍ତ୍ତା

ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅକାଳ ବିୟୋଗରେ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭଜମନ ବେହେରା ଶ୍ରୀ ରାଜୀବଗାନ୍ଧୀଙ୍କ ନିକଟକୁ ପଠାଇଥିବା ଏକ ତାରବାର୍ତ୍ତାରେ ଗଭୀର ଶୋକ ପ୍ରକାଶ କରି କହିଛନ୍ତି —

ଆମର ପ୍ରିୟ ପ୍ରଧାନ ମନ୍ତ୍ରୀ ଇନ୍ଦିରାଜୀଙ୍କ ବିୟୋଗରେ କେବଳ ଭାରତ ଭଳି ଏକ ବିଶାଳ ରାଷ୍ଟ୍ରର ଲୋକମାନେ କାହିଁକି, ସାରା ବିଶ୍ୱ ଜଣେ ଜନପ୍ରିୟ ନେତ୍ରୀ, ମହାନ୍ ରାଜନୀତିଜ୍ଞ, କୂଟନୀତିଜ୍ଞ, ନିଷ୍ଠାପର ଗଣତନ୍ତ୍ରବାଦୀ ଓ ଜଣେ ଦକ୍ଷ ପ୍ରଶାସକଙ୍କୁ ହରାଇଲେ । ତାଙ୍କ ମୃତ୍ୟୁଜନିତ ଶୂନ୍ୟସ୍ଥାନ ଚିରଦିନ ପାଇଁ ଦେଶରେ ଅପୂରଣୀୟ ହୋଇ ରହିବ ।

"ଶୋକ ସନ୍ତପ୍ତ ପରିବାରକୁ ମୁଁ ମୋର ଗଭୀର ସମବେଦନା ଜ୍ଞାପନ କରୁଛି ଏବଂ ସେମାନଙ୍କ ସମେତ ସମଗ୍ର ଦେଶବାସୀଙ୍କୁ ଏହି ଦାରୁଣ ଦୁଃଖ ସହ୍ୟ କରିବା ପାଇଁ ଶକ୍ତି ଦେବା ଲାଗି ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି ।"

---

## ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିୟୋଗରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀଙ୍କ ଶୋକ ।

ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିୟୋଗରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଏକ ଶୋକବାର୍ତ୍ତାରେ କହିଛନ୍ତି :

"ଭାରତର ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ସମ୍ବାଦ ପାଇ ମୁଁ ଗଭୀର ଭାବେ ମର୍ମାହତ । ତାଙ୍କ ମୃତ୍ୟୁ ଦେଶ ଓ ଜାତି ପାଇଁ ଏକ ବିରାଟ କ୍ଷତି । ଏହି ଦୁର୍ଘଟଣାର ଦୁଃଖ ପ୍ରକାଶ କରିବାକୁ ମୋର ଭାଷା ନାହିଁ । ଏହି ସଂକଟାବସ୍ଥାରୁ ଏ ଜାତି ଓ ଦେଶକୁ ଭଗବାନ ରକ୍ଷା କରନ୍ତୁ ।"

---

## ରାଷ୍ଟ୍ରମନ୍ତ୍ରୀ କରଣଙ୍କ ଶୋକବାର୍ତ୍ତା

ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବିୟୋଗରେ ଶୋକ ପ୍ରକାଶ କରି ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହରିହର କରଣ କହିଛନ୍ତି :

"ପ୍ରଧାନ ମନ୍ତ୍ରୀଙ୍କ ଆକସ୍ମିକ ବିୟୋଗ ଦେଶବାସୀଙ୍କ ପ୍ରତି ଏକ ଦାରୁଣ ଧକ୍‌କା ଓ ଅପୂରଣୀୟ କ୍ଷତି । ସେ ବିଶ୍ୱର ଶାନ୍ତି, ମୈତ୍ରୀ ଓ ଭ୍ରାତୃତ୍ୱର ପ୍ରତୀକ ଥିଲେ । ଦେଶର କୋଟି ଜନତାର ନେତ୍ରୀ ଓ ପ୍ରଧାନମନ୍ତ୍ରୀ ହିସାବରେ ସେ ଯେଉଁସବୁ କାର୍ଯ୍ୟ କରିଯାଇଛନ୍ତି, ତାହା ତାଙ୍କୁ ଚିର ସ୍ମରଣୀୟ ରଖିବ । ଦେଶର ଏହି ଘଡ଼ିସନ୍ଧିବେଳେ ଆମେ ଏକତା ଓ ଶାନ୍ତି ଶୃଙ୍ଖଳା ରକ୍ଷାକରି ପାରିଲେ, ତାଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହେବ ।"

---

## ଶ୍ରୀ ଖାଁଙ୍କ ଶୋକବାର୍ତ୍ତା

ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବିୟୋଗରେ ଶୋକ ପ୍ରକାଶ କରି ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହବିବୁଲ୍ଲା ଖାଁ କହିଛନ୍ତି :

ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏପରି ଜଣେ କାପୁରୁଷ, ଓ ବିଭ୍ରାନ୍ତ ରକ୍ଷୀ ଦ୍ୱାରା ନିର୍ମମ ଭାବରେ ନିହତ , ଏହା କାହା ମନଜ୍ଞାନରେ ନଥିଲା । ଏସବୁ ଏକ ଜିତ ଷଡ଼ଯନ୍ତ୍ର । ସେଥିପାଇଁ ଆମକୁ ସଜାଗ ହେବାକୁ । ଓଡ଼ିଶା ପ୍ରତି ତାଙ୍କର ଅବଦାନ କଦାପି ଭୁଲି ନାହିଁ । ତାଙ୍କ ମୃତ୍ୟୁରେ ଆମେ ସମସ୍ତେ ମର୍ମାହତ । ଶାରେ ତାଙ୍କର ସମସ୍ତ ଅପୂରଣୀୟ କାର୍ଯ୍ୟ କାର୍ଯ୍ୟକାରୀ ପାରିଲେ, ତାହା ସ୍ୱର୍ଗତ ଆତ୍ମା ପ୍ରତି ଶାନ୍ତି ଓ ଗଭୀର ଞ୍ଜଳି ହେବ ।

—

## ହେମ୍ବ୍ରମଙ୍କ ଶୋକ

ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଆତତାୟୀ ଦ୍ୱାରା ମୃତ୍ୟୁ ବରଣରେ ଦୁଃଖ ପ୍ରକାଶ କରି ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ଉପମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ୍ ଏକ ଶୋକ ବାର୍ତ୍ତାରେ କହିଛନ୍ତି :—

"ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କୁ ଯେପରି ଅମାନୁଷିକଭାବେ ହତ୍ୟା କରାଗଲା, ସେଥିରେ ମଗ୍ନ ମାତୃଜାତି ବିଚଳିତ । ଭାରତମାତାର ସୁଯୋଗ୍ୟା ପୁତ୍ରୀ ଓ ନେତ୍ରୀ, ଯେ କି ସଦା ସର୍ବଦା ଦୁର୍ବଳ ଜାତିର ସହାୟକ ଥିଲେ, ସେହି ସୁଯୋଗସ୍ଥ ଆମେମାନେ ବଞ୍ଚିତ ହେଲୁ । ତାଙ୍କ ବଳିଷ୍ଠ ନେତୃତ୍ୱରେ ଦେଶର କୋଟି କୋଟି ଜନତା ଉପକୃତ । ଏଥିପାଇଁ ସେ ଚିର ଅମର ରହିବେ । ଏହି ବିୟୋଗ ଆମମାନଙ୍କ ପ୍ରତି ଏକ ବଜ୍ରପାତ ସଦୃଶ ହେଲା । ଶ୍ରୀମତୀ ଗାନ୍ଧୀଙ୍କ ଲକ୍ଷ୍ୟ ଓ ନୀତି କାର୍ଯ୍ୟ କରିପାରିଲେ, ତାଙ୍କ ଆତ୍ମା ଶାନ୍ତିରେ ରହିବ ।

—

## ରାଜସ୍ୱ ମନ୍ତ୍ରୀଙ୍କ ଶୋକ

ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିୟୋଗରେ ରାଜସ୍ୱ ଓ ପରିବହନ ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର ନିମ୍ନୋକ୍ତ ଶୋକବାର୍ତ୍ତାରେ କହିଛନ୍ତି :

ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଅକାଳ ବିୟୋଗ ରେ ଦାରୁଣ ଦୁଃସମ୍ବାଦରେ ମୁଁ ଅତ୍ୟନ୍ତ ମର୍ମାହତ । କେବଳ ଆମ ଦେଶବାସୀଙ୍କ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ତାଙ୍କର ବିୟୋଗ ଏକ ଅପୂରଣୀୟ କ୍ଷତି, ଯାହାର ପରିପ୍ରକାଶ ପାଇଁ ମୋର ଭାଷା ନାହିଁ ।

ସମଗ୍ର ବିଶ୍ୱରେ ଶାନ୍ତିର ଦୂତ ଭାବରେ ସେ ଜୀବନ ସାରା ଯେଉଁଭଳି ନିରବଚ୍ଛିନ୍ନ ସଂଗ୍ରାମ କରି ଆସିଛନ୍ତି, ଭାରତର କୋଟି କୋଟି ଦରିଦ୍ର ଓ ଅବହେଳିତ ଜନତାର ଆଖି ଠକୁ ଲୁହ ପୋଛି ଦେବା ପାଇଁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଜନଜୀବନ ସହିତ ନିଜକୁ ଯେଉଁଭଳି ସାମିଲ କରିଆସିଛନ୍ତି, ଇତିହାସରେ ତା'ର ପଟାନ୍ତର ନାହିଁ । କେବଳ ସମାଜ ବାଦ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ନୁହେଁ, ଦେଶର ଐକ୍ୟ, ଅଖଣ୍ଡତା ଓ ଭଲ ପରଂପରାକୁ ବଜାୟ ରଖିବାରେ ତାଙ୍କର ଗଭୀର ଆତ୍ମନିଷ୍ଠା ଓ ଅସୀମ ତ୍ୟାଗ କାଳ କାଳ ପାଇଁ ତାଙ୍କୁ ଆମ ଭିତରେ ବଞ୍ଚାଇ ରଖିବ । ବିଶେଷ କରି ଓଡ଼ିଶାର ପ୍ରଗତିପାଇଁ ତାଙ୍କର ଅକୁଣ୍ଠ ସହଯୋଗ ଓ ଅତୁଳନୀୟ ଦାନ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ । ହିଂସା ଓ ଅରାଜକତା ସୃଷ୍ଟି ଦ୍ୱାରା ଯେ ଗଣତନ୍ତ୍ରକୁ ବିପନ୍ନ କରାଯାଇ ପାରେନା, ଶ୍ରୀମତୀ ଗାନ୍ଧୀଙ୍କ ଜୀବନାଦର୍ଶନହିଁ ତା'ର ଜ୍ୱଳନ୍ତ ପ୍ରମାଣ ।

"ତାଙ୍କର ବିୟୋଗରେ ମୁଁ ଗଭୀର ସମବେଦନା ଜଣାଇବା ସଙ୍ଗେ ସଙ୍ଗେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରୁଛି ।"

—

## ଭଲକାଙ୍କ ଶୋକବାର୍ତ୍ତା

ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ଭଲକା କହିଛନ୍ତି :

"ଦଳିତ , ନିଷ୍ପେସିତ ଓ ପତିତ ଜନଙ୍କ ତ୍ରାଣକାରୀ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜଣେ ଧର୍ମାନ୍ଧର ଗୁଳିମାଡରେ ମୃତ୍ୟୁବରଣ କରି ଶହୀଦ ହୋଇଗଲେ । ଏହି ଦାରୁଣ ଦୁଃଖ ଆମକୁ ସହିବାକୁ ପଡ଼ିବ । ଦେଶରେ ଶାନ୍ତି, ଶୃଙ୍ଖଳା ଓ ସଦ୍‌ଭାବ ରକ୍ଷା ଆମର ପରମ କର୍ତ୍ତବ୍ୟ । ଏହା ଆମକୁ ଆମର ପ୍ରିୟ ନେତ୍ରୀ ସର୍ବଦା କହୁଥିଲେ । ତାଙ୍କ ବିୟୋଗରେ ଆମେ ମର୍ମାହତ । କିନ୍ତୁ ତାଙ୍କଦ୍ୱାରା ଗୃହୀତ ସମସ୍ତ କାର୍ଯ୍ୟ କରିବା ପାଇଁ ଆମେ ନିଜକୁ ପ୍ରସ୍ତୁତ କରିପାରିଲେ, ତାଙ୍କ ଆତ୍ମା ଶାନ୍ତି ଲାଭ କରିବ ।"

—

## ପ୍ରଧାନ ମନ୍ତ୍ରୀଙ୍କ ଉପରେ ଆକ୍ରମଣର ନିନ୍ଦା

ପ୍ରଧାନ ମନ୍ତ୍ରୀଙ୍କ ଉପରେ ଆକ୍ରମଣର ତୀବ୍ର ନିନ୍ଦା କରିବା ସଙ୍ଗେ ସଙ୍ଗେ ତାଙ୍କ ବିୟୋଗରେ ସ୍ତମ୍ଭୀଭୂତ ହୋଇ ଶିକ୍ଷା ଓ ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର ଏବଂ ରାଜସ୍ୱ ଓ ପରିବହନ ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର ଏକ ବିବୃତିରେ କହିଛନ୍ତି :

"ଆମର ପ୍ରିୟ ପ୍ରଧାନ ମନ୍ତ୍ରୀଙ୍କ ଉପରେ ଏପରି ଭୀରୁ ଆକ୍ରମଣର ଆମେ ତୀବ୍ର ନିନ୍ଦା କରୁଛୁ । ଏହା ବହୁଦିନର ଗଭୀର ଷଡଯନ୍ତ୍ରର ପରିଣାମ ପରି ମନେହୁଏ । ଅରାଜକତା ଓ ବିଭେଦକାରୀ ଶକ୍ତି ସକ୍ରିୟ ହୋଇଛନ୍ତି । ଆମେ ପ୍ରଧାନ ମନ୍ତ୍ରୀଙ୍କ ଆକସ୍ମିକ ବିୟୋଗ ବାର୍ତ୍ତା ଶୁଣି ସ୍ତମ୍ଭୀଭୂତ । ପ୍ରତିକ୍ରିୟା ଶକ୍ତି ସେମାନଙ୍କର ଲକ୍ଷ୍ୟ ହାସଲ କରିଛନ୍ତି । ଏହି ସଂକଟ ସମୟରେ ଆମେ ସମସ୍ତେ ଦୃଢ଼ ଭାବେ ଦଣ୍ଡାୟମାନ ହେବା ପାଇଁ ନିବେଦନ କରୁଛୁ ।"

——

## ଶ୍ରୀ ପଟେଲଙ୍କ ଶୋକବାର୍ତ୍ତା

ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିୟୋଗ ସମ୍ବାଦ ପାଇଁ ଶିକ୍ଷ, ରାଷ୍ଟ୍ରମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ ନିମ୍ନୋକ୍ତ ଶୋକବାର୍ତ୍ତା ପ୍ରଦାନ କରିଛନ୍ତି :


"ଦେଶର ଅପ୍ରତିଦ୍ୱନ୍ଦ୍ୱୀତା ଏବଂ ଜନପ୍ରିୟ ନେତ୍ରୀ ଇନ୍ଦିରା ଗାନ୍ଧୀ ଆତତାୟୀ ଗୁଳିରେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ସମ୍ବାଦ ପାଇ ମୁଁ ଅତ୍ୟନ୍ତ ମର୍ମାହତ । ଦେଶର ଏକତା ଓ ଅଖଣ୍ଡତା ପାଇଁ ଗତକାଲି ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନ ଦେଇ ଦିଲ୍ଲୀ ଫେରିଯିବା ପରେ ଆଜି ତାଙ୍କର ମୃତ୍ୟୁ ସମ୍ବାଦ ଅତ୍ୟନ୍ତ ହୃଦୟ ବିଦାରକ । ତାଙ୍କର ଉପରୋକ୍ତ ଅଭିଳାଷ ପୂରଣରେ ତାଙ୍କ ଆତ୍ମା ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିହେବ । ମୁଁ ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି ।"

——

## ଶ୍ରୀ ଦୀକ୍ଷିତଙ୍କ ଶୋକ


ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିୟୋଗରେ ବାଣିଜ୍ୟ, ଶ୍ରମ ଓ କର୍ମ ନିଯୁକ୍ତି ବିଭାଗ ମନ୍ତ୍ରୀ ଶ୍ରୀ ଉପେନ୍ଦ୍ର ଦୀକ୍ଷିତ ଏକ ଶୋକବାର୍ତ୍ତାରେ କହିଛନ୍ତି :—

"ସାରା ଦେଶ ଓ ଜାତି ଆଜି ନିଃସହାୟ ଓ ନିସ୍ତେଜ । ଏ ଘଡ଼ିସଂଧି ସମୟରେ ଏତେବଡ଼ ଦେଶର ଏକମାତ୍ର ନେତ୍ରୀ ଚାଲିଗଲେ, ଏହାଠାରୁ ଦୁର୍ଭାଗ୍ୟ ଆଉ କ'ଣ ହୋଇପାରେ । ଆଉ କିଛି କହିବାକୁ ଭାଷା ପାଉନାହିଁ । ଭଗବାନ ହିଁ ଭରସା ।



ବିଭିନ୍ନ ନିର୍ବାଚନ ମଣ୍ଡଳୀର ମତଦାନ ପତ୍ର ସଂପୃକ୍ତ ଜିଲ୍ଲାମାନଙ୍କୁ ପ୍ରେରଣ ହେବାର ଏକ ଦୃଶ୍ୟ ।

OGP—MP-VI (I. & P. R.) ୨୦— 8,000— 5.4.1985


इन्दिरा गांधी प्रधानमंत्री
& GUIDED MISSILE SCHOOL & CENTRE
GOPALPUR
INAUGURATED BY
GANDHI PRIME MINISTER OF INDIA
20 OCTOBER 1984



Vol. XLI No. 5/6 UTKAL PRASANGA Regd. No. O-05/84-85
Licence No. C. R. N. P. 5—Licensed to post without Pre-Payment

